

ଘୁଞ୍ଚିଲା 'ସିଂଘମ୍ ଏଗେନ୍' ରିଲିଜ୍ ଡେଟ୍
▶ପୃଷ୍ଠା ୧୪ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-291 ◆BHUBANESWAR ◆WEDNESDAY ◆17 APRIL 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୯୧ ◆ଭୁବନେଶ୍ୱର ◆ବୁଧବାର ◆୧୭ ଏପ୍ରିଲ୍ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


**ଛତିଶଗଡ଼ରେ ବିଏସ୍ଏଫ୍ ଏନକାଉଣ୍ଟର୍**

## ମାଓନେତା ଶଙ୍କର ସମେତ ୨୯ ନିହତ

■ ନୂଆଦିଲ୍ଲୀ, ୧୬।୪ (ଏଜେନ୍ସି): ଛତିଶଗଡ଼ର କାଙ୍କେର ଜିଲ୍ଲାରେ ବିଏସଏଫ ଏନକାଉଣ୍ଟରରେ ମଙ୍ଗଳବାର ଆଗଧାଡ଼ିର ମାଓନେତା ଶଙ୍କର ରାଓ ସମେତ ୨୯ ମାଓବାଦୀ ନିହତ ହୋଇଛନ୍ତି। ଦୀର୍ଘଦିନ ହେବ ଛତିଶଗଡ଼ ସମେତ ଅନ୍ୟ କିଛି ରାଜ୍ୟରେ ସକ୍ରିୟ ରହିଆସିଥିବା 'ଟପ୍ କମାଣ୍ଡର' ଶଙ୍କରକୁ ଧରିବା ଲାଗି ୨୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା।

ମିଳିଥିବା ରିପୋର୍ଟ ଅନୁସାରେ, ମଙ୍ଗଳବାର ସକାଳେ କାଙ୍କେର ଜିଲ୍ଲାର ଛୋଟେବେଟିଆ ଥାନା ଅଧୀନସ୍ଥ ହାପାତୋଲା ଜଙ୍ଗଲରେ ବିଏସଏଫ ଏବଂ ଜିଲ୍ଲା ରିଜର୍ଭ ଗାର୍ଡ(ଡିଆରଜି) ପକ୍ଷରୁ ମିଳିତ ଭାବେ ମାଓଦମନ ଅଭିଯାନ ଆରମ୍ଭ ହୋଇଥିଲା। ତେବେ ଦିନ ପ୍ରାୟ ୨ଟା ବେଳେ ଏହି ଜଙ୍ଗଲ ମଧ୍ୟରେ ରହିଥିବା ଦୁଇଟି ଗାଁ ବିନାଗୁଣ୍ଡା ଏବଂ କୋରନାରରେ ଅପରେସନ ଚାଲିଥିଲା ବେଳେ ମାଓବାଦୀମାନେ ସୁରକ୍ଷାକର୍ମୀଙ୍କ ଉପରକୁ ଗୁଳିଚାଳନା କରିଥିଲେ। ଏଥିରେ ବିଏସଏଫ୍ ଯବାନଙ୍କ ପକ୍ଷରୁ ପାଲଟା ଜବାବରେ ମାଓନେତା ଶଙ୍କର ରାଓ ସମେତ ୨୯ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ସମସ୍ତ ମାଓବାଦୀଙ୍କ ମୃତଦେହ ମିଳିଥିବା ବେଳେ ଆଉ ▶ପୃଷ୍ଠା-୯



## ଓଡ଼ିଶା ସୀମାରେ ସୁରକ୍ଷା କଡ଼ାକଡ଼ି

**୫ ଜିଲ୍ଲାର ଏସ୍‌ପିଙ୍କ ସହ କଥା ହେଲେ ଡିଜିପି**

**ରାସ୍ତାକୁ ସିଲ୍ କରି ଯାନବାହନ ଯାଞ୍ଚ କରୁଛନ୍ତି ସୁରକ୍ଷା କର୍ମୀ**

■ ଭୁବନେଶ୍ୱର, ୧୬।୪ (ସମିସ): ଛତିଶଗଡରେ ବିଏସ୍ଏଫ୍‌ର ମାଓବିରୋଧୀ ଅପରେସନ୍ ପରେ ଓଡ଼ିଶାର ସୀମାବର୍ତ୍ତୀ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ଗୁଇନ୍ଦା ତଥ୍ୟ ଆଧାରରେ ଓଡ଼ିଶା ସୀମାରେ ସୁରକ୍ଷା କର୍ମୀଙ୍କୁ ସତର୍କ ନଜର ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଡିଜିପି ଅରୁଣ ଷଡଙ୍ଗୀ ଛତିଶଗଡ଼ସୀମା ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଏବଂ ବରଗଡ଼ ଏସ୍‌ପିଙ୍କ ସହ କଥା ହେବାସହ ସୁରକ୍ଷା ବ୍ୟବସ୍ଥା ଓ ଯାଞ୍ଚ ଉପରେ ଗୁରୁତ୍ୱ ଦେଇଛନ୍ତି। ଛତିଶଗଡ଼ ଏବଂ ଓଡ଼ିଶା ପୁଲିସ ଉଭୟ ଏହି ଅପରେସନ୍ ସମ୍ପର୍କରେ ଆଲୋଚନା ▶ପୃଷ୍ଠା-୯

# ଦିନରେ ଅଗ୍ନିବର୍ଷା, ସନ୍ଧ୍ୟାରେ ବଜ୍ର

**ଆସନ୍ତା ୫ ଦିନ ଗ୍ରୀଷ୍ମ ପ୍ରବାହ ସତର୍କତା ■ ଅପରାହ୍ଣରେ କାଳବୈଶାଖୀ ଯୋଗୁଁ ବଜ୍ରପାତ ବିପଦ**

■ ଭୁବନେଶ୍ୱର,୧୬।୪(ସମିସ): ରାଜ୍ୟରେ ଜାରି ରହିଛି 'ଅଗ୍ନିବର୍ଷା'। ପ୍ରଚଣ୍ଡ ରୌଦ୍ର ତାପରେ ସିଝୁଛି ଓଡ଼ିଶା। ସକାଳ ୯ରୁ ଅପରାହ୍ଣ ୪ ଟା ପର୍ଯ୍ୟନ୍ତ ତାତିର ତାଉ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ବାହାରକୁ ବାହାରିଲେ ଖରାର ପ୍ରକୋପରେ ଦେହହାତ ଜଳି ପୋଡ଼ି ଯାଉଛି। ରାଜ୍ୟରେ ଜାରି ରହିଥିବା ଏହି ସ୍ଥିତି ଆହୁରି ଉଦ୍‌ବେଗଜନକ ହେବା ନେଇ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଅନ୍ୟପକ୍ଷରେ ପୂର୍ବାହ୍ନରେ ଅଗ୍ନିବର୍ଷା ଓ ଅପରାହ୍ଣର କାଳବୈଶାଖୀ ବର୍ଷା ଓ ବଜ୍ରପାତ ସାଧାରଣରେ ଚିନ୍ତା ବଢ଼ାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମତାପ ଯୋଗୁଁ ଅପରାହ୍ଣରେ କାଳବୈଶାଖୀ ଝଡ଼ ସହ ବଜ୍ରପାତ ପରିଲକ୍ଷିତ ହୋଇଛି। ଏହାର ପ୍ରଭାବରେ ଜନଜୀବନ ହାନି ସହ କ୍ଷୟକ୍ଷତିର ସୂଚନା ମିଳିଛି। ମଙ୍ଗଳବାର ରାଜ୍ୟର ୨୯ସହରରେ ଦିନ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ କରାଯାଇଛି। ଏହାସହିତ ଚଳିତ ଗ୍ରୀଷ୍ମ ଋତୁରେ ଆଜି ରାଜ୍ୟର ସବୁଠୁ ଅଧିକ ତାପମାତ୍ରା ରେକର୍ଡ କରାଯାଇଛି। ବାରିପଦାରେ ତାପମାତ୍ରା ୪୩.୬ ଡିଗ୍ରୀରେ ପହଞ୍ଚିଛି। ସେହିପରି



**୪୩.୬ ଡିଗ୍ରୀ ସହ ବାରିପଦା ସବୁଠୁ ଉତ୍ତପ୍ତ**

**୨୯ ସହରରେ ରେକର୍ଡ ହେଲା ୪୦ ଡିଗ୍ରୀ ତାପମାତ୍ରା**

**୨୦ରେ ବର୍ଷା ଆଶଙ୍କା, ମିଳିବ ଆଶ୍ୱସ୍ତି**

ରାଜ୍ୟର ୧୮ ସହରରେ ତାପମାତ୍ରା ୪୧ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରହିଛି।

ଅନ୍ୟପଟେ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆଗାମୀ ୨ ଦିନ ମଧ୍ୟରେ ରାଜ୍ୟରେ କିଛି-କିଛି ସ୍ଥାନରେ ଦିନ ତାପମାତ୍ରା ଆହୁରି ୨ ରୁ ୩ ଡିଗ୍ରୀ ଯାଏଁ ବୃଦ୍ଧି ପାଇବ। ଏହାଦ୍ୱାରା ୧୮ ରୁ ୨୦ ତାରିଖ ମଧ୍ୟରେ ରାଜ୍ୟରେ ସକ୍ରିୟ ଗ୍ରୀଷ୍ମ ଲହରୀର ଶିଖର ଛୁଇଁବ। ଏହି ସମୟରେ କିଛି ଅଂଚଳରେ ତାପମାତ୍ରା ୪୫ ଡିଗ୍ରୀ ଛୁଇଁବ ବୋଲି ପାଣିପାଗ କେନ୍ଦ୍ର କହିଛି। ସେଥିପାଇଁ ପାଣିପାଗ ବିଭାଗ ଆସନ୍ତା ୫ ଦିନ ପାଇଁ ଗ୍ରୀଷ୍ମ ପ୍ରବାହ (ହିଟ୍ ୱେଭ୍) ଆଲର୍ଟ ଜାରି କରିଛି। ସେହିପରି ଦିନ ଭଳି ରାତିରେ ମଧ୍ୟ ତାପମାତ୍ରା ଜାରି ରହୁଛି। ଦିନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିବା ସହ ସ୍ୱାଭାବିକ ତୁଳନାରେ ତାପମାତ୍ରା ୫ ଡିଗ୍ରୀ ଅଧିକ ରହୁଛି। ଏହାସହିତ ଉପକୂଳବର୍ତ୍ତୀ ଜିଲ୍ଲାରେ ଆର୍ଦ୍ରତା ପ୍ରଭାବ ଯୋଗୁଁ ଗୁଳୁଗୁଳିରେ ପ୍ରକୋପ ରହୁଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ବୈଜ୍ଞାନିକ ଉମାଶଙ୍କର ଦାସ କହିଛନ୍ତି, ବର୍ତ୍ତମାନ ରାଜ୍ୟ ମଧ୍ୟକୁ ଉତ୍ତର-ପଶ୍ଚିମ ତଥା ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରବାହିତ ହେଉଛି। ଏହାର ପ୍ରଭାବରେ ଆଗାମୀ ତିନି ଦିନ ମଧ୍ୟରେ ଦିନର ତାପମାତ୍ରା ଆହୁରି ୨ରୁ ୪ ଡିଗ୍ରୀ ଯାଏଁ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ୫ ଦିନ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ତା'ସହିତ ଉପକୂଳ ଓଡ଼ିଶାରେ ଗୋଟିଏ ଦୁଇଟି ସ୍ଥାନରେ ଉଷ୍ମ-ଆର୍ଦ୍ର ପାଣିପାଗ ସ୍ଥିତି ରହିବାର ▶ପୃଷ୍ଠା-୯

## ବଜ୍ରପାତ ନେଲା ୫ ଜୀବନ

■ କେନ୍ଦ୍ରାପଡ଼ା/ଗରଦପୁର/ଆଳି, ୧୬।୪ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଜି ବଜ୍ରପାତ ଘଟି ୫ଜଣଙ୍କର ମୃତ୍ୟୁ ଘଟିଛି। ଗରଦପୁର ବ୍ଲକ ଅନ୍ତର୍ଗତ ତଳକୁସୁମା ପଞ୍ଚାୟତର ବଙ୍ଗାରୀ, ପୁଣ୍ଡିଲୋ ଓ ବିରିଜଙ୍ଗୀ ଗ୍ରାମରେ ତିନି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଓସ୍ତପୁର ପଞ୍ଚାୟତର ବିରସ୍ୱତୀ ଗ୍ରାମରେ ଜଣଙ୍କର ଓ ଆଳି ଥାନା ଅନ୍ତର୍ଗତ ସାଳିଅଞ୍ଚ ଗ୍ରାମରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ପୁଣ୍ଡିଲୋ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଛାଟୋଇ (୬୨), ବଙ୍ଗାରୀ ଗ୍ରାମର ଆଶୁତୋଷ ଜେନା(୧୮), ବିରିଜଙ୍ଗା ଗ୍ରାମର ଶିବପ୍ରସାଦ ସାହୁ (୬୦), ବିରସ୍ୱତୀ ଗ୍ରାମର ଅମ୍ବିକା ମଳିକ(୫୨) ଏବଂ ସାଳିଅଞ୍ଚ ଗ୍ରାମର ଅନୀଲ ବେହେରା। ସେହିପରି ଗରଦପୁର ବ୍ଲକ ଅଞ୍ଚଳରେ ମୁଗ ବିଲରେ କାମ କରୁଥିବା କେତେଜଣଙ୍କର ପତ୍ତା ମିଳୁନଥିବା ଅଭିଯୋଗ ହୋଇଛି। ଅପରପକ୍ଷେ, କାଳବୈଶାଖୀଜନିତ ବର୍ଷା ପବନ ଏବଂ ବଜ୍ରପାତ ଘଟି ଗରଦପୁର ଅଞ୍ଚଳରେ ଅନ୍ୟ କେତେଜଣଙ୍କର ଅବସ୍ଥା ମଧ୍ୟ ସଂକଟାପନ୍ନ ରହିଛି। ପୂର୍ଣ୍ଣଚନ୍ଦ୍ର ଓ ଶୁତୋଷ ମୁଗ ଘୋଡ଼ାଉଥିବା ସମୟରେ ବଜ୍ରପାତ ହେବାରୁ ସେହିଠାରେ ହିଁ ଦୁହେଁ ଟଳି ପଡ଼ିଥିଲେ। ସେହିପରି ଶିବପ୍ରସାଦ, ଅମ୍ବିକା ଓ ବିଷ୍ଣୁଚରଣ ବିଲରେ କାମ କରୁଥିବା ବେଳେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

**ପ୍ରକାଶ ପାଇଲା ୟୁପିଏସ୍‌ସି ପରୀକ୍ଷା ଫଳ**

## ଆଦିତ୍ୟ ଟପ୍ପର୍, ଅନିମେଶ ଦ୍ୱିତୀୟ

■ ଭୁବନେଶ୍ୱର, ୧୬।୪ (ସମିସ): କେନ୍ଦ୍ରୀୟ ଲୋକସେବା ଆୟୋଗ(ୟୁପିଏସ୍‌ସି) ଦ୍ୱାରା ପରିଚାଳିତ ସର୍ବଭାରତୀୟ ସିଭିଲ୍ ସର୍ଭିସ୍ (ଆଇସିଏସ୍)-୨୦୨୩ର ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଉତ୍ତରପ୍ରଦେଶ ଲକ୍ଷ୍ନୌର ଆଦିତ୍ୟ ଶ୍ରୀବାସ୍ତବ ସର୍ବଭାରତୀୟ ସ୍ତରରେ ଟପ୍ପର ହୋଇଥିବାବେଳେ ଓଡ଼ିଶାର ଅନିମେଶ ପ୍ରଧାନ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଆଦିତ୍ୟ ସିଏମ୍ଏସ୍ ଲକ୍ଷ୍ନୌ ଆଲିଗଞ୍ଜ ବ୍ରାଞ୍ଚରୁ ଦ୍ୱାଦଶ ପରୀକ୍ଷାରେ ୯୫ପ୍ରତିଶତ ନମ୍ବର ରଖି ଟପ୍ପର୍ ହୋଇଥିଲେ। ପରେ ଆଇଆଇଟି କାନପୁରରୁ ଇଲେକ୍ଟ୍ରିକାଲ୍ ଇଂଜିନିୟରିଂରେ ବିଟେକ୍ କରିଛନ୍ତି। ଇଲେକ୍ଟ୍ରିକାଲ୍ ଇଂଜିନିୟରିଂରେ ସେ ୟୁପିଏସ୍‌ସି ପରୀକ୍ଷା ଦେଇଥିଲେ। ସେ ଏବେ ଆଇପିଏସ୍ ଭାବେ ହାଇଦ୍ରାବାଦ ସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ ଜାତୀୟ ପୁଲିସ୍ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି।

ସେହିପରି ଦ୍ୱିତୀୟ ସ୍ଥାନରେ ଥିବା ଅନିମେଶଙ୍କ ଘର ଅନୁଗୁଳ ଜିଲ୍ଲା ତାଳଚେର ବ୍ଲକ୍ ଭାଲୁଗୁଡ଼ିଆ ଗ୍ରାମରେ ବୋଲି ଜଣାପଡ଼ିଛି। ସେ ଜାତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ(ଏନ୍ଆଇଟି) ରାଉରକେଲାରୁ ଉତ୍ତୀର୍ଣ୍ଣ ହେବାପରେ ପ୍ରଥମ ପ୍ରଚେଷ୍ଟାରେ ୟୁପିଏସ୍‌ସି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ତୃତୀୟ ସ୍ଥାନରେ ଡି ଅନନ୍ୟା ରେଡ୍ଡୀ ଥିବାବେଳେ ପିକେ ସିଦ୍ଧାର୍ଥ



**ତୃତୀୟ ସ୍ଥାନ ସହ ଡି ଅନନ୍ୟା ରେଡ୍ଡୀ ମହିଳା ଟପ୍ପର**

**ଓଡ଼ିଶାରୁ ପ୍ରାୟ ୨୪ ପରୀକ୍ଷାର୍ଥୀ କୃତକାର୍ଯ୍ୟ**

**ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ**

ରାଜକୁମାର ଓ ରୁହାନୀ ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି। ସମୁଦାୟ ୧୦୧୬ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବା ବେଳେ ତନ୍ମଧ୍ୟରୁ ୬୬୪ ଜଣ ପୁରୁଷ ଓ ୩୫୨ ଜଣ ମହିଳା ରହିଛନ୍ତି।

ଚଳିତ ଥର ଓଡ଼ିଶାରୁ ପ୍ରାୟ ୨୪ ଜଣ ପରୀକ୍ଷାର୍ଥୀ ୟୁପିଏସ୍‌ସି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଦୀର୍ଘବର୍ଷର ବ୍ୟବଧାନ ପରେ ସର୍ବଭାରତୀୟ ସ୍ତରରେ ଓଡ଼ିଶାରୁ ଅନିମେଶ ପ୍ରଥମ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇବାର ଗୌରବ ଅର୍ଜନ କରିଛନ୍ତି। ସେହିପରି ପ୍ରଥମ ୧୦୦ ଜଣଙ୍କ ମଧ୍ୟରେ ଓଡ଼ିଶାରୁ ୫ଜଣଙ୍କୁ ମଧ୍ୟ ସ୍ଥାନ ମିଳିଛି। ସିଭିଲ୍ ସର୍ଭିସ୍ ▶ପୃଷ୍ଠା-୯

## ଦ୍ୱିତୀୟ ପର୍ଯ୍ୟାୟ ତାଲିକାରେ ବିଜେପିର ୨୧ ପ୍ରାର୍ଥୀ

**ରାଉରକେଲାରୁ ଦିଲ୍ଲୀପ, ରଣପୁରରୁ ସୁରମା**

**ଦୁଇଟି ଆସନରେ ବଦଳିଲେ ଘୋଷିତ ପ୍ରାର୍ଥୀ**

**କଟିଲା ବୁଧାନ ମୁର୍ମୁଙ୍କ ଟିକଟ, ବିଶ୍ୱେଶ୍ୱର ନିରାଶ**

■ ଭୁବନେଶ୍ୱର, ୧୬।୪ (ସମିସ): ବିଧାନସଭା ନିର୍ବାଚନ ପାଇଁ ମଙ୍ଗଳବାର ବିଜେପି ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୨୧ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟଙ୍କୁ ରାଉରକେଲାରୁ ପ୍ରାର୍ଥୀ କରିଛି ବିଜେପି । ସେହିପରି ନିକଟରେ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିବା କୈଳାଶ ଚନ୍ଦ୍ର କୁଲେସିକାଙ୍କୁ ଲକ୍ଷ୍ମୀପୁରରୁ ଓ ଅମରେନ୍ଦ୍ର ଦାସଙ୍କୁ ଜଗତ୍‌ସିଂହପୁରରୁ ପ୍ରାର୍ଥୀ କରାଯାଇଛି। ଚିତ୍ରକୋଣ୍ଡା ଆସନରୁ ଦଳ ଡମ୍ବରୁ ସୀସାଙ୍କୁ ପ୍ରାର୍ଥୀ କରିଥିବା ବେଳେ ପାଟଣାରୁ ଅଖିଳ ଚନ୍ଦ୍ର ନାୟକଙ୍କୁ ▶ପୃଷ୍ଠା-୯

**ବାରବାଟୀ ବସ୍ ଦୁର୍ଘଟଣା**

## ଏସ୍‌ସିବିରେ ଆହତଙ୍କୁ ଭେଟିଲେ ପାଣ୍ଡିଆନ

■ କଟକ, ୧୬।୪ (ସମିସ): ଯାଜପୁର ବାରବାଟୀ ବଜାର ନିକଟରେ ସୋମବାର ରାତିରେ ଦୁର୍ଘଟଣାର ଶିକାର ହୋଇ କଟକସ୍ଥିତ ଏସ୍‌ସିବିରେ ଚିକିତ୍ସାଧୀନ ଯାତ୍ରୀଙ୍କୁ ଭେଟି ସେମାନଙ୍କ ଚିକିତ୍ସା ବ୍ୟବସ୍ଥା ବୁଝିଛନ୍ତି '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ମଙ୍ଗଳବାର ପ୍ରତ୍ୟୁଷରେ ଶ୍ରୀ ପାଣ୍ଡିଆନ କଟ୍ ବଡ଼ ଡାକ୍ତରଖାନାର ଟ୍ରମା କାଜୁଆଲିଟି, ନ୍ୟୁରୋସର୍ଜରୀ, ସିଟିଭିଏସ୍ ଏବଂ ଅସ୍ଥିଶଲ୍ୟ ବିଭାଗରେ ଚିକିତ୍ସିତ ହେଉଥିବା ଆହତଙ୍କୁ ଭେଟି ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ସମସ୍ତ ▶ପୃଷ୍ଠା-୯



**ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଲେ ବଙ୍ଗୀୟ ଯାତ୍ରୀ**

**ବଡ଼ ଡାକ୍ତରଖାନାରେ ୧୮ ଚିକିତ୍ସାଧୀନ; ଆଇସିୟୁରେ ୫**

# ଦାୟ ଓ ଦାୟିତ୍ୱର ମୁଖ୍ୟମନ୍ତ୍ରୀ

**ସାଧାରଣ ଲୋକଙ୍କ ସହ ଭିଡିଓ କଲ୍‌ରେ କଥାହେଲେ ନବୀନ**

■ ଭୁବନେଶ୍ୱର,୧୬।୪(ସମିସ): ସମଗ୍ର ଦେଶ ନିର୍ବାଚନରେ ବ୍ୟସ୍ତ ଥିବା ବେଳେ ରାଜନେତାମାନଙ୍କୁ ଭୋଟ ରାଜନୀତିରୁ ଫୁରସତ ନାହିଁ। ନିର୍ବାଚନ ପ୍ରଚାରଠାରୁ ଦଳୀୟ କାର୍ଯ୍ୟକ୍ରମରେ ବିଭିନ୍ନ ଜାତୀୟ ଓ ଆଞ୍ଚଳିକ ଦଳର ନେତାମାନେ ବ୍ୟସ୍ତ। ମାତ୍ର ସବୁ ରାଜନୈତିକ ବ୍ୟସ୍ତତା, ଦଳୀୟ କାର୍ଯ୍ୟକ୍ରମ, ପ୍ରାର୍ଥୀ ମନୋନୟନ କାର୍ଯ୍ୟ ସତ୍ତ୍ୱେ ଜନସେବା ଓ ସାଧାରଣ ଲୋକଙ୍କ ସୁଖଦୁଃଖ ବୁଝିବାରୁ ବିରତ ହୋଇ ନାହାନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଜନସେବା ହିଁ ରାଜନୀତିର ମୂଳମନ୍ତ୍ର ବୋଲି ସର୍ବଦା କହୁଥିବା ମୁଖ୍ୟମନ୍ତ୍ରୀ ପୁଣିଥରେ ଏହାକୁ ପ୍ରମାଣିତ କରି ନୂଆ ଉଦାହରଣ ସୃଷ୍ଟି କରିଛନ୍ତି ।

ଆଜି ସକାଳୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଜନସାଧାରଣଙ୍କୁ ଫୋନ୍ ଓ ଭିଡ଼ିଓ କଲ୍ କରି ମୁଖ୍ୟମନ୍ତ୍ରୀ ସେମାନଙ୍କ ଅଞ୍ଚଳରେ ଚାଲିଥିବା '୫-ଟି' ରୂପାନ୍ତରଣ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଛନ୍ତି। 'ମୋ ସରକାର' ବ୍ୟବସ୍ଥା ସମଗ୍ର ଦେଶରେ ଏକ ଅଭିନବ ପରମ୍ପରା ସୃଷ୍ଟି କରିଥିବା ବେଳେ ଲୋକଙ୍କ ସହିତ ସିଧାସଳଖ କଥା ହୋଇ ସେମାନଙ୍କ ଭଲ ମନ୍ଦ ବୁଝୁଥିବା ମୁଖ୍ୟମନ୍ତ୍ରୀ ରାଜନୀତିର ପରିଭାଷାକୁ ବଦଳାଇ ଦେଇଛନ୍ତି। ନିଜ କାର୍ଯ୍ୟ ▶ପୃଷ୍ଠା-୯



**ମନ୍ଦିର ରୂପାନ୍ତରଣ କାମ କେମିତି ଚାଲିଛି ପଚାରି ବୁଝିଲେ**

**ଖୁସି ବ୍ୟକ୍ତ ସହିତ କୃତଜ୍ଞତା ଜ୍ଞାପନ କଲେ ଜନସାଧାରଣ**








ସକାଳ
www.sakalaepaper.com

## ଆଜି ରାମଲାଲାଙ୍କ ସୂର୍ଯ୍ୟତିଳକ

ଅଯୋଧ୍ୟା, ୧୬।୪ (ଏଜେନ୍ସି): ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପରେ ପ୍ରଥମ ରାମନବମୀ ପାଇଁ ବଡ଼ ଆୟୋଜନ କରାଯାଇଛି। ବୁଧବାର ଦ୍ୱିପହରେ ଭଗବାନ ସୂର୍ଯ୍ୟ ନାରାୟଣ ରାମଲାଲାଙ୍କ ତିଳକ କରିବେ। ପ୍ରାୟ ୪ ମିନିଟ ପର୍ଯ୍ୟନ୍ତ ସୂର୍ଯ୍ୟଙ୍କ କିରଣ ରାମଲାଲାଙ୍କ ମୁଖମଣ୍ଡଳରେ ରହିବ। ଏହି ଦୃଶ୍ୟ ଦେଖିବା ପାଇଁ ଅଯୋଧ୍ୟାରେ ଶହେ ଏଲ୍‌ଇଡି ସ୍କ୍ରିନ୍ ଲଗାଯାଇଛି। ଏହାର ଲାଇଭ୍ ପ୍ରସାରଣ ମଧ୍ୟ କରାଯିବ। ଏହି ଅଦ୍ଭୁତ ଦୃଶ୍ୟକୁ ଦେଖିବାକୁ ଏବଂ ରାମଲାଲାଙ୍କ ଦର୍ଶନ ପାଇଁ ପ୍ରାୟ ୨୫ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇପାରେ। ଏଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଶ୍ରଦ୍ଧାଳୁଙ୍କ ସୁବିଧା ଲାଗି ପାର୍କିଂ ବ୍ୟବସ୍ଥାଠାରୁ ଆରମ୍ଭ କରି ରହିବା ନିମନ୍ତେ ଉତ୍ତମ ବନ୍ଦୋବସ୍ତ ହୋଇଛି। ତିନି ଦିନରେ ଅଯୋଧ୍ୟାରେ ପ୍ରାୟ ୯୦ ବିମାନ ଅବତରଣ କରିବ। ଶହେ ଟ୍ରେନ ପହଞ୍ଚିବ। ଏହା ସହିତ ୫୦୦ ବସ୍ ଲାଗିବ। ସୁରକ୍ଷା ଦୃଷ୍ଟିରୁ ସହରକୁ ୭ଟି ଜୋନ୍ ଏବଂ ୩୯ ସେକ୍ଟରରେ ବଣ୍ଟାଯାଇଛି।

## ବ୍ରହ୍ମ କୁମାର ଜିମ୍ବାୱେରେ ଭାରତର ରାଷ୍ଟ୍ରଦୂତ ନିଯୁକ୍ତ

ନୂଆଦିଲ୍ଲୀ, ୧୬।୪ (ଏଜେନ୍ସି): ବ୍ରହ୍ମ କୁମାରଙ୍କୁ ଜିମ୍ବାୱେରେ ଭାରତୀୟ ରାଷ୍ଟ୍ରଦୂତ ନିଯୁକ୍ତ କରାଯାଇଛି। ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ମଙ୍ଗଳବାର ଏହି ସୂଚନା ଦିଆଯାଇଛି। ୨୦୦୫ ବ୍ୟାଚ୍ ଭାରତୀୟ ବୈଦେଶିକ ସେବା ଅଧିକାରୀ ଶ୍ରୀ କୁମାର ଏବେ ବୈଦେଶିକ ମନ୍ତ୍ରାଳୟର ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ସେ ଖୁବଶୀଘ୍ର ଦାୟିତ୍ୱ ଗ୍ରହଣ କରିବେ ବୋଲି ଆଶା।

## ପୁଣି କୋର୍ଟଗଲେ କେଜ୍ରିୱାଲ

ନୂଆଦିଲ୍ଲୀ, ୧୬।୪ (ଏଜେନ୍ସି): ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ନୂଆ ଆବେଦନ ଦାଏର କରିଛନ୍ତି। ସେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ତିହାର ଜେଲ୍‌ରୁ ନିଜ ଡାକ୍ତରଙ୍କୁ ପରାମର୍ଶ କରିବା ପାଇଁ ଅନୁମତି ମାଗିଛନ୍ତି। ଏହା ଉପରେ ଦିଲ୍ଲୀର ଏକ ଅଦାଲତ ମଙ୍ଗଳବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ଜବାବ ମାଗିଛନ୍ତି। ୧୮ ତାରିଖ ସୁଦ୍ଧା ଜବାବ ଦାଖଲ କରିବାକୁ କହିଛନ୍ତି। ଏହି ଦିନ ମାମଲାର ଶୁଣାଣି ହୋଇପାରେ। ସ୍ୱତନ୍ତ୍ର ବିଚାରପତି ରାକେଶ ସୟାଲଙ୍କୁ ଆବେଦନ କରି କେଜ୍ରିୱାଲ କହିଛନ୍ତି ଯେ ତାଙ୍କ ବ୍ଲଡ୍ ସୁଗାର ସ୍ତରରେ ହ୍ରାସ-ବୃଦ୍ଧି ଜାରି ରହିଛି। ତେଣୁ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଚାହୁଁଛନ୍ତି।

## କ୍ରେନ୍‌କୁ ଧକ୍କାଦେଲା ଅଟୋ; ୭ମୃତ

ପାଟନା, ୧୬।୪ (ଏଜେନ୍ସି): ପାଟନାର କଙ୍କଡ଼ବାଗ ଥାନା ଅନ୍ତର୍ଗତ ରାମଲଖନ ମାର୍ଗରେ ମଙ୍ଗଳବାର ବଡ଼ି ଭୋରରେ ବଡ଼ ଦୁର୍ଘଟଣା ଘଟିଛି। ଏଠାରେ ଏକ ଅଟୋ ନିୟନ୍ତ୍ରଣ ହରାଇ ପଲଟି ଯାଇଛି। ପରେ ରାସ୍ତା କାମରେ ଲାଗିଥିବା ଏକ କ୍ରେନ୍‌କୁ ଧକ୍କା ଦେଇଛି। ଏହି ଦୁର୍ଘଟଣାରେ ୭ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୩ ମହିଳା, ୩ ପୁରୁଷ ଏବଂ ୫ ବର୍ଷୀୟ ଶିଶୁ ସାମିଲ ରହିଛି। ଶିଶୁର ବାପା ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଏହି ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ କ୍ରେନ୍ ସହ ଧକ୍କା ହେବା ମାତ୍ରେ ୪ ଜଣଙ୍କ ମୃତ୍ୟୁ ହୋଇଥିଲା। ପରେ ଆଉ ୩ ଜଣ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇ ଥିଲେ।

## ମଦ ଦୁର୍ନୀତି: ଆଉ ଜଣେ ଗିରଫ

ନୂଆଦିଲ୍ଲୀ, ୧୬।୪ (ଏଜେନ୍ସି): ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାର ତଦନ୍ତ କରୁଥିବା ଇଡି ମଙ୍ଗଳବାର ଆଉ ଜଣେ ଅଭିଯୁକ୍ତ ଚନପ୍ରୀତ ସିଂହକୁ ଗିରଫ କରିଛି। ସେ ୨୦୨୨ର ଗୋଆ ନିର୍ବାଚନ ପାଇଁ ଆମ ଆଦମୀ ପାର୍ଟି (ଆପ୍) ପାଇଁ ପାଣ୍ଠି ସଂଗ୍ରହ କରିଥିଲେ। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଚନପ୍ରୀତକୁ ଗତ ୧୨ ତାରିଖରେ ହେପାଜତକୁ ନିଆଯାଇଥିଲା। ଏହା ପରଦିନ ତାକୁ କୋର୍ଟରେ ଉପସ୍ଥାପନ କରାଯାଇଥିଲା। କୋର୍ଟ ଚନପ୍ରୀତକୁ ୧୮ ତାରିଖ ପର୍ଯ୍ୟନ୍ତ ଇଡି ହେପାଜତକୁ ପଠାଇ ଦେଇଛନ୍ତି। ଏହା ଇଡିର ୧୭ତମ ଗିରଫ। ପୂର୍ବରୁ ଚନପ୍ରୀତକୁ ସିବିଆଇ ଗିରଫ କରିଥିଲା।

## ସୂର୍ଯ୍ୟେୱାଲାଙ୍କ ଉପରେ କଟକଣା

ନୂଆଦିଲ୍ଲୀ, ୧୬।୪ (ଏଜେନ୍ସି): କଂଗ୍ରେସ ନେତା ରଣଦୀପ ସୂର୍ଯ୍ୟେୱାଲାଙ୍କ ଉପରେ ନିର୍ବାଚନ କମିଶନ କଟକଣା ଲଗାଇଛନ୍ତି। ବିଜେପି ସାଂସଦ ହେମା ମାଲିନୀଙ୍କ ଉପରେ ଦେଇଥିବା ଅପମାନଜନକ ମନ୍ତବ୍ୟକୁ ନେଇ ସୂର୍ଯ୍ୟେୱାଲାଙ୍କ ପ୍ରଚାରକୁ ୪୮ ଘଣ୍ଟା ପାଇଁ ନିଷିଦ୍ଧ କରିଦେଇଛନ୍ତି। ନିର୍ବାଚନ ତାରିଖ ଘୋଷଣା ହେବା ପରେ ଇସି ପ୍ରଥମ ଥର ପାଇଁ ଏପରି ପଦକ୍ଷେପ ନେଇଛନ୍ତି। ଏହି ମାମଲାରେ ଇସି ଗତ ସପ୍ତାହରେ କଂଗ୍ରେସ ନେତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ତାଙ୍କ ମନ୍ତବ୍ୟକୁ ନିନ୍ଦା କରି ଭର୍ତ୍ସନା କରିଥିଲେ।

## ସଲ୍‌ମାନଙ୍କ ଘରେ ଗୁଳିମାଡ଼ ମାମଲା; ୨ ଗିରଫ

ମୁମ୍ବାଇ, ୧୬।୪ (ଏଜେନ୍ସି): ଅଭିନେତା ସଲ୍‌ମାନ ଖାନଙ୍କ ଘରେ ଉପରେ ଗୁଳିମାଡ଼ କରିଥିବା ୨ ଅଭିଯୁକ୍ତ ଭିକି ଗୁପ୍ତା ଏବଂ ସାଗର ପାଲ୍‌କୁ ସୋମବାର ବିଳମ୍ବିତ ରାତିରେ ଗୁଜରାଟର ଭୁଜରୁ ଗିରଫ କରାଯାଇଛି। ଉଭୟଙ୍କୁ ମଙ୍ଗଳବାର ଦ୍ୱିପହରେ ମୁମ୍ବାଇ ଆଣି କିଲା କୋର୍ଟରେ ହାଜର କରାଯାଇଛି। କୋର୍ଟ ଅଭିଯୁକ୍ତଙ୍କୁ ୧୦ ଦିନ ପାଇଁ ପୁଲିସ ରିମାଣ୍ଡକୁ ପଠାଇ ଦେଇଛନ୍ତି। ପୁଲିସ ସୂଚନା ଅନୁଯାୟୀ ଉଭୟ ଅଭିଯୁକ୍ତ ବିହାରର ବାସିନ୍ଦା। ଦୁହେଁ ସଲ୍‌ମାନଙ୍କ ଘର ଉପରେ ନଜର ରଖି ୫ ରାଉଣ୍ଡ ଗୁଳିମାଡ଼ କରିଥଇଲେ। ତେବେ ଏଥିରେ ବ୍ୟବହୃତ ବନ୍ଧୁକକୁ ଜବତ କରାଯାଇପାରି ନାହିଁ। ଉଭୟ ଅଭିଯୁକ୍ତ ସଲ୍‌ମାନଙ୍କ ପନଭେଲ ସ୍ଥିତି ଫାର୍ମ ହାଉସରୁ ୧୦ କିମି ଦୂରରେ ରହୁଥିଲେ। ଏହାକୁ ନେଇ ଗ୍ୟାଙ୍ଗଷ୍ଟର ଲରେନ୍ସର ଭାଇ ଅନମୋଲ ବିରୋଧରେ ମାମଲା ରୁଜୁ କରାଯାଇଛି।

### ଇଭିଏମ୍ ସହ ଭିଭିପ୍ୟାଟ୍‌ର ଶତପ୍ରତିଶତ ଭୋଟ ଯାଞ୍ଚ ମାମଲା

# ବ୍ୟବସ୍ଥା ଖରାପ କରିବାକୁ ପ୍ରୟାସ କରନି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୬।୪(ଏଜେନ୍ସି):

ଇଭିଏମ ଭୋଟିଂ ମେସିନରେ ପଡୁଥିବା ଭୋଟ୍ ସହ ଭିଭିପ୍ୟାଟ( ଭୋଟର ଭେରିଫାଏବଲ ପେପର ଅଡିଟ୍ ଟ୍ରେଲ) ଭୋଟ୍ର ଶତପ୍ରତିଶତ ଯାଞ୍ଚ ମାମଲାରେ ସୁପ୍ରିମକୋର୍ଟ ଆବେଦନକାରୀଙ୍କୁ କଡ଼ାବାଣୀ ଶୁଣାଇଛନ୍ତି। ଏହି ଯାଞ୍ଚ ପ୍ରକ୍ରିୟାରେ ପୂର୍ବରୁ ପ୍ରଚଳିତ ବାଲଟ୍ ପେପର ବ୍ୟବସ୍ଥାର ପୁନଃ ପ୍ରଚଳନ ଲାଗି ଆବେଦନକାରୀ ଯୁକ୍ତି ବାଢିଥିଲା ବେଳେ ଭୋଟିଂ ପାଇଁ ବର୍ତ୍ତମାନ ପ୍ରଚଳିତ ବ୍ୟବସ୍ଥାକୁ ଖରାପ କରିବାକୁ ଉଦ୍ୟମ ନ କରାଯିବା ଉଚିତ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଇଭିଏମ ଏବଂ ଭିଭିପ୍ୟାଟ୍ରେ ପଡୁଥିବା ଭୋଟ୍'ର ଶତ ପ୍ରତିଶତ ଯାଞ୍ଚ ପାଇଁ ଆସୋସିଏସନ ଫର୍ ଡେମୋକ୍ରାଟିକ୍ ରିଫର୍ମ(ଏଡିଆର) ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ କରାଯାଇ ଏହା ଉପରେ ନିଷ୍ପତ୍ତି ନେବାକୁ କୁହାଯାଇଥିଲା। ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ୍ ଦୀପଙ୍କର ଦତ୍ତଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲା



ବେଳେ ଏଡିଆର ପକ୍ଷ ରଖିଥିବା ଓକିଲ ପ୍ରଶାନ୍ତ ଭୂଷଣଙ୍କୁ କହିଥିଲେ ଯେ, 'ଆମେମାନେ ଏବେ ୬୦ ବର୍ଷ ବୟସରେ ପହଞ୍ଚିବାକୁ ଯାଉଛୁ। ବାଲାଟ ପେପର ବ୍ୟବସ୍ଥା ଥିବା ବେଳେ କ'ଣ ସବୁ ଘଟୁଥିଲା ଆମେ ସମସ୍ତେ ଜାଣିଛେ। ଆପଣ ହୁଏତ ସେସବୁ ଭୁଲି ଯାଇଥିବେ କିନ୍ତୁ ଆମେ ଆଦୌ ଭୁଲି ନାହୁଁ। ଏହାପରେ ପ୍ରଶାନ୍ତ ଭୂଷଣ ୟୁରୋପୀୟ ଦେଶମାନଙ୍କରେ ପ୍ରଚଳିତ ଭୋଟିଂ ବ୍ୟବସ୍ଥା ସମ୍ପର୍କରେ ଉଦାହରଣ ରଖି ଅଧିକାଂଶ ୟୁରୋପୀୟ ଦେଶ ଇଭିଏମ ଛାଡ଼ି ପେପର ବାଲାଟ ଭୋଟିଂ ବ୍ୟବସ୍ଥାକୁ ଆପଣାଇଛନ୍ତି ବୋଲି କହିଥିଲେ। ତେଣୁ ଭାରତରେ ମଧ୍ୟ ପେପର ବାଲାଟ ବ୍ୟବସ୍ଥା କରାଯାଇପାରିବ ବୋଲି ସେ କହିଥିଲେ।

ଏହାବ୍ୟତୀତ ଅନ୍ୟ ଏକ ବିକଳ୍ପ ଭାବେ ଭିଭିପ୍ୟାଟ ସ୍ଲିପ ଭୋଟରଙ୍କ ହାତକୁ ଦେଇ ହେବା ନେଇ ଯୁକ୍ତି ଦର୍ଶାଇଥିଲେ। ଭିଭିପ୍ୟାଟ୍ର ସ୍ଲିପକୁ ଭୋଟରଙ୍କୁ ଦିଆଯିବ। ସେମାନେ ଏହାକୁ ବାଲଟ ବକ୍ସରେ ରଖିବେ। ଭିଭିପ୍ୟାଟ ଡିଜାଇନକୁ ପରିବର୍ତ୍ତନ କରାଯାଇପାରିବ। ଏଥିରେ ନିଶ୍ଚିତ ଭାବେ ସ୍ୱଚ୍ଛତା ରହିବାର ଥିଲା। କିନ୍ତୁ ସବୁ କିଛି ଅସ୍ପଷ୍ଟ ରହୁଛି। ଭିଭିପ୍ୟାଟ୍ ମେସିନରେ କେବଳ ୭ ସେକେଣ୍ଡର ଲାଇଟ୍ ଜଳୁଛି ବୋଲି ପ୍ରଶାନ୍ତ କହିଥିଲେ। ତେବେ ଏହି ଯୁକ୍ତି ଶୁଣି ଜର୍ମାନୀର ଜନସଂଖ୍ୟା କେତେ ବୋଲି ଜଷ୍ଟିସ ଦୀପଙ୍କର ଦତ୍ତ ପ୍ରଶ୍ନ କରି ଜର୍ମାନୀର ଜନସଂଖ୍ୟା କେତେ ବୋଲି ପଚାରିଥିଲେ। ଜବାବରେ ପ୍ରଶାନ୍ତ ୬ କୋଟି ବୋଲି କହିଥିଲା ବେଳେ ଜଷ୍ଟିସ ଖାନ୍ନା କହିଥିଲେ, 'ଭାରତରେ ୯୭ କୋଟି ଭୋଟର ପଞ୍ଜିକୃତ ରହିଛନ୍ତି। ଆମେ ଜାଣିଛୁ ଯେ ବାଲାଟ ପେପର ଥିବା ବେଳେ କ'ଣ ସବୁ ହେଉଥିଲା।'

ଏହାବ୍ୟତୀତ ଇଭିଏମରେ ଭୋଟିଂ ପ୍ରକ୍ରିୟାକୁ ନେଇ କିଏ ତଥ୍ୟ ରଖୁଛି ଏବଂ ପ୍ରଶ୍ନ ଉଠାଉଛି ବୋଲି ଖଣ୍ଡପୀଠ ପଚାରିଥିଲା ବେଳେ 'ସେଣ୍ଟର ଫର୍ ଦି ଷ୍ଟଡି ଅଫ୍ ଡେଭଲପିଂ ସୋସାଇଟିଜ୍(ସିଏସ୍‌ଡିଏସ୍) ଦ୍ୱାରା କରାଯାଇଥିବା ପୁଲିଂ ପ୍ରକ୍ରିୟାରୁ ଏ ସମ୍ପର୍କରେ ଅନୁଧ୍ୟାନ କରାଯାଇଥିଲା ବୋଲି ପ୍ରଶାନ୍ତ ଭୂଷଣ କହିଥିଲେ। ଏହାଶୁଣି କୌଣସି ଘରୋଇ ସଂସ୍ଥାର ଅନୁଧ୍ୟାନ କିମ୍ବା ତଥ୍ୟକୁ ବିଶ୍ୱାସ ନ କରାଯିବା ଉଚିତ ବୋଲି ଖଣ୍ଡପୀଠ କହିଥିଲେ। ଗୁପ୍ତ ବାଲାଟ ଭୋଟିଂ ବ୍ୟବସ୍ଥା ବିରୋଧରେ ସର୍ବୋଚ୍ଚ ଅଦାଲତ ମତ ରଖିଥିବାରୁ ଇଭିଏମ-ଭିଭିପ୍ୟାଟ୍ର ଶତପ୍ରତିଶତ ଯାଞ୍ଚକୁ ନେଇ ଦୀର୍ଘ ଦିନ ହେଲା ଚାଲିଆସିଥିବା ବିବାଦରେ ଏବେ ଅନ୍ତ ଘଟିଥିବା କୁହାଯାଉଛି।

### ଅଦିନିଆ ବର୍ଷା ଆଣିଲା ବିପ୍ୱତ

## ୩ ଦେଶରେ ୧୫୯ ମୃତ, ଶତାଧିକ ନିଖୋଜ

ନୂଆଦିଲ୍ଲୀ, ୧୬।୩ (ଏଜେନ୍ସି): ବିଶ୍ୱର ୩ ଦେଶ ପାକିସ୍ତାନ, ଆଫଗାନିସ୍ତାନ ଏବଂ ତାଞ୍ଜାନିଆରେ ଅଦିନିଆ ବର୍ଷା ବିପ୍ୱତ ସୃଷ୍ଟି କରିଛି। ଏହି ସବୁ ଦେଶରେ ପ୍ରବଳ ବର୍ଷା ଜାରି ରହିଛି। ଏଥିଯୋଗୁଁ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଏ ପର୍ଯ୍ୟନ୍ତ ବର୍ଷା ଜନିତ ଦୁର୍ଘଟଣାରେ ୧୫୯ ଜଣଙ୍କ ମୃତ୍ୟୁ ହେଲାଣି। ଅନେକ ଲୋକ ନିଖୋଜ ଅଛନ୍ତି। ଶତାଧିକ ମଧ୍ୟ ଆହତ ହୋଇଛନ୍ତି। ରାସ୍ତାଘାଟ ପାଣିରେ ବୁଡ଼ି ରହିଛି। ଅନେକ ସ୍ଥାନରେ ଭୂସ୍ଖଳନ ହୋଇଛି। ସୂଚନା ଅନୁଯାୟୀ ପାକିସ୍ତାନରେ ଗତ ତିନି ଦିନ ହେଲା ପ୍ରବଳ ବର୍ଷା ଏବଂ ବଜ୍ରପାତ ହେଉଛି। ଏଥିରେ ଅତିକମରେ ୫୦ ଜଣଙ୍କ ମୃତ୍ୟୁ

> ପାକିସ୍ତାନରେ ଗଲାଣି ୫୦ ଜୀବନ
>
> ତାଞ୍ଜାନିଆରେ ୫୯ ଜଣଙ୍କ ମୃତ୍ୟୁ
>
> ଆଫଗାନିସ୍ତାନରେ ୫୦ ମୃତ



ହେଲାଣି। କିଛି କ୍ଷେତ୍ରରେ ଜରୁରୀକାଳୀନ ସ୍ଥିତି ଘୋଷଣା କରାଯାଇଛି। ଅନେକ ଘର ଭୁଶୁଡ଼ି ଯାଇଛି। ବନ୍ୟାରେ ଉତ୍ତର ପଶ୍ଚିମ ଏବଂ ପୂର୍ବ ପଞ୍ଜାବ ପ୍ରଦେଶ ସର୍ବାଧିକ ପ୍ରଭାବିତ ହୋଇଛି। କେବଳ ପଞ୍ଜାବରେ ୨୧ ଜଣଙ୍କ ମୃତ୍ୟୁ ହୋଇଛି। ଏଠାରେ ଚଳିତ ସପ୍ତାହରେ ମଧ୍ୟ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ରାଜଧାନୀ ଇସଲାମାବାଦରେ ମଧ୍ୟ ମୂଷଳଧାରାରେ ବର୍ଷା ହେଉଛି। ପେଶାୱର ଏବଂ କ୍ୱେଟାରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଏପ୍ରିଲରେ ପାକିସ୍ତାନରେ ଏଭଳି ବର୍ଷା ହେବା ଘଟଣା ସାଧାରଣ ନୁହେଁ ବୋଲି ବିଶେଷଜ୍ଞ କହିଛନ୍ତି।

ପାକିସ୍ତାନର ପଡୋଶୀ ରାଷ୍ଟ୍ର ଆଫଗାନିସ୍ତାନରେ ୩ ଦିନ ହେଲ ପ୍ରବଳ ବର୍ଷା ହେଉଛି। ଏଥିଯୋଗୁଁ ବନ୍ୟା ଭଳି ସ୍ଥିତି ସୃଷ୍ଟି ହୋଇଛି। ସୋମବାର ସୁଦ୍ଧା ଦେଶରେ ପ୍ରାୟ ୫୦ ଜଣଙ୍କ ମୃତ୍ୟୁ ହେଲାଣି। ବନ୍ୟା ଯୋଗୁଁ ରାଜଧାନୀ କାବୁଲ ସହିତ ପଶ୍ଚିମ ଫରାହ, ହେରାତ, ଦକ୍ଷିଣ କାବୁଲ ଏବଂ କାନ୍ଦାହାର ପ୍ରଦେଶ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ୬୦୦ରୁ ଅଧିକ ଘର ଭାଙ୍ଗି ଯାଇଛି। ବର୍ଷା ଯୋଗୁଁ ୨୦୦ ଗୃହପାଳିତ ପଶୁଙ୍କ ମଧ୍ୟ ମୃତ୍ୟୁ ହୋଇଛି। ପୂର୍ବ ଆଫ୍ରିକୀୟ ଦେଶ ତାଞ୍ଜାନିଆରେ ଗତ ୨ ସପ୍ତାହ ହେଲା ବନ୍ୟା ସ୍ଥିତି ଜାରି ରହିଛି। ଏ ପର୍ଯ୍ୟନ୍ତ ବନ୍ୟାରେ ୫୮ ଜଣଙ୍କ ମୃତ୍ୟୁ ହେଲାଣି।

### ଝେଲମ୍ ନଦୀରେ ଡଙ୍ଗା ବୁଡ଼ି ୭ ମୃତ

ଶ୍ରୀନଗର,୧୬।୪(ଏଜେନ୍ସି): ଶ୍ରୀନଗର ନିକଟସ୍ଥ ବଟୱାରାରେ ମଙ୍ଗଳବାର ସକାଳେ ଏକ ଡଙ୍ଗା ବୁଡ଼ି ଯିବାରୁ ୭ ଜଣଙ୍କ ମୃତ୍ୟୁ ହୋଇଛି। ପ୍ରାୟ ୧୫ ଜଣ ଲୋକଙ୍କ ନେଇ ଏକ ଡଙ୍ଗା ନଦୀ ପାର୍ ହେଉଥିବା ବେଳେ କୌଣସି କାରଣରୁ ବୁଡ଼ି ଯାଇଥିଲା। ଘଟଣାସ୍ଥଳରେ ଉଦ୍ଧାରକାରୀ ଟିମ୍ ପହଞ୍ଚି ଖୋଜାଖୋଜି କରିଥିଲା ବେଳେ ପ୍ରଥମେ ୪ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। କିନ୍ତୁ ପରେ ପରେ ଆଉ ତିନି ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବାରୁ ମୃତ୍ୟୁସଂଖ୍ୟା ୭ରେ ପହଞ୍ଚିଛି ବୋଲି ଶ୍ରୀନଗର ଡେପୁଟି କମିସନର କହିଛନ୍ତି। ଅନ୍ୟ ଲୋକଙ୍କୁ ଉଦ୍ଧାର କରାଯାଇ ଶ୍ରୀନଗର ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। କାଶ୍ମୀର ଉପତ୍ୟକାରେ ଗତକାଲି ଠାରୁ ବର୍ଷା ହେଉଥିବାରୁ ଝେଲମ ନଦୀ ଜଳସ୍ତର ଅଚାନକ ଭାବେ ବୃଦ୍ଧି ପାଇବା ଦୁର୍ଘଟଣାର କାରଣ ହୋଇପାରେ ବୋଲି କୁହାଯାଉଛି।

## ତୁମେ ସେତେ ନିରୀହ ନୁହଁ | ବାବା ରାମଦେବଙ୍କୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ, ୧୬।୪(ଏଜେନ୍ସି): ପତଞ୍ଜଳି ପରିଚାଳନା ନିର୍ଦ୍ଦେଶକ ଆଚାର୍ଯ୍ୟ ବାଳକ୍ରିଷ୍ଣ ଓ ଯୋଗଗୁରୁ ବାବା ରାମଦେବଙ୍କୁ ଆଜି ନ୍ୟାୟମୂର୍ତ୍ତି ହିମା କୋହଲି ଓ ନ୍ୟାୟମୂର୍ତ୍ତି ଅସାନୁଦ୍ଦିନ ଅମାନୁଲ୍ଲାଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟ ଖଣ୍ଡପୀଠ କଟୁ ଭର୍ତ୍ସନା କରିଛନ୍ତି। ଭ୍ରମ ସୃଷ୍ଟିକାରୀ ବିଜ୍ଞାପନ ଦେଇଥିବାରୁ ସର୍ବସାଧାରଣଙ୍କୁ କ୍ଷମା ମାଗିବାକୁ ଉଭୟଙ୍କୁ ଖଣ୍ଡପୀଠ ୭ଦିନ ସମୟ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ୨୩ରେ ହେବାକୁ ଦିନ ଧାର୍ଯ୍ୟ ହୋଇଛି। ସୁପ୍ରିମକୋର୍ଟରେ ଆଜି ଆଚାର୍ଯ୍ୟ ବାଳକ୍ରିଷ୍ଣ ଓ ବାବା ରାମଦେବ ବ୍ୟକ୍ତିଗତ ଭାବେ ହାଜର ଥିଲେ। ଉଭୟେ ଅଲଗା ଅଲଗା ସତ୍ୟପାଠ ଦେଇ ଅଦାଲତ ଅବମାନନା ନୋଟିସର ଉତ୍ତର ଦେଇନଥିବାରୁ ନିଃସର୍ତ୍ତ କ୍ଷମା ପ୍ରାର୍ଥନା



**ସର୍ବସାଧାରଣଙ୍କୁ କ୍ଷମା ମାଗିବାକୁ ୭ ଦିନ ସମୟ**

କରିଥିବା ସତ୍ତ୍ୱେ ଖଣ୍ଡପୀଠ ସେଥିରେ ସନ୍ତୁଷ୍ଟ ହୋଇନାହାନ୍ତି। ବାଳକୃଷ୍ଣଙ୍କୁ ନ୍ୟାୟମୂର୍ତ୍ତି କୋହଲି କହିଛନ୍ତି, ତୁମେ ଉତ୍ତମ କାର୍ଯ୍ୟ କରୁଛ, କିନ୍ତୁ ଏଲୋପାଥି ଚିକିତ୍ସା ପଦ୍ଧତିକୁ ନିକୃଷ୍ଟ କିମ୍ବା ଅସାର କହିପାରିବ ନାହିଁ। ତୁମର ଆଚରଣ ଦାୟିତ୍ୱହୀନ। ତୁମେ ଯେତେ ନିରୀହତା ଦେଖାଉଛ, ସେତେ ନିରୀହ ନୁହଁ। ସୁପ୍ରିମକୋର୍ଟରେ କ'ଣ ଚାଲିଛି ତାହା ସବୁ ଜାଣୁଛ, କିନ୍ତୁ ନଜାଣିପାରିବା ଭଳି ଛଳନା କରୁଛ। ଏବେ ତୁମକୁ ଛଡ଼ାଯାଉନି। ତୁମ କ୍ଷମା ପ୍ରାର୍ଥନା ସ୍ୱୀକାର୍ଯ୍ୟ କି ନୁହେଁ ତାହା ବିଚାର କରି ଦେଖିବୁ। ତୁମ ଇତିହାସ ଖରାପ। ରାମଦେବଙ୍କୁ ଖଣ୍ଡପୀଠ କହିଛନ୍ତି, କୌଣସି ନିର୍ଦ୍ଦିଷ୍ଟ ବ୍ୟାଧିରୁ ଆରୋଗ୍ୟ ଦେଇପାରିବ ଏଭଳି ଦାବି କରି ବିଜ୍ଞାପନ ଦେଇପାରିବ ନାହିଁ। କୌଣସି ନିର୍ଦ୍ଦିଷ୍ଟ ଔଷଧ ସେବନରେ ବ୍ୟାଧିର ଆରୋଗ୍ୟ ସମ୍ଭବ ବୋଲି ବିଜ୍ଞାପନ ଦେବା ବେଆଇନ ଅଟେ। ଏଥିପାଇଁ ଅନୁମତି ଦିଆଯିବ ନାହିଁ। କୌଣସି ଡାକ୍ତର କିମ୍ବା ଫାର୍ମାସୀ ଏହା କରିପାରିବେ ନାହିଁ। ନ୍ୟାୟମୂର୍ତ୍ତି ଅମାନୁଲ୍ଲା କହିଛନ୍ତି, ଦେଶର ପ୍ରତ୍ୟେକ ନାଗରିକ ଆଇନରେ ବନ୍ଧା। ନିଜ ଔଷଧୀ ଉତ୍ପାଦର ପ୍ରସାରପ୍ରଚାର କଲାବେଳେ କେହି ଏଲୋପାଥି ଚିକିତ୍ସା ପଦ୍ଧତିକୁ ନ୍ୟୁନ କରିପାରିବେ ନାହିଁ। ତୁମ କ୍ଷମା ପ୍ରାର୍ଥନା ତୁମ ହୃଦୟରୁ ଆସୁନାହିଁ। ପୂର୍ବ ଶୁଣାଣି ବେଳେ ଖଣ୍ଡପୀଠ ଉଭୟଙ୍କୁ କହିଥିଲେ ଯେ ସବୁ ସୀମା ଲଂଘିସାରିଛ। ଏହା ପୂର୍ଣ୍ଣତଃ ଅବଜ୍ଞା। କେବଳ ସୁପ୍ରିମକୋର୍ଟ ନୁହେଁ, ଦେଶର ପ୍ରତ୍ୟେକ କୋର୍ଟଙ୍କ ଆଦେଶକୁ ସମ୍ମାନ ଦେଇ ନିଶ୍ଚୟ ପାଳନ କରିବାକୁ ହେବ। ପତଞ୍ଜଳିର ଜଡ଼ିବୁଟି ଔଷଧ ଅନେକ ଜଟିଳ ରୋଗ ଭଲ କରିଥାଏ ମର୍ମରେ ଭ୍ରାମ ସୃଷ୍ଟିକାରୀ ବିଜ୍ଞାପନ ନଦେବାକୁ ସୁପ୍ରିମକୋର୍ଟରେ ୨୧ ନଭେମ୍ବର ୨୦୨୩ରେ ଅଣ୍ଡରଟେକିଂ ଦେବା ପରେ ବି ପତଞ୍ଜଳି କମ୍ପାନୀ ତା'ର ଔଷଧର ଚମତ୍କାରୀ ଗୁଣ ସମ୍ପର୍କରେ ବିଜ୍ଞାପନ ଦେବା ବନ୍ଦ କରିନଥିଲା। ସେ ନେଇ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ କୋର୍ଟ ଆଚାର୍ଯ୍ୟ ବାଳକ୍ରିଷ୍ଣ ଓ ବାବା ରାମଦେବଙ୍କୁ ନୋଟିସ୍ ଜାରି କରିଥିଲେ। କିନ୍ତୁ ଉଭୟେ ସେହି ନୋଟିସର ଉତ୍ତର ଦେଇନଥିଲେ। ଏଥିରେ କ୍ଷୁବ୍ଧ ହୋଇ କୋର୍ଟ ଆଚାର୍ଯ୍ୟ ବାଳକ୍ରିଷ୍ଣ ଓ ରାମଦେବଙ୍କୁ ଏପ୍ରିଲ ୨ ତାରିଖରେ ଅଦାଲତରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ଓ କାହିଁକି ସେମାନଙ୍କ ବିରୋଧରେ ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ନିଆନଯିବ ତାହା ଜଣାଇବାକୁ ଗତ ମାର୍ଚ୍ଚ ୧୯ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଏପ୍ରିଲ ୨ତାରିଖରେ ଉଭୟେ ଅଦାଲତରେ ହାଜର ହୋଇ କ୍ଷମା ପ୍ରାର୍ଥନା କରିଥିଲେ। ଏପ୍ରିଲ ୧୦ ତାରିଖର ଶୁଣାଣିରେ ଖଣ୍ଡପୀଠ କ୍ଷମାପ୍ରାର୍ଥନାକୁ ଯଥେଷ୍ଟ ନୁହେଁ କହି ଗ୍ରହଣ କରିବାକୁ ଅସ୍ୱୀକାର କରିଥିଲେ ଓ ଅଦାଲତ ଅବମାନନା ପାଇଁ କାର୍ଯ୍ୟାନୁଷ୍ଠନର ସମ୍ମୁଖୀନ ହେବାକୁ ଉଭୟଙ୍କୁ ସ୍ପଷ୍ଟ ଭାବେ କହି ଏପ୍ରିଲ ୧୬ରେ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଥିଲେ।

### ଇରାନ ଆକ୍ରମଣ ପାଇଁ ଇସ୍ରାଏଲର ଜବାବ

# ମାପିଚୁପି ପ୍ରସ୍ତୁତି ନେଉଛି ଇସ୍ରାଏଲ

ତେଲ୍‌ଆଭିଭ୍,୧୬।୪(ଏଜେନ୍ସି):

ଇସ୍ରାଏଲ ଉପରେ ଇରାନର ଅପ୍ରତ୍ୟାଶିତ ଆକ୍ରମଣକୁ ଇତିମଧ୍ୟରେ ଦୁଇ ଦିନ ପୂରିଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ଇସ୍ରାଏଲ ପକ୍ଷରୁ କୌଣସି ଜବାବ ଦିଆଯାଇ ନାହିଁ । ହେଲେ କୌଣସି କ୍ଷୟକ୍ଷତି ବିନା ଇରାନକୁ ଶିକ୍ଷା ଦେବା ଲାଗି ଇସ୍ରାଏଲ ପ୍ରସ୍ତୁତି ଚଳାଇଛି। ସୋମବାର ପ୍ରଧାନମନ୍ତ୍ରୀ ନେତନ୍ୟାହୁ ବେଞ୍ଜାମିନ ନିଜ 'ୱାର କ୍ୟାବିନେଟ୍' ସହ ବୈଠକ କରିବା ସହିତ ଇରାନର କେଉଁ ଅଞ୍ଚଳକୁ ନିଶାଣ କରାଯାଇପାରିବ ସେ ସମ୍ପର୍କରେ ତୁରନ୍ତ ନିର୍ଦ୍ଧାରଣ କରିବାକୁ କହିଥିଲା ବେଳେ ମଙ୍ଗଳବାର ମଧ୍ୟ ସେ ସେନାମୁଖ୍ୟଙ୍କ ସହ ଏହି ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହାକୁ ମିଶାଇ ନେତନ୍ୟାହୁ ୫ଥର ବୈଠକ କରିସାରିଥିବା ଜଣାପଡ଼ିଛି। ଇରାନର ଆକ୍ରମଣ ପାଇଁ ଇସ୍ରାଏଲ ନିଶ୍ଚିତ ଭାବେ ଜବାବ ଦେବ ବୋଲି ବିଶ୍ୱସ୍ତରରେ ଆକଳନ କରାଯାଇଥିଲା ବେଳେ ଠିକଣା ଢଙ୍ଗରେ ଇସ୍ରାଏଲ ଜବାବ ଦେବାକୁ ପ୍ରସ୍ତୁତି ଚଳାଇଥିବା କୁହାଯାଉଛି। ଇରାନ



ରାଜଧାନୀ ତେହରାନର କୌଣସି ପ୍ରମୁଖ ସ୍ଥଳକୁ ନିଶାଣ କରିବାକୁ ଇସ୍ରାଏଲ ଯୋଜନା କରିବା ସହିତ ସାଇବର ଆକ୍ରମଣ ପାଇଁ ମଧ୍ୟ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି। ଏହାବ୍ୟତୀତ ଇରାନ ଉପରେ ଆକ୍ରମଣ କରିବା ପ୍ରସଙ୍ଗକୁ ନେଇ ଆନ୍ତର୍ଜାତିକ ସ୍ତରରେ ଯେଭଳି କୌଣସି ସହଯୋଗୀ ରାଷ୍ଟ୍ର ସହ ଇସ୍ରାଏଲର ବିବାଦ ନ ହୁଏ ତାହାକୁ ମଧ୍ୟ ନେତନ୍ୟାହୁ ଗୁରୁତ୍ୱ ଦେଇଛନ୍ତି। ଅନ୍ୟପକ୍ଷରେ ଇସ୍ରାଏଲର ଡକରାରେ ସୋମବାର ଜାତିସଂଘ ସୁରକ୍ଷା ପରିଷଦର ବୈଠକ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ପରେ ଜର୍ମାନୀ, ବେଲଜିୟମ ଏବଂ ଫ୍ରାନ୍ସ ଆଦି ଦେଶ ଇରାନ ରାଷ୍ଟ୍ରଦୂତଙ୍କୁ ସମନ କରିଛନ୍ତି। ସେହିପରି ଇରାନ ଆକ୍ରମଣ ପ୍ରସଙ୍ଗକୁ ନେଇ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ପ୍ରଥମଥର ଲାଗି ସୋମବାର ଗଣମାଧ୍ୟମ ଆଗରେ ମୁହଁ ଖୋଲିବା ସହିତ ଇସ୍ରାଏଲ ସୁରକ୍ଷା ପାଇଁ ଆମେରିକା ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। ତେବେ ମଧ୍ୟପ୍ରାଚ୍ୟରେ ଯେଭଳି ଯୁଦ୍ଧ ପରିସ୍ଥିତି ସୃଷ୍ଟି ନହେଉ ଏବଂ ଇରାନ କବଜାରେ ଥିବା ବିଦେଶୀମାନଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଉ ତାହାକୁ ଆମେରିକା ଗୁରୁତ୍ୱ ଦେବ ବୋଲି ବାଇଡେନ କହିଛନ୍ତି। ଏହିକ୍ରମରେ ରୁଷିଆ ରାଷ୍ଟ୍ରପତି ମଧ୍ୟ ମୁହଁ ଖୋଲିଛନ୍ତି। ଇରାନ-ଇସ୍ରାଏଲ ବିବାଦକୁ ନେଇ ମଧ୍ୟପ୍ରାଚ୍ୟରେ ଯେଭଳି ପୁଣି ସ୍ଥିତି ଖରାପ ନ ହେଉ ସେଥିପାଇଁ ସମସ୍ତେ ଉଦ୍ୟମ କରିବା ଉଚିତ ବୋଲି କ୍ରେମଲିନ୍ ପକ୍ଷରୁ ମଙ୍ଗଳବାର କୁହାଯାଇଛି। କିନ୍ତୁ ଇସ୍ରାଏଲ ଯଦି ଇରାନ ଉପରେ ଆକ୍ରମଣ କରେ ତେବେ ରୁଷ ନିଶ୍ଚିତ ଭାବେ ଇରାନ ସପକ୍ଷରେ ବାହାରିବ। କାରଣ ରୁଷ-ୟୁକ୍ରେନ ଯୁଦ୍ଧ ସମୟରେ ଇରାନ ରୁଷିଆକୁ ସହାୟତା କରିବା ସହିତ ବହୁ ସଂଖ୍ୟାରେ ଏହାର ଅତ୍ୟାଧୁନିକ ଡ୍ରୋନ୍ ଯୋଗାଇ ଦେଇଥିଲା। ଏହାବ୍ୟତୀତ ବୈଶ୍ୱିକ ରାଜନୀତିକୁ ନେଇ ରୁଷ, ଇରାନ ଏବଂ ଚୀନ୍ କୂଟନୀତିକ ସ୍ତରରେ ସେମାନଙ୍କ ସମ୍ପର୍କରେ ସମତୁଲତା ରକ୍ଷା କରିଆସିଛନ୍ତି।

### କେଜ୍ରିୱାଲଙ୍କୁ ଦିଲ୍ଲୀ ଏଲ୍‌ଜିଙ୍କ ଖୋଲା ଚିଠି

## ନିଜ ଦୋଷ ପାଇଁ ମନ୍ତ୍ରୀ ଅଧିକାରୀଙ୍କୁ ଦୋଷ ଦେଉଛନ୍ତି

ନୂଆଦିଲ୍ଲୀ, ୧୬।୪(ଏଜେନ୍ସି): ଦିଲ୍ଲୀ ଉପରାଜ୍ୟପାଳ (ଏଲଜି) ଭିକେ ସକ୍ସେନା ତିହାର ଜେଲ୍‌ରେ ଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଖୋଲା ଚିଠି ଲେଖିଛନ୍ତି। ନିଜ ଦୋଷ ପାଇଁ ଅଧିକାରୀଙ୍କୁ ଦୋଷ ଦେବା ଆପଣଙ୍କ ମନ୍ତ୍ରୀଙ୍କ ଅଭ୍ୟାସ ହୋଇଗଲାଣି ବୋଲି କହିଛନ୍ତି। ଏଲ୍‌ଜି ଅଭିଯୋଗ



କରିଛନ୍ତି ଯେ ଆପ୍ ସରକାର ମାଗଣା ପାଣିର ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଧୋକା ଦେଉଛନ୍ତି। ଅନିୟମିତ ଜଳ ଯୋଗାଣକୁ ଠିକ୍ କରିବା ପରିବର୍ତ୍ତେ କେଜ୍ରିୱାଲ ଏବଂ ତାଙ୍କ ମନ୍ତ୍ରୀ ମାଗଣା ଜଳ ଦେବାକୁ କଳ୍ପନା କରିଥିଲେ। ଲୋକଙ୍କୁ ଅନ୍ଧାରରେ ରଖିବା କଳାରେ ଆପଣ ଏବଂ ଆପଣଙ୍କ ମନ୍ତ୍ରୀ ପାରଙ୍ଗମ। ଦିଲ୍ଲୀ ମନ୍ତ୍ରୀ ଆତିଶୀ ମାର୍ଲେନା ଦିଲ୍ଲୀ ଜଳ ବୋର୍ଡ (ଡିଜେବି)ର ସିଇଓଙ୍କୁ ନିଲମ୍ବନ କରିବା ଦାବି ମଧ୍ୟରେ ଏଲ୍‌ଜିଙ୍କ ଏହି ଚିଠି ସାମ୍ନାକୁ ଆସିଛି। ଏହା ପୂର୍ବରୁ ସୋମବାର ସାର୍ବଜନୀନ ପାଣି ଟ୍ୟାପ୍‌ରୁ ପାଣି ଭର୍ତ୍ତି କରିବାକୁ ନେଇ ଜଣେ ନାବାଳିକା ମହିଳାଙ୍କୁ ଛୁରି ମାରି ହତ୍ୟା କରିଥିଲେ। ଏହାକୁ ନେଇ ଆତିଶୀ ଡିଜେବିର ସିଇଓଙ୍କୁ ତୁରନ୍ତ ନିଲମ୍ବନ କରିବାକୁ ଏଲ୍‌ଜିଙ୍କୁ କହିଥିଲେ। କାରଣ ଏହି ଘଟଣା ସିଇଓଙ୍କ ଅଧିନରେ ହୋଇଛି। ଏହାକୁ ନେଇ ଏଲଜି କହିଛନ୍ତି ଯେ ପାଣି ଅଭାବରୁ ହତ୍ୟା ହୋଇଥିବା ଆତିଶୀ କହିଥିଲେ। ସେ ଏଥିପାଇଁ ୯ ବର୍ଷ ହେଲା କ୍ଷମତାରେ ଥିବା ନିଜ ସରକାରକୁ ଦୋଷ ଦେଉଛନ୍ତି। ଆତିଶୀଙ୍କ ଚିଠି ଅପରାଧ ଏବଂ ଏହାର ନିଷ୍କ୍ରିୟତାକୁ ଦର୍ଶାଉଛି।

**ରାଜ୍ୟ ବିଜେପିରେ 'ଟିକଟ' ଅସନ୍ତୋଷ**

# ବିଗୁଡ଼ୁଛି ଗଣିତ, ତୁଟୁଛି ଧର୍ମେନ୍ଦ୍ରଙ୍କ ସ୍ୱପ୍ନ

**ଭୁବନେଶ୍ୱର, ୧୬।୪(ସମିସ):** ବିଜେପିର ପ୍ରଥମ ପର୍ଯ୍ୟାୟ ବିଧାନସଭା ଟିକଟ ଘୋଷଣା ପରେ ରାଜ୍ୟବ୍ୟାପୀ ବିଦ୍ରୋହ, ଅସନ୍ତୋଷର ନିଆଁ ଦେଖାଦେଇଥିଲା। ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାକୁ ନେଇ ରାଜ୍ୟ କାର୍ଯ୍ୟାଳୟଠାରୁ ଆରମ୍ଭ କରି ତୃଣମୂଳସ୍ତର ଯାଏଁ ତୀବ୍ର ପ୍ରତିବାଦ ଜାରି ରହିଥିବା ବେଳେ ଏଯାବତ୍ ଏହା ଥମିନାହିଁ। ଏପଟେ ଆଜି ଦ୍ୱିତୀୟ ପର୍ଯ୍ୟାୟ ବିଜେପି ଟିକଟ ଘୋଷିତ ହେବା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ସମାନ ଭାବେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ବିଭିନ୍ନ ସ୍ଥାନରେ ଟିକଟରୁ ବଞ୍ଚିତ ହୋଇଥିବା ଆଶାୟୀ ବିଦ୍ରୋହ ଆରମ୍ଭ କରିଥିବା ବେଳେ କେତେକ ବରିଷ୍ଠ ନେତା ଆଜି ଦଳ ଛାଡ଼ିଛନ୍ତି। ରାଜ୍ୟ ବିଜେପିରେ ଅସନ୍ତୋଷ ନିଆଁ ଥମୁ ନ ଥିବା ବେଳେ ଆଜିର ଘୋଷଣା ବିଜେପି ପାଇଁ ନୂଆ ସମସ୍ୟା ସୃଷ୍ଟି କରିଛି।

ସମ୍ବଲପୁର ବିଜେପି ସାଂସଦ ତଥା ଦେବଗଡ଼ ରାଜା ନୀତେଶ ଗଙ୍ଗଦେବଙ୍କ ପତ୍ନୀ ରାଣୀ ଅରୁନ୍ଧତୀ ଦେବୀ ଆଜି ବିଜେପିରୁ ଇସ୍ତଫା ପ୍ରଦାନ କରିଛନ୍ତି। ସେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ପୁଅ ନମନ ଗଙ୍ଗଦେବ ସହ ବିଜେଡିରେ ଯୋଗଦାନ କରିଛନ୍ତି। ଦଳରେ ନୀତେଶଙ୍କୁ ଅଣଦେଖା ଏବଂ ତାଙ୍କୁ ଟିକଟ ନ ଦେବାକୁ ନେଇ ଅସନ୍ତୋଷ ପ୍ରକାଶ କରି ସେ ଦଳ ଛାଡ଼ିଥିବା ଆଲୋଚନା ହେଉଛି। ଅରୁନ୍ଧତୀ ଦେବୀଙ୍କ ଯୋଗଦାନ ବିଜେପିକୁ ପ୍ରଚଣ୍ଡ ଧକ୍କା ଦେଇଛି ଓ ଦଳ ଦେବଗଡ଼ରେ ଦୁର୍ବଳ ହୋଇଛି ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଦେବଗଡ଼ ବିଜେପି ବଳରେ ନିଜକୁ ବଳିଆର ଭାବୁଥିବା ସମ୍ବଲପୁର ସାଂସଦ ପ୍ରାର୍ଥୀ ଧର୍ମେନ୍ଦ୍ରଙ୍କ ସ୍ୱପ୍ନ ଭାଙ୍ଗିବା ଆରମ୍ଭ ହୋଇଛି।

ସେହିପରି ଆଜି ରାଉରକେଲାରୁ ଦିଲ୍ଲୀପ ରାୟଙ୍କୁ ପ୍ରାର୍ଥୀ କରାଯିବା ପରେ ସେଠାରେ ମଧ୍ୟ ବିଜେପିରେ ଅସନ୍ତୋଷ ଦେଖା ଦେଇଛି। ଟିକଟ ଆଶାୟୀ ଦଳର ରାଜ୍ୟ ମୁଖପାତ୍ର ଧୀରେନ୍ ସେନାପତି ମୁହଁ ଫୁଲାଇ ବସିଥିବାବେଳେ ଅନ୍ୟତମ ଆଶାୟୀ ନିହାର ରାୟଙ୍କ ବହୁ ସମର୍ଥକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ତୁରନ୍ତ ପ୍ରାର୍ଥୀ ବଦଳ କରି ନିହାରଙ୍କୁ ଟିକଟ ଦେବାକୁ ସେମାନେ ଦାବି କରିଛନ୍ତି। ଦଳର ଟିକଟ କଳିରୁ ବାଦ୍ ପଡ଼ିନାହିଁ ଜଗତସିଂହପୁର। ଏଠାରୁ ବିଜେଡି ଛାଡ଼ି ବିଜେପିରେ ମିଶିଥିବା ଅମରେନ୍ଦ୍ର ଦାସଙ୍କୁ ଦଳ ପ୍ରାର୍ଥୀ କରିଥିବା ବେଳେ ଅନ୍ୟତମ ଟିକଟ ଆଶାୟୀ ତଥା ଜିଲ୍ଲା ସଭାପତି ସତ୍ୟବ୍ରତ(ଗୁଣ୍ଡା) ମହାପାତ୍ରଙ୍କ ସମର୍ଥକମାନେ ଅସନ୍ତୋଷ ଜାହିର୍ କରିଛନ୍ତି। ଗୁଣ୍ଡା ଭାଇଙ୍କୁ ଟିକଟ ନମିଳିଲେ ସେମାନେ ଚରମ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ସାରସକଣାରେ ସିଟିଂ ବିଧାୟକ ଡ. ବୁଧାନ ମୁର୍ମୁଙ୍କ ଟିକଟ କଟିବାକୁ ସେ ସହଜରେ ଗ୍ରହଣ କରିପାରି ନାହାନ୍ତି। ଦଳ ତାଙ୍କ ସହ ପ୍ରତାରଣା କରିଛି ବୋଲି ସେ କହିବା ସହ ନିଷ୍ପତ୍ତିକୁ ନେଇ କଡ଼ା ଅସନ୍ତୋଷ ପ୍ରକାଶ କରିଛନ୍ତି। ବୁଧାନ କଂଗ୍ରେସରେ ଯୋଗ ଦେଇପାରନ୍ତି ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି।

- ସମ୍ବଲପୁର ସାଂସଦଙ୍କ ପତ୍ନୀ ଅରୁନ୍ଧତୀ ବିଜେଡିରେ ସାମିଲ
- ପୁଅ ନମନ ଗଙ୍ଗଦେବଙ୍କ ସହ ନେଲେ ନବୀନଙ୍କ ଆଶୀର୍ବାଦ
- ପ୍ରାର୍ଥୀଙ୍କୁ ନେଇ ରାଉରକେଲାରେ ନିହାରଙ୍କ ସମର୍ଥକ ଅସୁଖୀ
- ଜଗତସିଂହପୁର ବିଜେପିରେ ଅମରେନ୍ଦ୍ରଙ୍କ ବିରୋଧରେ ମେଳି
- ଟିକଟ କଟିବା ପରେ ଅସନ୍ତୋଷ ପ୍ରକାଶ କଲେ ବିଧାୟକ ବୁଧାନ
- କୈଳାଶ, ଡମ୍ବରଙ୍କୁ ଗ୍ରହଣ କରିବାକୁ ମୂଳ ବିଜେପି କର୍ମୀ ନାରାଜ
- ଜଳେଶ୍ୱର ଓ ରଣପୁରରେ ମଧ୍ୟ ତେଜୁଛି ବିରୋଧ

ଚିତ୍ରକୋଣ୍ଡାରେ ଡମ୍ବରୁ ଶିଶା ଓ ଲକ୍ଷ୍ମୀପୁରରେ କୈଳାସ କୁଲେସିକାଙ୍କୁ ଟିକଟ ମିଳିବା ପରେ ସ୍ଥାନୀୟ ବିଜେପି କର୍ମୀ ଏହାର ପ୍ରତିବାଦ କରିଛନ୍ତି। ବାହାରି ନେତାଙ୍କୁ ଦଳରେ ବରଦାସ୍ତ କରାଯିବ ନାହିଁ ବୋଲି ସଫା ସଫା ଶୁଣାଇଛନ୍ତି ଡମ୍ବରୁ ବିରୋଧୀ। ସମାନ ଚିତ୍ର ଲକ୍ଷ୍ମୀପୁରରେ ମଧ୍ୟ ଦେଖିବାକୁ ମିଳିଛି। ଏଠାରେ ନିକଟରେ ବିଜେଡି ଛାଡ଼ି ବିଜେପିରେ ଯୋଗଦେବା ପରେ କୈଳାଶ ଚନ୍ଦ୍ର କୁଲେସିକାଙ୍କୁ ଦଳ ପ୍ରାର୍ଥୀ କରିଛି। ଦଳର ଏପରି ନିଷ୍ପତ୍ତିରେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି ଅନ୍ୟ ଆଶାୟୀ। ଦଳ ପାଇଁ ଆମେ ଦିନ ରାତି ଏକ କରିଥିଲୁ। ମାତ୍ର ରାତାରାତି ଦଳକୁ ଜଣେ ବାହାରି ନେତା ଆସି ଟିକଟ ନେବା ଆଦୌ ବରଦାସ୍ତ ନୁହେଁ ବୋଲି କୈଳାସ ବିରୋଧୀ ଗୋଷ୍ଠୀ କହିଛନ୍ତି। ରଣପୁରରେ ତାପସ ମାର୍ଥାଙ୍କ ଟିକଟ ବଦଳାଇ ସୁରମା ପାଢ଼ୀଙ୍କୁ ଦିଆଯିବା ପରେ ମାର୍ଥାଙ୍କ ସମର୍ଥକ ଏହାର ତୀବ୍ର ପ୍ରତିବାଦ କରିଛନ୍ତି। ତାପସଙ୍କୁ ଟିକଟ ମିଳିବା ପରେ ସେ ପ୍ରଚାର ଆରମ୍ଭ କରି ଦେଇଥିଲେ। ମାତ୍ର ଏହାପରେ ତାଙ୍କ ଟିକଟ ବଦଳ କରାଯାଇ ଅନ୍ୟ ଜଣଙ୍କୁ ଦିଆଯିବା କିଭଳି ନ୍ୟାୟ ବୋଲି ତାଙ୍କ ସମର୍ଥକମାନେ ପ୍ରଶ୍ନ କରିଛନ୍ତି। ସେହିପରି ଜଳେଶ୍ୱରରେ ମଧ୍ୟ ବ୍ରଜମୋହନ ପ୍ରଧାନଙ୍କୁ ଟିକଟ ମିଳିବା ପରେ ବଡ଼ ଧରଣର ଅସନ୍ତୋଷ ଦେଖିବାକୁ ମିଳିଛି। ରାଜ୍ୟବ୍ୟାପୀ ବିଜେପିରେ ଏପରି ଅସନ୍ତୋଷ ଆଗକୁ ଦଳ ପାଇଁ ବୁମେରାଂ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତବ୍ୟକ୍ତ କରିଛନ୍ତି।



ସମ୍ବଲପୁର ସାଂସଦ ତଥା ଦେବଗଡ଼ ରାଜା ନୀତେଶ ଗଙ୍ଗଦେବଙ୍କ ପତ୍ନୀ ଅରୁନ୍ଧତୀ ଦେବୀ ଓ ତାଙ୍କ ପୁତ୍ର ନମନ ଗଙ୍ଗଦେବ ବିଜେଡିରେ ଯୋଗ ଦେଇଛନ୍ତି। ଆଜି ସନ୍ଧ୍ୟାରେ ନବୀନ ନିବାସଠାରେ ସେମାନେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି। ଏହି ସମୟରେ ସାଂସଦ ମାନସ ମଙ୍ଗରାଜ ଉପସ୍ଥିତ ଥିଲେ।

**ବାରବାଟୀ ବସ୍ ଦୁର୍ଘଟଣା**

# ବେପରୁଆ ଗାଡି ଚାଳନା ଦାୟୀ !

**କଟକ,୧୬।୪ (ସମିସ):** ଯାଜପୁର ଜିଲ୍ଲା ଜାତୀୟ ରାଜପଥ ୧୬ର ବାରବାଟୀ ଛକଠାରେ ଘଟିଥିବା ମର୍ମନ୍ତୁଦ ବସ୍ ଦୁର୍ଘଟଣାରେ ପରିବହନ ବିଭାଗ ଖୋଳତାଡ଼ ଆରମ୍ଭ କରିଛି ବୋଲି ଅତିରିକ୍ତ ପରିବହନ କମିସନର ଲାଲ ମୋହନ ସେଠୀ କହିଛନ୍ତି। ଦୁର୍ଘଟଣାଗ୍ରସ୍ତ ବସ୍‌ର ଫିଟ୍‌ନେସ୍

## ଏନ୍‌ଏଚ୍‌ଆର୍‌ସିରେ ମାମଲା

ଠିକ୍ ନଥିଲା। ଗାଡ଼ି ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ହିଁ ଏହି ଦୁର୍ଘଟଣା ଘଟିଥାଇପାରେ ବୋଲି କହିଛନ୍ତି ଶ୍ରୀ ସେଠୀ। ଗାଡ଼ି ଦ୍ରୁତଗତିରେ ଯାଉଥିଲା କିମ୍ବା ଚାଳକ ଜଣକ ମୋବାଇଲ ମନସ୍କ ଥିଲେ ବୋଲି କୁହାଯାଉଛି। ସେହିପରି ଗାଡ଼ିର ବ୍ରେକ୍ ମଧ୍ୟ ଆଦୌ ମରାଯାଇନଥିବା ତଦନ୍ତରୁ ଜଣାପଡ଼ିଛି। ସମ୍ପୃକ୍ତ ଗାଡ଼ି ଚାଳକଙ୍କ ବିରୋଧରେ ଫୌଜଦାରୀ ମାମଲା ଦାୟର କରାଯିବ। ସେହିପରି ଗାଡ଼ି ଚାଳକଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅପରପକ୍ଷେ ଏହି ଘଟଣାକୁ ନେଇ ଜାତୀୟ ମାନବାଧିକାର କମିସନରେ ମାମଲା ରୁଜୁ ହୋଇଛି। ୬ ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦକୁ ୩୦ ଲକ୍ଷ ଟଙ୍କା ଓ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ୫୦ଜଣଙ୍କୁ ଉନ୍ନତ ମାଗଣା ଚିକିତ୍ସା ଯୋଗାଇ ଦେବା ଓ ଦଶ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦେବାକୁ ନ୍ୟାୟ ପାଇଁ ଲଢେଇ ପରିବାରର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଦାବି କରିଛନ୍ତି।

# ବିଜେପିରେ ମିଳୁନି ମହିଳାଙ୍କୁ ଗୁରୁତ୍ୱ

- ବିଜେପିର 'ନାରୀ ବନ୍ଦନ'କୁ ରାଜ୍ୟ ନେତାଙ୍କ ଉପହାସ
- ବିଧାନସଭା ପାଇଁ ୮ ପ୍ରତିଶତରୁ କମ୍ ମହିଳାଙ୍କୁ ଟିକଟ
- ଲୋକସଭା ନିର୍ବାଚନ ଲଢ଼ିବେ ମାତ୍ର ୪ ଜଣ ମହିଳା

**ଭୁବନେଶ୍ୱର, ୧୬।୪(ସମିସ):** ରାଜ୍ୟ ବିଜେପି ଏବଂ କେନ୍ଦ୍ର ବିଜେପିର କାର୍ଯ୍ୟଶୈଳୀ ସମ୍ପୂର୍ଣ୍ଣ ଅଲଗା। ନିକଟରେ ବିଜେପି ଛାଡ଼ିଥିବା ପ୍ରମୁଖ ନେତା ତଥା ଆଗଧାଡ଼ିର ନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର ଯେଉଁ ଅଭିଯୋଗ ଆଣିଛନ୍ତି ତାହା ସମ୍ପୂର୍ଣ୍ଣ ସତ୍ୟ ବୋଲି ପ୍ରମାଣିତ ହୋଇଛି। ନାରୀଶକ୍ତି ବନ୍ଦନ ଅଧିନିୟମ ଅଧିନରେ ସଂସଦ ଓ ରାଜ୍ୟ ବିଧାନସଭାରେ ୩୩ ପ୍ରତିଶତ ମହିଳାଙ୍କୁ ସଂରକ୍ଷଣ ଦେବା ପାଇଁ ନିକଟରେ କେନ୍ଦ୍ରରେ ବିଜେପି ସରକାର ବ୍ୟବସ୍ଥା କରିଛନ୍ତି। ଦଳର ଜାତୀୟ ନେତାମାନେ ମହିଳା ସମ୍ମାନ, ବେଟି ବଚାଓ, ବେଟି ପଢ଼ାଓର ଆହ୍ୱାନ ଦେଇ ଆସୁଛନ୍ତି। ମାତ୍ର ରାଜ୍ୟ ବିଜେପି ନେତୃତ୍ୱ ଉପରେ ଏହି ଅଭିଯାନର କାଣିଚାଏ ପ୍ରଭାବ ପଡ଼ିନଥିବା ଅନୁଭବ ହେଉଛି। ବିଜେପି ଏଯାବତ୍ ୧୩୧ ବିଧାନସଭା ଏବଂ ସମସ୍ତ ୨୧ ଲୋକକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଛି। ମାତ୍ର ଦଳ ବିଧାନସଭାରେ ୮ ପ୍ରତିଶତରୁ କମ୍ ମହିଳାଙ୍କୁ ଟିକଟ ଦେଇଥିବା ବେଳେ ୨୧ ଲୋକସଭା ଆସନରେ ୪ ଜଣ ମହିଳାଙ୍କୁ ପ୍ରାର୍ଥୀ କରିଛି।

ବିଧାନସଭା ପାଇଁ ରାଜ୍ୟ ବିଜେପି ପକ୍ଷରୁ ଘୋଷିତ ପ୍ରାର୍ଥୀଙ୍କ ମଧ୍ୟରେ ମାତ୍ର ୧୦ ଜଣ ମହିଳା ଅଛନ୍ତି। ଯାହା ଘୋଷିତ ଆସନ ସଂଖ୍ୟାର ମାତ୍ର ୭.୬୩ ପ୍ରତିଶତ। ସେହିପରି ଦଳ ସମସ୍ତ ୨୧ ଲୋକସଭା ପାଇଁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ମାତ୍ର ୧୯ ପ୍ରତିଶତ ମହିଳାଙ୍କୁ ଟିକଟ ପ୍ରଦାନ କରିଛି। ମହିଳାଙ୍କୁ ଏତେ କମ୍ ଆସନରେ ଟିକଟ ପ୍ରଦାନକୁ ନେଇ ସାଧାରଣରେ ଭ୍ରୁକୁଞ୍ଚନ ସୃଷ୍ଟି ହୋଇଛି। ଦଳରେ ମହିଳାଙ୍କ ଭାଗିଦାରୀ ବୃଦ୍ଧି ପାଇଁ ରାଜ୍ୟ ନେତୃତ୍ୱ ସେପରି କିଛି ପଦକ୍ଷେପ ନେଇନାହାନ୍ତି। ଯାହାଫଳରେ ଦଳରେ ମହିଳା ସଂଗଠକ ଏବଂ ନେତ୍ରୀଙ୍କ ସଂଖ୍ୟା ସେତେ ଉତ୍ସାହଜନକ ହୋଇପାରି ନାହିଁ। ସେହିପରି ଯେଉଁ ମହିଳା ଦଳରେ ଦୀର୍ଘବର୍ଷ ଧରି କାମ କରି ଆସୁଛନ୍ତି, ସେମାନଙ୍କୁ ଉଚିତ୍ ନ୍ୟାୟ ଏବଂ ସମ୍ମାନ ମିଳୁନାହିଁ। ଯାହାଫଳରେ ସେମାନେ ନିରାଶ ହୋଇ ଦଳ ଛାଡୁଛନ୍ତି। ଅପରପକ୍ଷେ ଆଉ ଗୋଟିଏ ମହଲ ରାଜ୍ୟ ବିଜେପି ମହିଳା ସଶକ୍ତିକରଣର ସପକ୍ଷବାଦୀ ନୁହେଁ ବୋଲି ସିଧାସଳଖ ଆରୋପ ଲଗାଇଛନ୍ତି।

ପକ୍ଷାନ୍ତରେ ଶାସକ ବିଜୁ ଜନତା ଦଳ କିନ୍ତୁ ମହିଳା ଭାଗିଦାରୀକୁ ନେଇ ନିଜର ପ୍ରତିବଦ୍ଧତା ଲଗାତାର ପ୍ରଦର୍ଶନ କରିଆସୁଛି। ଗତ ୨୦୧୯ ଲୋକସଭା ନିର୍ବାଚନରେ ମୁଖ୍ୟମନ୍ତ୍ରୀ ୩୩ ପ୍ରତିଶତ ମହିଳାଙ୍କୁ ଟିକଟ ଦେଇ ଉଦାହରଣ ସୃଷ୍ଟି କରିଥିଲେ। ଆସନ୍ତା ବିଧାନସଭା ଏବଂ ଲୋକସଭା ପାଇଁ ଦଳର ପ୍ରାର୍ଥୀ ଘୋଷଣା ଚାଲିଥିବା ବେଳେ ବିଜେଡିରେ ସମାନ ଟ୍ରେଣ୍ଡ ଜାରି ରହିଛି। ଆଜିକୁ ମିଶାଇ ଦଳ ପକ୍ଷରୁ ଏଯାବତ୍ ୧୧୭ ବିଧାନସଭା ଏବଂ ସମସ୍ତ ୨୧ ଲୋକସଭା ପାଇଁ ପ୍ରାର୍ଥୀ ଘୋଷଣା ସରିଛି। ଏଥିରୁ ବିଧାନସଭା ପାଇଁ ମୁଖ୍ୟମନ୍ତ୍ରୀ ୨୨ ଏବଂ ଲୋକସଭାରେ ୭ ଜଣ ମହିଳାଙ୍କୁ ପ୍ରାର୍ଥୀ କରି ସାରିଛନ୍ତି। ମହିଳା ସଶକ୍ତିକରଣ ପ୍ରତି ପ୍ରତିବଦ୍ଧତାକୁ ପୂରଣ କରିବାକୁ ଯାଇ ମୁଖ୍ୟମନ୍ତ୍ରୀ ଲୋକସଭାରେ ୩୩ ପ୍ରତିଶତ ଅର୍ଥାତ୍ ୭ ଜଣ ମହିଳା ପ୍ରାର୍ଥୀଙ୍କୁ ଟିକଟ ପ୍ରଦାନ କରିଛନ୍ତି। ସେହିପରି ବିଧାନସଭାରେ ଏଯାବତ୍ ପ୍ରାୟ ୧୯ ପ୍ରତିଶତ ମହିଳାଙ୍କୁ ଟିକଟ ପ୍ରଦାନ କରାଯାଇ ସାରିଛି।

**'ବିଏସ୍‌କେୱାଇ'କୁ ବନ୍ଦ କରିବାକୁ ଧର୍ମେନ୍ଦ୍ରଙ୍କ ଷଡ଼ଯନ୍ତ୍ରକୁ ବିଜେଡିର କଡ଼ା ଜବାବ**

# ଓଡ଼ିଶାବାସୀଙ୍କୁ ମାଗଣା ଚିକିତ୍ସା ମିଳିଲେ କେନ୍ଦ୍ରମନ୍ତ୍ରୀଙ୍କୁ କାହିଁକି ବାଧୁଛି

**ଭୁବନେଶ୍ୱର,୧୬।୪(ସମିସ):** ବିଏସ୍‌କେୱାଇ କେବଳ ଏକ ସ୍ୱାସ୍ଥ୍ୟ କାର୍ଡ ନୁହେଁ, ଗରିବ ଲୋକଙ୍କ ଆତ୍ମବିଶ୍ୱାସର ଓ ସଶକ୍ତିକରଣର ପ୍ରତୀକ। ବିଏସ୍‌କେୱାଇ କାର୍ଡ ଓଡ଼ିଶାବାସୀଙ୍କୁ ଏହି ଗ୍ୟାରେଣ୍ଟି ଦେଇଛି ଯେ ସେମାନେ ରୋଗରେ ପୀଡିତ ହେଲେ ସେମାନଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିବ ନାହିଁ। ବିଏସ୍‌କେୱାଇ ବିନା ମୂଲ୍ୟରେ ସେମାନଙ୍କୁ ସର୍ବୋତ୍ତମ ସ୍ୱାସ୍ଥ୍ୟ ସେବାର ଆଶ୍ୱାସନା ଦେଇଛି। କିନ୍ତୁ ଘୋର ପରିତାପର ବିଷୟ ଓଡ଼ିଶା ଲୋକଙ୍କ ସ୍ୱାସ୍ଥ୍ୟ ସଞ୍ଜୀବନୀ ବୋଲାଉଥିବା ବିଏସ୍‌କେୱାଇ ଯୋଜନାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ହୀନ ରାଜନୀତି କରୁଛନ୍ତି ଓ ଏହି ଯୋଜନାକୁ ବନ୍ଦ କରବାକୁ ବିଧିବଦ୍ଧ ଷଡ଼ଯନ୍ତ୍ର କରୁଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ଏପରି କାର୍ଯ୍ୟକୁ ତୀବ୍ର ନିନ୍ଦା କରିବା ସହ ସତ୍ ସାହସ ଥିଲେ ଶ୍ରୀ ପ୍ରଧାନ ଏହାକୁ ଦଳରନ ନିର୍ବାଚନୀ ଇସ୍ତାହାରରେ ଉଲ୍ଲେଖ କରନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ତଥା ରାଜ୍ୟସଭା ସାଂସଦ ଡ଼. ସସ୍ମିତ ପାତ୍ର। ଏହା ସହିତ ବିଏସ୍‌କେୱାଇ ପ୍ରତି କେନ୍ଦ୍ରମନ୍ତ୍ରୀଙ୍କ ବିଦ୍ୱେଷ କାହିଁକି ବୋଲି ଉଲ୍ଲେଖ କରି ଯଦି ଓଡ଼ିଶାବାସୀ ବିଏସକେୱାଇ ସ୍ୱାସ୍ଥ୍ୟ କାର୍ଡରୁ ଉପକୃତ ହେଉଛନ୍ତି, ତେବେ କେନ୍ଦ୍ରମନ୍ତ୍ରୀଙ୍କୁ କାହିଁକି କଷ୍ଟ ହେଉଛି ବୋଲି ଡକ୍ଟର ପାତ୍ର ପ୍ରଶ୍ନ କରିଛନ୍ତି।

ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଡ଼ ପାତ୍ର କହିଛନ୍ତି ଯେ ବିଏସ୍‌କେୱାଇ ହେଉଛି ଦେଶର ସର୍ବଶ୍ରେଷ୍ଠ ସ୍ୱାସ୍ଥ୍ୟ ଯୋଜନା। ସରକାରୀ ଡାକ୍ତରଖାନାରେ ବିନା ମୂଲ୍ୟରେ ଅସୀମିତ ସ୍ୱାସ୍ଥ୍ୟ ସେବାର ଗ୍ୟାରେଣ୍ଟି ହେଉଛି ବିଏସ୍‌କେୱାଇ ସ୍ମାର୍ଟ କାର୍ଡ। ରାଜ୍ୟ ଓ ଦେଶର ବଡ଼ ବଡ଼ କର୍ପୋରେଟ୍ ହସ୍ପିଟାଲରେ ମହିଳାଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଏବଂ ପୁରୁଷଙ୍କ ପାଇଁ ୫ ଲକ୍ଷ ଟଙ୍କାର ଚିକିତ୍ସା ସୁନିଶ୍ଚିତ କରାଯାଇଛି। ଏଭଳି ଏକ ଜନପ୍ରିୟ ଯୋଜନାକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜନୀତି କରିବା କ୍ଷୋଭର ବିଷୟ। ବିଏସ୍‌କେୱାଇ ପାଇଁ ଓଡ଼ିଶାରେ ୬୫୨ଟି ଡାକ୍ତରଖାନା ଏବଂ ୧୬ଟି ରାଜ୍ୟରେ ୧୬୪ଟି ପ୍ରମୁଖ ଡାକ୍ତରଖାନା ତାଲିକାଭୁକ୍ତ ହୋଇଛନ୍ତି ଏବଂ ଏହି ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇ ଚାଲିଛି। ଗତ ବର୍ଷକ ମଧ୍ୟରେ ଓଡ଼ିଶାରେ ୩୬ ଲକ୍ଷରୁ ଅଧିକ



ରୋଗୀ ଚିକିତ୍ସିତ ହୋଇଛନ୍ତି। ବିଏସ୍‌କେୱାଇ ଯୋଗୁଁ ଓଡ଼ିଶା ଲୋକଙ୍କର ଗୋଟିଏ ବର୍ଷରେ ୩୦୦୦ କୋଟିରୁ ଅଧିକ ଟଙ୍କା ସଞ୍ଚୟ ହୋଇପାରିଛି ଯାହାକୁ ସେମାନେ ନିଜର ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ବ୍ୟବହାର କରିପାରିବେ। ଗତ ବର୍ଷକ ଭିତରେ ବିଏସକେୱାଇ ମାଧ୍ୟମରେ ଦେଶର ବିଭିନ୍ନ ରାଜ୍ୟରେ ପ୍ରାୟ ଦେଢ଼ ଲକ୍ଷ ଲୋକଙ୍କୁ ଓଡ଼ିଶା ବାହାରେ ଚିକିତ୍ସା କରାଯାଇଛି। ବିଏସକେୱାଇ କାରଣରୁ ସେମାନେ ଗତ ଏକ ବର୍ଷ ମଧ୍ୟରେ ପ୍ରାୟ ରାଜ୍ୟ ବାହାରେ ଚିକିତ୍ସା କରି ୩୮୫ କୋଟି ଟଙ୍କା ସଞ୍ଚୟ କରିପାରିଛନ୍ତି। କିନ୍ତୁ ଓଡ଼ିଶା ବିଜେପିର ନେତା, ବିଧାୟକ ଏବଂ ବିଶେଷ କରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏହି କାର୍ଯ୍ୟକ୍ରମକୁ ବନ୍ଦ କରିବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି।

ଓଡ଼ିଶାରେ ବର୍ଷକୁ ପ୍ରାୟ ୩୬ ଲକ୍ଷ ରୋଗୀ ଚିକିତ୍ସିତ ହେଉଥିବା ବେଳେ ଓଡ଼ିଶା ବାହାରୁ ଦେଢ଼ ଲକ୍ଷ ରୋଗୀ ଚିକିତ୍ସିତ ହୋଇଛନ୍ତି। ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କ'ଣ ଚାହୁଁଛନ୍ତି କି, ଏହି ଲକ୍ଷ ଲକ୍ଷ ଓଡିଆମାନେ ବିଏସକେୱାଇ ସ୍ୱାସ୍ଥ୍ୟ କାର୍ଡ ଜରିଆରେ ଯେଉଁ ଚିକିତ୍ସା ସୁବିଧା ପାଉଛନ୍ତି ତାହା ନ ପାଆନ୍ତୁ ବୋଲି? ଯଦି ଶ୍ରୀ ପ୍ରଧାନ ଭାବୁଛନ୍ତି ଯେ ବିଏସକେୱାଇ ଏକ ଖରାପ କାର୍ଯ୍ୟକ୍ରମ, ତେବେ ତାଙ୍କ ଦଳର ଇସ୍ତାହାରର ବିଏସକେୱାଇ ସ୍ୱାସ୍ଥ୍ୟ କାର୍ଡକୁ ବନ୍ଦ କରିଦେବେ ବୋଲି ଉଲ୍ଲେଖ କରନ୍ତୁ ବୋଲି ଡ଼. ପାତ୍ର ଆହ୍ୱାନ ଦେଇଛନ୍ତି।

- ଲୋକଙ୍କ ଆତ୍ମବିଶ୍ୱାସର ଓ ସଶକ୍ତିକରଣର ପ୍ରତୀକ ସାଜିଛି ବିଏସ୍‌କେୱାଇ କାର୍ଡ
- ବର୍ଷକରେ ଗରିବ ଲୋକଙ୍କ ସଞ୍ଚୟ କରିଛନ୍ତି ୩ ହଜାର କୋଟିରୁ ଅଧିକ

# ଆଠଗଡ଼ରେ ବିଜେଡିର ଶକ୍ତି ପ୍ରଦର୍ଶନ

**ତିଗିରିଆ/ଆଠଗଡ଼,୧୬।୪(ସମିସ):** ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ସମ୍ମାନଜନକ ଆଠଗଡ଼ ନିର୍ବାଚନ ମଣ୍ଡଳୀରେ ଉଷ୍ମତା ସେତିକି ବଢ଼ିବାରେ ଲାଗିଛି। ନିର୍ବାଚନୀ ପ୍ରଚାରରେ ଜାତୀୟ କଂଗ୍ରେସ ଦଳ ଆବଶ୍ୟକତାଠାରୁ ଯଥେଷ୍ଟ ପଛରେ ରହି ପରିସ୍ଥିତିର ଅନୁଧ୍ୟାନ କରୁଥିବା ବେଳେ ତା ପଛକୁ ବିଜେପି ଧାଇଁଛି। ତେବେ ଆଜି

- ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା, ବିଶାଳ ବାଇକ ଶୋଭାଯାତ୍ରା
- ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବାକୁ ସଂତୃପ୍ତଙ୍କ ଆହ୍ୱାନ
- ରଣେନ୍ଦ୍ରଙ୍କ ପ୍ରଶ୍ନ ଆଚ୍ଛେଦିନ୍ ଗଲା କୁଆଡେ?

ଆଠଗଡ଼ର ୩ନଂ ଜୋନ୍‌ରେ ବିଜୁ ଜନତା ଦଳ ତାର ପ୍ରଥମ ଶକ୍ତି ପଦର୍ଶନ କରିଛି। ଚଳିତ ସାଧାରଣ ନିର୍ବାଚନ ପାଇଁ କଟକ ଲୋକସଭା ଓ ଆଠଗଡ଼ ବିଧାନସଭା ଆସନ ପାଇଁ ପ୍ରାର୍ଥିପତ୍ର ଦାଖଲ ପୂର୍ବରୁ ବିଜୁ ଜନତା ଦଳ ସମସ୍ତ ରଣନୀତି ପ୍ରସ୍ତୁତ କରିବା ସହିତ ନିର୍ବାଚନୀ ରୋଡମ୍ୟାପ ପ୍ରସ୍ତୁତ କରି ଦଳ ପକ୍ଷରୁ ଆଜିଠାରୁ ପ୍ରଚାର କାର୍ଯ୍ୟ ଜୋରଦାର ହୋଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଆଠଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୩ନଂ ଜିଲ୍ଲା ପରିଷଦ ଜୋନ୍‌ରେ କଟକ ଲୋକସଭା ଆସନ ପାଇଁ ସାଂସଦ ପ୍ରାର୍ଥୀ ହୋଇଥିବା ଡ. ସଂତୃପ୍ତ ମିଶ୍ର ଓ ଆଠଗଡ଼ ବିଧାନସଭା ଆସନ ପାଇଁ ବିଧାୟକ ଟିକେଟ ପାଇ ନିର୍ବାଚନ ଲଢୁଥିବା ଭେଟେରାନ୍ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମିଳିତ ଭାବେ



ବିଶାଳ ଶୋଭାଯାତ୍ରା ସହ ଓ ସାଧାରଣ ସଭା କରି କେନ୍ଦ୍ର ସରକାରଙ୍କୁ ଦୃଢ଼ ସମାଲୋଚନା କରିବା ସହ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ଭାବେ ମୁଖ୍ୟମନ୍ତ୍ରୀ ପଦରେ ଆସୀନ କରିବା ପାଇଁ ଜନସାଧାରଣ ଓ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ।

ଗୋପବନ୍ଧୁ ମହିଳା ମହାବିଦ୍ୟାଳୟ ନିକଟସ୍ଥ ମିନି ଷ୍ଟାଡିୟମରେ ଆୟୋଜିତ ସାଧାରଣ ସଭାରେ ଆଠଗଡ଼ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ନାଥ ରାଉତ ପୌରୋହିତ୍ୟ କରିଥିଲେ। ଏହି ସଭାରେ ଲୋକସଭା ପ୍ରାର୍ଥୀ ଶ୍ରୀ ମିଶ୍ର ଓଡ଼ିଶାରେ ଆଜି ଯେଉଁ ବିକାଶ ଘଟିଛି ଏବଂ ଯେଉଁସବୁ ନବୀକରଣ କାର୍ଯ୍ୟ ସମ୍ପନ୍ନ ହୋଇଛି ତାହା କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ତଥା ନିର୍ମଳ ଶାସନ ଦ୍ୱାରା ସମ୍ଭବ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ଓଡ଼ିଶାର ଏହି ବିକାଶ ଧାରାକୁ ଆହୁରି ତ୍ୱରାନ୍ୱିତ କରିବାକୁ ବିଜୁ ଜନତା ଦଳ ଏକମାତ୍ର ବିଶ୍ୱାସ ଯୋଗ୍ୟ ଦଳ ବୋଲି ଅଭିହତ କରିବା ସହ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଆହୁରି ଟାଣ କରିବାକୁ ନିବେଦନ କରିଥିଲେ। ସେହିପରି ବିଧାୟକ ପ୍ରାର୍ଥୀ ଶ୍ରୀ ସ୍ୱାଇଁ ନିଜର ଅଭିଭାଷଣ ଆରମ୍ଭରୁ କେନ୍ଦ୍ରଶାସିତ ବିଜେପି ସରକାରଙ୍କ ଉପରେ ବର୍ଷିବା ଆରମ୍ଭ କରିଥିଲେ। ଶ୍ରୀ ସ୍ୱାଇଁ ସିଧାସଳଖ କେନ୍ଦ୍ର ସରକାରଙ୍କ ଆଚ୍ଛେଦିନ କୁଆଡେ ଗଲା ବୋଲି ପ୍ରଶ୍ନ କରି ୨ ଲକ୍ଷ ନିଯୁକ୍ତି ପ୍ରତିଶ୍ରୁତି କେବଳ ଫମ୍ପା ଆୱାଜ ବୋଲି କହିଥିଲେ। ଦେଶରେ ଦରଦାମ ନିୟନ୍ତ୍ରଣ ବାହାରକୁ ଚାଲିଯାଉଥିବା ପ୍ରକାଶ କରି ରଣେନ୍ଦ୍ର କେନ୍ଦ୍ର ସରକାରଙ୍କୁ ଶିଳ୍ପପତିଙ୍କ ସରକାର କହି କଟାକ୍ଷ କରିଥିଲେ। କାର୍ଯ୍ୟକ୍ରମରେ ଆଠଗଡ଼ ଏନଏସି ଅଧକ୍ଷା ସସ୍ମିତା ରାଉତ, ତିଗିରିଆ ବ୍ଲକ ପୂର୍ବତନ ବ୍ଲକ ଅଧକ୍ଷ ତଥା ସେରିଫେଡର ଅଧକ୍ଷ ଭାଗିରଥି ନନ୍ଦ, ୩ନଂ ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ୧ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ଶାନ୍ତିଲତା ବେହେରା, କଟକ ଜିଲ୍ଲା ବିଜୁ ଜନତା ଦଳ ଉପସଭାପତି ନୃସିଂହ ଚରଣ ମହାପାତ୍ର, କଟକ ଜିଲ୍ଲା ବିଜେଡି ସମ୍ପାଦକ ଲଳିତେନ୍ଦୁ ସେନାପତି, ତିଗିରିଆ ବ୍ଲକ ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ସୁନିଲ ପରିଡ଼ା, ପ୍ରଦୀପ୍ତ ଦାସ ପ୍ରମୁଖ ନିଜ ନିଜର ଅଭିଭାଷଣରେ ରାଜ୍ୟ ସରକାର ନିଜ ଶାସନ କାଳ ମଧ୍ୟରେ କରିଥିବା ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇବା ସହ ଏହି ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଆଗକୁ ଚାଲୁ ରଖିବାକୁ ହେଲେ ବିଜୁ ଜନତା ଦଳ ଏକମାତ୍ର ନିର୍ଭରଯୋଗ୍ୟ ଦଳ ବୋଲି ପ୍ରକାଶ କରିଥିଲେ।

**ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ବିଜେଡି**

# ନିୟମ ଭାଙ୍ଗିବାକୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ବିଜେପି ପ୍ରାର୍ଥୀ



**ଭୁବନେଶ୍ୱର, ୧୬।୪(ସମିସ):** ପ୍ରତିଦିନ ନିର୍ବାଚନ ଆଚରଣ ବିଧି ଖୋଲାଖୋଲି ଉଲ୍ଲଂଘନ କରିବା ଏବେ ରାଜ୍ୟ ବିଜେପିର ଅଭ୍ୟାସରେ ପରିଣତ ହୋଇଛି। ଦଳର ନେତା ଓ ପ୍ରାର୍ଥୀମାନେ ନିୟମ ଭାଙ୍ଗିବାକୁ ନିଜ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଛୋଟ ଛୋଟ ପିଲାମାନଙ୍କୁ ନିର୍ବାଚନ ପ୍ରଚାର କରୁଥିବାର ସ୍ପର୍ଶକାତର ଘଟଣା ସାମ୍ନାକୁ ଆସୁଛି। ଆଜି ଟିକିଟି ନିର୍ବାଚନମଣ୍ଡଳୀରେ ଏପରି ଘଟଣାର ପୁନରାବୃତ୍ତି ଘଟିଥିବା ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି ବିଜେଡି। ଗତ ୧୩ ତାରିଖରେ ଟିକିଟି ବିଧାନସଭା ନିର୍ବାଚନ ମଣ୍ଡଳୀର ପାତିସୁନାପୁର ଗାଁରେ ବିଜେପି ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନସାମନ୍ତରାୟ ଏବଂ ତାଙ୍କ ପତ୍ନୀ ମୀନା ଦ୍ୟାନସାମନ୍ତରାୟ ନିର୍ବାଚନ ରାଲି କରିବା ସହ ରାଜ୍ୟରେ ୪୦ ଡିଗ୍ରୀ ଖରା ଜାରି ରହିଥିବା ବେଳେ ଛୋଟ ଶିଶୁମାନଙ୍କ ହାତରେ ଦଳୀୟ ପତାକା ଧରାଇ ସେମାନଙ୍କ ସହ ନିଜେ ପ୍ରାର୍ଥୀ ନାଚିଥିଲେ। ଯାହା ନିର୍ବାଚନ ଆଚରଣ ବିଧିର ଖୋଲା ଉଲ୍ଲଂଘନ ଓ ଘଟଣାର ଗମ୍ଭୀରତାକୁ ବିଚାରକୁ ନେଇ ତୁରନ୍ତ ସେମାନଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡିର ପ୍ରତିନିଧି ଦଳ ସିଇଓଙ୍କ ନିକଟରେ ଦାବି ଜଣାଇଛି।

- ଖୋର୍ଦ୍ଧା, କେନ୍ଦ୍ରାପଡ଼ା ପରେ ଏବେ ବିବାଦରେ ଟିକିଟି ବିଜେପି ନେତା
- ଆଚରଣ ବିଧି ଉଲ୍ଲଂଘନ କରିଛନ୍ତି ଟିକିଟି ବିଜେପି ବିଧାୟକ ପ୍ରାର୍ଥୀ
- ଛୋଟ ପିଲାଙ୍କୁ ନିର୍ବାଚନ ସମାବେଶ ଓ ରାଲିରେ ସାମିଲ କରିଛନ୍ତି
- ୪୦ ଡିଗ୍ରୀ ଖରାରେ ପିଲାଙ୍କ ଜୀବନ ସହ ଖେଳୁଛନ୍ତି ବିଜେପି ନେତା

ତେଣୁ ଏ ସମ୍ପର୍କରେ ତୁରନ୍ତ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦଳ ଦାବି କରିଛି। ଏହି ପ୍ରତିନିଧି ଦଳରେ ସାଂସଦ ସସ୍ମିତ ପାତ୍ର, ସୁଲତା ଦେଓ, ମୁଖପାତ୍ର ଲେଲିନ୍ ମହାନ୍ତି, ସ୍ୱର୍ଣ୍ଣପ୍ରକାଶ ମହାପାତ୍ର, ଇପ୍ସିତା ସାହୁ, ମଧୁସ୍ମିତା ନାୟକ, ପ୍ରିୟବ୍ରତ ମାଝୀ, ଓମପ୍ରକାଶ ସାହୁ, ତୁମ୍ବନାଥ ପଣ୍ଡା, ମିହିର ରାୟପ୍ରମୁଖ ସାମିଲ ଥିଲେ।

## ୨୧ ବିଧାନସଭା ଆସନ ପାଇଁ ବିଜେପିର ପ୍ରାର୍ଥୀ ତାଲିକା

| | |
|---|---|
| ରାଉରକେଲା | ଦିଲ୍ଲୀପ ରାୟ |
| ପାଟନା | ଅଖିଳ ଚନ୍ଦ୍ର ନାୟକ |
| ସାରସକଣା | ଭାଦବ ହାଁସଦା |
| ରାଇରଙ୍ଗପୁର | ଜୋଲେନ ବରଦା |
| ବାଙ୍ଗିରିପୋଷି | ସଞ୍ଜଲି ମୁର୍ମୁ |
| କରଞ୍ଜିଆ | ପଦ୍ମଚରଣ ହାଇବ୍ରୁ |
| ଝରିଗାଁ | ନରସିଂହ ଭତ୍ରା |
| ଦେବୁଗାଁ | ସୋମନାଥ ପୂଜାରୀ |
| ରାଜନଗର | ଲଳିତ ବେହେରା |
| ବାଲିକୁଦା-ଏରସମା | ସତ୍ୟ ସାରଥି ମହାନ୍ତି |
| ଜଗତସିଂହପୁର | ଅମରେନ୍ଦ୍ର ଦାସ |
| କାକଟପୁର | ବାଇଧର ମଲ୍ଲିକ |
| ରଣପୁର | ସୁରମା ପାଢ଼ୀ |
| ସାନଖେମୁଣ୍ଡି | ଉତ୍ତମ କୁମାର ପାଣିଗ୍ରାହୀ |
| ମୋହନା | ପ୍ରଶାନ୍ତ ମଲ୍ଲିକ |
| ବିଷମ କଟକ | ଜଗନ୍ନାଥ ନୁନ୍ଦ୍ରୁକା |
| ରାୟଗଡ଼ା | ବସନ୍ତ କୁମାର ଉଲ୍କାକା |
| ଲକ୍ଷ୍ମୀପୁର | କୈଳାସ କୁଲେସିକା |
| କୋଟପାଡ଼ | ରୁପୁ ଭତ୍ରା |
| ପଟାଙ୍ଗୀ | ଚୈତନ୍ୟ ନନ୍ଦିବାଲି |
| ଚିତ୍ରାକୋଣ୍ଡା | ଡମ୍ବୁରୁ ସିସା |

### ବାରବାଟୀ-କଟକ ବିଧାନସଭା କ୍ଷେତ୍ର

# ପ୍ରାର୍ଥୀ ଚୟନ ନେଇ ଅକଳରେ କଂଗ୍ରେସ, ବିଜେପିକୁ ବିଦ୍ରୋହ ଭୟ !

**କଟକ,୧୬।୪ (ସମିସ):** ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ବିଧାନସଭା କ୍ଷେତ୍ର ବାରବାଟୀ-କଟକ। ଏହି ବିଧାନସଭା ନିର୍ବାଚନମଣ୍ଡଳୀରେ ଆଗୁଆ ପ୍ରାର୍ଥୀ ଘୋଷଣା କରି ଅନ୍ୟ ଦଳଠାରୁ ଆଗରେ ରହିଛି ବିଜେଡି। ଏପରିକି ଘୋଷଣା ହେବା ଦିନଠାରୁ ହିଁ ବିଜେଡି ପ୍ରାର୍ଥୀ ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା କଟକର ପ୍ରଚାର ମଇଦାନରେ ଲମ୍ଫ ଦେଇସାରିଛନ୍ତି। ହେଲେ ଏ କ୍ଷେତ୍ରରେ ବେଶ ପଛରେ ପଡ଼ିଯାଇଛି ବିଜେପି ଓ କଂଗ୍ରେସ। କଂଗ୍ରେସ ଗୋଟିଏ ପ୍ରକାର ପ୍ରାର୍ଥୀ ଚୟନକୁ ନେଇ ଅକଳରେ ପଡ଼ିଯାଇଥିବା ବେଳେ ବିଜେପିକୁ ଏବେ ବିଦ୍ରୋହ ଚିନ୍ତା ଘାରିଛି। ଟିକଟ କଳିକୁ ଚୌଦ୍ୱାର-କଟକ ବିଧାନସଭା କ୍ଷେତ୍ରରେ ହୋଇଥିବା ଘଟଣାର ପୁନରାବୃତ୍ତି ଯେ ବାରବାଟୀ-କଟକରେ ନହେବ, ତାହା କିଏ କହିବ।

ଏବେ ବାରବାଟୀ-କଟକ ବିଧାନସଭା କ୍ଷେତ୍ର କଂଗ୍ରେସ ଦଖଲରେ ରହିଥିବା ବେଳେ ଏଠାରେ କଂଗ୍ରେସ ଦଳ ମଧ୍ୟ ପ୍ରାର୍ଥୀ ଚୟନ ନେଇ ଏକ ବିବଦମାନ ସ୍ଥିତିରେ ରହିଛି। ଏହି ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବା ଇଂ ମହମ୍ମଦ ମୋକିମଙ୍କୁ ଦଳ ଏଥର ପୁନର୍ବାର ପ୍ରାର୍ଥୀ କରିବା ନେଇ ଏକ ପ୍ରକାର ଚିନ୍ତା କରିଥିଲେ ମଧ୍ୟ ଅଦାଲତୀ ଅଙ୍କୁଶ ପାଇଁ ଦଳ ପୁଣି ପଛଘୁଞ୍ଚା ଦେଇଛି। ଓଆର୍ଏଚ୍ଡିସି ଋଣ ଦୁର୍ନୀତି ମାମଲାରେ ଭିଜିଲାନ୍ସ ଅଦାଲତଙ୍କ ଦ୍ୱାରା ୩ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ ମୋକିମଙ୍କ ଆବେଦନର ହାଇକୋର୍ଟରେ ଖାରଜ ହୋଇଥିଲା ଓ ଦଣ୍ଡାଦେଶ କାଏମ ରହିଥିଲା। ଲୋକ ପ୍ରତିନିଧି ଆଇନ ଅନୁସାରେ ଦୁଇ ବର୍ଷରୁ ଅଧିକ ଜେଲଦଣ୍ଡ ଭୋଗିଥିଲେ ଜଣେ ବିଧାୟକ କିମ୍ବା ସାଂସଦଙ୍କୁ ୬ବର୍ଷ ପାଇଁ ନିର୍ବାଚନ ଲଢ଼ିବା ମନା।



ହାଇକୋର୍ଟଙ୍କ ରାୟକୁ ମୋକିମ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିବାରୁ ନାମାଙ୍କନପତ୍ର ଦାଖଲ ଭିତରେ ଯଦି ତାଙ୍କ ସପକ୍ଷରେ ରାୟ ଆସେ, ତାହେଲେ ହୁଏତ ସେ ପ୍ରାର୍ଥୀ ହୋଇପାରନ୍ତି। ଅନ୍ୟପଟରେ ମୋକିମଙ୍କ ବଦଳରେ ତାଙ୍କ ଝିଅଙ୍କୁ କଂଗ୍ରେସ ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହେଉଛି। ଏଭଳି ସ୍ଥିତିରେ କଂଗ୍ରେସ ପ୍ରାର୍ଥୀ ଚୟନ ବିଳମ୍ବ ହେବ ବୋଲି କୁହାଯାଉଛି। ଯଦି ବିଜେପି କଥା ଦେଖାଯାଏ ତାହେଲେ ଏଠାରେ ହେବାକୁ ଥିବା ହାଇଭୋଲଟେଜ୍ ଲଢ଼େଇରେ ଦଳ ଜଣେ ନୂଆ ଚେହେରାଙ୍କୁ ପ୍ରାର୍ଥୀ କରିପାରେ ବୋଲି ଆଲୋଚନା ହେଉଛି। ସିନେ ତାରକା ସାଂସଦ ଅନୁଭବ ମହାନ୍ତି କିମ୍ବା ଅରିନ୍ଦମ ରାୟଙ୍କୁ ଦଳ ଏଠାରେ ପ୍ରାର୍ଥୀ କରିବ କି ନାହିଁ, ସେ ନେଇ ଚିନ୍ତାରେ ପଡ଼ିଛି। କାରଣ ଏହି ନିର୍ବାଚନ ମଣ୍ଡଳୀରେ ଦଳର ସଂଗଠନ କରିଆସିଥିବା ପୂର୍ବତନ ମନ୍ତ୍ରୀ ସମୀର ଦେ, ମହିଳା ନେତ୍ରୀ ସ୍ମୃତି ପଟ୍ଟନାୟକ ଓ ନଗର ସଭାପତି ଲଲାଟେନ୍ଦୁ ବଡୁ ପ୍ରମୁଖ ବିଜେପି ଟିକଟ ପାଇଁ ପ୍ରମୁଖ ଆଶାୟୀ ହୋଇଛନ୍ତି। ପ୍ରାର୍ଥୀ ଚୟନକୁ ନେଇ ଚୌଦ୍ୱାର-କଟକରେ ଯେଉଁଭଳି ତୁମୁଳକାଣ୍ଡ ଘଟିଥିଲା, ତାହାର ପୁନରାବୃତ୍ତି ବାରବାଟୀ-କଟକରେ ଯେ ନହେବ ତାହା କିଏ କହିବ।

୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ ତିନୋଟି ସାଧାରଣ ନିର୍ବାଚନରେ ଏହି ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଓ ବିଜେଡି ମଧ୍ୟରେ କଡ଼ା ଟକ୍କର୍ ହୋଇଆସିଥିବା ଦେଖିବାକୁ ମିଳିଛି। ଏପରିକି, ଏହି ଟ୍ରେଣ୍ଡ ମଧ୍ୟ ଆସନ୍ତା ୨୦୨୪ ନିର୍ବାଚନରେ ଦେଖିବାକୁ ମିଳିବ ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି। ଏ ପର୍ଯ୍ୟନ୍ତ କଂଗ୍ରେସ ଓ ବିଜେପିର ପ୍ରାର୍ଥୀ ଚୟନକୁ ନେଇ ଏବେ ବି ସସପେନ୍ସ ଜାରି ରହିଛି। ଗତ ୨୦୦୯, ୨୦୧୪ ଓ ୨୦୧୯ ତିନିଗୋଟି ନିର୍ବାଚନରେ ବିଜେପିକୁ ଏହି ବିଧାନସଭା କ୍ଷେତ୍ରରେ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ୨୦୦୯ ଓ ୨୦୧୪ରେ ବିଜେଡିର ଦେବାଶିଷ ସାମନ୍ତରାୟ ଏହି କ୍ଷେତ୍ରରୁ ଜିତି ବିଧାୟକ ହୋଇଥିଲେ। ୨୦୧୯ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଇଂ ମହମ୍ମଦ ମୋକିମ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟଙ୍କୁ ୩୮୦୦ରୁ ଅଧିକ ଭୋଟ୍ ବ୍ୟବଧାନରେ ହରାଇଥିଲେ। ଦେବାଶିଷ ରାଜ୍ୟସଭା ସଦସ୍ୟ ନିର୍ବାଚିତ ହୋଇଥିବା ବେଳେ ଜିଲ୍ଲା ବିଜେଡିର ସଭାପତି ମଧ୍ୟ ରହିଛନ୍ତି। ପ୍ରକାଶଙ୍କୁ ଏଥର ନିର୍ବାଚନ ବୈତରଣୀରେ ପାର କରାଇବାକୁ ସେ ମଧ୍ୟ ଗୋଟି ଚାଳନା କରୁଛନ୍ତି।

# ପ୍ରଚାର ବେଳେ ଜୟନାରାୟଣଙ୍କୁ ତୀବ୍ର ବିରୋଧ

**ସମ୍ବଲପୁର, ୧୬।୪(ସମିସ):** ସମ୍ବଲପୁର ବିଜେପି ବିଧାୟକ ପ୍ରାର୍ଥୀ ତଥା ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କୁ ତୀବ୍ର ବିରୋଧ। ଭୋଟ ପ୍ରଚାର ବେଳେ ସାଧାରଣ ଲୋକଙ୍କ ପ୍ରଶ୍ନରେ ଆକ୍ରାମାକ୍ରା ହୋଇଛନ୍ତି ଜୟନାରାୟଣ। ଏପରିକି ୧୦ ବର୍ଷ ହେଲା କୁଆଡ଼େ ଯାଇଥିଲ, ଏବେ କାହିଁକି ଆସିଛ ବୋଲି ପ୍ରଶ୍ନ କରିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ।

**୧୦ ବର୍ଷ କେଉଁଠି ଥିଲ, ଏବେ କାହିଁକି ଆସିଲ?**

ମହାନଗର ନିଗମ ତାଲଭଟା ପଡ଼ା ଅଞ୍ଚଳରେ ଜୟନାରାୟଣ ପ୍ରଚାର କରୁଥିବା ସମୟରେ ଲୋକଙ୍କ ପ୍ରବଳ ଆକ୍ରୋଶର ସମ୍ମୁଖୀନ ହୋଇଛନ୍ତି। ପ୍ରଶ୍ନବାଣରେ ଲୋକମାନେ ତାଙ୍କୁ ଘାଇଲା କରିଛନ୍ତି। ବିଧାୟକ ହେବା ପରେ ଲୋକଙ୍କ ସମସ୍ୟା ନ ଶୁଣିବା, ଦୀର୍ଘ ସମୟ ଧରି ନିର୍ବାଚନମଣ୍ଡଳୀରେ ପାଦ ନ ପକାଇବା ଘଟଣାକୁ ନେଇ ଲୋକଙ୍କ ପୁଞ୍ଜିଭୂତ ଅସନ୍ତୋଷ କ୍ରୋଧରେ ପରିଣତ ହୋଇଛି। ୧୦ ବର୍ଷରେ କ'ଣ କାମ



କରିଛ, ଗୋଟିଏ କାମର ଉଦାହରଣ ଦିଅ ବୋଲି ପ୍ରଶ୍ନ କରିଛନ୍ତି। ପଡ଼ାରେ ରାସ୍ତା, ଡ୍ରେନ ସମସ୍ୟା ଲାଗିରହିଥିବା ବେଳେ ବର୍ଷସାରା ଜଳ କଷ୍ଟ ଲାଗିଛି। ଆଜି ମଧ୍ୟ ପଡ଼ାରେ ପାଣି ଆସୁ ନାହିଁ। ଲୋକମାନେ ପାଣି ବିନା କେମିତି ଚଳିବେ? ରାସ୍ତା ନିର୍ମାଣ ହୋଇ ପାରିଲା ନାହିଁ। ଗତ ନିର୍ବାଚନ ସମୟରେ ପଡ଼ାରେ ସଭା ହୋଇଥିଲା। ତମେ ଆମ ପଡ଼ାର ବିକାଶ କରିବ, ଲୋକମାନଙ୍କ ସେବା କରିବ ବୋଲି ମନ୍ଦିରରେ ଶପଥ କରିଥିଲ। ମାତ୍ର ସେ ଶପଥକୁ ବି ଭୂଲିଗଲ ? କୌଣସି ପ୍ରତିଶ୍ରୁତି ପାଳନ ହେଲା ନାହିଁ। ଦିନକୁ ଦିନ ପଡ଼ାରେ ସମସ୍ୟା ଜଟିଳ ହେବାର ଲାଗିଛି। ଜନ ପ୍ରତିନିଧି ଭାବେ କ'ଣ କାମ କରିଛ? ତମର ଦାୟିତ୍ୱ କ'ଣ ରହିଛି ବୋଲି ଲୋକେ ଗୁଡେଇ ତୁଡେଇ ଘନ ଘନ ପ୍ରଶ୍ନ କରିଥିଲେ। ମହିଳା, ପୁରୁଷଙ୍କ ଏଭଳି କଠୋର ପ୍ରଶ୍ନରେ ଜୟ ଓ ତାଙ୍କ ସମର୍ଥକ ଘାଇଲା ହୋଇଯାଇଥିଲେ।

ଅନ୍ୟପକ୍ଷରେ ଜୟନାରାୟଣ ଲୋକଙ୍କ ପ୍ରଶ୍ନକୁ ସାମ୍ନା କରି ନ ପାରି ଅଯୋଧ୍ୟାରେ ରାମମନ୍ଦିର କଥା ଉଠାଇ ପଡ଼ାରେ କାମ କରିବାକୁ ଠିକାଦାର ମିଳୁନାହାନ୍ତି କହି ଖସିଯିବାକୁ ଉଦ୍ୟମ କରିଥିଲେ। ମାତ୍ର ଏଥିରେ ମହିଳାମାନେ ଆହୁରି କ୍ରୋଧାନ୍ୱିତ ହୋଇ ଆମକୁ ସୁଯୋଗ ଦିଅ ବୋଲି ଜୟଙ୍କୁ କହିଥିଲେ। ଦଳୀୟ ଦଳୀୟ କାର୍ଯ୍ୟକର୍ତ୍ତା ପଡ଼ାବାସୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ତେଣୁ ଅଧା ବୈଠକରୁ ଜୟଙ୍କୁ ଫେରିଯିବାକୁ ପଡ଼ିଥିଲା। କେବଳ ଏହି ଗୋଟିଏ ପଡ଼ା ନୁହେଁ, ଜୟନାରାୟଣ ଜୁଆଡ଼େ ଯାଇଛନ୍ତି, ସେଠାରେ ତାଙ୍କୁ ବିରୋଧ କରାଯାଉଛି। ଜନ ପ୍ରତିନିଧି ହୋଇ ଅନୁପସ୍ଥିତ ରହିବା, ପୂରା ବିକାଶ କାମ ବନ୍ଦ କରିଦେବା, ଲୋକଙ୍କୁ ଭୟଭୀତ କରିବା ଭଳି ତାଙ୍କ କାମ ଯୋଗୁଁ ଗ୍ରହଣୀୟତା ହ୍ରାସ ପାଇଛି। ଏକ ପକ୍ଷରେ ଲୋକପ୍ରିୟତା ହ୍ରାସ, ଅନ୍ୟପଟେ ବିଜେପି ଗୋଷ୍ଠୀ କନ୍ଦଳ ମଧ୍ୟ ଜୟକୁ ଅଡୁଆରେ ପକାଇଛି।

# ଲାଞ୍ଜିଗଡ଼ ଓ ନର୍ଲା ବିଧାନସଭାରୁ ବିଜେଡିରେ ସାମିଲ ହେଲେ ଶତାଧିକ ବିଜେପି ଓ କଂଗ୍ରେସ ନେତା

**ଭୁବନେଶ୍ୱର,୧୬।୪(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ଓ ନର୍ଲା ବିଧାନସଭା ନିର୍ବାଚନମଣ୍ଡଳୀର ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ମଙ୍ଗଳବାର ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଶଙ୍ଖ ଭବନରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ଧର୍ମଶାଳା ବିଧାୟକ ତଥା କଳାହାଣ୍ଡି ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟ ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ସେମାନଙ୍କୁ ଦଳରେ ସ୍ୱାଗତ କରିଛନ୍ତି। ଏହି ଅବସରରେ ବିଜେପିର ବରିଷ୍ଠ ନେତା ଚାଞ୍ଚେର ମାଝୀ, ହରିହର କୁମାର, ରାଜେନ୍ଦ୍ର ମାଳୀ, ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ତ୍ରିଲୋଚନ



ପାଣିଗ୍ରାହୀ, ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ ପରମାନନ୍ଦ ମାଝୀ, ଆଦିବାସୀ ସଂଘ ଉପସଭାପତି ଧନସିଂ ମାଝୀ, ସାଧାରଣ ସମ୍ପାଦକ ଦାଶରଥୀ ମାଝୀ, ଆଦିବାସୀ ସଂଘ ସଦସ୍ୟ ଗୌର ଚନ୍ଦ୍ର ମାଝୀ, ଯୋଗେନ୍ଦ୍ର ମାଝୀଙ୍କ ସମେତ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ ହୋଇଛନ୍ତି। ବିଜେପି ଓ କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ଲାଞ୍ଜିଗଡ଼ ଓ ନର୍ଲା ବିଧାନସଭାରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଶ୍ରୀ ବଳବନ୍ତରାୟ ଓ ଡକ୍ଟର ପାତ୍ର ପ୍ରକାଶ କରିଛନ୍ତି। ବିଜେଡିରେ ସାମିଲ ହୋଇଥିବା ନେତାମାନେ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ବିଜେଡିରେ ଯୋଗ ଦେଇଥିବା କହିଛନ୍ତି। ଏହା ସହ ମୁଖ୍ୟମନ୍ତ୍ରୀଙ୍କ ସମେତ ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଛନ୍ତି।

### ତେଲକୋଇ ବିଧାନସଭା ଆସନ

# ମାଧବଙ୍କ ଭାଗ୍ୟ ପରୀକ୍ଷା

**କେନ୍ଦୁଝର,୧୬।୪(ସମିସ):** କେନ୍ଦୁଝର ଜିଲ୍ଲାର ୬ ଗୋଟି ବିଧାନସଭା ଆସନ ମଧ୍ୟରୁ ତେଲକୋଇ ଅନ୍ୟତମ ଚର୍ଚ୍ଚିତ ଆସନ। ଅନୁସୂଚିତ ଜନଜାତି ବର୍ଗ ନିମନ୍ତେ ସଂରକ୍ଷିତ ଥିବା ଏହି ଆସନଟିକୁ ବିଜେଡି ନିଜ ଅକ୍ତିଆରରେ ରଖିଛି। ଚଳିତ ନିର୍ବାଚନରେ ଏଠାରେ ବରିଷ୍ଠ ନେତା ତଥା ବିଜେଡିର ବର୍ତ୍ତମାନର ଜିଲ୍ଲା ସଭାପତି ମାଧବ ସର୍ଦ୍ଦାରଙ୍କୁ ବିଜେଡି ଟିକଟ ଦେଇଛି। କଂଗ୍ରେସ ଏଠାରୁ ନିର୍ମଳ ଚନ୍ଦ୍ର ନାୟକଙ୍କୁ ପ୍ରାର୍ଥୀ କରିଥିବା ବେଳେ ବିଜେପି ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରିନାହିଁ।



କେନ୍ଦୁଝର ଜନଜାତି ବହୁଳ ଜିଲ୍ଲା ହୋଇଥିବା ବେଳେ ଏହି ଆସନଟିରେ ଜନଜାତି ବର୍ଗ ଲୋକଙ୍କ ଭୋଟ ନିର୍ଣ୍ଣାୟକ ହୋଇଥାଏ। ହରିଚନ୍ଦନପୁର ବ୍ଲକର ୨୫ଟି ପଞ୍ଚାୟତ, ତେଲକୋଇ ବ୍ଲକର ୨୨ ପଞ୍ଚାୟତ, ବାଂଶପାଳ ବ୍ଲକର ୧୬ଟି ପଞ୍ଚାୟତ; ସର୍ବମୋଟ ୬୩ଟି ପଞ୍ଚାୟତକୁ ନେଇ ତେଲକୋଇ ନିର୍ବାଚନମଣ୍ଡଳୀ ଗଠିତ। ଏହି ନିର୍ବାଚନମଣ୍ଡଳୀରେ ୧,୧୭,୯୩୨ଜଣ ପୁରୁଷ, ୧, ୨୦, ୪୮୬ ଜଣ ମହିଳା, ୮ଜଣ ଅନ୍ୟାନ୍ୟ ଭୋଟରଙ୍କ ସହିତ ମୋଟ ୨, ୩୮, ୪୨୬ ଜଣ ଭୋଟର ୩୨୧ଟି ବୁଥରେ ସେମାନଙ୍କର ମତସାବ୍ୟସ୍ତ କରିବାକୁ ଯାଉଛନ୍ତି। ଗତ ୨୦୧୪ ନିର୍ବାଚନରେ ୩୯.୭୨ ପ୍ରତିଶତ ଭୋଟ ସହିତ ମୋଟ ୬୬, ୬୭୫ ଖଣ୍ଡ ଭୋଟ ପାଇ ବିଜୁ ଜନତା ଦଳର ପ୍ରାର୍ଥୀ ବେଦବ୍ୟାସ ନାୟକ କଂଗ୍ରେସର ତତ୍କାଳୀନ ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁଙ୍କୁ ୧୩, ୯୬୪ ଭୋଟ ବ୍ୟବଧାନରେ ଏଠାରେ ପରାସ୍ତ କରିଥିଲେ। ଧନୁର୍ଜୟ ୫୨, ୭୨୧ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେପି ପ୍ରାର୍ଥୀ କୈଳାଶ ଚନ୍ଦ୍ର ନାଏକ ୨୧,୦୧୮ ଭୋଟ ପାଇଥିଲେ। ୨୦୧୯ ନିର୍ବାଚନରେ ତେଲକୋଇ ଆସନ ପୁଣି ବିଜେଡି ହାତକୁ ଯାଇଥିଲା। ଦଳ ପ୍ରାର୍ଥୀ ପ୍ରେମାନନ୍ଦ ନାଏକ ୭୪, ୧୪୮ ଖଣ୍ଡ ଭୋଟ ପାଇଥିବା ବେଳେ କଂଗ୍ରେସରୁ ଆସି ବିଜେପି ପ୍ରାର୍ଥୀ ହୋଇଥିବା ଧନୁର୍ଜୟ ସିଦ୍ଧୁ ୬୮, ୨୨୮ ଖଣ୍ଡ ଭୋଟ ପାଇଥିଲେ। ମାତ୍ର ୫୯୨୦ ଭୋଟରେ ବ୍ୟବଧାନରେ ବିଜେପି ହାରିଯାଇଥିଲା। କଂଗ୍ରେସର ଦଳୀୟ ପ୍ରାର୍ଥୀ ପ୍ରଶାନ୍ତ କୁମାର ଦଳାଇ ୨୩, ୫୦୮ ଖଣ୍ଡ ଭୋଟ ହାତେଇଥିଲେ। ସେହିପରି ୨୦୦୦, ୨୦୦୪, ୨୦୦୯ରେ ମଧ୍ୟ ବିଜେଡି କବ୍‌ଜାରେ ଥିବା ଏହି ଆସନ।

ଗତଥର ବିଜେଡି ଟିକଟରେ ଏଠାରୁ ଜିତିଥିବା ପ୍ରେମାନନ୍ଦ ମନ୍ତ୍ରୀ ହୋଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ମନ୍ତ୍ରୀ ପଦବୀରୁ ହଟାଯାଇଥିଲା। ଏଥର ଦଳ ନୂଆ ମୁହଁ ଖୋଜୁଥିବା ଜାଣି ପ୍ରେମାନନ୍ଦ ବିଜେପି ଡଙ୍ଗାକୁ ଡେଇଁଛନ୍ତି। କିନ୍ତୁ ତାଙ୍କୁ ବିଜେପି ପ୍ରାର୍ଥୀ କରିବ କି ନାହିଁ, ତାହା ସ୍ପଷ୍ଟ ହୋଇପାରିନି। ଗତଥର କେନ୍ଦୁଝର ସଦରରୁ ବିଜେଡିର ପ୍ରାର୍ଥୀ ହୋଇଥିବା ମାଧବ ସର୍ଦ୍ଦାର ମାତ୍ର ୧୧୧୪ ଖଣ୍ଡ ଭୋଟରେ ବିଜେପି ପ୍ରାର୍ଥୀଙ୍କଠାରୁ ପରାଜିତ ହୋଇଥିଲେ। ପୂର୍ବରୁ ୧୯୯୬ରେ ମାଧବ କେନ୍ଦୁଝରରୁ ସାଂସଦ ହୋଇଥିଲେ। ୨୦୧୪ରେ ସେ କଂଗ୍ରେସରୁ ଲୋକସଭା ପ୍ରାର୍ଥୀ ହୋଇଥିବା ବେଳେ ତେଲକୋଇ କ୍ଷେତ୍ରରେ ତାଙ୍କର ସମର୍ଥନ ରହିଛି। ତେଣୁ ଏଥର ତେଲକୋଇ ଭଳି ଆସନରେ ମାଧବଙ୍କୁ ପ୍ରାର୍ଥୀ କରି ବିଜେଡି ମାଷ୍ଟରଷ୍ଟ୍ରୋକ୍ ଖେଳିଛି। କଂଗ୍ରେସର ନୂଆ ପ୍ରାର୍ଥୀ ଓ ବିଜେପିର ଦଳଡିଆଁଙ୍କୁ ଭରସା କରିଥିବା ବେଳେ ବିଜେଡି ପ୍ରାର୍ଥୀଙ୍କ ପାଇଁ ବିଜୟ ରାସ୍ତା ସୁଗମ କରୁଥିବା ତେଲକୋଇର ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

### ମାଲକାନଗିରି ନିର୍ବାଚନମଣ୍ଡଳୀ

# ବିଜେପି ବିଧାୟକଙ୍କ ସ୍ଥାଣୁତା ବିଜେଡି ପାଇଁ ବଳ

**ମାଲକାନଗିରି,୧୬।୪(ସମିସ):** ମାଲକାନଗିରି ଜିଲ୍ଲାରେ ଥିବା ମାଲକାନଗିରି ବିଧାନସଭା ନିର୍ବାଚନ ମଣ୍ଡଳୀରେ ତିନି ପ୍ରମୁଖ ଦଳ ବିଜେଡି, କଂଗ୍ରେସ, ବିଜେପିର ବିଧାୟକ ପ୍ରାର୍ଥୀ ତାଲିକା ଘୋଷଣା ହେବା ପରେ ପ୍ରାର୍ଥୀମାନେ ନିଜ ନିଜର ଦଳୀୟ ସମର୍ଥକଙ୍କୁ ଧରି ପ୍ରଚାରକୁ





ଜୋରଦାର କରିଛନ୍ତି। ଏହି ଆସନରେ ବିଜେଡି ତରଫରୁ ମାନସ ମାଡ଼କାମି, କଂଗ୍ରେସରୁ ମାଲା ମାଢ଼ି ଓ ବିଜେପିରୁ ନରସିଂହ ମାଡ଼କାମିଙ୍କୁ ଟିକଟ ପ୍ରଦାନ କରାଯାଇଛି। ବିଜେଡି ଗତ ୬ମାସ ପୂର୍ବରୁ ଜିଲ୍ଲାର ଉଭୟ ଚିତ୍ରକୋଣ୍ଡା ଓ ମାଲକାନଗିରି ନିର୍ବାଚନ ମଣ୍ଡଳୀରେ ପ୍ରଚାର ଜାରି ରଖିଥିବା ବେଳେ ଏବେ ମାନସ ମାଡ଼କାମି ପ୍ରଚାରକୁ ଆହୁରି ଅଧିକ ଜୋରଦାର କରି ଭୋଟରଙ୍କ ନିକଟତର ହେଉଥିବା ଦେଖିବାକୁ ମିଳିଛି। ହେଲେ ବିଜେପି ଓ କଂଗ୍ରେସ ପକ୍ଷରୁ ଏପର୍ଯ୍ୟନ୍ତ ସେଭଳି ପ୍ରଚାର ଭୋଟର୍ ଦେଖିବାକୁ ପାଇନାହାନ୍ତି।

ଗତ ନିର୍ବାଚନରେ ଏଠାରୁ ବିଜେପି ପ୍ରାର୍ଥୀ ଆଦିତ୍ୟ ମାଢ଼ି ବିଧାୟକ ଭାବେ ବିଜୟ ଲାଭ କରିଥିଲେ। କିନ୍ତୁ ଗତ ୫ ବର୍ଷ ମଧ୍ୟରେ ଅଞ୍ଚଳରେ ସେମିତି କିଛି ଆଖିଦୃଶିଆ ବିକାଶ କାର୍ଯ୍ୟ କରି ନ ଥିବାରୁ ଏବଂ ଜନମାନସରୁ ଦୂରେଇ ରହିଥିବାରୁ ତାଙ୍କୁ ନେଇ ଭୋଟର୍‌ଙ୍କ ମଧ୍ୟରେ ଏକପ୍ରକାର ଅସନ୍ତୋଷ ରହିଛି ବୋଲି ଆଲୋଚନା ହେଉଛି। ତେଣୁ ଏହାକୁ ଆୟୁଧ କରି ବିଜେଡି ପ୍ରାର୍ଥୀ ଶ୍ରୀ ମାଡ଼କାମି ଏବେ ଲୋକଙ୍କ ପାଖକୁ ଯାଉଥିବା ଜଣାଯାଇଛି। ବିଜେପି ବିଧାୟକଙ୍କ ସ୍ଥାଣୁତା ପାଇଁ ଭୋଟର୍ ମଧ୍ୟ ବିଜେଡିମୁହାଁ ହେଉଛନ୍ତି ବୋଲି ରାଜନୈତିକ ବିଶାରଦମାନେ କହୁଛନ୍ତି। ସେମାନଙ୍କ ଯୁକ୍ତି ହେଲା, ବିଗତ ପଞ୍ଚାୟତ ନିର୍ବାଚନର ଫଳାଫଳରେ ଏହାର ଉଦାହରଣ ଦେଖିବାକୁ ମିଳିସାରିଛି। ବିଜେଡି ସମର୍ଥିତ ପ୍ରାର୍ଥୀମାନେ ଗତ ପଞ୍ଚାୟତ ନିର୍ବାଚନରେ ବିପୁଳ ସଂଖ୍ୟାରେ ବିଜୟ ଲାଭ କରି ଜିଲ୍ଲା ପରିଷଦ ଆସନକୁ ମଧ୍ୟ ହାତେଇଥିଲେ। ଏହା ବିଜୁ ଜନତା ଦଳକୁ ଅଧିକ ବଳ ଯୋଗାଇଥିବା ସହ ଦଳୀୟ ପ୍ରାର୍ଥୀ ମାନସ ମାଡ଼କାମିଙ୍କ ଲୋକସମ୍ପର୍କ ମଧ୍ୟ ଦଳ ପାଇଁ ଅଧିକ ଲାଭଦାୟକ ହେବ ବୋଲି କୁହାଯାଉଛି। ଏହି ସବୁ କାରଣ ପାଇଁ ଏହି ଆସନରେ ବିଜେଡି ଦୁଇ ପାଦ ଆଗରେ ରହିଛି ବୋଲି କୁହାଯାଉଛି।

କଂଗ୍ରେସର ମାଲା ମାଢ଼ି ବିଭିନ୍ନ ଅଞ୍ଚଳକୁ ଯାଇ ପ୍ରଚାର କରୁଥିବା ବେଳେ କେନ୍ଦ୍ରର ଦୁର୍ବଳ ନେତୃତ୍ୱର ପ୍ରଭାବ ଯୋଗୁଁ ଲୋକଙ୍କ ମଧ୍ୟରେ ସେ ସେତେ ଗ୍ରହଣୀୟ ହୋଇପାରୁନଥିବା ରାଜନୈତିକ ସମୀକ୍ଷକମାନଙ୍କ ମତ। ଅପରପକ୍ଷେ, କିଛି ଦିନ ମଧ୍ୟରେ ଦଳର ବହୁ ବରିଷ୍ଠ ନେତା ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଥିବାରୁ ଏହା ଦଳୀୟ ସଂଗଠନକୁ ଦୁର୍ବଳ କରିଛି। ସମାନ ରୂପେ ବିଜେପି ପ୍ରଚାର ସେତେଟା ଆଗେଇ ନଥିବା ବେଳେ ଦଳ ପକ୍ଷରୁ ନୂଆମୁହଁ ଭାବେ ନରସିଂହ ମାଡ଼କାମୀଙ୍କୁ ଟିକଟ ଦିଆଯାଇଛି। ବିଜେପିରେ ଥିବା ଅନ୍ୟ ଆଶାୟୀମାନେ ଏନେଇ ଅସନ୍ତୁଷ୍ଟ ଥିବା ଆଲୋଚନା ହେଉଛି।

### ସୋରଡ଼ା ନିର୍ବାଚନ ମଣ୍ଡଳୀ

# ସ୍ୱାମୀଙ୍କ ରେକର୍ଡ ଭାଙ୍ଗିବା ଲକ୍ଷ୍ୟରେ ସ୍ତ୍ରୀ

**ବ୍ରହ୍ମପୁର,୧୬।୪(ସମିସ):** ଆସିକା ସଂସଦୀୟ କ୍ଷେତ୍ରର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନମଣ୍ଡଳୀ ହେଉଛି ସୋରଡ଼ା। ଗଞ୍ଜାମ ସୀମାରେ ଥିବା ଏହି ନିର୍ବାଚନମଣ୍ଡଳୀ ବିଗତ ଦିନରେ ରାଜ୍ୟକୁ ଦୃଢ଼ ନେତୃତ୍ୱ ଦେବାରେ ବିଶେଷ ସହାୟକ ହୋଇଛି। ଚଳିତ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀ ନୂଆ ଇତିହାସ ରଚିବାକୁ ଯାଉଛି। ସୁପ୍ତହୋ ରହିଥିବା ବିରୋଧୀ ନିର୍ବାଚନ ଆସିଲେ ଏଠାରେ ଚେଇଁ ଉଠୁଥିବା ବେଳେ ଭୋଟର ମଧ୍ୟ କଡ଼ା ଜବାବ ଦେବେ ବୋଲି ମନସ୍ଥ କରିଛନ୍ତି। ବିଜେଡି ଏଠାରୁ କ୍ରମାଗତ ବିଜୟ ହାସଲ କରୁଥିବା ବେଳେ ଏଥର ମଧ୍ୟ ବାଜିମାତ୍ କରିବାର ସମ୍ଭାବନା ରହିଛି। ୨୦୦୯ରେ ବିଜେଡି ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ୪,୦୧୧ ଭୋଟ, ୨୦୧୪ରେ ୧୬,୦୦୦ ଭୋଟ ଓ ୨୦୧୯ରେ ୧୩, ୯୯୬ ଭୋଟରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପି ପ୍ରାର୍ଥୀଙ୍କୁ ପରାସ୍ତ କରିଥିଲେ। ଏଥର ପୂର୍ଣ୍ଣଚନ୍ଦ୍ରଙ୍କ ସ୍ତ୍ରୀ ସଂଘମିତ୍ରା ସ୍ୱାଇଁ ଏଠାରୁ ପ୍ରାର୍ଥୀ ହୋଇଛନ୍ତି। ଏହି ବିଜୟ ବ୍ୟବଧାନରେ ସେ ନିଜ ସ୍ୱାମୀଙ୍କୁ ଏଥର ପଛରେ ପକାଇ ପାରନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେଡିକୁ ମିଳିଥିବା ବିପୁଳ ସଫଳତା ଏହି ରେକର୍ଡ ହାସଲରେ ତାଙ୍କୁ ସହାୟକ ହେବ ବୋଲି କୁହାଯାଉଛି।

ସୋରଡ଼ା ବ୍ଲକର ୨୬ ପଞ୍ଚାୟତ, ସୋରଡ଼ା ବିଜ୍ଞପିତ ଅଞ୍ଚଳ ପରିଷଦ, ବେଲଗୁଣ୍ଠା ବ୍ଲକର ୧୮ ପଞ୍ଚାୟତ ଓ ଏନଏସିଙ୍କୁ ନେଇ ଗଠିତ ଏହି ନିର୍ବାଚ ମଣ୍ଡଳୀରେ ସମୁଦାୟ ୨ ଲକ୍ଷ ୩୪ ହଜାର ୧୨୨ ଜଣ ଭୋଟର ରହିଛନ୍ତି। ତନ୍ମଧ୍ୟରୁ ୧ ଲକ୍ଷ ୨୨ହଜାର ୪୬୩ ଜଣ ପୁରୁଷ ଓ ୧ ଲକ୍ଷ ୧୧ ହଜାର ୬୪୩ ଜଣ ମହିଳା ରହିଛନ୍ତି।





ସେହିଭଳି ଚଳିତଥର ୪୭୬୦ ଜଣ ନୂଆ ଭୋଟର ଯୋଡ଼ି ହୋଇଥିବା ବେଳେ ପୁରୁଷ ୨୭୦୪ ଓ ମହିଳା ୨୦୫୬ଜଣ ମହିଳା ଅଛନ୍ତି। ଆସିକା ଲୋକସଭା ଅନ୍ତର୍ଗତ ଏହି ନିର୍ବାଚନମଣ୍ଡଳୀରେ ମେ' ୨୦ରେ ନିର୍ବାଚନ ହେବ। ବର୍ତ୍ତମାନ ଏଠାରେ ତିନି ପ୍ରମୁଖ ଦଳର ପ୍ରାର୍ଥୀ ଘୋଷଣା ସରିଥିବା ବେଳେ ସମସ୍ତଙ୍କ ନିର୍ବାଚନ ପ୍ରଚାର ଆରମ୍ଭ ହୋଇଯାଇଛି।

୨୦୦୯ ମସିହାରୁ ପୁନଃଗଠିତ ସୋରଡ଼ା ନିର୍ବାଚନ ମଣ୍ଡଳୀରେ ବିଜେଡି ନେତା ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ବିଧାୟକ ଭାବେ ନିର୍ବାଚିତ ହୋଇ ଆସୁଛନ୍ତି। ପ୍ରତିଟି ନିର୍ବାଚନରେ ବିଜେଡିର ଭୋଟହାର ଓ ବିଜୟ ବ୍ୟବଧାନ ବୃଦ୍ଧି ପାଉଛି। ଆସନ୍ତା ନିର୍ବାଚନରେ ମଧ୍ୟ ଏଠାରେ ବିଜୁ ଜନତା ଦଳ ପୂର୍ବାପେକ୍ଷା ଅଧିକ ଭୋଟ ପାଇବ ବୋଲି କର୍ମୀମାନେ ଆଶା ରଖିଛନ୍ତି।

ଚଳିତଥର କିନ୍ତୁ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ବିଧାୟକ ଦୌଡ଼ରେ ନଥିବା ବେଳେ ତାଙ୍କ ସ୍ତ୍ରୀ ସଂଘମିତ୍ରା ଦଳେଇଙ୍କୁ ବିଜୁ ଜନତା ଦଳ ପ୍ରାର୍ଥୀ କରିଛି। ସେହିଭଳି ବିଜେପିରୁ ନୀଳମଣି ବିଷୋୟୀଙ୍କ ଉପରେ ଦଳ ଆସ୍ଥା ପ୍ରକଟ କରିଛି। କଂଗ୍ରେସରୁ ହରିକୃଷ୍ଣ ରଥ ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହୋଇଛନ୍ତି। ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ନୀଳମଣି ବିଷୋୟୀଙ୍କ ମଧ୍ୟରେ ଏଠାରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଛି। ଚଳିତଥର ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିବ। ହେଲେ ଭୋଟର କାହାକୁ ବିଜୟ ମୁକୁଟ ପିନ୍ଧାଇବେ, ତାହା ସମୟ ହିଁ କହିବ। ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ଓ ବିଜୁ ଜନତା ଦଳର ସୁଦୃଢ଼ ସଂଗଠନ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରାଇବ ବୋଲି ବିଜେଡି ନେତାଏଁ ଆଶା ବାନ୍ଧିଛନ୍ତି। ଏଣେ ପ୍ରତିପକ୍ଷ କଡ଼ା ଟକ୍କର ଦେବାକୁ ପ୍ରସ୍ତୁତ ହେଉଛନ୍ତି। ଅନ୍ୟପକ୍ଷରେ ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜୁ ଜନତା ଦଳ ସୋରଡ଼ା ନିର୍ବାଚନ ମଣ୍ଡଳୀରେ ରେକର୍ଡ ସଂଖ୍ୟକ ଭୋଟ ପାଇବାରେ ସକ୍ଷମ ହୋଇଥିଲା। ଏହି କ୍ରମରେ ସୋରଡ଼ା ବ୍ଲକ ଓ ଏନଏସି ଏବଂ ବେଲଗୁଣ୍ଠା ବ୍ଲକ, ଏନଏସି ବିଜୁ ଜନତା ଦଳ ଦଖଲ କରିଛି। ୭ଟି ଜିଲ୍ଲା ପରିଷଦ ଜୋନ୍ ମଧ୍ୟରୁ ୬ଟିରେ ବିଜେଡି ପ୍ରାର୍ଥୀ ବାଜିମାତ କରିଛନ୍ତି। ବିଜୁ ଜନତା ଦଳର ପ୍ରାର୍ଥୀ ଓ ସମର୍ଥକମାନେ ବହୁ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ଏହି ଧାରା ଯଦି ଅବ୍ୟାହତ ରୁହେ, ତେବେ ବିଜୁ ଜନତା ଦଳ ଏଠାରେ ଚଳିତ ସାଧାରଣ ନିର୍ବାଚନରେ ମଧ୍ୟ ବହୁ ଭୋଟରେ ବିଜୟୀ ହେବ ବୋଲି ରାଜନୀତି ସମୀକ୍ଷକମାନେ ମତ ଦେଇଛନ୍ତି। ତେବେ ସ୍ୱାମୀ ପୂର୍ଣ୍ଣଚନ୍ଦ୍ରଙ୍କ ବିଜୟ ରେକର୍ଡ ଭାଙ୍ଗି ସ୍ତ୍ରୀ ଆଗକୁ ଯିବାର ଆଶଙ୍କାଙ୍କୁ ମଧ୍ୟ ଏଡ଼ାଇ ଦିଆଯାଇ ନପାରେ।

# ଚର୍ଚ୍ଚାରେ ମହିଳା ପ୍ରାର୍ଥିନୀ

**ଭୁବନେଶ୍ୱର,୧୬।୪(ସମିସ):** ବିଭିନ୍ନ କାରଣ ପାଇଁ ଓଡ଼ିଶାରେ ଚଳିତ ନିର୍ବାଚନ ଚର୍ଚ୍ଚାରେ ରହିଛି। ତେବେ ଏହି ଚର୍ଚ୍ଚା ଭିତରୁ ମହିଳା ପ୍ରାର୍ଥୀମାନେ ବାଦ୍ ପଡ଼ିନାହାନ୍ତି। ତିନି ପ୍ରମୁଖ ରାଜନୈତିକ ଦଳ ସିଂହଭାଗ ପ୍ରାର୍ଥୀ ତାଲିକା ଘୋଷଣା କରିଥିବା ବେଳେ ନିର୍ବାଚନରେ କିଛି ମହିଳା ପ୍ରାର୍ଥୀଙ୍କ ସମ୍ଭାବ୍ୟ ଫଳାଫଳକୁ ନେଇ ସମଗ୍ର ରାଜ୍ୟରେ ଉତ୍କଣ୍ଠା ଲାଗି ରହିଛି। କିଛି ଆସନରେ ମହିଳା ପ୍ରାର୍ଥୀମାନେ କଡ଼ା ମୁକାବିଲା ଦେବେ ବୋଲି ମଧ୍ୟ ଚର୍ଚ୍ଚା କିଛି କମ୍ ନାହିଁ।

ବିଜେଡି ଏକ ତୃତୀୟାଂଶ ଟିକଟ ମହିଳା ପ୍ରାର୍ଥୀଙ୍କୁ ସୁନିଶ୍ଚିତ କରିଥିବା ବେଳେ ବିଜେପି ଓ କଂଗ୍ରେସ ମଧ୍ୟ ମହିଳା କାର୍ଡ ଖେଳିବାରେ ପଛରେ ନାହାନ୍ତି। ଶାସକ ବିଜେଡି ବିରୋଧରେ ନୀତିଗତ ରାଜନୈତିକ ଲଢ଼େଇ ଲଢ଼ି ଆସୁଥିବା ଲେଖାଶ୍ରୀ ସାମନ୍ତସିଂହର ଏହି ଚର୍ଚ୍ଚାରେ ସର୍ବାଗ୍ରେ ଅଛନ୍ତି। ବିଜେଡିରୁ ବାଲେଶ୍ୱର ଲୋକସଭା ଟିକଟ ପାଇଥିବା ଲେଖାଶ୍ରୀ ବାଲେଶ୍ୱରରେ ଦୁଇ ଟାଣୁଆ ନେତାଙ୍କୁ ଟକ୍କର ଦେବେ। ଗୋଟିଏ ପଟେ ତାଙ୍କର ପୁରୁଣା ସହକର୍ମୀ ତଥା ସ୍ଥାନୀୟ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଥିବା ବେଳେ ଅନ୍ୟ ପଟେ କଂଗ୍ରେସ୍ ହେଭିୱେଟ୍ ଶ୍ରୀକାନ୍ତ ଜେନା ଅଛନ୍ତି। ସେହିପରି ଭୁବନେଶ୍ୱର ଲୋକସଭା ଆସନରୁ ବିଜେପି ପ୍ରାର୍ଥିନୀ ଅପରାଜିତା ଷଡ଼ଙ୍ଗୀଙ୍କ ସିଧାସଳଖ ମୁକାବିଲା ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟଙ୍କ ସହିତ ହେବ। ଭୁବନେଶ୍ୱର ସଂସଦୀୟ କ୍ଷେତ୍ରକୁ ନିଜ ଦଖଲକୁ ନେବା ଲାଗି ରଣନୀତି ପ୍ରସ୍ତୁତ କରିଥିବା ବିଜେଡି ଏଥର ପାଇଲଟ୍ ଚାକିରୀ ଛାଡ଼ି ସକ୍ରିୟ ରାଜନୀତିରେ ପ୍ରବେଶ କରିଥିବା ମନ୍ମଥଙ୍କ ଉପରେ ଭରସା ରଖିଛି। ଉଭୟ ଦଳ ପାଇଁ ଏହା ସମ୍ମାନର ପ୍ରଶ୍ନ ହେବ। ଏହି ସଂସଦୀୟ କ୍ଷେତ୍ରରେ ପ୍ରତିଦ୍ୱନ୍ଦିତା ପାଇଁ କଂଗ୍ରେସ୍ ନିଜ ଛାତ୍ର ଶାଖା ସଭାପତି ୟାସିର୍ ନୱାଜ୍‌ଙ୍କୁ ପ୍ରାର୍ଥୀ କରିଛି।

ଏଥର ନିର୍ବାଚନରେ ବିଜେଡିର ଦୁଇ ମହିଳା ବିଧାନସଭା ପ୍ରାର୍ଥିନୀ ମଧ୍ୟ ଚର୍ଚ୍ଚାରେ ରହିଛନ୍ତି। ପୂର୍ବତନ ମନ୍ତ୍ରୀ ନବ କିଶୋର ଦାସଙ୍କ ଝିଅ ଦୀପାଳି ଦାସ ଝାରସୁଗୁଡ଼ା ଉପ ନିର୍ବାଚନରେ ବିଜୟ ଲାଭ କରିଥିବା ବେଳେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବିଜୟ ରଞ୍ଜନ ସିଂ ବରିହାଙ୍କ ଝିଅ ବର୍ଷା ସିଂ ବରିହା ପଦ୍ମପୁର ଉପ ନିର୍ବାଚନରେ ବିଜୟ ଲାଭ କରିଥିଲେ। ଦୁଇ ଯୁବତୀ ନିଜ ପିତାଙ୍କ ମୃତ୍ୟୁ ପରେ ବିଜେଡି ଟିକଟରେ ବିଧାନସଭାକୁ ଆସିଥିଲେ। ବିଧାନସଭାରେ ସେମାନଙ୍କର କାର୍ଯ୍ୟକାଳ ସ୍ୱଳ୍ପ ସମୟ ପାଇଁ ଥିଲେ ସୁଦ୍ଧା ଇତିମଧ୍ୟରେ ସେମାନେ ରାଜନୀତିର ଜଟିଳ ଗଣିତ ବୁଝିବା ପାଇଁ ସକ୍ଷମ ହୋଇଗଲେଣି। ଉଭୟ ଝାରସୁଗୁଡ଼ା ଓ ପଦ୍ମପୁର ଉପ ନିର୍ବାଚନ ବିଜେଡି ଓ ବିଜେପି ପାଇଁ ସମ୍ମାନର ପ୍ରଶ୍ନ ଥିଲା।

ବାଲେଶ୍ୱରର ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କ ପତ୍ନୀ ସୁବାସିନୀ ଜେନା ବସ୍ତା ଆସନରୁ ବିଜେଡି ପ୍ରାର୍ଥୀ ହୋଇଛନ୍ତି। ସୁବାସିନୀ ସମ୍ପ୍ରତି ମହିଳା ବିଜେଡିର କାର୍ଯ୍ୟକାରୀ ସଭାପତି ଅଛନ୍ତି। ଏଥର ଆଉ ଜଣେ ଚର୍ଚ୍ଚିତ ମହିଳା ପ୍ରାର୍ଥୀ ହେଉଛନ୍ତି ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତଙ୍କ ବୋହୂ ଗୀତାଞ୍ଜଳି ରାଉତରାୟ। ପାରାଦ୍ୱୀପ ବିଧାୟକ ସମ୍ବିତ ରାଉତରାୟଙ୍କ ବଦଳରେ ତାଙ୍କ ପତ୍ନୀ ଗୀତାଞ୍ଜଳୀଙ୍କୁ ବିଧାନସଭା ଟିକଟ ମିଳିଛି। ସେହିପରି ୨୦୧୪ରେ କୋରାପୁଟ ସାଂସଦ ନିର୍ବାଚିତ ହୋଇଥିବା ଝିନ୍ନ ହିକକାଙ୍କ ପତ୍ନୀ କୌଶଲ୍ୟାଙ୍କ ଉପରେ ପୁଣି ଥରେ ଭରସା କରିଛି ବିଜେଡି। କୌଶଲ୍ୟା ଗତ ନିର୍ବାଚନରେ କଂଗ୍ରେସ୍‌ର ସପ୍ତଗିରି ଉଲାକାଙ୍କ ଠାରୁ ମାତ୍ର ୩୬୧୩ ଭୋଟ ବ୍ୟବଧାନରେ ପରାସ୍ତ ହୋଇଥିଲେ।

କଳାହାଣ୍ଡି ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ନର୍ଲା ବିଧାନସଭା ଆସନରେ ଏଥର ବିଜେଡି ବରିଷ୍ଠ ରାଜନେତା ଭୂପିନ୍ଦର ସିଂଙ୍କ ବଦଳରେ ମନୋରମା ମହାନ୍ତିଙ୍କୁ ପ୍ରାର୍ଥୀ କରିଛି। ଶ୍ରୀମତୀ ମହାନ୍ତି ଏବଂ ଭେଟେରାନ୍ କଂଗ୍ରେସ୍ ନେତା ଭକ୍ତ ଚରଣ ଦାସଙ୍କ ମଧ୍ୟରେ ଏଠାରେ କଡ଼ା ମୁକାବିଲା ହେବ ବୋଲି କୁହାଯାଉଛି। ନର୍ଲା ବିଜେପି ପ୍ରାର୍ଥୀ ଅନିରୁଦ୍ଧ ପ୍ରଧାନ ମଧ୍ୟ ଏଠାରେ କମ୍ ନାହାନ୍ତି। ଏକଦା କଂଗ୍ରେସ୍‌ରେ ଅଖଣ୍ଡ ଆଧିପତ୍ୟ ରଖିଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂଦେଓଙ୍କ ସମ୍ପର୍କିୟ ସୁସ୍ମିତା ସିଂଦେଓଙ୍କୁ କଂଗ୍ରେସ୍ ଢେଙ୍କାନାଳ ବିଧାୟକ ଟିକଟ ଦେଇଛି। ଏଠାରେ ତାଙ୍କର ସିଧାସଳଖ ମୁକାବିଲା ବିଜେଡି ପ୍ରାର୍ଥୀ ତଥା ସ୍ଥାନୀୟ ବିଧାୟକ ସୁଧୀର ସାମଲଙ୍କ ସହିତ ହେବ। ଅପରପକ୍ଷେ ଆଳିର ପୂର୍ବତନ ବିଧାୟକ ଡାକ୍ତର ଦେବେନ୍ଦ୍ର ଶର୍ମାଙ୍କ ଝିଅ ଡାକ୍ତର ଦେବସ୍ମିତା ଶର୍ମା କଂଗ୍ରେସ୍ ଟିକଟ ପାଇଛନ୍ତି। ଅନୁରୂପ ଭାବରେ କଂଗ୍ରେସ ସାଂସଦ ପ୍ରାର୍ଥୀ ଭୁଜବଳ ମାଝିଙ୍କ ଝିଅ ମଧ୍ୟ କଂଗ୍ରେସର ପ୍ରାର୍ଥୀ ହୋଇଛନ୍ତି।







- ବାଲେଶ୍ୱରରୁ ପଦ୍ମପୁର, ଆଳିରୁ ଢେଙ୍କାନାଳ
- ହାର ଜିତ୍ ଉପରେ ରହିବ ସମସ୍ତଙ୍କ ନଜର
- ମହିଳା କାର୍ଡ ଖେଳିବାରେ ପଛରେ ନାହାନ୍ତି ପ୍ରମୁଖ ଦଳ

# ତିନି ଆସନରେ ତ୍ରିକୋଣୀୟ ଲଢ଼େଇ

## ଭୁବନେଶ୍ୱର ଓ ସୁନ୍ଦରଗଡ଼ରେ କଂଗ୍ରେସ ନିର୍ଣ୍ଣାୟକ

**ଭୁବନେଶ୍ୱର,୧୬।୪(ସମିସ):** ଏବେ ଉତ୍ତର ଓଡ଼ିଶାର ବାଲେଶ୍ୱର ଓ ଦକ୍ଷିଣ ଓଡ଼ିଶାର ନବରଙ୍ଗପୁର, କୋରାପୁଟ ଆସନ ଉପରେ ସମଗ୍ର ରାଜ୍ୟର ଦୃଷ୍ଟି ନିବଦ୍ଧ ରହିଛି। ରାଜ୍ୟର ୩ ଟି ଲୋକସଭା ଆସନରେ ହେବ ତ୍ରିକୋଣୀୟ ଲଢ଼େଇ। ଏହି ଆସନଗୁଡ଼ିକରେ ୩ ଦଳ ଟାଣୁଆ ପ୍ରାର୍ଥୀଙ୍କୁ ମଇଦାନରେ ଛାଡ଼ିଥିବାରୁ ନିର୍ବାଚନ ରୋଚକ ହେବ ବୋଲି ଆକଳନ କରାଯାଉଛି। ଅନ୍ୟପକ୍ଷରେ ଭୁବନେଶ୍ୱର ଓ ସୁନ୍ଦରଗଡ଼ରେ ବିଜେଡି ଓ ବିଜେପି ମଧ୍ୟରେ କଡ଼ା ମୁକାବିଲା ହେବାର ସମ୍ଭାବନା ଥିବାବେଳେ କଂଗ୍ରେସ ନିର୍ଣ୍ଣାୟକ ଭୂମିକାରେ ଅବତୀର୍ଣ୍ଣ ହେବା ସମ୍ଭାବନା ରହିଛି।

୨୦୧୯ ନିର୍ବାଚନରେ ବାଲେଶ୍ୱର ଲୋକସଭା ଆସନରୁ ବିଜେପିର ପ୍ରତାପ ଷଡ଼ଙ୍ଗୀ ବିଜୟୀ ହୋଇଥିଲେ। ୨୦୨୪ରେ ଦଳ ତାଙ୍କୁ ପୁଣି ଥରେ ଏହି ଆସନରେ ପ୍ରାର୍ଥୀ କରିଛି। ତାଙ୍କ ବିରୋଧରେ ବିଜେଡି ଡଃ ଲେଖାଶ୍ରୀ ସାମନ୍ତ ସିଂହାରକୁ ମଇଦାନକୁ ଛାଡ଼ିଥିବାବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କଂଗ୍ରେସରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ୨୦୦୯ ମସିହାରୁ ୩ ଟି ଲୋକସଭା ନିର୍ବାଚନରେ ଏହି ଆସନ ଭିନ୍ନଭିନ୍ନ ସମୟରେ ୩ଟି ଦଳ ହାତକୁ ଯାଇଛି। ୨୦୦୯ ମସିହାରେ ଏଠାରୁ କଂଗ୍ରେସ ପ୍ରାର୍ଥୀ ଶ୍ରୀକାନ୍ତ ଜେନା ୩ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟ୍ ପାଇ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱିଙ୍କଠାରୁ ୩୮ ହଜାରରୁ ଊର୍ଦ୍ଧ୍ୱ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଥିଲେ। ୨୦୧୪ରେ କଂଗ୍ରେସ ପ୍ରାର୍ଥୀ ଶ୍ରୀକାନ୍ତ ଜେନା ୨ ଲକ୍ଷ ୭୭ ହଜାର ଭୋଟ୍ ପାଇ ଏଠାରେ ତୃତୀୟ ସ୍ଥାନକୁ ଖସିଥିଲେ ଓ ବିଜେପିର ପ୍ରତାପ ଷଡ଼ଙ୍ଗୀଙ୍କଠାରୁ ୧ ଲକ୍ଷ ୪୧ ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ବିଜେଡି ପ୍ରାର୍ଥୀ ରବୀନ୍ଦ୍ର ଜେନା ବିଜୟୀ ହୋଇଥିଲେ। ୨୦୧୯ ରେ ସ୍ଥିତି ବିଜେପି ଓ ବିଜେଡି ସେମାନଙ୍କ ପ୍ରାର୍ଥୀ ଅପରିବର୍ତ୍ତିତ ରଖିଥିବାବେଳେ କଂଗ୍ରେସ ଏଠାରୁ ନବଜ୍ୟୋତି ପଟ୍ଟନାୟକଙ୍କୁ ପ୍ରାର୍ଥୀ କରିଥିଲା। ତେବେ ପ୍ରତାପ ଷଡ଼ଙ୍ଗୀ ୨୦୧୯ରେ ଏଠାରୁ ବିଜୟୀ ହୋଇ ପ୍ରଥମ ଥର ସାଂସଦ ହୋଇଥିଲେ।

ସେହିପରି ନବରଙ୍ଗପୁର ଆସନରେ ଏଥରେ କଡ଼ା ଟକ୍କର ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି। ୩ ଦଳରୁ ୩ ଜଣ ହେଭିୱେଟ୍ ପ୍ରାର୍ଥୀ ରହିଛନ୍ତି। ବିଜେଡି ଦକ୍ଷିଣ ଓଡ଼ିଶାର ଟାଣୁଆ ଓ ଚର୍ଚ୍ଚିତ ଚେହେରା ପ୍ରଦୀପ ମାଝୀଙ୍କୁ ପ୍ରାର୍ଥୀ କରିଛି। ପ୍ରଦୀପ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେବା ପରେ ଏଠାରେ ଦଳର ସଂଗଠନ ଆହୁରି ମଜଭୁତ ହେବା ସହ କୋରାପୁଟ ଆସନକୁ ବଜାୟ ରଖିବାକୁ ଲକ୍ଷ୍ୟ ରଖିଛନ୍ତି। ସେହିପରି ବିଜେପି ଗତ ନିର୍ବାଚନରେ ପରାଜିତ ବଳଭଦ୍ର ମାଝୀଙ୍କ ଉପରେ ଆସ୍ଥାପ୍ରକଟ କରିଛି। ଅନ୍ୟପଟେ ନିର୍ବାଚନରେ କଂଗ୍ରେସ ଗତ ନିର୍ବାଚନରେ ଏଠାରେ ଦ୍ୱିତୀୟ ସ୍ଥାନରେ ରହିବା ସହ ମାତ୍ର ୪୧ ହଜାର ଭୋଟ୍‌ରେ ପରାସ୍ତ ହୋଇଥିଲା। ଏଥର ଦଳ ବରିଷ୍ଠ ନେତା ଭୂଜବଳ ମାଝୀଙ୍କୁ ପ୍ରାର୍ଥୀ କରିବା ସହ ନିର୍ବାଚନ ବିଜୟୀ ହେବାକୁ ଲକ୍ଷ୍ୟ ରଖିଛି। ସେହିପରି କୋରାପୁଟ ଲୋକସଭା ଆସନରେ ମଧ୍ୟ ଚଳିତ ଥର ନିର୍ବାଚନ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ୨୦୧୪ରେ ଏହି ଆସନରୁ ବିଜେଡି ପ୍ରାର୍ଥୀ ଝିନ୍ନ ହିକ୍କକା ବିଜୟୀ ହୋଇଥିବା ବେଳେ ୨୦୧୯ରେ ଏହି ଆସନରୁ କଂଗ୍ରେସ ପ୍ରାର୍ଥୀ ସପ୍ତଗିରି ଉଲ୍ଲାକା ବିଜୟୀ ହୋଇଛନ୍ତି। ଚଳିତ ନିର୍ବାଚନରେ ବିଜେଡି ଏଠାରୁ କୌଶଲ୍ୟା ହିକ୍କକାଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସରୁ ସପ୍ତିଗିରି ଆଉ ଥରେ ନିର୍ବାଚନ ଜିତି ଏଠାରୁ ସାଂସଦ ହେବାକୁ ଲକ୍ଷ୍ୟ ରଖିଛନ୍ତି। ଗତ ନିର୍ବାଚନୟରେ ବିଜେପି ଏଠାରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟ ପାଇଥିବା ବେଳେ ଏଥର କାଳିରାମ ମାଝୀଙ୍କୁ ପ୍ରାର୍ଥୀ କରିଛି।

ଏହି ୩ ଆସନ ବ୍ୟତୀତ କଂଗ୍ରେସ ପ୍ରାର୍ଥୀ ସୁନ୍ଦରଗଡ଼ ଓ ଭୁବନେଶ୍ୱର ଆସନରେ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିବେ ବୋଲି ରାଜନୈତିକ ସମୀକ୍ଷକମାନେ ମତବ୍ୟକ୍ତ କରୁଛନ୍ତି। ଭୁବନେଶ୍ୱରରେ ଶେଷ ଥର ପାଇଁ ୨୦୧୪ରେ ହାତ ଚିହ୍ନରୁ ପ୍ରାର୍ଥୀ ହୋଇଥିବା ବିଜୟ ମହାନ୍ତିଙ୍କୁ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟ୍ ମିଳିଥିବା ବେଳେ ସୁନ୍ଦରଗଡ଼ରେ ଗତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଅଢ଼େଇ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟ୍ ପାଇଥିଲେ। ତେଣୁ ଚଳିତ ନିର୍ବାଚନରେ ଏହି ଦୁଇ ଆସନରେ କଂଗ୍ରେସ ପ୍ରାର୍ଥୀଙ୍କ ଉପରେ ନଜର ରହିଛି। ଯଦି ଏହି ସଂଖ୍ୟକ ଭୋଟ୍ ସେମାନେ ପାଇବାରେ ସଫଳ ହୁଅନ୍ତି ତେବେ ୨ ଆସନରେ କଂଗ୍ରେସ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିବ ଓ ପରିଣାମ ବଦଳିବ ବୋଲି ଆକଳନ କରାଯାଉଛି।

- ବାଲେଶ୍ୱର ଆସନ ଛଡ଼ାଇ ନେବାକୁ ବିଜେଡିର ଲକ୍ଷ୍ୟ
- ଫର୍ମକୁ ଫେରି ବିଜୟୀ ହେବାକୁ ଶ୍ରୀକାନ୍ତଙ୍କ ସଜବାଜ
- କୋରାପୁଟ ଓ ନବରଙ୍ଗପୁର ଆସନରେ ସ୍ଥିତି ରୋମାଞ୍ଚକ



**ବଡ଼ସାହି ବିଧାନସଭା ଆସନ**

# ବିଜେଡିର ମହିଳା କାର୍ଡ ସାଜିପାରେ ବରଦାନ

**ବାରିପଦା,୧୬।୪(ସମିସ):** ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକର ୨୧ଟି ଓ ବେତନଟୀ ବ୍ଲକର ସମସ୍ତ ୨୪ଟି ପଞ୍ଚାୟତକୁ ନେଇ ଗଠିତ ବଡ଼ସାହି (ସଂ) ବିଧାନସଭା ନିର୍ବାଚନମଣ୍ଡଳୀ। ଏହା ବାଲେଶ୍ୱର ସଂସଦୀୟ କ୍ଷେତ୍ର ଅଧୀନରେ ରହିଛି। ଗତ ୨୦୦୯ ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ସମୟରେ ନୂତନ ଭାବେ ଗଠିତ ଏହି ନିର୍ବାଚନ ମଣ୍ଡଳୀଟି ଅନୁସୂଚିତ ଜାତି (ଏସ୍‌ସି) ପାଇଁ ସଂରକ୍ଷିତ ରହିଛି। ତେବେ ଏଠାକାର ସିଂହଭାଗ ମତଦାତା ହେଉଛନ୍ତି ଆଦିବାସୀ ଓ ସାଧାରଣ ବର୍ଗର। ଗତ ୨୦୦୯ ମସିହାରେ ଏଠାରୁ ବିଜେଡି ପ୍ରାର୍ଥୀ ମନୋରଞ୍ଜନ ସେଠୀ ତତ୍କାଳୀନ କଂଗ୍ରେସ ପ୍ରାର୍ଥୀ ଗଣେଶ୍ୱର ପାତ୍ରଙ୍କୁ ହରାଇ ବିଜୟୀ ହୋଇଥିଲେ। ତେବେ ୨୦୧୪ ନିର୍ବାଚନରେ ଗଣେଶ୍ୱର ପାତ୍ର କଂଗ୍ରେସରୁ ଇସ୍ତଫା ଦେଇ ବିଜେଡି ଟିକଟ ପାଇ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଯାମିନୀକାନ୍ତ ନାଏକଙ୍କୁ ୧୬ ହଜାର ୮୩୪ ଖଣ୍ଡ ଭୋଟରେ ପରାସ୍ତ କରି ବିଜୟ ମୁକୁଟ ପିନ୍ଧିଥିଲେ। ଗଣେଶ୍ୱର ୫୨, ୬୯୪ଖଣ୍ଡ ଭୋଟ ପାଇଥିବା ବେଳେ ଯାମିନୀକାନ୍ତ ୩୫, ୮୨୦ ଖଣ୍ଡ ଭୋଟ ପାଇଥିଲେ। ବିଜେପି ପ୍ରାର୍ଥୀ ବୃନ୍ଦାବନ ଦାସ ୧୮, ୯୬୨ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ।

୨୦୧୯ ନିର୍ବାଚନରେ ବିଜେଡି ଗଣେଶ୍ୱର ପାତ୍ରଙ୍କ ପରିବର୍ତ୍ତେ ବିଜେପିରୁ ଇସ୍ତଫା ଦେଇ ବିଜେଡିରେ ଯୋଗ ଦେଇଥିବା ବୃନ୍ଦାବନ ଦାସଙ୍କୁ ଶେଷ ମୁହୂର୍ତ୍ତରେ ଦଳ ପ୍ରାର୍ଥୀ କରି ଆସନ ହାତଛଡ଼ା କରିଥିଲା। ବିଜେପିର ନୂଆ ଚେହେରା ସନାତନ ବିଜୁଳି ବିଜୟୀ ହୋଇଥିଲେ। ସନାତନ ୬୯, ୦୭୨ଖଣ୍ଡ ଭୋଟ ପାଇଥିବା ବେଳେ ବୃନ୍ଦାବନ ୫୭, ୯୫୩ଖଣ୍ଡ ଭୋଟ ପାଇଥିଲେ। କଂଗ୍ରେସ ପ୍ରାର୍ଥୀ ଦେବଯାନୀ ବେହେରା ମାତ୍ର ୧୨ ହଜାର ୬୨୯ ଭୋଟ ପାଇଥିଲେ। ସେହିପରି ସାଂସଦ ଭାବେ ପ୍ରତାପ ଷଡ଼ଙ୍ଗୀ ଏଠାରୁ ବିଧାୟକଙ୍କ ତୁଳନାରେ ଅଧିକ ଭୋଟ ପାଇ ବିଜୟୀ ହୋଇଥିଲେ। ତେବେ ବିଜେପିର ସାଂସଦ ଓ ବିଧାୟକଙ୍କ ଲୋକସମ୍ପର୍କ ନ ରହିବାରୁ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେଡି ଅଭୂତପୂର୍ବ ସଫଳତା ପାଇଥିଲା। ନିର୍ବାଚନ ମଣ୍ଡଳୀର ସମସ୍ତ ୫ଟି ଜିଲ୍ଲାପରିଷଦ ଆସନ ପୋଛି ନେଇଥିଲା। ଏଥିସହିତ ବଡ଼ସାହି ଓ ବେତନଟୀ ବ୍ଲକର ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ଆସନ ମଧ୍ୟ ବାଜି ମାରିଥିଲା। ସେହିପରି ୪୫ଟି ପଞ୍ଚାୟତରୁ ୪୦ରୁ ଊର୍ଦ୍ଧ୍ୱ ପଞ୍ଚାୟତରେ ବିଜେଡି ସମର୍ଥକ ସରପଞ୍ଚ ଓ ସମିତିସଭ୍ୟ ବିଜୟୀ ହୋଇଛନ୍ତି। ଏହାକୁ ବିଚାରକୁ ନେଲେ ବର୍ତ୍ତମାନ ବିଜେଡି ବିଜେପି ଅପେକ୍ଷା ଭଲ ସ୍ଥିତିରେ ରହିଛି।

ଚଳିତ ନିର୍ବାଚନରେ ବିଜେଡି ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ରଙ୍କ ପତ୍ନୀ ତଥା ମହିଳା ସ୍ୱୟଂ ସହାୟିକା ନେତ୍ରୀ ଅନସୂୟା ପାତ୍ରଙ୍କୁ ଟିକଟ ଦେଇଥିବା ବେଳେ ବିଜେପି ପୁଣି ପୂର୍ବତନ ବିଧାୟକଙ୍କ ଉପରେ ଆସ୍ଥା ରଖି ପୁନର୍ବାର ଟିକଟ ଦେଇଛି। ଉଭୟ ପ୍ରାର୍ଥୀ ପ୍ରଚାର ଆରମ୍ଭ କରିଥିବା ବେଳେ କଂଗ୍ରେସ ଏଯାଏଁ ପ୍ରାର୍ଥୀ ଘୋଷଣା କରିନାହିଁ। ଯୁବନେତା କ୍ଷୀରୋଦ ପାତ୍ର ଟିକଟ ପାଇବେ ବୋଲି ଆଶା ରଖିଛନ୍ତି। ମୟୂରଭଞ୍ଜ ଜିଲ୍ଲାର ବାକି ୮ଟି ବିଧାନସଭା ଆସନ ପାଇଁ ଦଳ ଟିକଟ ଘୋଷଣା କରିଥିବା ବେଳେ ବଡ଼ସାହି ବାଦ ପଡ଼ିଛି। ଲୋକସଭା ପ୍ରାର୍ଥୀ ଭାବେ କଂଗ୍ରେସ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କୁ ପ୍ରାର୍ଥୀ କରିଥିବା ବେଳେ ବଡ଼ସାହି ନିର୍ବାଚନ ମଣ୍ଡଳୀର କଂଗ୍ରେସ ସଂଗଠନ ସହିତ ଆଲୋଚନା ପରେ ପ୍ରାର୍ଥୀ ନାମ ଘୋଷଣା ହେବ ବୋଲି ଚର୍ଚ୍ଚା ଚାଲିଛି। ତେବେ ଏଠାରେ ବିଜେଡି ଓ ବିଜେପି ମଧ୍ୟରେ ମୁକାବିଲା ହେବ। ବିଜେଡି ପ୍ରାର୍ଥିନୀ ଅନସୂୟା ନବୀନ ସରକାରଙ୍କ ବିକାଶ ବାର୍ତ୍ତା ନେଇ ଭୋଟରଙ୍କ ପାଖକୁ ଯାଉଥିବା ବେଳେ ବିଜେପି ପ୍ରାର୍ଥୀ ସନାତନ ମୋଦୀଙ୍କ ନାମରେ ଭୋଟ ମାଗୁଛନ୍ତି। ତେବେ ବିଜେଡିର ମହିଳା କାର୍ଡ ପୁଣି ବଡ଼ସାହି ଆସନ ନିଜ କବ୍‌ଜାକୁ ଆଣିବ ବୋଲି ରାଜନୈତିକ ସମୀକ୍ଷକ ଆଶା ପ୍ରକଟ କରିଛନ୍ତି।





**ଭଦ୍ରକ ବିଧାନସଭା ଆସନ**

# ପୁରୁଖା ବନାମ ନବାଗତ ଲଢ଼େଇ

## ବିଜେଡିରୁ ପ୍ରଫୁଲ୍ଲ, ବିଜେପିରୁ ସୀତାଂଶୁ ଓ କଂଗ୍ରେସର ଅସିତ ପ୍ରାର୍ଥୀ

**ଭଦ୍ରକ, ୧୬।୪ (ସମିସ):** ଭଦ୍ରକ ବିଧାନସଭା ଆସନରେ ଏବେ ଲଢେଇ ଜୋରଦାର ହେବାର ପୂର୍ବାନୁମାନ କରାଯାଉଛି। ଭଣ୍ଡାରିପୋଖରୀ ବିଧାନସଭା କ୍ଷେତ୍ରରୁ ଲଗାତାର ଭାବେ ବିଜୟୀ ହୋଇଥିବା ବରିଷ୍ଠ ତଥା ଅଭିଜ୍ଞ ବିଜେଡି ନେତା ପ୍ରଫୁଲ୍ଲ ସାମଲଙ୍କୁ ଦଳ ଏଥର ତାଙ୍କ ପୂର୍ବ ଆସନ ଭଦ୍ରକ ବିଧାନସଭା କ୍ଷେତ୍ରରୁ ପ୍ରାର୍ଥୀ କରିଛି। ତାଙ୍କ ବିପକ୍ଷରେ ଉଭୟ ବିଜେପି ଓ କଂଗ୍ରେସ ଏଥର ଦୁଇଜଣ ନବାଗତଙ୍କୁ ପ୍ରାର୍ଥୀ କରିଛି। ସାଧାରଣ ନିର୍ବାଚନରେ ଷଷ୍ଠଥର ବିଧାୟକ ହେବ ଲାଗି ବରିଷ୍ଠ ନେତା ଶ୍ରୀ ସାମଲ ନିର୍ବାଚନ ମୈଦାନରେ ଅବତୀର୍ଣ୍ଣ ହୋଇଥିବା ବେଳେ ତାଙ୍କୁ ବିଜେପିରୁ ଜଣେ ନବାଗତ ସୀତାଂଶୁ ଶେଖର ମହପାତ୍ର ଓ କଂଗ୍ରେସରୁ ବିଜେଡି ଛାଡିଥିବା ନବାଗତ ଅସିତ ପଟ୍ଟନାୟକ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପ୍ରାର୍ଥୀ ହୋଇଛନ୍ତି।

ଗତ ୨୦୧୯ ନିର୍ବାଚନରେ ବିଜେଡିରୁ ପ୍ରାର୍ଥୀ ହୋଇଥିବା ଯୁବନେତା ସଞ୍ଜୀବ କୁମାର ମଲ୍ଲିକ ସର୍ବାଧିକ ୩୩ ହଜାର ୩୮୯ଖଣ୍ଡ ଭୋଟ ବ୍ୟବଧାନରେ ବିଜେପି ପ୍ରାର୍ଥୀ ଡାକ୍ତର ପ୍ରଦୀପ ନାୟକଙ୍କୁ ପରାସ୍ତ କରିଥିଲେ। ବିଜେଡି ପ୍ରାର୍ଥୀ ସଞ୍ଜୀବ ୯୩ ହଜାର ୬୬୮ଭୋଟ ପାଇଥିବା ବେଳେ ବିଜେପି ପ୍ରାର୍ଥୀ ଡାକ୍ତର ନାୟକ ୬୦ହଜାର ୨୭୯ଖଣ୍ଡ ଭୋଟ ପାଇଥିଲେ। ସେଇଭଳି ଜାତୀୟ କଂଗ୍ରେସ ପ୍ରାର୍ଥୀ ନଳିନୀକାନ୍ତ ମହାନ୍ତି ୨୨ହଜାର ୬୩୦ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନ ଦାଖଲ କରିଥିଲେ।

ଗତ ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଯୁଗଳ କିଶୋର ପଟ୍ଟନାୟକ ୮୦ହଜାର ୫୮୨ ଖଣ୍ଡ ଭୋଟ ପାଇ କଂଗ୍ରେସ ପ୍ରାର୍ଥୀ ନରେନ ପଲେଇଙ୍କୁ ୨୩ହଜାର ୫୮୭ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ। ୨୦୦୯ ନିର୍ବଚନରେ ମଧ୍ୟ ବିଜେଡି ପ୍ରାର୍ଥୀ ଯୁଗଳ କିଶୋର ପଟ୍ଟନାୟକ ୭୫ହଜାର ୨୯୪ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ନରେନ୍ ପଲେଇଙ୍କୁ ୨୧ହଜାର ୪୨୮ ଖଣ୍ଡ ଭୋଟରେ ପରାସ୍ତ ହୋଇଥିଲେ। ତେଣୁ ବିଜେଡି ପାଇଁ ସୁରକ୍ଷିତ ଏହି ଆସନରେ ଏଥର ଅଭିଜ୍ଞ ତଥା ପୁରୁଖା ନେତା ପ୍ରଫୁଲ ସାମଲଙ୍କର ନବାଗତ ବିଜେପି ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବ ବୋଲି ପୂର୍ବାନୁମାନ କରାଯାଉଛି।

ଅନ୍ୟପକ୍ଷରେ ଭଦ୍ରକ ବିଧାନସଭା ଆସନ ପ୍ରଫୁଲ୍ଲଙ୍କ ଲାଗି ପୁରୁଣା। ପ୍ରଫୁଲ୍ଲ ତାଙ୍କ ରାଜନୈତିକ କ୍ୟାରିୟର୍ ଭଦ୍ରକ ଆସନରୁ ଆରମ୍ଭକରି୧୯୯୦ଓ୧୯୯୫ରେଲଗାତାର ଭାବେ ଦୁଇଥର ଜନତା ଦଳରୁ ବିଜୟୀ ହୋଇଥିଲେ। ସହିଭଳି ଭଣ୍ଡାରିପୋଖରୀ ଆସନରୁ କ୍ରମାଗତ ଭାବେ ୩ଥର ବିଜେଡିରୁ ବିଧାୟକ ହୋଇ ଜଣେ ପାରଙ୍ଗମ ରାଜନେତା ଭାବେ ପରିଚିତ। ଜନପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ଅନେକ ଯୁଗାନ୍ତକାରୀ, ବିକାଶମୂଳକ କାର୍ଯ୍ୟର ଚିଠାନେଇ ବିଜେଡି ପ୍ରାର୍ଥୀ ତାଙ୍କ ପ୍ରଚାର ଜୋରଦାର କରିଛନ୍ତି। ଅନ୍ୟପକ୍ଷରେ ପ୍ରଥମଥର ଲାଗି ନିର୍ବାଚନ ରାଜନୀତିରେ ପାଦ ଥୋଇଥିବା ଦୁଇ ଯୁବନେତା -ବିଜେପିର ସୀତାଂଶୁ ଶେଖର ଓ କଂଗ୍ରେସ ପ୍ରାର୍ଥୀ ଅସିତ ପଟ୍ଟନାୟକ ମଧ୍ୟ ତାଙ୍କ ପ୍ରଚାର କାର୍ଯ୍ୟ ଆରମ୍ଭ କରିଛନ୍ତି। କେନ୍ଦ୍ର ସରକାରଙ୍କ କଲ୍ୟାଣକାରୀ ଯୋଜନା, ମୋଦିଜୀଙ୍କ ହାୱାକୁ ଆୟୁଧ କରି ସୀତାଂଶୁ ପ୍ରଚାରକୁ ଓହ୍ଲାଇଥିବା ବେଳେ ବିଳମ୍ବରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ପ୍ରାକ୍ତ ନମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକଙ୍କ ପୁତ୍ର ଅସିତ ପଟ୍ଟନାୟକ ଅସନ୍ତୁଷ୍ଟଙ୍କୁ ଏକତ୍ର କରି ପ୍ରଚାର କାର୍ଯ୍ୟ ଆରମ୍ଭ କରିଛନ୍ତି। ତେବେ ଭଦ୍ରକ ପୌରପାଳିକାର ସ୍ୱାଧୀନ ପୌରାଧ୍ୟକ୍ଷା ଗୁଲମକ୍କୀ ଦଲୱାଜି ହବିବି ବିଜେଡିରେ ସାମିଲ ହେବା ପରେ ବିଜେଡି ଅଧିକ ଶକ୍ତିଶାଳୀ ହୋଇଥିବା ପରିଲକ୍ଷିତ ହୋଇଛି। ଆସନ୍ତା ନିର୍ବାଚନରେ ବିଜେଡି-ବିଜେପି ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ପୁରୁଖା ବନାମ ନବାଗତଙ୍କ ମଧ୍ୟରେ ଲଢେଇ ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଛି।







# ବ୍ରହ୍ମଗିରି କଂଗ୍ରେସ ପ୍ରାର୍ଥୀ ପରିବର୍ତ୍ତନ ଦାବି

**ପୁରୀ,୧୬।୪(ସମିସ):** ବ୍ରହ୍ମଗିରି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ପ୍ରାର୍ଥୀ ମିତ୍ରଭାନୁ ମହାପାତ୍ରଙ୍କ ପ୍ରାର୍ଥିତ୍ୱକୁ ତୀବ୍ର ବିରୋଧ କରାଯାଇଛି। ଦୀର୍ଘ ଦିନ ଧରି କଂଗ୍ରେସ ସଙ୍ଗଠନ ପାଇଁ କାର୍ଯ୍ୟ କରିଥିବା ସେଖ୍ ସଫିଉଦ୍ଦିନଙ୍କୁ ପ୍ରାର୍ଥୀ କରିବା ଦାବିରେ କଂଗ୍ରେସ କର୍ମୀମାନେ ପୁରୀ ସଦର ବୀରନରସିଂହପୁର ଛକରେ ଆନ୍ଦୋଳନ କରିଛନ୍ତି। ଅଖିଳ ଭାରତୀୟ କଂଗ୍ରେସ କମିଟି ଓ ପ୍ରଦେଶ କଂଗ୍ରେସ କମିଟି ତୁରନ୍ତ ପ୍ରାର୍ଥୀ ପରିବର୍ତ୍ତନ ନ କଲେ ବ୍ରହ୍ମଗିରି ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପୁରୀ ସଦର ବ୍ଲକ ୧୧ଟି ପଞ୍ଚାୟତର ସମସ୍ତ କାର୍ଯ୍ୟକର୍ତ୍ତା ଦଳୀୟ ପଦ ପଦବୀରୁ ଇସ୍ତଫା ଦେଇ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ସେମାନେ ଅଭିଯୋଗ ଆଣିଛନ୍ତି ଯେ, ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ଟାଣୁଆ ନେତା ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଦେହାନ୍ତ ପରେ ଯୁବ କଂଗ୍ରେସ ନେତା ସେଖ୍ ସଫିଉଦ୍ଦିନ ଦଳର ନେତୃତ୍ୱ ନେବା ସହ ଦଳ ପାଇଁ ଦିନରାତି ଏକ କରି କାମ କରୁଥିଲେ। ଜିଲ୍ଲାରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ସେ କଂଗ୍ରେସର ପ୍ରତ୍ୟେକ କାର୍ଯ୍ୟକ୍ରମରେ ଜଡ଼ିତ ରହି ଗରିବ ଲୋକଙ୍କ ଦୁଃଖ ସୁଖରେ ଛିଡା ହୋଇ କାର୍ଯ୍ୟ କରୁଥିଲେ। ୨୦୧୯ ପରେ ପୁନର୍ବାର ଏଥର ତାଙ୍କ ପ୍ରତି ଅନ୍ୟାୟ କରାଯାଇଥିବା ବ୍ଲକ କାର୍ଯ୍ୟକର୍ତ୍ତା ପ୍ରମୁଖ ଅଭିଯୋଗ କରିଛନ୍ତି।












ବିଜୟାନନ୍ଦ ପଟ୍ଟନାୟକ । ସଭିଙ୍କ ପ୍ରିୟ ବିଜୁ ବାବୁ । ସେଥିଲେ ଆଜନ୍ମ ଦୁଃସାହସୀ । ସ୍ୱପ୍ନ ଦେଖି ତାକୁ ସାକାର କରିବାରେ ସେ ଥିଲେ ଅନନ୍ୟ କାଳଜୟୀ କୃତକର୍ମା । ରାଜନୀତିରେ ତାଙ୍କ ପାଇଁ ସ୍ୱାଭିମାନ, ହକ୍ ଏବଂ ଅଧିକାର ଥିଲା ସର୍ବୋପରି । ନିର୍ବାଚନୀ କ୍ଷମତା ଥିଲା ଗୌଣ । ରାଜନୀତିରେ ଊର୍ଦ୍ଧ୍ୱରେ ରହି ଓଡ଼ିଶାର ପ୍ରଗତି ହିଁ ତାଙ୍କ ପାଇଁ ଏକାନ୍ତ କାମ୍ୟ ଥିଲା । ଏକାଧାରରେ ଦୁର୍ଦ୍ଧର୍ଷ ବୈମାନିକ, ସ୍ୱାଧୀନତା ସଂଗ୍ରାମୀ, ମହାନ ରାଜନେତା ସର୍ବୋପରି ଜଣେ କଠୋର ବ୍ୟକ୍ତିତ୍ୱ ଆଢୁଆଳରେ ଦରଦୀ ହୃଦୟର ମଣିଷଟିଏ । ଗୋଟିଏ ଜାତିପାଇଁ ଏହାଠାରୁ ବଡ଼ ପ୍ରେରଣାର ସ୍ରୋତ ଆଉ କ'ଣ ବା ହୋଇପାରେ ! ସ୍ୱାଭିମାନର ସ୍ୱାକ୍ଷର ବହନ କରୁଥିବା, ମାଟିପ୍ରେମକୁ ରାଜନୀତିର ମୂଳମନ୍ତ୍ର କରିଥିବା ଏହି ଜନନେତା ସବୁବେଳେ ଓଡ଼ିଆ ଜାତି ପାଇଁ ଚିର ନମସ୍ୟ ହୋଇ ରହିବେ ।







# ସ୍ମୃତିରେ ବିଜୁବାବୁ

## ଓଡ଼ିଶା ଇତିହାସର ଅମଳିନ ପ୍ରତିଭା

ପ୍ରଦୋଷ ପଟ୍ଟନାୟକ
ବରିଷ୍ଠ ସାମ୍ବାଦିକ, ଭୁବନେଶ୍ୱର

ଓଡ଼ିଶାର ରାଜନୀତି ଓ ସାଧାରଣ ଜୀବନରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଥିଲେ ଏକ ବିରଳ ବ୍ୟକ୍ତିତ୍ୱ । ରାଜ୍ୟର ସ୍ୱାର୍ଥ ଓ ଗରିବ ଲୋକଙ୍କ ହିତ ସାଧନ ପାଇଁ ସେ ଯେପରି ଦୃଢ଼ତା ଓ ନିର୍ଭୀକତାର ସହ ପଦକ୍ଷେପ ନେଉଥିଲେ ତାଙ୍କ ପୂର୍ବରୁ କୌଣସି ମୁଖ୍ୟମନ୍ତ୍ରୀ ସେଭଳି ଦୃଢ଼ତା ପ୍ରଦର୍ଶନ କରିଥିବାର ଦେଖାଯାଏ ନାହିଁ । ସ୍ୱାଭିମାନ ଓ ସାହସିକତାର ସେ ଥିଲେ ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ ଓ ଅନନ୍ୟ ପ୍ରତୀକ । ବିଗତ ଶତାବ୍ଦୀର ଷଷ୍ଠ ଦଶକରେ ମାତ୍ର ଅଢ଼େଇ ବର୍ଷ ମୁଖ୍ୟମନ୍ତ୍ରୀ ରହିବା ସମୟରେ ଯୁବକ ବିଜୁ ଓଡ଼ିଶାର ବିକାଶକୁ ମୂଳମନ୍ତ୍ର କରି ଯେପରି ସାହସିକ ପଦକ୍ଷେପ ନେଇ ଚାଲିଥିଲେ ଏବଂ ଜାତୀୟ ମାନଚିତ୍ରରେ ଏହାକୁ ସ୍ଥାନିତ କରିଥିଲେ, ଯାହା ତାଙ୍କୁ ଆଧୁନିକ ଓଡ଼ିଶାର ବିଶ୍ୱକର୍ମାର ପରିଚୟ ପ୍ରଦାନ କରିଥିଲା । ପାରାଦ୍ୱୀପ ବନ୍ଦର, ଏକ୍ସପ୍ରେସ୍ ରାଜପଥ, ସାର କାରଖାନା, ମିଗ୍ ବିମାନ କାରଖାନା, ଭୁବନେଶ୍ୱର ସୈନିକ ସ୍କୁଲ୍, ପାଠ୍ୟପୁସ୍ତକ ଜାତୀୟକରଣ ଆଦି ଥିଲା ପ୍ରଥମ ପାଳି ମୁଖ୍ୟମନ୍ତ୍ରିତ୍ୱରେ ଗୋଟିଏ ଗୋଟିଏ ଅକ୍ଷୟ କୀର୍ତ୍ତିସ୍ତମ୍ଭ । ତେବେ ରାଜନୈତିକ ଷଡ଼ଯନ୍ତ୍ରର ଶିକାର ହୋଇ ମୁଖ୍ୟମନ୍ତ୍ରୀ ଗାଦିରୁ ବିଦାୟ ଦେବା ପରେ ପୁଣିଥରେ ରାଜ୍ୟର ମୁଖ୍ୟମନ୍ତ୍ରୀ ପଦକୁ ଫେରିବା ପାଇଁ ତାଙ୍କୁ ଦୀର୍ଘ ୨୭ ବର୍ଷ ଲାଗିଥିଲା । ଦକ୍ଷିଣ ଆଫ୍ରିକାର ମହାନ୍ ମୁକ୍ତିଯୋଦ୍ଧା ନେଲ୍‌ସନ୍ ମାଣ୍ଡେଲା ସତେଇଶ ବର୍ଷ ବନ୍ଦୀ ଜୀବନ ବିତାଇ ଖଲାସ ହେବା ବେଳକୁ ଯେପରି ବାର୍ଦ୍ଧକ୍ୟରେ ଉପନୀତ ହୋଇଥିଲେ, ବିଜୁ ବାବୁ ୨୭ ବର୍ଷ ପରେ ୧୯୯୦ ମସିହାରେ ଜନତା ଦଳ ସରକାରର ନେତୃତ୍ୱ ନେଇ ପୁଣି ମୁଖ୍ୟମନ୍ତ୍ରୀ ହେବା ବେଳକୁ ବାର୍ଦ୍ଧକ୍ୟ ତାଙ୍କୁ ଗ୍ରାସ କରିସାରିଥିଲା । ତଥାପି ହାରିନଥିଲା ତାଙ୍କର ସ୍ୱାଭିମାନ ଓ ଦୁଃସାହସିକତା । ଦ୍ୱିତୀୟ ପାଳିରେ ପୂରା ପାଞ୍ଚବର୍ଷ ଶାସନ ଦାୟିତ୍ୱରେ ରହିବା ଭିତରେ ସେ ଏଭଳି ଅନେକ ସାହସିକ ନିଷ୍ପତ୍ତି ନେଇଥିଲେ, ଯାହା ସାରା ଦେଶରେ ତାଙ୍କୁ ଚର୍ଚ୍ଚିତ କରିଥିଲା । ସେତେବେଳେ ଏକ ପ୍ରତିଷ୍ଠିତ ଓଡ଼ିଆ ସମ୍ବାଦପତ୍ର 'ସମାଜ'ର ରାଜ୍ୟସ୍ତରୀୟ ମୁଖ୍ୟ ପ୍ରତିନିଧି ଭାବରେ ତାଙ୍କ ସହିତ ମିଶିବା ଓ ତାଙ୍କର ପ୍ରତ୍ୟେକ କାର୍ଯ୍ୟକୁ ଖୁବ୍ ନିକଟରୁ ଦେଖିବାର ସୁଯୋଗ ଏ ଲେଖକକୁ ମିଳିଥିଲା । ରାଜ୍ୟର ସ୍ୱାର୍ଥ ଓ ଗରିବ ଲୋକଙ୍କ କଲ୍ୟାଣ ନିମନ୍ତେ ଯାହା ଠିକ୍ ବୋଲି ବିଜୁବାବୁ ବିଚାର କରୁଥିଲେ, ତାକୁ ତୁରନ୍ତ କାର୍ଯ୍ୟକାରୀ କରୁଥିଲେ । ମନ୍ତ୍ରୀ ବା ଅଫିସର କେହି ତାଙ୍କୁ ନିଷ୍ପତ୍ତିରୁ ଟଳାଇ ପାରୁନଥିଲେ ।

କାଲି ଭଳି ମନେ ପଡୁଛି । ବିଜୁବାବୁ ନୂତନ ସରକାର ଗଠନ କରିବା ପରେ ବିଧାନସଭାର ପ୍ରଥମ ଅଧିବେଶନ ଅନୁଷ୍ଠିତ ହେଉଥାଏ । ପରମ୍ପରା ଅନୁଯାୟୀ ରାଜ୍ୟପାଳ ଅଭିଭାଷଣ ଦେଇ ଚାଲିଯିବା ପରେ ମୁଖ୍ୟମନ୍ତ୍ରୀ ହଠାତ୍ ତାଙ୍କ ଆସନରେ ଠିଆ ହୋଇ ତାଙ୍କର ଏକ ଘୋଷଣା ଅଛି ବୋଲି ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କଲେ । ବାଚସ୍ପତି ତାଙ୍କୁ ଅନୁମତି ଦେବାପରେ ସେ ଇଂରାଜୀରେ ଧାଡ଼ିକିଆ ବକ୍ତବ୍ୟଟିଏ ରଖିଥିଲେ, ଯାହାର ଅର୍ଥ ଥିଲା, 'ଆଜିଠାରୁ ରାଜ୍ୟରେ ସର୍ବନିମ୍ନ ଦୈନିକ ମଜୁରୀ ୨୫ ଟଙ୍କା ଧାର୍ଯ୍ୟ କରାଗଲା ଏବଂ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରାଯିବ ।' ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ଶାସକ ଦଳର ବିଧାୟକମାନେ ଟେବୁଲ୍ ବାଡ଼େଇ ସ୍ୱାଗତ ଜଣାଇଥିଲେ । ସେ ପର୍ଯ୍ୟନ୍ତ ଆମ ରାଜ୍ୟରେ ସର୍ବନିମ୍ନ ଦୈନିକ ମଜୁରୀ ୧୧ ଟଙ୍କା ରହିଥିଲା । ତାକୁ ଏକାଥରକେ ୨୫ଟଙ୍କାକୁ ବୃଦ୍ଧି କରାଯିବା ନିଷ୍ପତ୍ତିକୁ ତାଙ୍କ ଦପ୍ତରର ଉଚ୍ଚପଦସ୍ଥ ଅଧିକାରୀମାନେ ସହଜରେ ହଜମ କରିପାରି ନ ଥିଲେ । ସେମାନେ ଏହାକୁ ୧୫ ଟଙ୍କାକୁ ବୃଦ୍ଧି କରିବା ଲାଗି ନମ୍ରତାର ସହ ପରାମର୍ଶ ଦେବା ବେଳେ ବିଜୁବାବୁ କ୍ରୋଧାନ୍ୱିତ ହୋଇ କହିଥିଲେ - "ତମେ ବାବୁମାନେ ମୋଟା ଅଙ୍କର ଦରମା ପାଇ ରାଜଧାନୀରେ ବସି ଅୟସ କରିବ, ଆଉ ମୂଲଲାଗି ଚଳୁଥିବା ଗରିବ ଲୋକଟିଏ ଖାଇବାକୁ ନ ପାଇ ଭୋକରେ ମରୁଥିବ, ମୁଁ ଏହା ବରଦାସ୍ତ କରିପାରିବି ନାହିଁ ।' ଏତିକି କହି ସେ ସିଧା ବିଧାନସଭା ଗୃହ ଭିତରକୁ ଯାଇ ମଜୁରୀ ବୃଦ୍ଧି ଘୋଷଣା କଲେ । ଆଉଥରେ ବିଧାନସଭାରେ ଅନାହାର ମୃତ୍ୟୁ ସମ୍ପର୍କୀୟ ମୁଲତବୀ ପ୍ରସ୍ତାବର ଉତ୍ତର ଦେବା ବେଳେ ବିଜୁ ବାବୁ ନିଜକୁ ଓଡ଼ିଶାର ପ୍ରଥମ ନକ୍ସଲବାଦୀ କହି ଗରିବ ଲୋକଙ୍କ ପାଇଁ ରହିଥିବା ତାଙ୍କର ଗଭୀର ମମତାର ପରିଚୟ ଦେଇଥିଲେ । ଓଡ଼ିଶାର ଦାରିଦ୍ର୍ୟ ଓ ଅନଗ୍ରସରତା ତାଙ୍କୁ ଖୁବ୍ ବ୍ୟଥିତ କରୁଥିଲା । ସେଥିପାଇଁ ସେ ଥରେ ବିଧାନସଭାରେ ଓଡ଼ିଶାକୁ ଅର୍ଥନୈତିକ ସ୍ୱାତନ୍ତ୍ର୍ୟ ବା ସ୍ୱାଧୀନତା ପ୍ରଦାନ କରିବାକୁ କେନ୍ଦ୍ର ନିକଟରେ ଦାବି କରିବାକୁ ପଛାଇ ନଥିଲେ । ଜଣେ ମୁଖ୍ୟମନ୍ତ୍ରୀଙ୍କର ଏଭଳି ଖୋଲାଖୋଲି ମନ୍ତବ୍ୟ ସାରା ଦେଶରେ ହଇଚଇ ସୃଷ୍ଟି କରିଥିଲା । ବିଜୁ ବାବୁଙ୍କର ପ୍ରତ୍ୟେକ କାର୍ଯ୍ୟ, ଆଚରଣ ଓ ଉଚ୍ଚାରଣରେ ସ୍ୱାଭିମାନ୍, ନିର୍ଭୀକତା ଓ ଦୁଃସାହସିକତା ପ୍ରତିଫଳିତ ହେଉଥିଲା ।



ଦ୍ୱିତୀୟ ପାଳି ମୁଖ୍ୟମନ୍ତ୍ରୀତ୍ୱରେ ବିଜୁବାବୁଙ୍କର ଆଉ ଏକ ସାହସିକ ପଦକ୍ଷେପ ଥିଲା ଓଡ଼ିଶାର ଜିଲ୍ଲା ପୁନର୍ଗଠନ । ସେତେବେଳକୁ ରାଜ୍ୟରେ ମାତ୍ର ୧୩ଟି ଜିଲ୍ଲା ଥିବାରୁ ସାଧାରଣ ଜନତା ପ୍ରଶାସନରୁ ନ୍ୟାୟ ପାଇବା ପାଇଁ ଦୀର୍ଘ ପଥ ଅତିକ୍ରମ କରିବାକୁ ପଡୁଥିଲା । ଗୋଟିଏ ଗୋଟିଏ ଜିଲ୍ଲାରେ ସଦର ମହକୁମାଠାରୁ ଅପହଞ୍ଚ ଦୂରତାରେ ଥିବା ଲୋକଟିଏ ନିଜର ହାରି ଗୁହାରି ଜଣାଇବାକୁ ଖର୍ଚ୍ଚାନ୍ତ ହୋଇ ଆସିବା ସମ୍ଭବପର ହେଉ ନ ଥିଲା । ତେଣୁ ପୂର୍ବର ଅନେକ ସରକାର ଜିଲ୍ଲା ସଂଖ୍ୟା ବଢ଼ାଇବାକୁ ବିଚାର କରିଥିଲେ ହେଁ ବିଲେଇ ବେକରେ ଘଣ୍ଟି ବାନ୍ଧିବାକୁ ସାହସ କରିନଥିଲେ । ନନ୍ଦିନୀ ଶତପଥୀ ମୁଖ୍ୟମନ୍ତ୍ରୀ ଥିବା ବେଳେ ଜଷ୍ଟିସ୍ ରାଜକିଶୋର ଦାସଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲା ପୁନର୍ଗଠନ କମିଟି ଗଠିତ ହୋଇଥିଲା । ଉକ୍ତ କମିଟି ଜିଲ୍ଲା ସଂଖ୍ୟା ୧୭କୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଦେଇଥିଲେ ହେଁ ତାଙ୍କ ସରକାର ତାହାକୁ କାର୍ଯ୍ୟକାରୀ କରିପାରି ନ ଥିଲେ । ମାତ୍ର ବିଜୁବାବୁ ଦିନେ ତାଙ୍କର ସଚିବାଳୟ ପ୍ରକୋଷ୍ଠରେ ମନ୍ତ୍ରୀ ଓ ଅଫିସରମାନଙ୍କୁ ଡକାଇଲେ । ତାଙ୍କ ସାମ୍ନାରେ ଥାଏ ଓଡ଼ିଶାର ଏକ ମାନଚିତ୍ର । ସେ ହାତରେ ନାଲି କଲମଟିଏ ଧରି ଗାରକାଟି ୧୩ଟି ଜିଲ୍ଲାକୁ ୩୦ଟି ଜିଲ୍ଲାରେ ପରିଣତ କରିବା ପାଇଁ ନିର୍ଦ୍ଦେଶ ଦେଲେ । ତାଙ୍କର ଦୃଢ଼ ନିଷ୍ପତ୍ତି ସମସ୍ତଙ୍କୁ ଚକିତ କରିଥିଲା । ଏହା ସମ୍ଭବପର ହୋଇଥିଲା ବିଜୁ ବାବୁଙ୍କର ଦୁଃସାହସିକତା ଓ ଅଦମ୍ୟ ଇଚ୍ଛାଶକ୍ତି ଯୋଗୁଁ, ଯାହାର ସୁଫଳ ଆଜି ରାଜ୍ୟବାସୀ ଭୋଗ କରୁଛନ୍ତି । ■

## ବିଜୁ ପଟ୍ଟନାୟକ ଓ ଭାରତ ରତ୍ନ

ଡକ୍ଟର ସୁନ୍ଦର ନାରାୟଣ ପାତ୍ର
ସଭାପତି, ଓଡ଼ିଆ ପରିବେଶ ସମିତି
ମୋ: ୯୪୩୭୧୯୦୪୨୦



ବିଜୟାନନ୍ଦ ପଟ୍ଟନାୟକଙ୍କୁ ଜଣେ ସାହସୀ ବିମାନ ପାଇଲଟ, ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରବୀଣ ରାଜନେତା ଭାବରେ ସାରା ବିଶ୍ୱ ଜାଣେ । ସେ 'ବିଜୁବାବୁ' ଭାବରେ ବେଶ୍ ଜଣାଶୁଣା । ଭାରତର ସ୍ୱାଧୀନତା ପ୍ରାପ୍ତି ପରେ ସକ୍ରିୟ ରାଜନୀତିରେ ସେ ଯୋଗ ଦେଇଥିଲେ । ସେ କେନ୍ଦ୍ର ମନ୍ତ୍ରୀ (୨୬ ମାର୍ଚ୍ଚ ୧୯୯୭ରୁ ୧୪ ଜାନୁଆରୀ ୧୯୮୦) ଏବଂ ଦୁଇଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ଦକ୍ଷତାର ସହିତ ଦାୟିତ୍ୱ ତୁଲାଇଥିଲେ (୨୧ ଜାନୁୟାରୀ ୧୯୬୧ ରୁ ୨ ଅକ୍ଟୋବର ୧୯୬୩ ଏବଂ ୫ ମାର୍ଚ୍ଚ ୧୯୯୦ ରୁ ୫ ମାର୍ଚ୍ଚ ୧୯୯୫) । ସ୍ୱାଧୀନତା ସଂଗ୍ରାମ ସମୟରେ ବ୍ରିଟିଶରମାନେ ତାଙ୍କୁ ଅନେକ ଥର ଜେଲରେ ବନ୍ଦୀ ରଖିଥିଲେ । ସ୍ୱାଧୀନ ଭାରତରେ ଯେତେବେଳେ ୧୯୭୫ରେ ଜରୁରିକାଳୀନ ପରିସ୍ଥିତି ଘୋଷଣା କରାଯାଇଥିଲା, ବିଜୁ ବାବୁ ଅନ୍ୟ ନେତାଙ୍କ ସହ ପ୍ରଥମେ ଗିରଫ ହୋଇଥିଲେ ।

ବିଜୁବାବୁ ୫ ମାର୍ଚ୍ଚ ୧୯୧୬ ରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୭ ଏପ୍ରିଲ ୧୯୯୭ରେ ତାଙ୍କର ୮୧ ବର୍ଷ ବୟସରେ ଦେହାନ୍ତ ହୋଇଥିଲା । ରେଭେନ୍ସା କଲେଜରେ ପଢୁଥିବା ବେଳେ ସେ ପାଠପଢ଼ା ଛାଡ଼ି ପାଇଲଟ ଭାବରେ ତାଲିମ ପାଇବା ପାଇଁ ଦିଲ୍ଲୀ ଫ୍ଲାଇଙ୍ଗ୍ କ୍ଲବରେ ଥିବା ଏରୋନେଟିକ୍ସ ଟ୍ରେନିଂ ଇନଷ୍ଟିଚ୍ୟୁଟରେ ଯୋଗ ଦେଇଥିଲେ । ସେ ପ୍ରଥମେ ଘରୋଇ ବିମାନ ସେବାରେ ଯୋଗଦାନ କରିଥିଲେ, କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭରେ ରୟାଲ ଇଣ୍ଡିଆନ ବାୟୁସେନାରେ ଯୋଗ ଦେଇଥିଲେ । ଶେଷରେ ସେ ବିମାନ ପରିବହନ କମାଣ୍ଡର ମୁଖ୍ୟ ମଧ୍ୟ ହୋଇଥିଲେ । ବିମାନ ସେବାରେ ଥିବା ବେଳେ ସେ ଜାତୀୟ ରାଜନୀତି ପ୍ରତି ଆକୃଷ୍ଟ ହୋଇଥିଲେ ଏବଂ ଭାରତୀୟ ସୈନ୍ୟବାହିନୀକୁ ପରୋକ୍ଷରେ ସାହାଯ୍ୟ କରୁଥିଲେ ।




ସେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଏବଂ ୧୯୪୮ ର କାଶ୍ମୀର ଯୁଦ୍ଧରେ ଭାରତୀୟ ବାୟୁସେନାରେ ପାଇଲଟ୍ ଭାବରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ତାଙ୍କର ବହୁମୁଖୀ ଡିସି-୩ ଡାକୋଟା ବିମାନ ପରିବନ ସେବାରେ ଭାରତକୁ ସୁହାଇଲା ଭଳି ଅନେକ କାର୍ଯ୍ୟକ୍ରମ ସାହସିକତା ସହ ସମ୍ପାଦନ କରିଥିଲେ । ସେ ନିର୍ଭୟରେ ନିଜକୁ ଗୁପ୍ତ ମିଶନରେ ସାମିଲ କରିଥିଲେ; ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସେମାନଙ୍କ ସମର୍ଥକଙ୍କ ସହ ବୈଠକ କରିବା ସହ ସକଳ ପ୍ରକାର ସାହାଯ୍ୟ ସହଯୋଗ କରୁଥିଲେ । ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଭାରତୀୟ ଜାତୀୟ ସୈନ୍ୟବାହିନୀକୁ ସମର୍ଥନ କରି ଲିଫଲେଟ୍ ମଧ୍ୟ ବାଣ୍ଟୁଥିଲେ । ସେ ସ୍ୱେଚ୍ଛାକୃତ ଭାବରେ ଇଣ୍ଡୋନେସିଆର ପୂର୍ବତନ ପ୍ରଧାନମନ୍ତ୍ରୀ ସୁଟାନ ସଜହୀରଙ୍କୁ ଡଚ୍ ଉପନିବେଶକାରୀ ଶାସକମାନଙ୍କଠାରୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ବିପଦପୂର୍ଣ୍ଣ ମିଶନ ଗ୍ରହଣ କରିଥିଲେ । ଶେଷରେ ବ୍ରିଟିଶରମାନେ ବିଦ୍ରୋହୀ କାର୍ଯ୍ୟକଳାପ ପାଇଁ ବିଜୁଙ୍କୁ ଦଣ୍ଡିତ କରିଥିଲେ ଏବଂ ୧୯୪୨ ରୁ ୧୯୪୬ ପର୍ଯ୍ୟନ୍ତ ସେ କାରାଗାରରେ ରଖିଥିଲେ ।

ସେ ଓଡ଼ିଶାର ବିକାଶ ପାଇଁ ଅତୁଳନୀୟ ସହଯୋଗ କରିଥିଲେ । ମହିଳାମାନଙ୍କ ପାଇଁ ପଞ୍ଚାୟତରାଜ ଅନୁଷ୍ଠାନରେ ୩୩ ପ୍ରତିଶତ ସଂରକ୍ଷଣ ଘୋଷଣା କରିବା ସହିତ ବାଳିକାମାନଙ୍କ ପାଇଁ ଅନେକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଖୋଲିଥିଲେ । ବିଶିଷ୍ଟ ବୈଜ୍ଞାନିକ ଏବଂ ଶିକ୍ଷାବିତ୍‌ମାନଙ୍କୁ ବିଶ୍ୱସ୍ତରୀୟ ମାନ୍ୟତା ଦେବା ପାଇଁ ସେ ୧୯୫୧ ମସିହାରେ 'ୟୁନେସ୍କୋ କଳିଙ୍ଗ' ପୁରସ୍କାର ପ୍ରତିଷ୍ଠା କରିଥିଲେ । ଓଡ଼ିଶାର ୪୮୦ କିଲୋମିଟର ଉପକୂଳବର୍ତ୍ତୀ ବାତ୍ୟା ପ୍ରତିରୋଧ ପାଇଁ ସେ ଲୁଣା ଜଙ୍ଗଲର ଗଛର ସବୁଜବାଡ଼ ବା ଗ୍ରୀନ ବେଲ୍ଟ ସୃଷ୍ଟି କରିବା ପାଇଁ ପରାମର୍ଶ ଦେଇଥିଲେ । ଗଭୀର ସମୁଦ୍ର ବନ୍ଦର ପାରାଦୀପ, ଓଡ଼ିଶାର ଶିଳ୍ପ ବିକାଶ ନିଗମ, ରାଉରକେଲାରେ ଇସ୍ପାତ କାରଖାନା ଏବଂ ଇଞ୍ଜିନିୟରିଂ କଲେଜ, ହୀରାକୁଦରେ ମହାନଦୀ ନଦୀବନ୍ଧ ଏବଂ ଅନ୍ୟାନ୍ୟ ବିକାଶମୂଳକ ପ୍ରକଳ୍ପକୁ ପ୍ରୋତ୍ସାହିତ କରିଥିଲେ । ସେ ଲୁହାପଥର, ମାଙ୍ଗାନିଜ ଖଣି ଏବଂ ଅନ୍ୟାନ୍ୟ ଖଣିଜ ପଦାର୍ଥ, କୋଇଲା ଇତ୍ୟାଦିର ବିପୁଳ ଭଣ୍ଡାରକୁ ବିନିଯୋଗ କରିବାକୁ ରାଜ୍ୟକୁ ସକ୍ଷମ କରିଥିଲେ ।

ବିଜୁ ପଟ୍ଟନାକୟକ ଯୁବକମାନଙ୍କ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ବୈଜ୍ଞାନିକ ସ୍ୱଭାବର ପ୍ରୋତ୍ସାହନ ପାଇଁ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତିସମ୍ପନ୍ନ ବୈଜ୍ଞାନିକ ଜେ.ବି.ଏସ୍ ହାଲଡେନ, ଦ୍ରୋଣମ ରାଜୁ ଭଳି ଅନେକଙ୍କୁ ଓଡ଼ିଶାକୁ ନିମନ୍ତ୍ରଣ କରିଥିଲେ । ବିକାଶ ବିଷୟରେ ଚିନ୍ତା କରୁଥିବା ବେଳେ ସେ ପରିବେଶ ସୁରକ୍ଷା ପ୍ରତି ମଧ୍ୟ ଧ୍ୟାନ ରଖିଥିଲେ ।

ଇଣ୍ଡୋନେସିଆର ସ୍ୱାଧୀନତା ପାଇଁ ତାଙ୍କର ଅବଦାନର ସ୍ୱୀକୃତି ସ୍ୱରୂପ ଇଣ୍ଡୋନେସିଆ ସରକାର ୧୯୯୬ ରେ ବିଜୁଙ୍କୁ 'ବିଣ୍ଟାଙ୍ଗ ଜାଡୁ ଉତାମା' ପୁରସ୍କାର ଦେଇ ସମ୍ମାନିତ କରିଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସୋଭିଏତ୍ ରେଡ୍ ଆର୍ମିକୁ ସହାୟତା ପାଇଁ ରୁଷ ସରକାର ତାଙ୍କୁ ସମ୍ମାନିତ କରିଥିଲା । ବିଜୁ ପଟ୍ଟନାୟକଙ୍କ ନାମରେ ୫ ଟଙ୍କିଆ ସ୍ମରଣୀୟ ମୁଦ୍ରା ଏବଂ ଏକ ଡାକ ଟିକଟ ଯଥାକ୍ରମେ ୨୦୧୬ ଏବଂ ୨୦୧୮ ରେ ଉତ୍ସର୍ଗ ହୋଇଥିଲା । ଯେତେବେଳେ ସେ ମୃତ୍ୟୁବରଣ କଲେ ତାଙ୍କ ପାର୍ଥିବ ଶରୀରକୁ ଭାରତ, ରୁଷ ଓ ଇଣ୍ଡୋନେସିଆର ଜାତୀୟ ପତାକାରେ ଆଚ୍ଛାଦିତ କରାଯାଇଥିଲା । ଏଥିରୁ ତାଙ୍କର ବିରଳ ବ୍ୟକ୍ତିତ୍ୱ ଅନୁମେୟ ।

ଇଂରାଜୀ ବିବର୍ତ୍ତନଶୀଳ ଜୀବବିଜ୍ଞାନୀ ସାର୍ ଜୁଲିୟାନ୍ ହକ୍ସଲେ ବିଜୁଙ୍କୁ ଜଣେ ଉଲ୍ଲେଖନୀୟ ଭାରତୀୟ ବୋଲି ବର୍ଣ୍ଣନା କରିଛନ୍ତି, ଯାହାର ଦୁଃସାହସିକ କାର୍ଯ୍ୟ ଏକ ପୁସ୍ତକ ପୂରଣ କରିବ । ତାଙ୍କ ଜୀବନ ବଳିଦାନ ଏବଂ ଦୁଃସାହସିକ କାର୍ଯ୍ୟରେ ପରିପୂର୍ଣ୍ଣ ଥିଲା । ବିଜୁ ପଟ୍ଟନାୟକ ଭାରତ ରତ୍ନ ସମ୍ମାନ ପାଇବା ପାଇଁ ଜଣେ ଯୋଗ୍ୟ ବ୍ୟକ୍ତି, ଏହା ନିଃସନ୍ଦେହ । ଏହି କିମ୍ବଦନ୍ତୀ ବ୍ୟକ୍ତିଙ୍କ ଉପରେ ପରବର୍ତ୍ତୀ ସମୟରେ ସର୍ବୋଚ୍ଚ ନାଗରିକ ପୁରସ୍କାର ପ୍ରଦାନ କରିବା ଉପଯୁକ୍ତ ହେବ । ■

# ସ୍ମୃତିରେ ବିଜୁବାବୁ





## ବିଜୁବାବୁଙ୍କ ମାତୃଭାଷା ପ୍ରୀତି

ଡଃ ପାବକ କାନୁନ୍‌ଗୋ
କଟକ, ମୋ: ୯୭୭୭୦୪୭୩୬

ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ସମ୍ପର୍କରେ ସାଧାରଣରେ ଗୋଟିଏ ଧାରଣା ରହିଆସିଛି ଯେ ବହୁବର୍ଷ ସେ ଓଡ଼ିଶା ବାହାରେ ରହିଥିବାରୁ ଏବଂ ଇଂରେଜମାନଙ୍କ ସହିତ ମିଳାମିଶା କରିଥିବାରୁ ଓଡ଼ିଆ ଭାଷା ପ୍ରତି ତାଙ୍କର ମମତା ଜାତ ହେବାର ଅବକାଶ ନଥିଲା । କିନ୍ତୁ ବାସ୍ତବତା ଯେ ଏହାଠାରୁ ଭିନ୍ନ, ଗୋଟିଏ ଦୁଇଟି ଉଦାହରଣରୁ ତାହା ସ୍ପଷ୍ଟ ହୋଇଯିବ ।

୧୯୩୨ ମସିହାରେ ମାତ୍ର ୧୬ ବର୍ଷ ବୟସରେ ଦୁଇଜଣ ସାଥୀଙ୍କ ସହିତ ବିଜୁ ପଟ୍ଟନାୟକ କଟକରୁ ପେଶୱାରକୁ ଦୀର୍ଘ ତିନିହଜାର କିଲୋମିଟରରୁ ଊର୍ଦ୍ଧ୍ୱ ପଥ ସାଇକେଲ୍‌ରେ ଯାଇଥିଲେ । ତାଙ୍କର ସେହି ଭ୍ରମଣ ଅନୁଭୂତିକୁ ସେ 'ବୁଲା ନିଶା' ଶୀର୍ଷକ ଭ୍ରମଣ କାହାଣୀରେ ବର୍ଣ୍ଣନା କରିଛନ୍ତି । ୧୯୩୪ ମସିହାରେ ପ୍ରସିଦ୍ଧ 'ଉତ୍କଳ ସାହିତ୍ୟ' ପତ୍ରିକାରେ ତାହା ପ୍ରକାଶ ପାଇଥିଲା । ସରଳ ଭାଷାରେ, ସାବଲୀଳ ଢଙ୍ଗରେ ଓଡ଼ିଆରେ ଲେଖାଯାଇଥିବା ଏହି କ୍ଷୁଦ୍ର ପୁସ୍ତକଟି ଓଡ଼ିଆ ସାହିତ୍ୟର ଗୋଟିଏ ଅମୂଲ୍ୟ ସମ୍ପଦ ଭାବରେ ବିବେଚିତ ହୋଇଆସିଛି । ବିଜୁଙ୍କ ପିତା ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଓଡ଼ିଶା ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ଥିଲେ । ମାତୃଭାଷାକୁ ଅବହେଳା କରି କୌଣସି ଜାତି ଉନ୍ନତି କରିପାରିବ ନାହିଁ ବୋଲି ସେ କହୁଥିଲେ । ଏଭଳି ଚିନ୍ତାର ପ୍ରଭାବ ପିଲାଦିନୁ ବିଜୁଙ୍କ ଉପରେ ପଡ଼ିଥିଲା ।

୧୯୬୩ ମସିହାରେ ଓଡ଼ିଶା ସରକାରୀ ଭାଷା (ସଂଶୋଧନ) ବିଲ୍ ଓଡ଼ିଶା ବିଧାନସଭାରେ ଆଲୋଚନା ବେଳେ ଗୋଟିଏ ଜାତିର ବିକାଶରେ ମାତୃଭାଷାର ଗୁରୁତ୍ୱ ଏବଂ ଓଡ଼ିଆକୁ ଏକ ବିକଶିତ, ଉନ୍ନତ ଭାଷା କରିବା ଦିଗରେ ତାଙ୍କ ସରକାରର ପ୍ରତିଶ୍ରୁତିବଦ୍ଧତା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଅତି ପ୍ରାଞ୍ଜଳ ଭାବରେ ବୁଝାଇଥିଲେ । ସେ କହିଥିଲେ- ଭାଷାବିତ୍ ବା ଭାଷା ବିଜ୍ଞାନୀ, ସାହିତ୍ୟିକ ଏବଂ ଓଡ଼ିଆ ବ୍ୟାକରଣର ବିଶେଷଜ୍ଞମାନେ ହିଁ କି କି ପନ୍ଥା ଅବଲମ୍ବନ କଲେ ଆମ ଭାଷାର ସନ୍ତୁଳିତ ବିକାଶ ହୋଇପାରିବ, ସେ କଥା କହିପାରିବେ । ବିଶେଷଜ୍ଞମାନେ ଏ ଦିଗରେ ଉଦ୍ୟମ କଲେ ଏବଂ ଆବଶ୍ୟକୀୟ ସୁପାରିସ କଲେ ସରକାର ସେମାନଙ୍କୁ ସମର୍ଥନ ଯୋଗାଇଦେବେ । ସରକାର ଯେଉଁ ଦଳର ହୁଅନ୍ତୁ ପଛକେ, ଓଡ଼ିଆ ଭାଷାର ବିକାଶ ପାଇଁ କେହି କୁଣ୍ଠିତ ହେବେ ନାହିଁ ।' ବିଲ୍ ସବୁ ଓଡ଼ିଆରେ ଛପା ଯାଉ ନାହିଁ ବୋଲି ଜଣେ ସଭ୍ୟ ଅଭିଯୋଗ କରିବା ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ କହିଥିଲେ ଯେ - 'ଯଦି କେବଳ ଓଡ଼ିଆରେ ଛପାଇଲେ ଆମ ଭାଷା ଆଗେଇ ଯାଇପାରିବ, ମୁଁ ତତ୍‌କ୍ଷଣାତ୍ ଏହା କରିବାକୁ ନିର୍ଦ୍ଦେଶ ଦେବି । ଓଡ଼ିଆ ଭାଷାର ବିକାଶ ପାଇଁ ଏପରି ଚିନ୍ତାର କୌଣସି ଅର୍ଥ ନାହିଁ ।'

ସ୍ୱାଧୀନତାର ଅଠରବର୍ଷ ପରେ ବି ଇଂରାଜୀ ଭାଷାକୁ କାହିଁକି ଗୁରୁତ୍ୱ ଦିଆଯାଉଛି, ତାହା ବୁଝାଇ ବିଜୁବାବୁ କହିଥିଲେ- 'ଗୋଟିଏ ସମୟରେ ଆମେ ସ୍ଥିର କରିଥିଲୁ ଯେ ୧୯୬୫ ଜାନୁଆରୀ ସୁଦ୍ଧା ବିଧାନସଭାରେ ଇଂରାଜୀକୁ ବଦଳାଇ ଦେବୁ । କିନ୍ତୁ ଯେତେବେଳେ ଜାତୀୟ ସଂହତି ପରିଷଦର ବୈଠକ ବସିଲା ଏବଂ ସବୁ ରାଜନୈତିକ ଦଳର ପ୍ରତିନିଧି ଏଥିରେ ଯୋଗଦେଇଥିଲେ, ସେତେବେଳେ ଅନୁଭବ କରାଗଲା ଯେ ଜାତୀୟ ବିକାଶ ପ୍ରକ୍ରିୟାରେ ଇଂରାଜୀର ଏବେ ବି ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ଆମେ ହିନ୍ଦୀକୁ ସରକାରୀ ଭାଷାର ମାନ୍ୟତା ଦେଲୁ ସତ, କିନ୍ତୁ ବିଜ୍ଞାନ, କାରିଗରୀ ବିଦ୍ୟା ଓ ଭେଷଜ ବିଜ୍ଞାନ ପ୍ରଭୃତିର ବିଷୟକୁ ଏକ ଅଧିକ ଉନ୍ନତ ଭାଷାରେ ସହଜରେ ପ୍ରକାଶ କରିହେବ । ଏଥିପାଇଁ ଜାତୀୟସ୍ତରରେ ଇଂରାଜୀ ସପକ୍ଷରେ ଗୋଟିଏ ବାତାବରଣ ସୃଷ୍ଟି ହେଲା । ଆଞ୍ଚଳିକ ଭାଷା ସହିତ ବିଧାନସଭା, ସୁପ୍ରିମକୋର୍ଟ ଓ ହାଇକୋର୍ଟରେ ଏହା ପ୍ରଚଳିତ ହେବ ଏବଂ ଏହାରି ମାଧ୍ୟମରେ ବିଜ୍ଞାନ କାରିଗରୀ ବିଦ୍ୟା ଓ ଡାକ୍ତରୀ ବିଦ୍ୟା ଭଳି ବିଷୟ ବୁଝାଇହେବ । ଇଂରାଜୀ ଭଳି ଏକ ଉନ୍ନତ ଭାଷା ବିନା ଆମେ ଏକ ସଫଳ ଦେଶ ଭାବରେ ତିଷ୍ଠି ରହିପାରିବୁ ନାହିଁ । ଏଥିସହିତ ଆଞ୍ଚଳିକ ଭାଷାର ମଧ୍ୟ ବିକାଶ କରାଯିବ । ପ୍ରତ୍ୟେକ ଭାଷାରେ ଶବ୍ଦଭଣ୍ଡାର ରହିଛି ଏବଂ ଏହାର ବୃଦ୍ଧି ନିରନ୍ତର ଭାବରେ କରିବାକୁ ହେବ ।'



କି କି ପନ୍ଥା ଅବଲମ୍ବନ କଲେ ଓଡ଼ିଆ ଭାଷା ବିକଶିତ ହେବ, ସେ ସମ୍ପର୍କରେ ବିଜୁଙ୍କ ମନରେ ଗୋଟିଏ ସ୍ପଷ୍ଟ ଧାରଣା ଥିଲା । ସେ କହିଥିଲେ- 'ଭାଷା ପାଇଁ ଆନ୍ଦୋଳନ ବା ଲଢ଼ାଇ କରିବା ଭିତରେ ଅନ୍ୟକୁ ସମାଲୋଚନା କରିବା ବା ନିନ୍ଦା କରିବାର ମାନସିକତା ରହିବା ଅତ୍ୟନ୍ତ ଦୁଃଖଦାୟକ । ଏ କଥା ସମସ୍ତେ ଅନୁଭବ କରୁଛନ୍ତି । ଇଂରାଜୀକୁ ଛାଡ଼ିଦେଲେ ସେମାନେ କାମ କରିପାରିବେ ନାହିଁ । ଓଡ଼ିଆ ଭାଷାର ଦୃଢ଼ ସମର୍ଥକମାନେ ମଧ୍ୟ ଏହି କଥାକୁ ସ୍ୱୀକାର କରିଛନ୍ତି । କେବଳ ଇଂରାଜୀ ବିରୋଧରେ କହିଲେ ଓଡ଼ିଆ ଭାଷା ଉନ୍ନତି କରିପାରିବ ନାହିଁ । ଆମେ ଯଦି ଆମ ଭାଷାକୁ ଭଲପାଉ, ତେବେ ଏକାଠି ବସି ନୂଆ ନୂଆ ଶବ୍ଦ ସୃଷ୍ଟି କରିବା ଉଚିତ । ଭାଷାର ଉନ୍ନତି ପାଇଁ ବିଜ୍ଞାନ ସମ୍ମତ, ଆଧୁନିକ ପନ୍ଥାର ଅନୁସରଣ କରିବାର ବେଳ ଆସିଛି । ଭାବପ୍ରକାଶର ଏହା କିପରି ଏକ ଶକ୍ତିଶାଳୀ ମାଧ୍ୟମ ହୋଇପାରିବ, ସେ ଉପରେ ଧ୍ୟାନଦେବା ଜରୁରୀ ହୋଇପଡ଼ିଲାଣି । ଆଧୁନିକ ବିଜ୍ଞାନର ଉପଯୋଗ ନିମନ୍ତେ ଭାଷାକୁ ବ୍ୟବହାର କରିବା ଉଚିତ ।'

ଭାଷା ଶିକ୍ଷା ଏକ ପ୍ରକ୍ରିୟା । ମଣିଷ ଜୀବନରେ ଏହା ନିରନ୍ତର ଭାବରେ ଚାଲିବା ଉଚିତ ବୋଲି ମତ ପ୍ରକାଶ କରି ବିଜୁ ପଟ୍ଟନାୟକ କହିଥିଲେ ଯେ - 'ଗୋଟିଏ ଅନ୍ୟ ଭାଷା ଶିଖିଲେ ମୁଁ ଲଜ୍ଜିତ ବା ଦୁଃଖିତ ହେବା ଉଚିତ ନୁହେଁ । ମୋର ନିଜର ଗୋଟିଏ ମାତୃଭାଷା ଅଛି । ଏହା ଜରିଆରେ ଚିନ୍ତା ଓ ଭାବ ପ୍ରକାଶ କରି ହେଉଛି । ମୋ ମା'ଠାରୁ ମୁଁ ଏହା ଶିଖିଛି... ।' ...'ଆମ ଭାଷାରେ ମାନବ ଜ୍ଞାନ ସହିତ ଜଡ଼ିତ ସବୁ ଭାବ ପ୍ରକାଶ କରିବା ପାଇଁ ଆମକୁ ଶବ୍ଦ ସମ୍ପଦ କଥା ବିଚାରକୁ ନେବାକୁ ପଡ଼ିବ । ଏନ୍‌ସାଇକ୍ଲୋପିଡିଆ ବ୍ରିଟାନିକା (ଇଂରାଜୀ ବିଶ୍ୱକୋଷ) ଭିତରକୁ ପ୍ରତିବର୍ଷ ହଜାର ହଜାର ନୂଆ ଶବ୍ଦ ଆସୁଛି ଏବଂ ଅଦରକାରୀ ହଜାର ହଜାର ଶବ୍ଦର ବ୍ୟବହାର ଆଉ ହେଉନାହିଁ । ସାରା ପୃଥିବୀରୁ ଭିନ୍ନ ଭିନ୍ନ ଭାଷାରୁ ସେମାନେ କ୍ରମାଗତ ଭାବରେ ନୂଆ ନୂଆ ଶବ୍ଦ ଆଣୁଛନ୍ତି । ଇଂରାଜୀ କେବଳ ଇଂରେଜମାନଙ୍କ ଭାଷା ବୋଲି ଯେଉଁ ଧାରଣା ଥିଲା, ସେଥିରେ ବ୍ୟାପକ ପରିବର୍ତ୍ତନ ହୋଇଛି । ସାରା ପୃଥିବୀରୁ ନୂଆ ନୂଆ ଶବ୍ଦ ଆଣି ଓଡ଼ିଆକୁ ଉନ୍ନତ କରିବାକୁ ହେବ । ସାହିତ୍ୟିକ ଓ ଭାଷାବିତ୍‌ମାନେ ଓଡ଼ିଆ ଭାଷାକୁ ଶକ୍ତିଶାଳୀ ପ୍ରକ୍ରିୟା ଚାଲୁରଖିଲେ ରାଜ୍ୟ ସରକାର ସେମାନଙ୍କୁ ଆର୍ଥିକ ଓ ଅନ୍ୟାନ୍ୟ ସାହାଯ୍ୟ ଯୋଗାଇ ଦେବେ । ଆମ ଭାଷାକୁ ବଡ଼ କରି ଗଢ଼ି ତୋଳିବାକୁ ପଡ଼ିବ ।' ଶବ୍ଦ ସମ୍ପଦକୁ ବୃଦ୍ଧି କରାଯାଇ ଭବିଷ୍ୟତରେ କୋଟି କୋଟି ଲୋକ ଓଡ଼ିଆକୁ ଯେପରି ସହଜରେ ବ୍ୟବହାର କରିପାରିବେ, ତାହାର ଯୋଜନା ଭାଷା ବିଜ୍ଞାନୀ ଓ ସାହିତ୍ୟିକମାନେ କରିବାକୁ ବିଜୁବାବୁ ଆହ୍ୱାନ ଦେଇଥିଲେ । ସେ ପର୍ଯ୍ୟନ୍ତ ଆମେ ଇଂରାଜୀକୁ ବ୍ୟବହାର କରିବୁ କି ଜର୍ମାନ ବା ରୁଷୀୟ ଭାଷାର ସାହାଯ୍ୟ ନେବୁ, ତାହା ବଡ଼ କଥା ନୁହେଁ । ଆମେ ସମସ୍ତେ ମଧ୍ୟ ବଦ୍ଧପରିକର ହୋଇ ଓଡ଼ିଆ ଭାଷାକୁ ଉପରକୁ ଉପରକୁ ଉଠାଇବା ଉଚିତ । ଓଡ଼ିଆ ଭାଷା କେବଳ ଭାବ ପ୍ରକାଶର ମାଧ୍ୟମ ନ ହୋଇ ଆମର ଆବେଗର ପ୍ରତୀକ ଭାବରେ ଓଡ଼ିଆଙ୍କୁ ଛିଡ଼ା କରାଇବାକୁ ପଡ଼ିବ । ଦାରିଦ୍ର୍ୟର ମୂଳୋତ୍ପାଟନ କରିବା ହେଉଛି ଆମର ଅନ୍ତିମ ଲକ୍ଷ୍ୟ । ଭାଷା ମଧ୍ୟ ଏହି ପ୍ରକ୍ରିୟାକୁ ଆଗେଇ ନେଇପାରିବ ।' ପ୍ରାୟ ଅର୍ଦ୍ଧଶତାବ୍ଦୀ ତଳେ ବିଜୁ ପଟ୍ଟନାୟକ ଯାହା କହିଥିଲେ ଆଜି ମଧ୍ୟ ତାହାର ପ୍ରାସଙ୍ଗିକତା ରହିଛି । ■

## ବିଜୁବାବୁଙ୍କ ସ୍ୱପ୍ନର ଓଡ଼ିଶା ଓ ମହିଳା ସଶକ୍ତୀକରଣ

ଡ. ପ୍ରଫୁଲ୍ଲ କୁମାର ସାହୁ
ଅବସରପ୍ରାପ୍ତ ଅଧ୍ୟକ୍ଷ, ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪













ବେଳେ ବେଳେ ମହାକାଳକୁ ଚକିତ କରି ଏମିତି ଜଣେ ଜଣେ ଯୋଗଜନ୍ମା ପୁରୁଷ ଜନ୍ମ ନିଅନ୍ତି, ଯିଏ ନିଜର ଅସାଧାରଣ ବ୍ୟକ୍ତିତ୍ୱ ବଳରେ ଇତିହାସ ସୃଷ୍ଟି କରନ୍ତି, ଇତିହାସକୁ ବଦଳାଇ ଦିଅନ୍ତି ଏବଂ ଇତିହାସ ନିର୍ମାଣ ପାଇଁ ଉତ୍ତର ପୁରୁଷଙ୍କ ଆଖିରେ ଭରିଦିଅନ୍ତି ଅସରନ୍ତି ସ୍ୱପ୍ନ । ସେମାନଙ୍କ କୀର୍ତ୍ତିକୁ ଧାରଣା କରି ଧନ୍ୟ ହୁଏ ଇତିହାସ । ସେହିଭଳି ଜଣେ ବଳିଷ୍ଠ ଓ ଗରିଷ୍ଠ ଜାତିପ୍ରାଣ ବ୍ୟକ୍ତିତ୍ୱ ଥିଲେ ଓଡ଼ିଆ ସ୍ୱାଭିମାନର ପ୍ରତୀକ ବିଜୁ ପଟ୍ଟନାୟକ । ତାଙ୍କ ନାମ ଉଚ୍ଚାରଣ ମାତ୍ରକେ ଓଡ଼ିଆଙ୍କ ଆଖି ଆଗରେ ନାଚିଯାଏ ଶିଖର ଛୁଇଁଥିବା ଜଣେ ଉତ୍ତୁଙ୍ଗ ମଣିଷର ଛବି । ପଡ଼ିଆରେ ଫୁଟବଲ ଖେଳିବାଠାରୁ ଆକାଶରେ ବିମାନ ଉଡ଼ାଇବା ପର୍ଯ୍ୟନ୍ତ ସବୁଥିରେ ସେ ଥିଲେ ସାହସୀ, ଧୂରନ୍ଧର ଓ ଦୁର୍ଦ୍ଧର୍ଷ । ନିଜର ଘଟଣାବହୁଳ ଜୀବନରେ ସେ ପିଲାଟି ବେଳୁ ବିଭିନ୍ନ କ୍ଷେତ୍ରରେ ଦୁଃସାହସ, ନିର୍ଭୀକତା ଓ ଦେଶପ୍ରେମର ଏମିତି କିଛି ଉଦାହରଣ ସୃଷ୍ଟି କରିଛନ୍ତି, ଯାହାକୁ କେନ୍ଦ୍ର କରି ଗଢ଼ି ଉଠିଛି ଅନେକ କାହାଣୀ ଓ କିମ୍ବଦନ୍ତୀ ।

ଜୀବିତାବସ୍ଥାରେ ଓଡ଼ିଶାର ଯେଉଁ ଦୁଇଜଣ ଯୋଗଜନ୍ମାଙ୍କୁ କିମ୍ବଦନ୍ତୀ ପୁରୁଷ ହେବାର ସୌଭାଗ୍ୟ ମିଳିଛି, ସେମାନଙ୍କ ମଧ୍ୟରୁ ଜଣେ ହେଲେ ଉତ୍କଳ ଗୌରବ ମଧୁସୂଦନ ଦାସ ବା ମଧୁବାବୁ ଏବଂ ଅନ୍ୟ ଜଣେ ହେଉଛନ୍ତି କଳିଙ୍ଗ ବୀର ବିଜୟାନନ୍ଦ ପଟ୍ଟନାୟକ ବା ବିଜୁ ବାବୁ । ମଧୁବାବୁ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ପ୍ରାଣ ପ୍ରତିଷ୍ଠାତା । ତାଙ୍କ ପରେ ବିଜୁବାବୁ ସାଜିଲେ ଓଡ଼ିଶା ନବନିର୍ମାଣର ବିସ୍ମୟ ବିଶ୍ୱକର୍ମା । କୁହାଯାଏ ଏକ ଅପରାଜେୟ ଅଗ୍ନିପଥିକର ଅନ୍ୟନାମ ବିଜୁବାବୁ । ଏହି ସ୍ୱାଭିମାନୀ ସ୍ୱରସ୍ନାତ ସମ୍ବୋଧନରେ ରହିଛି ଏକ ସ୍ପର୍ଦ୍ଧିତ ପୌରୁଷର ସ୍ପନ୍ଦନପ୍ରବଣ ପରିଚିତି । ଓଡ଼ିଆ ଜାତି ତା'ର କୃତିତ୍ୱକୁ ନେଇ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ଓ ପ୍ରତିଷ୍ଠା ଲଭୁ- ଏହା ହିଁ ଥିଲା ବିଜୁବାବୁଙ୍କ ଜୀବନର ଅଭିଳଷିତ ସ୍ୱପ୍ନ । ବିଶ୍ୱକବି ରବୀନ୍ଦ୍ରନାଥ ଥିଲେ ତାଙ୍କର ସ୍ୱପ୍ନ ଗୁରୁ । ରବୀନ୍ଦ୍ରନାଥଙ୍କ ଉକ୍ତିକୁ ଉଦ୍ଧାର କରି ସେ କହୁଥିଲେ- 'ଯଦି ସ୍ୱପ୍ନ ଦେଖିବ ତ ବଡ଼ବଡ଼ ସ୍ୱପ୍ନ ଦେଖ । ବଡ଼ ସ୍ୱପ୍ନ ମାଧ୍ୟମରେ ହିଁ କେବଳ ସମ୍ଭବ ହୋଇପାରେ ବିଶାଳ କାର୍ଯ୍ୟ ସଂପାଦନ ।' ତେଣୁ ବଡ଼ବଡ଼ ସ୍ୱପ୍ନ ଭିତରେ ସେ ଆଙ୍କିଛନ୍ତି ଓଡ଼ିଶାର ସାମଗ୍ରିକ ବିକାଶର ନକ୍ସା । 'ମୋ ସ୍ୱପ୍ନର ଓଡ଼ିଶା ଶୀର୍ଷକ' ଭାଷଣରେ କହିଛନ୍ତି- 'ମୋ ରାଜ୍ୟରେ କୌଣସି ଚାଷୀର ଜମି ପଡ଼ିଆ ରହିବ ନାହିଁ । ଜମିରେ ପଡୁଥିବା ପ୍ରତ୍ୟେକ ଜଳବୁନ୍ଦାର ସୁଫଳ ମିଳିବ । ପ୍ରତ୍ୟେକ ପାଣିବୁନ୍ଦା ସଂରକ୍ଷଣ କରି ରଖାଯିବ ଏବଂ ଉପଯୁକ୍ତ ଭାବେ ବ୍ୟବହାର କରାଯିବ । ପ୍ରାକୃତିକ ବିପର୍ଯ୍ୟୟ ରହିଯିବ ଅତୀତର କଥା ହୋଇ । ମୋ ରାଜ୍ୟରେ କେହି ଖାଲି ପେଟରେ ଶୋଇବେ ନାହିଁ କି ପୁଷ୍ଟିହୀନତାର ଶିକାର ହେବେନି ଜଣେ ବି ଶିଶୁ । ମୋ ରାଜ୍ୟରୁ ଦୂର ହେବ ଅଶିକ୍ଷା ଓ ନିରକ୍ଷରତା । ସମସ୍ତଙ୍କ ମୁଣ୍ଡ ଉପରେ ଖଣ୍ଡିଏ ଭଲ ଛାତ, ସବୁ ପରିବାରକୁ ପିଇବା ପାଣି, ସବୁ ପିଲାଙ୍କ ପାଇଁ ଭଲ ସ୍କୁଲ ଓ ସମସ୍ତଙ୍କ ପାଇଁ ମାଗଣାରେ ଭଲ ସ୍ୱାସ୍ଥ୍ୟସେବା ଇତ୍ୟାଦି ଯୋଗାଇବା ମୋର ସ୍ୱପ୍ନ ।'

ବିଜୁବାବୁ ଥିଲେ ମହିଳା ସଶକ୍ତୀକରଣର ପଥ ପ୍ରଦର୍ଶକ, ଆଦ୍ୟ ପ୍ରବକ୍ତା । ଗୋଟେ ସ୍ୱାଭିମାନୀ ଓ ନିର୍ଭୀକ ଜାତିର ପୁନର୍ଗଠନ କ୍ଷେତ୍ରରେ ସେ ମା'ମାନଙ୍କ ଗୁରୁଦାୟିତ୍ୱକୁ ଅନୁଭବ କରିଥିଲେ ଏବଂ ସେହି ଆଧାରରେ ପ୍ରସ୍ତୁତ କରିଥିଲେ ମହିଳା ସଶକ୍ତୀକରଣର ନକ୍ସା । ଏ ପ୍ରସଙ୍ଗରେ 'ମୋ ସ୍ୱପ୍ନର ଓଡ଼ିଶା' ଶୀର୍ଷକ ଭାଷଣରେ ସେ କହିଛନ୍ତି- 'ମୁଁ ସେହି ଦିନର ସ୍ୱପ୍ନ ଦେଖୁଛି, ଯେଉଁଦିନ ପ୍ରତ୍ୟେକ ମହିଳା ପୁରୁଷଙ୍କ ସହ କାନ୍ଧରେ କାନ୍ଧ ମିଳାଇ ସମାନ ଭାବରେ ଦାୟିତ୍ୱ ନିର୍ବାହ କରିବେ । ସବୁକ୍ଷେତ୍ରରେ ପାଇବେ ସମାନ ସୁବିଧା ଓ ସୁଯୋଗ । ରାଜ୍ୟରେ ଆଉ ଶୁଣିବାକୁ ମିଳିବନି ନାରୀ ନିର୍ଯାତନାର କରୁଣ ସ୍ୱର । ଏହା ହିଁ ହେବ ମୋ ପାଇଁ ଏକବିଂଶ ଶତାବ୍ଦୀର ସ୍ୱପ୍ନ ।' ବିଜୁବାବୁ କେବଳ ଏଭଳି ସ୍ୱପ୍ନ ଦେଖି ସମୟ ଗଡ଼େଇ ଦେଇ ନାହାନ୍ତି, ବରଂ ସ୍ୱପ୍ନକୁ ତତ୍କାଳ କାର୍ଯ୍ୟକାରୀ କରିବା ଦିଗରେ ଦୃଢ଼ ପଦକ୍ଷେପ ନେଇଛନ୍ତି ଜଣେ ବାସ୍ତବବାଦୀ ନେତା ଭାବରେ । ସମଗ୍ର ଦେଶରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା କାର୍ଯ୍ୟକାରୀ ହେବାର ପ୍ରାୟ ଅଢ଼େଇ ବର୍ଷ ପୂର୍ବରୁ ବିଜୁବାବୁ ଓଡ଼ିଶାରେ ତାହା କାର୍ଯ୍ୟକାରୀ କରିଥିଲେ ଏକ ନୂଆ ରୂପରେ । ଆଇନରେ ବ୍ୟାପକ ସଂଶୋଧନ ଆଣି ପଞ୍ଚାୟତ ନିର୍ବାଚନରେ ମହିଳାଙ୍କ ପାଇଁ ରଖିଥିଲେ ଶତକଡ଼ା ୩୩ ଭାଗ ଆସନ ସଂରକ୍ଷଣ ବ୍ୟବସ୍ଥା । ଅର୍ଥାତ୍ କ୍ଷମତା ବିକେନ୍ଦ୍ରୀକରଣ ଓ ମହିଳାଙ୍କୁ ସୁରକ୍ଷା ଓ ସମ୍ମାନ ପ୍ରଦାନ କ୍ଷେତ୍ରରେ ସେ ଥିଲେ ଭାରତବର୍ଷର ଜଣେ ଅଗ୍ରଗଣ୍ୟ ଓ ଦୃଷ୍ଟାନ୍ତ ସୃଷ୍ଟିକାରୀ ନେତା । କେବଳ ରାଜନୀତି କ୍ଷେତ୍ରରେ ନୁହେଁ, ସାମଗ୍ରିକ ଭାବରେ ନାରୀ ଜାଗରଣ ଓ ନାରୀ ଜାତିର ବିକାଶ ପ୍ରତି ଥିଲା ତାଙ୍କର ଅସୀମ ଶ୍ରଦ୍ଧା ଓ ସମ୍ମାନ । ବିଜୁବାବୁ ମହିଳାଙ୍କ ସାମାଜିକ ଓ ଆର୍ଥିକ ବିକାଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇଥିଲେ ଏବଂ 'ଗାଁ'କୁ କାମ ଓ ମାଆକୁ ସମ୍ମାନ' ଥିଲା ତାଙ୍କର ସ୍ଲୋଗାନ । ସାମାଜିକ ସ୍ତରରେ ନାରୀ ନିର୍ଯାତନା ରୋକିବା ପାଇଁ ସେ ଗ୍ରହଣ କରିଥିଲେ ଅନେକ ସମୟୋପଯୋଗୀ ପଦକ୍ଷେପ । ଯୌତୁକ ରାକ୍ଷସ କବଳରୁ ନାରୀକୁ ସୁରକ୍ଷା ଦେବା ପାଇଁ ସେ ତାଙ୍କ ଦ୍ୱିତୀୟ ପାଳି ମୁଖ୍ୟମନ୍ତ୍ରିତ୍ୱ କାଳରେ ବିବାହ ଖର୍ଚ୍ଚକୁ ୨୫ ହଜାର ଟଙ୍କାରେ ସୀମିତ ରଖିବା ପାଇଁ ଜାରି କରିଥିଲେ କଟକଣା । ସେ ଜାଣିଥିଲେ ଯୌତୁକ ନିର୍ଯାତନା କ୍ଷେତ୍ରରେ ସ୍ୱାମୀ ଶ୍ୱଶୁରଙ୍କ ତୁଳନାରେ ଶାଶୂ ନଣନ୍ଦଙ୍କ ଭୂମିକା ବେଶି । ସେଥିପାଇଁ ତାଙ୍କର ସ୍ଲୋଗାନ ଥିଲା 'ଶାଶୂ ହାତକଡ଼ି ନଣନ୍ଦ ବେଡ଼ି' । ମହିଳା ହିଂସା ରୋକିବା ଲକ୍ଷ୍ୟରେ ସେ ଗଠନ କଲେ ମହିଳା ଆୟୋଗ । ତାଙ୍କରି ସମୟରେ ମହିଳା ଥାନା ପ୍ରତିଷ୍ଠା ହେଲା ଏବଂ ନିଯୁକ୍ତି ପାଇଲେ ମହିଳା ହୋମଗାର୍ଡ ଓ ସବଇନ୍ସପେକ୍ଟର । ନାରୀମାନଙ୍କ ଗୁରୁତ୍ୱ ତଥା ମର୍ଯ୍ୟାଦା ବୃଦ୍ଧି ପାଇଁ ସ୍କୁଲ କଲେଜରେ ପିଲାଙ୍କ ନାମଲେଖା ବେଳେ ବାପାଙ୍କ ନାମ ସହିତ ମା'ଙ୍କ ନାମ ଲେଖାଗଲା ଏବଂ ବୋର୍ଡ ସାର୍ଟିଫିକେଟରେ ବାଧ୍ୟତାମୂଳକ ଭାବରେ ରହିଲା ମା'ଙ୍କ ନାଁ । ଜମି ପଟ୍ଟାରେ ବି ଉଲ୍ଲେଖ ରହିଲା ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ନାମ ।

ବିଜୁବାବୁ ନାରୀ ଶିକ୍ଷାକୁ ଅଗ୍ରାଧିକାର ଦେବା କାରଣରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଗଢ଼ିଉଠିଲା ବାଳିକା ବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ଓ ମହିଳା ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନ । ନାରୀ ଆତ୍ମନିର୍ଭରଶୀଳ ହେଲେ ଆପେ ଆପେ ସମାଧାନ ହୋଇଯିବ ତାକୁ ଘେରି ରହିଥିବା ଅନେକ ସମସ୍ୟା । ଏହି ବିଚାରବୋଧ ନେଇ ସେ ସରକାରୀ ଚାକିରି କ୍ଷେତ୍ରରେ ମହିଳାଙ୍କ ପାଇଁ ରଖିଲେ ୩୦ ଶତାଂଶ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା । ନିଯୁକ୍ତି ନିମନ୍ତେ ବି କୋହଳ ହେଲା ପାଞ୍ଚ ବର୍ଷ ବୟସ ସୀମା । ଆଦିବାସୀ ମହିଳାଙ୍କ ଦୟନୀୟ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ଲକ୍ଷ୍ୟରେ ୨୫ ଟଙ୍କାକୁ ବୃଦ୍ଧି ପାଇଲା ମହିଳାଙ୍କ ସର୍ବନିମ୍ନ ମଜୁରି । ମହିଳାଙ୍କ ଆର୍ଥିକ ବିକାଶ ପାଇଁ ପ୍ରତିଷ୍ଠା ହେଲା ମହିଳା ବ୍ୟାଙ୍କ । କ୍ରୀଡ଼ା କ୍ଷେତ୍ରରେ ବିକାଶ ପାଇଁ କ୍ରୀଡ଼ାପ୍ରେମୀ ବିଜୁବାବୁ ବିଜୁବାବୁଙ୍କ ଅବଦାନ ଅନେକ । ୧୯୯୩ ମସିହା ପର୍ଯ୍ୟନ୍ତ ଓଡ଼ିଶାରେ ନ ଥିଲା ମହିଳା ଫୁଟବଲ ଦଳ । ବିଜୁବାବୁଙ୍କ ଉଦ୍ୟମରେ ସେହିବର୍ଷ ଓଡ଼ିଶା ମହିଳା ଫୁଟବଲ ଦଳ ଗଠନ ହେଲା ଏବଂ ପରବର୍ତ୍ତୀ ସମୟରେ ରାଜ୍ୟରୁ ସୃଷ୍ଟି ହେଲେ ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ ପରି ଅନେକ ମହିଳା ଫୁଟବଲ ଖେଳାଳି । ମହିଳାମାନଙ୍କ ମଦ ବିରୋଧୀ ଆନ୍ଦୋଳନ ପ୍ରତି ବିଜୁବାବୁଙ୍କର ସମର୍ଥନ ଥିଲା ଏବଂ ଏ ଦିଗରେ ସେ ନେଇଥିଲେ କିଛି ଦୃଷ୍ଟାନ୍ତକାରୀ ପଦକ୍ଷେପ । କୋରାପୁଟର ସୁମନୀ ଝୋଡ଼ିଆ, ଅନ୍ଧାରୀ ମାଝି ଓ ସବାଇ ମାଝି ନାମକ ତିନିଜଣ ମହିଳାଙ୍କୁ ନିଜର ରାଜନୈତିକ ପରାମର୍ଶଦାତା ଭାବରେ ନିଯୁକ୍ତି ଦେଇଥିଲେ ଏବଂ ଚୋରା ମଦବେପାରୀଙ୍କୁ ସାବାଡ୍ କରିବା ପାଇଁ ସେମାନଙ୍କୁ ମିଳିଥିଲା ପୁଲିସ କ୍ଷମତା ।

ରାଜନୀତିରେ ବିଜୁବାବୁ ଥିଲେ ଜଣେ ଭିନ୍ନ ବ୍ୟକ୍ତିତ୍ୱ । ଭାରି ରୋକ୍‌ଠୋକ୍ ଓ ବେପରୁଆ । ଆଜିକାଲି ନେତାଙ୍କ ପରି 'ଜୟଧର୍ମ'କୁ ସେ 'ରାଜଧର୍ମ' ଭାବରେ ଗ୍ରହଣ କରୁ ନଥିଲେ କି ଭୋଟ ହାତେଇବା ପାଇଁ ଅଜାଡ଼ି ଦେଉ ନଥିଲେ ସ୍ୱର୍ଗରୁ ଚାନ୍ଦ ତୋଳି ଆଣିବାର ପ୍ରତିଶ୍ରୁତି । କାରଣ ଜୟଧର୍ମ ନୁହେଁ, ଦୁର୍ବାର ଦୁଃସାହସ ମଧ୍ୟରେ ଦେଶ ଓ ଜାତିକୁ ଆଗକୁ ନେବା ଥିଲା ତାଙ୍କର ରାଜନୈତିକ ଆଦର୍ଶର ମୂଳକଥା । କ୍ଷମତା ହାତେଇବା ନିଶାରେ ଦେଶର ସ୍ୱାର୍ଥକୁ ବଳି ଦେବାର ଯେଉଁ ହୀନମନ୍ୟତା ଏବେ ନେତାଙ୍କୁ ଗ୍ରାସ କରିଛି, ବିଜୁବାବୁ ଥିଲେ ତା'ର ସଂପୂର୍ଣ୍ଣ ବ୍ୟତିକ୍ରମ । ତେଣୁ ତୁଳନାତ୍ମକ ଭାବେ ବିଚାର କଲେ ମନେହୁଏ ବିଜୁବାବୁଙ୍କ ଛାତିର ଚଉଡ଼ା ଏବଂ ଶିଖର ଛୁଇଁଥିବା ତାଙ୍କ ଉଚ୍ଚତା ଆଗରେ ଅତି ଖର୍ବକାୟ ମନେ ହୁଅନ୍ତି ଭାରତୀୟ ରାଜନୀତିରେ ସଂପ୍ରତି ପ୍ରତିଷ୍ଠା ଅର୍ଜନ କରିଥିବା ଅନ୍ୟ ଅନେକ ରାଜନେତା । ବସ୍ତୁତଃ ବିଜୁବାବୁ କ୍ଷମତା ରାଜନୀତିରେ ଥିଲେ ମଧ୍ୟ ନିର୍ବାଚନ ନୁହେଁ, ରାଜ୍ୟର ବିକାଶ ଥିଲା ତାଙ୍କ ରାଜନୈତିକ ଚେତନାର ମୂଳପିଣ୍ଡ । ତେଣୁ ସମଗ୍ର ରାଜ୍ୟ ଥିଲା ତାଙ୍କ ନଖ ଦର୍ପଣରେ । ଓଡ଼ିଶାର ପ୍ରାୟ ଏମିତି କୌଣସି ଅଞ୍ଚଳ ନାହିଁ, ଯେଉଁଠି କେବେ ପଡ଼ି ନାହିଁ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପାଦ । ଓଡ଼ିଶାରେ ପ୍ରାୟ ଏମିତି କେହି ଲୋକ ବି ନାହିଁ, ଯିଏ କେବେ ଶୁଣିନାହିଁ ଓଡ଼ିଆପ୍ରାଣ ବିଜୁବାବୁଙ୍କ ନାମ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ବା କେନ୍ଦ୍ରମନ୍ତ୍ରୀ ଭାବରେ ସେ ଦୀର୍ଘକାଳ ଧରି କ୍ଷମତାସୀନ ନଥିଲେ ସତ, ମାତ୍ର ଜଣେ ଜନନାୟକ ଭାବରେ ଲୋକଙ୍କ ହୃଦୟ ଭିତରେ ସେ ଅଛନ୍ତି ଓ ରହିବେ କାଳ କାଳ ପାଇଁ । ■

ସକାଳ
THE SAKALA

# କାଠଗଡ଼ାରେ ଡୋନାଲ୍ଡ ଟ୍ରମ୍ପ

ଗଣତନ୍ତ୍ରରେ ବେଳେବେଳେ ଚମତ୍କାରିତା ଦେଖିବାକୁ ମିଳେ । ଆଇନର ଶାସନ ଆଗରେ ସମସ୍ତେ କିପରି ସମାନ ତାହାର ଉଦାହରଣ ବ୍ୟବସ୍ଥାଗତ ଭାବେ ପ୍ରତିପାଦିତ ହୁଏ । ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ଗଣତାନ୍ତ୍ରିକ ତଥା ସବୁଠୁ ଶକ୍ତିଶାଳୀ ରାଷ୍ଟ୍ର ଯୁକ୍ତରାଷ୍ଟ୍ର ଆମେରିକାରେ ସେଭଳି ଏକ ଘଟଣା ଘଟିଛି, ଯାହା ଏକ ଇତିହାସ ସୃଷ୍ଟି କରିଛି । ପ୍ରଥମଥର ପାଇଁ ଦେଶର ଜଣେ ପୂର୍ବତନ ରାଷ୍ଟ୍ରପତି ତଥା ଆସନ୍ତା ନଭେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନର ରିପବ୍ଲିକାନ ଦଳର ପ୍ରବଳ ପ୍ରତାପୀ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ଏକ ଫୌଜଦାରୀ ମାମଲାରେ ଅଦାଲତରେ ହାଜର ହୋଇଛନ୍ତି । ତାଙ୍କ ବିରୋଧରେ ସଂଗିନ ଅଭିଯୋଗ ଆସିଛି । ଜଣେ ଉଚ୍ଚବର୍ଗୀୟ ପ୍ରଭାବଶାଳୀ ମହିଳାଙ୍କ ସହିତ ଯୌନସମ୍ପର୍କ ରକ୍ଷା ଏବଂ ତାଙ୍କୁ ଚୁପ୍ ରଖିବାକୁ ନିଜ ବ୍ୟବସାୟ ଲବ୍ଧ ଧନରୁ ବେଆଇନ ଭାବେ ବିପୁଳ ଅର୍ଥ ପ୍ରଦାନ ଅଭିଯୋଗରେ ଟ୍ରମ୍ପ ମୋକଦ୍ଦମାର ସମ୍ମୁଖୀନ ହୋଇଛନ୍ତି । ଏଥିରେ ଅନୈତିକତା, ମହିଳାଙ୍କ ପ୍ରତି ଅନୁପଯୁକ୍ତ ଆଚରଣ, ବେଆଇନ ଅର୍ଥ କାରବାର, ସତ୍ୟକୁ ଲୁଚାଇବାକୁ ମିଥ୍ୟାଚାରର ଆଶ୍ରୟ ନେବା ଆଦି ଅଭିଯୋଗ ଟ୍ରମ୍ପଙ୍କ ବିରୋଧରେ ଆସିଛି । ବିଲ୍ କ୍ଲିଣ୍ଟନଙ୍କ ବିରୋଧରେ ଏଭଳି ଏକ ଯୌନାଚାର ଅଭିଯୋଗ ଆସିଥିଲେ ମଧ୍ୟ ସେ କିନ୍ତୁ ଘଟଣାକୁ ସ୍ୱୀକାର କରିଥିଲେ । ତାଙ୍କ ବିରୋଧରେ ଅବଶ୍ୟ କୌଣସି ମାମଲା ରୁଜୁ ହୋଇନଥିଲା । ସେ ରାଷ୍ଟ୍ରପତି ଥିବାବେଳେ ହ୍ୱାଇଟ୍ ହାଉସର ଜଣେ କର୍ମଚାରୀ ମୋନିକା ଲୁଇସ୍କିଙ୍କ ସହିତ ଏକାଧିକବାର ଦୈହିକ ସମ୍ପର୍କ ରଖିଥିଲେ । ସେ କ୍ଷମତାରୁ ଯିବା ପରେ ଏହି ଘଟଣା ଲୋକଲୋଚନକୁ ଆସିଥିଲା ।

ଯୁକ୍ତରାଷ୍ଟ୍ର ଆମେରିକା ଭାରତ ଭଳି ଏକ ଯୌନଦମିତ ସମାଜ ନୁହେଁ । ଆମେ ଯୌନ ଜୀବନରେ ଯାହାକୁ ସଂଯମ, ଶାଳୀନତା ଓ ଭଦ୍ରାମୀ ବୋଲି କହିଥାଉ ସେଠାରେ ସେ ସବୁର ଅର୍ଥ ଭିନ୍ନ । ତଥାପି ଜଣେ ପୂର୍ବତନ ରାଷ୍ଟ୍ରପତି ପ୍ରଥମ କରି ଏଭଳି ଏକ ଯୌନସମ୍ପର୍କ ଘଟଣାରେ ଫସିବା ଏବଂ ମାମଲାର ସମ୍ମୁଖୀନ ହୋଇ ଅଦାଲତକୁ ଟଣା ହେବା ନିଶ୍ଚୟ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା । ବିଶେଷକରି ସେ ୨୦୨୪ ନିର୍ବାଚନରେ ବିରୋଧୀ ରିପବ୍ଲିକାନ ଦଳର ପ୍ରାର୍ଥୀ ହେବାକୁ ପ୍ରାରମ୍ଭିକ ପର୍ଯ୍ୟାୟ ଭୋଟରେ ବିଜୟୀ ହୋଇଛନ୍ତି । ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ହେବାକୁ ଯାଉଛନ୍ତି ବର୍ତ୍ତମାନର ରାଷ୍ଟ୍ରପତି ଡେମୋକ୍ରାଟିକ୍ ଦଳର ଜୋ ବାଇଡେନ୍ । ଏହାପଛରେ ଯେ ବଡ଼ ରାଜନୀତି ରହିଛି, ତାହାକୁ ଅସ୍ୱୀକାର କରିହେବ ନାହିଁ । ଦେଶ ଅଲଗା ହେଲେ ମଧ୍ୟ ରାଜନୀତିର ରଙ୍ଗ ଓ ଚରିତ୍ର ସବୁଆଡ଼େ ପ୍ରାୟ ସମାନ । ଟ୍ରମ୍ପ ଜଣେ ଧନୀ ଏବଂ ଅତ୍ୟନ୍ତ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ରାଷ୍ଟ୍ରପତି ନିର୍ବାଚନରେ ପ୍ରାୟ ଛ'ମାସ ପୂର୍ବରୁ ତାଙ୍କୁ ବଦନାମ କରିବାକୁ ଡେମୋକ୍ରାଟିକ୍ ଦଳର ଏହା ଏକ ସୁଚିନ୍ତିତ ପଦକ୍ଷେପ ବୋଲି କେତେକ ରିପ୍ଲିକାନ ନେତା ପ୍ରକାଶ୍ୟରେ କହୁଛନ୍ତି । ଯେଉଁ ମାନହାଟନ ଅଦାଲତରେ ଏହି ମାମଲା ଚାଲିଛି, ସେହି ଅଞ୍ଚଳଟିରେ ଡେମୋକ୍ରାଟିକ୍ ଦଳର ପ୍ରଭାବ ଅତି ଅଧିକ । ଆହୁରି ମଧ୍ୟ ମାମଲାର ଅଧିକ ବିଚାର ପାଇଁ ସାଧାରଣ ଲୋକଙ୍କୁ ନେଇ ଯେଉଁ ୧୨ ଜଣିଆ ବିଚାରକ ମଣ୍ଡଳୀ ଗଠିତ ହେବ ସେଥିରେ ଡେମୋକ୍ରାଟିକ ଦଳର ସମର୍ଥକମାନେ ମୁଖ୍ୟତଃ ସଦସ୍ୟ ହେବେ ।

ଟ୍ରମ୍ପ ନିଜେ କହିଛନ୍ତି ଯେ ତାଙ୍କ ବିରୋଧରେ ଏହା ଏକ ରାଜନୈତିକ ଦଣ୍ଡବିଧାନ ପ୍ରୟାସ । ଟ୍ରମ୍ପ ଅଦାଲତରେ ସ୍ପଷ୍ଟ କରି ଦେଇଛନ୍ତି ଯେ ଯେଉଁ ବିଚାରପତି ମାମଲାର ଶୁଣାଣି କରୁଛନ୍ତି, ସେ ତାଙ୍କର ଦୃଢ଼ ବିରୋଧୀ । ସେ ରାଷ୍ଟ୍ରପତି ଥିବାବେଳେ ଏହି ବିଚାରପତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ । ତେଣୁ ସେ ପ୍ରତିଶୋଧ ପରାୟଣ ହୋଇ ମାମଲାକୁ ନିରପେକ୍ଷତା ପ୍ରଦାନ କରିବେ ନାହିଁ । ତେଣୁ ଏହି ମାମଲାର ବିଚାର କରୁଥିବା ସମ୍ପୃକ୍ତ ବିଚାରପତିଙ୍କୁ ବିଚାର ପ୍ରକ୍ରିୟାରୁ ହଟାଇବାକୁ ସେ ଦାବି କରିଛନ୍ତି । ଟ୍ରମ୍ପ ଆହୁରି ମଧ୍ୟ କହିଛନ୍ତି ଯେ ଯେଉଁ ମହିଳାଙ୍କ ସହ ତାଙ୍କର ଯୌନସମ୍ପର୍କ ଥିଲା ସେ ଜଣେ ପର୍ଣ୍ଣଷ୍ଟାର ବା ଅଶ୍ଳୀଳ ଚଳଚ୍ଚିତ୍ରରେ କାମ କରୁଥିବା ଅଭିନେତ୍ରୀ । ତାଙ୍କୁ ଯେଉଁ ଅର୍ଥ ଦିଆଯାଇଥିଲା ତାହା ବେଆଇନ ଭାବେ ହସ୍ତାନ୍ତରିତ ହୋଇଥିବାର ଅଭିଯୋଗ ସେହି ମହିଳାଙ୍କର ଜଣେ ପୁରୁଷ ବନ୍ଧୁ କରିଛନ୍ତି ଯେ କି ଡେମୋକ୍ରାଟିକ୍ ଦଳର ସଦସ୍ୟ ।

ଟ୍ରମ୍ପ ଭଲ କି ମନ୍ଦ ନେତା ତାହା ସମଗ୍ର ବିଶ୍ୱ ଜାଣିଛି । ତାଙ୍କ ବିରୋଧରେ କାପିଟାଲ ହିଲ୍ସ ଉପରେ ଆକ୍ରମଣ ଓ ଦଙ୍ଗାଗୋଳ ଭିଆଇବା ଅଭିଯୋଗରେ ମାମଲା ମଧ୍ୟ ଚାଲିଛି । ରାଷ୍ଟ୍ରପତି ନିର୍ବାଚନରେ ଦ୍ୱିତୀୟ ଥର ଅଳ୍ପ ଭୋଟରେ ହାରିଯିବା ପରେ ତାଙ୍କ ସମର୍ଥକମାନେ ଆମେରିକାର କଂଗ୍ରେସ ଓ ପ୍ରତିନିଧି ସଭା ଥିବା କାପିଟାଲ ହିଲ୍ସ ଉପରେ ଆକ୍ରମଣ କରିଥିଲେ ବୋଲି ଅଭିଯୋଗ ହୋଇଥିଲା । ତେବେ ଟ୍ରମ୍ପଙ୍କ ବିରୋଧରେ ଏ ଯେଉଁ ମାମଲା ଚାଲିଛି, ତାହାର ଗୁରୁତ୍ୱ କ'ଣ? ସତ କଥା ହେଲା ଏଥିରେ ସେମିତି କିଛି ବିଶେଷ ଗୁରୁତ୍ୱ ନାହିଁ । ଜଣେ ପୂର୍ବତନ ରାଷ୍ଟ୍ରପତି ଭାବେ ତାଙ୍କର କିଛି ସୁରକ୍ଷା ବା ଇମ୍ୟୁନିଟି ରହିଛି । ଫଳରେ ସେ ଦୋଷୀ ସାବ୍ୟସ୍ତ ହେଲେ ମଧ୍ୟ ତାଙ୍କ ବିରୋଧରେ ଦଣ୍ଡବିଧାନ ଏହି ମାମଲାରେ ହୋଇପାରିବ ନାହିଁ । ସୁପ୍ରିମକୋର୍ଟରେ ସେ ନିର୍ଦ୍ଦୋଷରେ ଖଲାସ ହେବାର ସମ୍ଭାବନା ଅଧିକ । ଯଦି ସେ ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ମଧ୍ୟ ରାଷ୍ଟ୍ରପତି ନିର୍ବାଚନରେ ତାଙ୍କୁ ପ୍ରାର୍ଥୀ ହେବାରୁ ଦେଶର ଆଇନ ବଞ୍ଚିତ କରିପାରିବ ନାହିଁ । କାରଣ ଆମେରିକାର ସମ୍ବିଧାନ ଫୌଜଦାରୀ ମାମଲାରେ ଜଣେ ରାଷ୍ଟ୍ରପତି ପ୍ରାର୍ଥୀ ଦୋଷୀ ସାବ୍ୟସ୍ତ ହେଲେ ସେ ନିର୍ବାଚନ ଲଢ଼ି ପାରିବେ କି ନାହିଁ ସେ ନେଇ ସ୍ପଷ୍ଟ ଉଲ୍ଲେଖ ନାହିଁ । ତେଣୁ ଦେଶର ସମ୍ବିଧାନ ଯେତେବେଳେ ଏହି ପ୍ରସଙ୍ଗରେ ନିରବ, ଅଦାଲତ ଚାହିଁଲେ ମଧ୍ୟ ଟ୍ରମ୍ପଙ୍କୁ ରୋକିପାରିବେ ନାହିଁ । କିନ୍ତୁ ତାଙ୍କ ଭଳି ଜଣେ ପୂର୍ବତନ ରାଷ୍ଟ୍ରପତିଙ୍କୁ କାଠଗଡ଼ାକୁ ଆଣିବା ଦର୍ଶାଉଛି ଯେ ଗଣତନ୍ତ୍ରରେ କେହି ଆଇନର ଊର୍ଦ୍ଧ୍ୱରେ ନୁହନ୍ତି ।

ଆମ ବିଚାରରେ ଏହି ମାମଲା ଟ୍ରମ୍ପଙ୍କୁ ରୋକିବାକୁ ବିରୋଧୀଙ୍କ ଏକ ଷଡ଼ଯନ୍ତ୍ର ଏବଂ ଶାସକ ଡେମୋକ୍ରାଟିକ୍ ଦଳର ନୈରାଶ୍ୟର ପ୍ରତିଫଳନ । ଏଥିରୁ ମନେ ହେଉଛି ଜୋ ବାଇଡେନଙ୍କ ଦ୍ୱିତୀୟଥର ବିଜୟ ସମ୍ଭାବନା କମ୍ । ଏକଥା ଅବଶ୍ୟ ଆମେରିକାର ଗଣମାଧ୍ୟମ ଓ ରିପବ୍ଲିକାନମାନେ ଖୋଲାଖୋଲି କହୁଛନ୍ତି । ତେବେ ଆମେରିକା ସମାଜ ଭାରତ ପରି ନୁହେଁ, ଯେଉଁଠି ନିର୍ବାଚନରେ ନୈତିକତା ଓ ଚରିତ୍ର କିଞ୍ଚିତ ପ୍ରସଙ୍ଗ ହୁଏ । ଭାରତରେ ମଧ୍ୟ ଆଉ ସେ କଥା ଆଗଭଳି ନାହିଁ । ଅଗଣିତ ଅଭିଯୁକ୍ତ ବିଭିନ୍ନ ମାମଲାର ସମ୍ମୁଖୀନ ହୋଇ ସବୁଦଳରୁ ନିର୍ବାଚନ ଲଢୁଛନ୍ତି । ଟ୍ରମ୍ପଙ୍କ ବିଚାର କେବଳ ଗୋଟିଏ କଥା କହୁଛି ଯେ ଗଣତନ୍ତ୍ରରେ ଆଇନ ଆଗରେ ସମସ୍ତେ ସମାନ । ତେଣୁ ଏହାର ବିଶେଷକିଛି ରାଜନୈତିକ ପ୍ରଭାବ ନାହିଁ ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ନିର୍ବାଚନୀ ରାଜନୀତିରେ ବିଜୁବାବୁଙ୍କ ୫୧ ବର୍ଷ



ପ୍ରହଲାଦ କୁମାର ସିଂହ
ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

'ସ୍ପିଂକ୍ସ ଯେପରି ଧ୍ୱଂସର ଶଯ୍ୟା ଭିତରୁ ଉଠି ପୁଣି ଆକାଶକୁ ଲମ୍ଫ ପ୍ରଦାନ କରେ, ବିଜୁ ବାବୁ ସେହିପରି ପରାଜୟର ଧୂଳିଶଯ୍ୟାରୁ ନୂଆ ଜନ୍ମ ଲାଭ କରି ଉତ୍‌ଥାନର ଚୂଡ଼ା ଆଡ଼କୁ ମାଡ଼ି ଚାଲନ୍ତି ।' ବିଜୁ ପଟ୍ଟନାୟକଙ୍କୁ ଗ୍ରୀକ୍ ଉପକଥାର ସ୍ପିଂକ୍ସ ସହିତ ତୁଳନା କରି ଏକଦା ଏହି ବକ୍ତବ୍ୟ ରଖିଥିଲେ ଚକ୍ରବର୍ତ୍ତୀ ରାଜଗୋପାଳଚାରୀ । ନିର୍ବାଚନରେ ଜୟ-ପରାଜୟକୁ ହାଲୁକା ଭାବେ ଗ୍ରହଣ କରି ବିଜୁ ବାବୁ କହୁଥିଲେ, 'ନିର୍ବାଚନ ଗୋଟାଏ ଯୁଦ୍ଧ, ଏଥିରେ ହାର୍ ଜିତ୍ ରହିଛି, ଯୋଦ୍ଧା ଯୁଦ୍ଧରେ ମୃତ୍ୟୁବରଣ କଲେ ସ୍ୱର୍ଗପ୍ରାପ୍ତ ହୁଏ । ବିଜୟୀ ହେଲେ ଯଶସ୍ୱୀ ହୁଏ, ରାଜ୍ୟ ଲାଭ କରେ । ତେଣୁ ପରାଜୟ ପାଇଁ ଦୁଃଖ କରିବାର କାରଣ ନାହିଁ । ପ୍ରକୃତ ଯୋଦ୍ଧା ଲାଗି ଜିତିବା ହାରିବା ଉଭୟ ସମାନ ।' ୧୯୪୬ରୁ ୧୯୯୭ ପର୍ଯ୍ୟନ୍ତ ଦୀର୍ଘ ୫୧ବର୍ଷ ଧରି ନିର୍ବାଚନୀ ରାଜନୀତିରେ ସକ୍ରିୟଥିବା ବିଜୁବାବୁଙ୍କ ରେକର୍ଡ ଏଯାବତ୍ ଆମ ରାଜ୍ୟରେ କେହି ଭାଙ୍ଗି ପାରିନାହାନ୍ତି ।

ବିଜୁ ପଟ୍ଟନାୟକ ଥିଲେ ଖୁବ୍ ଜିଦ୍‌ଖୋର । ଛାତ୍ର ଜୀବନରେ ଏକଦା ସେ ଶପଥ କରିଥିଲେ ପାଇଲଟ୍ ହେବେ ବୋଲି । ତାହା କରି ଦେଖାଇଲେ । କଟକରୁ ପେଶୱାର ପର୍ଯ୍ୟନ୍ତ ଦୁଃସାହସିକ ସାଇକେଲ ଯାତ୍ରା କରି ସେ ସମୟରେ ସେ କେବଳ ରେଭେନ୍ସା କଲେଜରେ ନୁହେଁ, ଚାରିଆଡ଼େ ଚହଳ ପକାଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବ୍ରିଟିଶ ସରକାରର ପାଇଲଟ୍ ଥାଇ ସେ ଯେଉଁ ଦୁଃସାହସିକ ଅଭିଯାନ କରିଥିଲେ ତାହା ଇତିହାସର କଥାବସ୍ତୁ । ଗାନ୍ଧିଜୀଙ୍କ 'ଭାରତ ଛାଡ଼ ଆନ୍ଦୋଳନ'ର ଗୁରୁମନ୍ତ୍ର 'କର ବା ମର' ତାଙ୍କୁ ଏଭଳି ପ୍ରଭାବିତ କରିଥିଲା ଯେ ସେ ସରକାରୀ ବିମାନରେ ଅରୁଣା ଅସଫ୍‌ଅଲ୍ଲୀ, ଜୟପ୍ରକାଶ ନାରାୟଣ, ରାମ ମନୋହର ଲୋହିଆ ଆଦି କ୍ରାନ୍ତିକାରୀମାନଙ୍କୁ ଗୁପ୍ତରେ ନେବା ଆଣିବା କରୁଥିଲେ । ବ୍ରିଟିଶ ସରକାରଙ୍କ ନଜରକୁ ଏ ପ୍ରସଙ୍ଗ ଆସିବା ପରେ ସେ ଗିରଫ ହୋଇ ଜେଲ୍‌ରେ ରହିଲେ । ୧୯୪୫ରେ କାରାମୁକ୍ତି ପରେ ସେ ଆଉ ଚାକିରିକୁ ନଫେରି ନିଜର ବିମାନ ଉଡ଼ାଣ ସଂସ୍ଥା ଆରମ୍ଭ କରିବା ସହ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଆଗ୍ରହକ୍ରମେ ନିର୍ବାଚନୀ ରାଜନୀତି କ୍ଷେତ୍ରକୁ ଆସି ୧୯୪୬ରେ କଂଗ୍ରେସ ପ୍ରାର୍ଥୀ ଭାବେ କେନ୍ଦ୍ର କଟକ ସଦର ନିର୍ବାଚନ ମଣ୍ଡଳୀରୁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଆସିଲେ । କଅଁଳା ଶିଶୁ ନବୀନଙ୍କ ସମେତ ୩ ପୁଅ ଝିଅଙ୍କୁ ଛାଡ଼ି ପତ୍ନୀ ଜ୍ଞାନ ପଟ୍ଟନାୟକଙ୍କୁ ସାଙ୍ଗରେ ନେଇ ବିଜୁ ବାବୁ ଡଚ୍ ବାହିନୀର ଧମକ ସତ୍ତ୍ୱେ ଇଣ୍ଡୋନେସିଆ ଯାଇ ସେଠାକାର ରାଷ୍ଟ୍ରପତି ସୁକର୍ଣ୍ଣଙ୍କୁ ଭେଟିବା ସଙ୍ଗେ ସଙ୍ଗେ ଅନ୍ୟ ୨ଜଣ ନେତା ମହମ୍ମଦ ହଟ୍ଟା ଓ ସୁଲତାନ୍ ସାହାରିର୍‌ଙ୍କୁ ଦିଲ୍ଲୀ ନେଇ ଆସିଥିଲେ । ତାଙ୍କ ଦୁଃସାହସିକ ଅଭିଯାନର ସନ୍ତକ ଇଣ୍ଡୋନେସିଆରୁ ରୁଷ୍ ପର୍ଯ୍ୟନ୍ତ ରହିଛି ।

୧୯୪୬ରୁ ୧୯୯୭ ଏପ୍ରିଲ ୧୭ ତାରିଖରେ ଶେଷ ନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ଜନନେତା ବିଜୁ ପଟ୍ଟନାୟକ ନିର୍ବାଚନୀ ରାଜନୀତିରେ ସକ୍ରିୟ ରହିବା ସହିତ ଜାତୀୟ ଓ ରାଜ୍ୟସ୍ତରରେ କେତେବେଳେ 'ଝଡ଼ର ଇଗଲ୍' ତ ଆଉ କେତେବେଳେ 'ଧରଣୀର କୃଷ୍ଣସାର' ଅଥବା 'ମାଟିର ମୂର୍ତ୍ତିକାର' ଭାବେ ଉଭା ହୋଇଥିଲେ । ତାଙ୍କୁ କିଏ କେତେବେଳେ ଅପବାଦରେ ପୋତି ପକାଇଲା କି ଆଉ କିଏ 'ପ୍ରବାଦ ପୁରୁଷ' କହି ପ୍ରଶଂସା ଅଜାଡ଼ିଲା ସେଥିପ୍ରତି ତାଙ୍କର ଖାତିର୍ ନଥିଲା । ଦେଶର ସମ୍ବିଧାନ ଲାଗୁ ହେବା ପରେ ୧୯୫୧-୫୨ ମସିହାରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ସେ କଂଗ୍ରେସ ପ୍ରାର୍ଥୀ ଭାବେ ଗଞ୍ଜାମ ଜିଲ୍ଲାର ଜଗନ୍ନାଥପ୍ରସାଦରୁ ଓ ୧୯୫୭ରେ ସୋରଡ଼ାରୁ ନିର୍ବାଚିତ ହୋଇଥିଲେ । ୧୯୬୧ର ବିଧାନସଭା ନିର୍ବାଚନରେ ସେ ଚୌଦ୍ୱାରରୁ ନିର୍ବାଚିତ ହୋଇଥିବା ବେଳେ ସେଥର ଢେଙ୍କାନାଳ ଆସନରୁ ଲଢ଼ି କିନ୍ତୁ ହାରି ଯାଇଥିଲେ । ୧୯୬୧ ଜୁନ୍ ୨୩ରେ ବିଜୁବାବୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରି ୧୯୬୩ ଅକ୍ଟୋବର ୨ ପର୍ଯ୍ୟନ୍ତ ଏହି ପଦବୀରେ ରହିଥିଲେ । ୧୯୬୭ରେ ସେ ପାଟକୁରା ଆସନରୁ ବିଧାୟକ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ ମଧ୍ୟ ରାଜନୀତି କ୍ଷେତ୍ରରେ ନିଜକୁ ନେତା ତିଆରି କାରଖାନାରେ ପରିଣତ କରିଥିଲେ । ୧୯୭୧ରେ ସେ ଏକସଙ୍ଗେ ଭଞ୍ଜନଗର ଲୋକସଭା ସହିତ ଚୌଦ୍ୱାର, ଖୋରଧା, ଭୁବନେଶ୍ୱର ଓ ଭଞ୍ଜନଗର ବିଧାନସଭା ଆସନ ପାଇଁ 'ଉତ୍କଳ କଂଗ୍ରେସ' ପ୍ରାର୍ଥୀ ଭାବେ ଲଢ଼ି ହାରିଥିଲେ । ଏହା ପରେ ପରେ ବିଜୁ ବାବୁ ସେହିବର୍ଷ ମଇ ୧୩ ତାରିଖରେ ରାଜ୍ୟସଭା ସଦସ୍ୟ ହୋଇଥିଲେ । ରାଜ୍ୟ ରାଜନୀତି ତାଙ୍କୁ ଏତେ ଆକର୍ଷିତ କରିଥିଲା ଯେ ସେ ଅକ୍ଟୋବର ୬ରେ ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେବା ସହ ରାଜନଗର ବିଧାନସଭା ଆସନ ପାଇଁ ଉପନିର୍ବାଚନ ଲଢ଼ି ପୁଣି ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୧୯୭୪ରେ ପୁନର୍ବାର ବିଜୁବାବୁ ରାଜନଗର ଆସନରୁ ବହୁ ଭୋଟ୍ ବ୍ୟବଧାନରେ ଉତ୍କଳ କଂଗ୍ରେସ ପ୍ରାର୍ଥୀ ଭାବେ ବିଜୟୀ ହେଲେ ।

ସେତେବେଳେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ଚାଲିଥିବା ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନରେ ଝାସ ଦେଇ ବିଜୁବାବୁ ୧୯୭୫ର ଜରୁରୀ ପରିସ୍ଥିତି ସମୟରେ ପୁଣି ଜେଲ୍ ଗଲେ । କଂଗ୍ରେସ ଶାସନର ଅନ୍ତ ପାଇଁ ସେତେବେଳେ ଭାରତୀୟ ଲୋକଦଳ, ସଙ୍ଗଠନ କଂଗ୍ରେସ, ଜନସଂଘ ଓ ସମାଜବାଦୀ ଦଳକୁ ମିଶାଇ ଜନତା ପାର୍ଟି ଗଠନରେ ତାଙ୍କର ବଡ଼ ଭୂମିକା ରହିଥିଲା । ୧୯୭୭ର ଲୋକସଭା ନିର୍ବାଚନରେ ସେ କେନ୍ଦ୍ରାପଡ଼ା ଆସନରୁ ବିଜୟୀ ହୋଇ କେନ୍ଦ୍ରମନ୍ତ୍ରୀ ହେଲେ । ୧୯୮୦ରେ ସେ କେନ୍ଦ୍ରାପଡ଼ା ଲୋକସଭା ଓ ପାଟକୁରା ବିଧାନସଭା ଆସନରୁ ନିର୍ବାଚିତ ହେଲେ । ଏ ପରିପ୍ରେକ୍ଷୀରେ ସେ ଲୋକସଭା ଆସନଟି ହାତରେ ରଖି ବିଧାନସଭା ସଦସ୍ୟ ପଦରୁ ଇସ୍ତଫା ଦେଇ ତାଙ୍କ ମନୋନୀତ ପ୍ରାର୍ଥୀ ବିଜୟ ମହାପାତ୍ରଙ୍କୁ ଏହି ଆସନରୁ ବିଜୟୀ କରିଥିଲେ । ୧୯୮୪ରେ ସେ କେନ୍ଦ୍ରାପଡ଼ା ଲୋକସଭା ଆସନରୁ ତୃତୀୟଥର ପାଇଁ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ତେବେ ୧୯୮୫ରେ ବିଜୁ ବାବୁ ଭୁବନେଶ୍ୱର ବିଧାନସଭା ଆସନରୁ ଜନତା ଦଳ ପ୍ରାର୍ଥୀଭାବେ ବିଜୟୀ ହେବା ପରେ କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରରୁ ଇସ୍ତଫା ଦେଇଥିଲେ ଏବଂ ପରେ ଏଠାରେ ଅନୁଷ୍ଠିତ ଉପନିର୍ବାଚନରେ ତାଙ୍କ ମନୋନୀତ ପ୍ରାର୍ଥୀ ଶରତ କୁମାର ଦେବ ଜିଣିଥିଲେ । ଉଲ୍ଲେଖନୀୟ ଯେ ୧୯୮୦ର ଜନତା ପାର୍ଟି ବିରୋଧୀ ହାୱା ଏବଂ ୧୯୮୪ରେ ଇନ୍ଦିରା ଗାନ୍ଧୀଙ୍କୁ ହତ୍ୟା ପରବର୍ତ୍ତୀ ଅନୁକମ୍ପା ସ୍ରୋତ ସତ୍ତ୍ୱେ ବି ବିଜୁ ବାବୁ ନିର୍ବାଚନ ଜିଣୁଥିଲେ ।

୧୯୯୦ରେ ସେ ଜନତା ଦଳ ପ୍ରାର୍ଥୀଭାବେ ପୁନର୍ବାର ଭୁବନେଶ୍ୱର ବିଧାନସଭା ଆସନରୁ ଜିଣିବା ସହ ତାଙ୍କ ନେତୃତ୍ୱରେ ଦଳ ରେକର୍ଡ ସଂଖ୍ୟକ ୧୨୩ ଆସନ ଅଧିକାର କରିଥିଲା । ୧୯୯୦ରୁ ୯୫ ପର୍ଯ୍ୟନ୍ତ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ରହିଥିଲେ । ୧୯୯୫ରେ ସେ ପୁଣି ଭୁବନେଶ୍ୱର ବିଧାନସଭା ଆସନରୁ ବିଜୟୀ ହୋଇଥିଲେ । ପରେ ୧୯୯୬ରେ ସେ ଏକସଙ୍ଗେ ଆସିକା ଓ କଟକ ଲୋକସଭା ଆସନରୁ ଜିଣିଥିଲେ । ବିଜୁବାବୁ ଭୁବନେଶ୍ୱର ବିଧାନସଭା ଓ କଟକ ଲୋକସଭା ଆସନରୁ ଇସ୍ତଫା ଦେଇ ୧୯୯୭ ଏପ୍ରିଲ ୧୭ ତାରିଖରେ ଦିଲ୍ଲୀରେ ଶେଷ ନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ଆସିକା ଲୋକସଭା କ୍ଷେତ୍ରର ସାଂସଦ ଥିଲେ । ବିଜୁବାବୁଙ୍କ ଅବର୍ତ୍ତମାନରେ ରାଜ୍ୟବାସୀ ତଥା ଦଳୀୟ ନେତାମାନଙ୍କ ଅନୁରୋଧକ୍ରମେ ତାଙ୍କ ସାନପୁଅ ନବୀନ ପଟ୍ଟନାୟକ ରାଜନୀତି କ୍ଷେତ୍ରକୁ ପ୍ରବେଶ କରି ଆସିକାରୁ ଉପନିର୍ବାଚନ ଲଢ଼ି ସାଂସଦ ହେଲେ । ସେବେଠାରୁ ଏବେ ପର୍ଯ୍ୟନ୍ତ ନବୀନ ପଟ୍ଟନାୟକ ରାଜ୍ୟ ଓ ଜାତୀୟ ରାଜନୀତି କ୍ଷେତ୍ରରେ ଅପରାଜେୟ ଓ ଚର୍ଚ୍ଚିତ ଚେହେରା ଭାବେ ରହି ଆସିଛନ୍ତି ।

ବିଜୁବାବୁ ୧୦ଥର ବିଧାନସଭାକୁ ନିର୍ବାଚିତ ହୋଇଥିବା ବେଳେ ଥରେ ରାଜ୍ୟସଭା ଓ ୪ଥର ଲୋକସଭାର ସଦସ୍ୟ ରହିଛନ୍ତି । ୧୯୪୬ରୁ ୧୯୯୭ ପର୍ଯ୍ୟନ୍ତ ଦୀର୍ଘ ୫୧ ବର୍ଷର ନିର୍ବାଚନୀ ରାଜନୀତି କ୍ଷେତ୍ରରେ ସେ ଯେଉଁ କୀର୍ତ୍ତିସ୍ତମ୍ଭ ସ୍ଥାପନ କରି ଯାଇଛନ୍ତି ତାହା ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି । ବସ୍ତୁତଃ ସେ ଥିଲେ କର୍ମୀ ଓ ନେତା ତିଆରି କାରଖାନା । ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱ କାଳଖଣ୍ଡ ମଧ୍ୟରେ ବିଜୁବାବୁ ୨ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ବେଳେ ୧୯୭୩, ୧୯୭୪, ୧୯୮୫, ୧୯୯୫ରେ ୪ଥର ବିଧାନସଭାରେ ବିରୋଧୀ ଦଳର ନେତା ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି । ଏହାଛଡ଼ା ମୋରାର୍‌ଜୀ ଦେଶାଇ ଓ ଚରଣ ସିଂହଙ୍କ ଭଳି ଦୁଇଜଣ ପ୍ରଧାନମନ୍ତ୍ରୀଙ୍କ ସରକାରରେ ସେ କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀଭାବେ ଦକ୍ଷତାର ସହ ଦାୟିତ୍ୱ ସମ୍ପାଦନ କରିଛନ୍ତି । ବିଧାନସଭା ଓ ସଂସଦରେ, ସରକାରରେ କିମ୍ବା ବିରୋଧୀ ଦଳରେ ଥାଇ ସେ ଯେଉଁ ବକ୍ତବ୍ୟ ଦେଉଥିଲେ ତାହା ବେଶ୍ ଗୁରୁତ୍ୱ ବହନ କରୁଥିଲା । ମୁଖ୍ୟମନ୍ତ୍ରୀ ଥିବା ବେଳେ କେନ୍ଦ୍ରୀୟ ଅନୁଦାନକୁ ଅପେକ୍ଷା ନକରି ସେ ଯେଭଳି ପାରାଦୀପ ବନ୍ଦର ପ୍ରତିଷ୍ଠା ପାଇଁ କାମ ଆରମ୍ଭ କରିଦେଲେ ଏବଂ ଦ୍ୱିତୀୟ ପାଳି ମୁଖ୍ୟମନ୍ତ୍ରୀ ବେଳେ ରାଜ୍ୟରେ ଜିଲ୍ଲା ସଂଖ୍ୟା ୧୩ରୁ ୩୦କୁ ବଢ଼ାଇବା ସହିତ କେନ୍ଦ୍ରୀୟ ଅବହେଳାର ପ୍ରତିବାଦ ଜଣାଇ ଓଡ଼ିଶାକୁ ଆର୍ଥିକ ସ୍ୱାୟତ୍ତତା ପାଇଁ ଦାବି ଉଠାଇଥିଲେ ତାହା ଇତିହାସର କଥାବସ୍ତୁ । ସେହିପରି ସର୍ବନିମ୍ନ ମଜୁରୀ ୧୧ଟଙ୍କାରୁ ୨୫ଟଙ୍କାକୁ ବଢ଼ାଇବା ହେଉ ଅଥବା 'ଗରିବର କୌଣସି ଜାତି ନାହିଁ' ବୋଲି ବକ୍ତବ୍ୟ ରଖି ଯେଉଁ ଚହଳ ସୃଷ୍ଟି କରିଥିଲେ ତାହା ଭୁଲିବାର ନୁହେଁ । ଓଡ଼ିଶାର ବିକାଶ କ୍ଷେତ୍ରରେ ତାଙ୍କ ଅବଦାନର ତାଲିକା ବେଶ୍ ଲମ୍ବା । ରାଜ୍ୟ ତଥା ଜାତୀୟ ରାଜନୀତିର ଏହି ଢେଙ୍ଗା ମଣିଷଟି ନିଜ ମୁଣ୍ଡକୁ ଠେଙ୍ଗା ଆଗରେ ପାତି ଦେଉଥିଲା ସିନା ଅନ୍ୟ କାହାର କ୍ଷତି ହେବାକୁ ଦେଉନଥିଲା ।

ଚୀନ୍ ଦାର୍ଶନିକ ତାଇଚୁନ୍‌ଙ୍କ ଉକ୍ତି ଉଦ୍ଧାର କରି ବିଜୁବାବୁ ତାଙ୍କର ଗୋଟିଏ ଭାଷଣରେ କହିଥିଲେ, 'ଯଦି ଆମେ କୌଣସି କାର୍ଯ୍ୟକୁ ତ୍ରୁଟିଶୂନ୍ୟ ଭାବେ କରିବାକୁ ବସିବା, ଆମକୁ ଅନନ୍ତ କାଳ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ।' ସେ ପୁଣି କହିଥିଲେ, 'ଆମ ହାତରେ ସମୟ ନାହିଁ । ବିଗତ ବର୍ଷମାନଙ୍କରେ ଅନେକ କିଛି ସୁଯୋଗ ଆମର ହାତଛଡ଼ା ହୋଇଛି । ତେଣୁ ଆମକୁ ସଙ୍କଳ୍ପ ନେବାକୁ ହେବ- ବିଜ୍ଞତା, ଦୂରଦୃଷ୍ଟି, କରୁଣା ଓ ଉତ୍ତମ ବୁଝାମଣାକୁ ପୁଞ୍ଜି କରି ଆମେ ଆମ ନିଜ ସମସ୍ୟା ସମାଧାନର ରାସ୍ତା ବାହାର କରିବା ।' ମୃତ୍ୟୁ ପୂର୍ବରୁ ଭୁବନେଶ୍ୱରରେ ଆୟୋଜିତ ଏକ ସଭାରେ ତାଙ୍କ ଶେଷ ଭାଷଣରେ ବିଜୁବାବୁ କହିଥିଲେ, 'ଆମେ ମହାନ ପରମ୍ପରାର ଦାୟାଦ । ମନୋଜ୍ଞ ଗିରିପୁଞ୍ଜ, ସୁନ୍ଦର ନଦୀଧାରା, ସୁଦୀର୍ଘ ବେଳାଭୂମି, ସମୃଦ୍ଧ ଅରଣ୍ୟ ସମ୍ପଦ ଓଡ଼ିଶାବାସୀଙ୍କ ପାଇଁ ଈଶ୍ୱରଙ୍କ ଉପହାର । ମୋ ରାଜ୍ୟବାସୀ, ମୋ ରାଜ୍ୟର ତରୁଣ ତରୁଣୀମାନେ ଆଗାମୀ ବର୍ଷମାନଙ୍କରେ ଏସବୁ ସମ୍ପଦର ବିନିଯୋଗ କରି ସୁନ୍ଦର ଓଡ଼ିଶା ଗଠନ କରନ୍ତୁ ।' ସ୍ରୋତର ଅନୁକୂଳ ଦିଗରେ କୁଟା, କାଠି, ମୁର୍ଦ୍ଦାର ଭଳି ଭାସି ନଯାଇ ପ୍ରତିକୂଳରେ ସନ୍ତରଣ କରି ତାଙ୍କ ଜୀବନକୁ ସାର୍ଥକ କରିବା ସହ ସମୃଦ୍ଧ ଓଡ଼ିଶା ପାଇଁ ସେ ଯେଉଁ ସ୍ୱପ୍ନ ଦେଖୁଥିଲେ ତାହାକୁ ସାକାର କରିବା ଲାଗି ଆଜି ବି ଉତ୍କଳ ଜନନୀ ଖୋଜୁଛି ସମର୍ପିତ, ସଙ୍କଳ୍ପବଦ୍ଧ, ନୀତିନିଷ୍ଠ କ୍ରାନ୍ତିକାମୀ ମଣିଷଙ୍କୁ । ଏ କ୍ରାନ୍ତି ପାଇଁ ଧନ ଅପେକ୍ଷା ସଙ୍କଳ୍ପବଦ୍ଧ ମନର ଅଧିକ ଲୋଡ଼ା ପଡୁଛି ।

# ନମାମି ରଘୂତ୍ତମମ୍

## (ଛନ୍ଦଃ-ପଞ୍ଚଚାମରମ୍)



ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ
ଭୁବନେଶ୍ୱର, ମୋ: ୯୪୩୭୫୬୭୩୨୪

ରାମଙ୍କ ସର୍ବମୟତାର ପ୍ରମାଣ ବହୁଶାସ୍ତ୍ର-ପୁରାଣାଦିରେ ଉପଲବ୍ଧ ହୁଏ । ରାମରହସ୍ୟୋପନିଷତ୍(୧/୬)ମତରେ- **'ରାମ ଏବ ପରଂବ୍ରହ୍ମ ରାମ ଏବ ପରଂ ତପଃ । ରାମ ଏବ ପରଂ ତତ୍ତ୍ୱଂ ଶ୍ରୀରାମୋ ବ୍ରହ୍ମତାରକମ୍ ।'** ଅର୍ଥାତ୍ ରାମ ହିଁ ସାକ୍ଷାତ୍ ପରଂବ୍ରହ୍ମ । ସେ ହିଁ ପରମ ତପଃ ଓ ତପସ୍ୱିଶ୍ରେଷ୍ଠ । ସେ ମଧ୍ୟ ପରମ ତତ୍ତ୍ୱସ୍ୱରୂପ ଓ ସେହି ଶ୍ରୀରାମ ହିଁ ତାରକମନ୍ତ୍ରମୂର୍ତ୍ତି । ଶ୍ରୀରାମଚରିତମାନସ(୧/୧୧୩/୮)ରେ ସ୍ୱୟଂ ମହେଶ୍ୱର କହିଛନ୍ତି ଯେ, ରାମ ହେଉଛନ୍ତି ସାକ୍ଷାତ୍ ବ୍ୟାପକ-ପରମାନନ୍ଦସ୍ୱରୂପ-ପରଂବ୍ରହ୍ମ; ଯଥା- **'ରାମ ବ୍ରହ୍ମ ବ୍ୟାପକ ଜଗ ଜାନା । ପରମାନଂଦ ପରେସ ପୁରାନା ।'** ଅଧ୍ୟାତ୍ମରାମାୟଣ(୧/୧/୩୨)ରେ ଭକ୍ତରାଜ ହନୁମାନ୍‌ଙ୍କ ପ୍ରତି ସ୍ୱୟଂ ଭଗବତୀ ସୀତାଙ୍କ ପ୍ରଦତ୍ତ ରାମ-ତତ୍ତ୍ୱ-ବ୍ୟାଖ୍ୟାନକୁ ଶଙ୍କର ଭଗବାନ୍ ମାତା ପାର୍ବତୀଙ୍କୁ ଶୁଣାଇ କହୁଛନ୍ତି- **'ରାମଂ ବିଦ୍ଧି ପରଂବ୍ରହ୍ମ ସଚ୍ଚିଦାନନ୍ଦମଦ୍ୱୟମ୍ । ସର୍ବୋପାଧିବିନିର୍ମୁକ୍ତଂ ସତ୍ତାମାତ୍ରମଗୋଚରମ୍ ।'** ଅର୍ଥାତ୍ ହେ ହନୁମାନ୍! ତୁମେ ରାମଙ୍କୁ ପରଂବ୍ରହ୍ମ ଜ୍ଞାନ କର । ସେ ସମସ୍ତ ଉପାଧିରୁ ମୁକ୍ତ ତଥା ମନ ଓ ଇନ୍ଦ୍ରିୟମାନଙ୍କ ଅଗୋଚର ସତ୍ତା । ବ୍ରହ୍ମବୈବର୍ତ୍ତ ପୁରାଣ(କୃଷ୍ଣଜନ୍ମଖଣ୍ଡ-୧୧୦/୧୮-୧୯)ମତରେ- **'ରାଶବ୍ଦୋ ବିଶ୍ୱବଚନୋ ମଶ୍ଚାପୀଶ୍ୱରବାଚକଃ । ବିଶ୍ୱାନାମୀଶ୍ୱରୋ ଯୋ ହି ତେନ ରାମଃ ପ୍ରକୀର୍ତ୍ତିତଃ ।'** ଅର୍ଥାତ୍ 'ରା'ଶବ୍ଦର ଅର୍ଥ ବିଶ୍ୱ ଓ 'ମ'ଶବ୍ଦର ଅର୍ଥ ଈଶ୍ୱର । ତେଣୁ 'ରାମ' କହିଲେ ବିଶ୍ୱେଶ୍ୱର ଭଗବାନ୍‌ଙ୍କୁ ହିଁ ବୁଝାଯାଏ । ଆଧ୍ୟାତ୍ମିକତାଠାରୁ ସାମାଜିକଜୀବନରେ ରାମ ସମସ୍ତ ଆଦର୍ଶ ତଥା ନୈତିକତାର ମୂର୍ତ୍ତିମାନ୍ ବିଗ୍ରହଭାବରେ ଭାରତୀୟ ସନାତନ ପରମ୍ପରାର ପ୍ରାଣସ୍ୱରୂପ ଅଧିକ ଜନପ୍ରିୟ ଓ ସମୁପାସ୍ୟ । ରାମଚରିତ୍ରରେ ଥିଲା ଉଭୟ ସମୁଦ୍ର ଭଳି ଗାମ୍ଭୀର୍ଯ୍ୟ ଓ ହିମାଳୟ ଭଳି ଧୈର୍ଯ୍ୟ । ପୁତ୍ରଧର୍ମ-ପତିଧର୍ମ-ଭ୍ରାତୃଧର୍ମ-ମିତ୍ରଧର୍ମ-ଶିଷ୍ୟଧର୍ମ-ରାଜଧର୍ମାଦିର ଆଦର୍ଶମୟ ପରିପାଳନରେ ରାମଚନ୍ଦ୍ର ଥିଲେ ନିରତ ଅନନ୍ୟ, ଅସାମାନ୍ୟ ଓ ଅବିଚଳିତ । ପ୍ରଜାନୁରଞ୍ଜନରେ କଠୋର-ସତ୍ୟକୁ ସ୍ୱୀକାର କରିବାରେ ତାଙ୍କ ହୃଦୟ ଥିଲା ବଜ୍ରପ୍ରାୟ ଶକ୍ତ ଓ ଦଣ୍ଡଗ୍ରସ୍ତ ଶରଣାଗତକୁ କ୍ଷମାପ୍ରଦାନରେ ପୁଷ୍ପତୁଲ୍ୟ କୋମଳ । ରାମଙ୍କ କ୍ଷେତ୍ରରେ ତ୍ୟାଗ ହିଁ ତପସ୍ୟାର ଭିତ୍ତି ହୋଇଛି । ରାମଚନ୍ଦ୍ର ରାଜପଦ-ପିତୃସ୍ନେହ-ମାତୃମମତା-ଭ୍ରାତୃରାଗାଦିର ଆସକ୍ତିକୁ ଏଡ଼ାଇ କର୍ତ୍ତବ୍ୟପଥରେ ନିର୍ଦ୍ୱନ୍ଦ୍ୱରେ ଗତି କରିଛନ୍ତି । ଏପରିକି ସମୟକ୍ରମେ ସ୍ତ୍ରୀ-ସୁଖକୁ ମଧ୍ୟ ତ୍ୟାଗ କରିଛନ୍ତି । କର୍ତ୍ତବ୍ୟର କଠୋର-ଆହ୍ୱାନକୁ ସ୍ୱୀକାର କରି ନିଜେ ବିଧୁର ହୋଇ ସୁଦ୍ଧା ମୁନିଋଷିଙ୍କ ଠାରୁ ଆରମ୍ଭ କରି ଜ୍ଞାତି-ପରିଜନ-ଆଶ୍ରିତ-ସଖା-ସମ୍ବନ୍ଧି-ସମସ୍ତଙ୍କୁ ମଧୁରତାର ଅମୃତ ବିତରଣ କରିଯାଇଛନ୍ତି । ସେହିପରି ନ୍ୟାୟ-ଧର୍ମ-ଅନୁଗ୍ରହ-ନିଗ୍ରହାଦି ରାଜକୀୟ-ନିୟମର ନିଷ୍ପକ୍ଷପାତିତାଯୁକ୍ତ ଅନୁପାଳନରେ ସେ ହୋଇଛନ୍ତି ସର୍ବସମର୍ଥ-ସମଦର୍ଶୀ-ରାଜା । ପଦ୍ମପୁରାଣ-ପାତାଳଖଣ୍ଡମତରେ ପଞ୍ଚବୀରତ୍ୱର ବର୍ଣ୍ଣନା ଶାସ୍ତ୍ରପ୍ରସିଦ୍ଧ । ଯଥା- ତ୍ୟାଗବୀର, ଦୟାବୀର, ବିଦ୍ୟାବୀର, ପରାକ୍ରମମହାବୀର ଓ ଧର୍ମବୀର । ଏହି ପାଞ୍ଚଟିଯାକ ବୀରତ୍ୱ ଭଗବାନ୍ ରାମଙ୍କଠାରେ ଉପଲବ୍ଧ ଥିଲା । ତେଣୁ ରାମଚନ୍ଦ୍ର 'ରଘୁବୀର' ନାମରେ ଯଥାର୍ଥରେ ପରିଚିତ । ଆସନ୍ତୁ; ଆଜି ରାମାଭ୍ୟୁଦୟପର୍ବ-ଶ୍ରୀରାମନବମୀର ପାବନ-ଅବସରରେ ସେହି ମର୍ଯ୍ୟାଦାପୁରୁଷୋତ୍ତମ ବୀରଶ୍ରେଷ୍ଠ ରଘୂତ୍ତମ(ରାମଚନ୍ଦ୍ର)ଙ୍କୁ ସ୍ତୁତି କରିବା ।

*ଅଜାତ୍ମଜପ୍ରିୟାତ୍ମଜଂ ପ୍ରସାଦିତାନୁଗବ୍ରଜଂ*
*ଧନୁଃଶରସ୍ଫୁରତ୍କରଂ ସୁକାନ୍ତିନିନ୍ଦିତସ୍ମରମ୍ ।*
*ଗୁଣାମ୍ବୁଧିଂ ସୁଲକ୍ଷଣଂ ସଲକ୍ଷ୍ମଣଂ ପ୍ରତିକ୍ଷଣଂ*
*ନମାମି ବୀରସତ୍ତମଂ ମହାପ୍ରଭୁଂ ରଘୂତ୍ତମମ୍ ।୧।*

ଅଜନନ୍ଦନ-ଦଶରଥଙ୍କ ପ୍ରିୟତମ ପୁତ୍ର, ନିଜ ଅନୁଚରମାନଙ୍କୁ ପ୍ରସନ୍ନତାଦାୟକ, ଧନୁ-ଶର-ମଣ୍ଡିତ-କର, ଦେହକାନ୍ତିରେ କନ୍ଦର୍ପର ନିନ୍ଦାକାରୀ, ସକଳଗୁଣନିଧାନ, ସୁନ୍ଦର-ଲକ୍ଷଣଯୁକ୍ତ, ଲକ୍ଷ୍ମଣଙ୍କ ସହ ବିଦ୍ୟମାନ, ବୀରାଗ୍ରଣୀ, ମହାପ୍ରଭୁ ରଘୂତ୍ତମ (ଶ୍ରୀରାମଚନ୍ଦ୍ର)ଙ୍କୁ ମୁଁ ପ୍ରତିକ୍ଷଣ ନମନ କରୁଛି ।

*ସରଯୂପଃ ତଟେଚରଂ ଧୃତାମ୍ବିକାସମାଦରଂ*
*ବସିଷ୍ଠଶିଷ୍ଟଶିଷ୍ୟକଂ ସ୍ୱମାୟୟା ମନୁଷ୍ୟକମ୍ ।*
*କରାଳତାଟକାହରଂ ପ୍ରସିଦ୍ଧକୌଶିକାଧ୍ୱରଂ*
*ନମାମି ବୀରସତ୍ତମଂ ମହାପ୍ରଭୁଂ ରଘୂତ୍ତମମ୍ ।୨।*

ସରଯୂଜଳର ତଟଦେଶରେ ସଞ୍ଚରଣଶୀଳ, (କୌଶଲ୍ୟାଦି) ମାଆଙ୍କର ମମତାପ୍ରାପ୍ତ, କୁଳଗୁରୁ-ବସିଷ୍ଠଙ୍କ ଶ୍ରେଷ୍ଠ-ଶିଷ୍ୟ, ନିଜ ମାୟାରେ ମନୁଷ୍ୟରୂପଧାରୀ, ଭୟଙ୍କର-ତାଡ଼କା-ବିନାଶକ, (ସୁରକ୍ଷାମାଧ୍ୟମରେ) ବିଶ୍ୱାମିତ୍ରଙ୍କ ଯଜ୍ଞର ସିଦ୍ଧିକର୍ତ୍ତା, ବୀରାଗ୍ରଣୀ, ମହାପ୍ରଭୁ ରଘୂତ୍ତମ (ଶ୍ରୀରାମଚନ୍ଦ୍ର)ଙ୍କୁ ମୁଁ ନମନ କରୁଛି ।

*ବିଦୀର୍ଣ୍ଣରୁଦ୍ରକାର୍ମୁକଂ ସମୁହ୍ୟଜାନକୀସୁଖଂ*
*ଭୃଗୂଦ୍ୱହେ କ୍ଷମାପ୍ରଦଂ ବିଦେହଭୂପତୋଷଦମ୍ ।*
*ସ୍ୱତାତବାକ୍ୟକାରକଂ ମୁନୀନ୍ଦ୍ରରୂପଧାରକଂ*
*ନମାମି ବୀରସତ୍ତମଂ ମହାପ୍ରଭୁଂ ରଘୂତ୍ତମମ୍ ।୩।*

ଶିବଧନୁଭଞ୍ଜକ, ଜାନକୀଙ୍କ ସୁଖସ୍ରଷ୍ଟା, ଭୃଗୁପତି-ପରଶୁରାମଙ୍କ ଠାରେ କ୍ଷମାଶୀଳ, ବିଦେହରାଜ-ଜନକଙ୍କ ସନ୍ତୋଷଦାତା, ନିଜ ପିତାଙ୍କ ବାକ୍ୟପାଳକ (ଆଜ୍ଞାକାରୀ), ମୁନିବେଶଧାରକ (ବନବାସକାଳରେ), ବୀରାଗ୍ରଣୀ, ମହାପ୍ରଭୁ ରଘୂତ୍ତମ (ଶ୍ରୀରାମଚନ୍ଦ୍ର)ଙ୍କୁ ମୁଁ ନମନ କରୁଛି ।

*ବିମୁକ୍ତଗୌତମପ୍ରିୟଂ ନବୀନନୀରଦଶ୍ରିୟଂ*
*କଷାୟବାସମଣ୍ଡିତଂ ବିରାଧନାଶପଣ୍ଡିତମ୍ ।*
*କବନ୍ଧମୁକ୍ତିକାରକଂ ସୁବାହୁଜୀବହାରକଂ*
*ନମାମି ବୀରସତ୍ତମଂ ମହାପ୍ରଭୁଂ ରଘୂତ୍ତମମ୍ ।୪।*

ଗୌତମପତ୍ନୀ-ଅହଲ୍ୟାଙ୍କ ଉଦ୍ଧାରକାରୀ, ନବମେଘଭଳି ନୀଳସୁନ୍ଦର, ଗୈରିକବସ୍ତ୍ରଧାରୀ (ବନବାସକାଳରେ), ଅସୁର-ବିରାଧର ବଧରେ ନିପୁଣ, ଶାପଗ୍ରସ୍ତ କବନ୍ଧର ମୁକ୍ତିଦାତା, ତାଡ଼କାପୁତ୍ର-ସୁବାହୁର ପ୍ରାଣହାରୀ, ବୀରାଗ୍ରଣୀ, ମହାପ୍ରଭୁ ରଘୂତ୍ତମ (ଶ୍ରୀରାମଚନ୍ଦ୍ର)ଙ୍କୁ ମୁଁ ନମନ କରୁଛି ।

*ସୁଚିତ୍ରକୂଟବାସିନଂ ଜୟନ୍ତକାକଶାସିନଂ*
*ସୁକଣ୍ଠମୈତ୍ର୍ୟପୋଷଣଂ ଦୁରାତ୍ମବାଲିଶୋଷଣମ୍ ।*
*ଖରୋଗ୍ରଦୂଷଣଦ୍ୱିଷଂ ପରାତ୍ପରଂ ଦିବାନିଶଂ*
*ନମାମି ବୀରସତ୍ତମଂ ମହାପ୍ରଭୁଂ ରଘୂତ୍ତମମ୍ ।୫।*

(ବନବାସକାଳରେ) ଚିତ୍ରକୂଟରେ ନିବାସକର୍ତ୍ତା, ଇନ୍ଦ୍ରପୁତ୍ର-ଉଦ୍ଧତ-ଜୟନ୍ତକାକର ଦଣ୍ଡଦାତା, ସୁଗ୍ରୀବଙ୍କଠାରେ ମିତ୍ରତାଯୁକ୍ତ, ଦୁରାତ୍ମା-ବାଳିର ବିନାଶକ, ଉଗ୍ର-ଖର-ଦୂଷଣଙ୍କ ଶତ୍ରୁ, ପୁରୁଷୋତ୍ତମ, ବୀରାଗ୍ରଣୀ, ମହାପ୍ରଭୁ ରଘୂତ୍ତମ (ଶ୍ରୀରାମଚନ୍ଦ୍ର)ଙ୍କୁ ମୁଁ ଦିନରାତି ନମନ କରୁଛି ।

*ବିଭୀଷଣୈକବୋଧକଂ ଶବର୍ଯ୍ୟଗାରଶୋଧକଂ*
*ଦୟାଭିଷିକ୍ତଧୀବରଂ ଗୁହାନୁରାଗପୀବରମ୍ ।*
*ଜଟାୟୁସଦ୍ଗତିପ୍ରଦଂ ସୁତୀକ୍ଷ୍ଣନେତ୍ରସମ୍ପଦଂ*
*ନମାମି ବୀରସତ୍ତମଂ ମହାପ୍ରଭୁଂ ରଘୂତ୍ତମମ୍ ।୬।*

ବିଭୀଷଣଙ୍କ ବୋଧଦାତା, (ପଦାର୍ପଣଦ୍ୱାରା) ଭକ୍ତିମତୀ ଶବରୀଙ୍କ କୁଟୀରର ପାବନକାରୀ, କୈବର୍ତ୍ତଠାରେ ଦୟାଶୀଳ, ନିଷାଦରାଜ-ଗୁହକଙ୍କଠାରେ ଅନୁରାଗପ୍ରବଣ, ଜଟାୟୁଙ୍କ ସଦ୍ଗତିଦାତା, (ଦର୍ଶନପ୍ରଦାନଦ୍ୱାରା) ମୁନି ସୁତୀକ୍ଷ୍ଣଙ୍କ ନେତ୍ରପ୍ରୀତିବର୍ଦ୍ଧକ, ବୀରାଗ୍ରଣୀ, ମହାପ୍ରଭୁ ରଘୂତ୍ତମ (ଶ୍ରୀରାମଚନ୍ଦ୍ର)ଙ୍କୁ ମୁଁ ନମନ କରୁଛି ।

*ଧରାଭରାପହାରକଂ ଶ୍ରିତାର୍ତ୍ତଲୋକତାରକଂ*
*ଦଶାସ୍ୟଦାନବାର୍ଦ୍ଦନଂ ଘଟଶ୍ରବୋବିମର୍ଦ୍ଦନମ୍ ।*
*ସୁସପ୍ତଶାଳଭଞ୍ଜନଂ ଜଗତ୍ତ୍ରୟାଭିରଞ୍ଜନଂ*
*ନମାମି ବୀରସତ୍ତମଂ ମହାପ୍ରଭୁଂ ରଘୂତ୍ତମମ୍ ।୭।*

ଧରଣୀର ଭାରହରଣକାରୀ, ଆଶ୍ରିତ-ଆର୍ତ୍ତଲୋକଙ୍କ ତ୍ରାଣକର୍ତ୍ତା, ଦଶାନନ-ରାବଣର ନିପାତକ, କୁମ୍ଭକର୍ଣ୍ଣର ବିଧ୍ୱଂସକ, (ସୁଗ୍ରୀବଙ୍କ ବିଶ୍ୱାସସ୍ଥାପନ ନିମନ୍ତେ) ସପ୍ତଶାଳର ବିପାଟନକାରୀ, ତ୍ରିଭୁବନର ଆନନ୍ଦଦାତା, ବୀରାଗ୍ରଣୀ, ମହାପ୍ରଭୁ ରଘୂତ୍ତମ (ଶ୍ରୀରାମଚନ୍ଦ୍ର)ଙ୍କୁ ମୁଁ ନମନ କରୁଛି ।

*ମରୁତ୍ତନୂଜସେବିତଂ ବିଧୀଶଶକ୍ରଭାବିତଂ*
*ପ୍ରକଳ୍ପିତାବ୍ଧିସେତୁକଂ ସୁକର୍ମଧର୍ମହେତୁକମ୍ ।*
*ସୁରାମରାଜ୍ୟରୋଚନଂ ବିଧୂତପାପଶୋଚନଂ*
*ନମାମି ବୀରସତ୍ତମଂ ମହାପ୍ରଭୁଂ ରଘୂତ୍ତମମ୍ ।୮।*

ବାୟୁପୁତ୍ର-ହନୁମାନ୍‌ଙ୍କ ଦ୍ୱାରା ସେବିତ, ବ୍ରହ୍ମା-ରୁଦ୍ର-ଇନ୍ଦ୍ରଙ୍କ ସ୍ମରଣୀୟ, ସମୁଦ୍ରରେ ସେତୁନିର୍ମାତା, ସତ୍କର୍ମ ଓ ଧର୍ମର ହେତୁ, ସୁନ୍ଦର ରାମରାଜ୍ୟର ସଂସ୍ଥାପକ, ପାପ-ଦୁଃଖାଦିର ନିବାରକ, ବୀରାଗ୍ରଣୀ, ମହାପ୍ରଭୁ ରଘୂତ୍ତମ (ଶ୍ରୀରାମଚନ୍ଦ୍ର)ଙ୍କୁ ମୁଁ ନମନ କରୁଛି ।

*ବିନମ୍ରକୃଷ୍ଣକେଶବପ୍ରଣୀତରାଘବସ୍ତବ-*
*ପ୍ରପାଠକଃ ଶୁଭାଶିଷଂ ଲଭେତ ରାମତୋଽନିଶମ୍ ।*
*ପ୍ରଶାନ୍ତ୍ୟନୁଗ୍ରହାର୍ଣ୍ଣବଂ ତମେବ ଦୀନବାନ୍ଧବଂ*
*ନମାମି ବୀରସତ୍ତମଂ ମହାପ୍ରଭୁଂ ରଘୂତ୍ତମମ୍ । ।ଫଳଶ୍ରୁତିଃ ।*

ବିନମ୍ର-କୃଷ୍ଣକେଶବଙ୍କ ପ୍ରଣୀତ ଏହି ରାଘବ-ସ୍ତବର ପାଠକ ରାମଙ୍କଠାରୁ ନିରନ୍ତର ଶୁଭାଶୀର୍ବାଦପ୍ରାପ୍ତ ହୋଇଥାନ୍ତି । ଶାନ୍ତି ଓ ଅନୁଗ୍ରହର ଅପାର-ସମୁଦ୍ର, ଦୀନବାନ୍ଧବ, ବୀରାଗ୍ରଣୀ, ମହାପ୍ରଭୁ ସେହି ରଘୂତ୍ତମ (ଶ୍ରୀରାମଚନ୍ଦ୍ର)ଙ୍କୁ ମୁଁ ନମନ କରୁଛି ।

# ଆଜି ରଥକାଠ ଚିରଟ ଅନୁକୂଳ

**ପୁରୀ, ୧୬ ।୪(ସମିସ):** ଆସନ୍ତା ଜୁଲାଇ ୭ ତାରିଖରେ ମହାପ୍ରଭୁଙ୍କ ରଥଯାତ୍ରା । ଅକ୍ଷୟ ତୃତୀୟାରୁ ତିନିରଥ ନିର୍ମାଣ ଆରମ୍ଭ ହେବାକୁ ଥିବା ବେଳେ ବୁଧବାର ରଥକାଠ ଚିରଟ ଅନୁକୂଳ ହେବ । କଟକ ଖପୁରିଆ କରତ କଳର ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ପରେ ରଥକାଠ ଚିରଟ ଆରମ୍ଭ କରାଯିବ । ମହାପ୍ରଭୁଙ୍କ ରଥ ନିର୍ମାଣର ସ୍ୱତନ୍ତ୍ର ବିଧି ରହିଛି । କେଉଁଦିନ ରଥର କ'ଣ ନିର୍ମାଣ କରାଯିବ, ତାହା ଏହି ବିଧି ମୁତାବକ କରାଯାଇଥାଏ । ଶ୍ରୀରାମ ନବମୀରେ ତିନିରଥ ନିର୍ମାଣ ଲାଗି କାଠ ଚିରଟ ଅନୁକୂଳ ହେବାର ପରମ୍ପରା ରହିଛି । ସେଥିଲାଗି ବୁଧବାର ଶ୍ରୀମନ୍ଦିର ପ୍ରଶାସନର ୫ ଜଣିଆ ଟିମ୍ କଟକ ଯିବେ । ଏମାନେ ସାଥିରେ ମହାପ୍ରଭୁଙ୍କ ଲାଗି ମାଳ, ମାହାର୍ଦ୍ଧ, ଧୂପ, ଦୀପ, ପତନୀ, ନଡ଼ିଆ ପ୍ରଭୃତି ନେବେ । ଖପୁରିଆସ୍ଥିତ କରତ କଳରେ ପୂଜାର୍ଚ୍ଚନା କରାଯିବା ପରେ ୧୨ ଫୁଟିଆ ୩ ଖଣ୍ଡ ଧଉରା କାଠ ଚିରଟ ଅନୁକୂଳ ହେବ ବୋଲି ଜଣାପଡ଼ିଛି ।

# ଦୁର୍ଘଟଣାରେ ଜଳିଗଲା ବାଇକ୍; ୨ମୃତ

**କେନ୍ଦୁଝର, ୧୬ ।୪(ସମିସ):** ଦୁର୍ଘଟଣା ଘଟାଇ ଫେରାର ହେଉଥିବା ଟ୍ରକ୍ ଆଉ ଏକ ବାଇକ୍‌କୁ ଧକ୍କା ଦେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି । ଏଥିରେ ଜଣେ ଗୁରୁତର ଆହତ ହୋଇଛନ୍ତି । ଜାତୀୟ ରାଜପଥ ୨୦ରେ ସୋମବାର ବିଳମ୍ବିତ ରାତ୍ରିରେ ଏହି ଅଘଟଣ ଘଟିଛି । ଜଣକୁ ଧକ୍କା ଦେଇ ଏକ ଟ୍ରକ୍ ପଳାଇଯିବା ସମୟରେ ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଆଉ ଏକ ବାଇକ୍ ଉପରେ ଚଢ଼ିଯାଇଥିଲା । ଟ୍ରକ୍‌ଟି ବାଇକ୍‌କୁ କିଛି ବାଟ ଘୋଷାଡ଼ି ନେବାରୁ ତାହା ଜଳି ଯାଇଥିଲା । ମୃତକମାନେ ହିନ୍ଦୋଳ ଥାନା ଅଞ୍ଚଳର ତାପସ ନାଏକ ଓ ଅନ୍ୟ ଜଣେ ରଉଁଆ ଥାନା ଅଞ୍ଚଳର ଲାଲମୋହନ ବେହେରା । ପ୍ରଥମେ କେନ୍ଦୁଝର ଟାଉନ୍ ଥାନା ଅନ୍ତର୍ଗତ ଧୃପଦା ନିକଟରେ ଜାତୀୟ ରାଜପଥରେ ଏକ ବାଇକ୍‌କୁ ଧକ୍କା ଦେଇଥିଲା । ପରେ ପୁଣି ଧୃପଦା ମୁଣ୍ଡାସାହି ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ମାଡ଼ିଯିବାରୁ ଛିଡ଼ା ହୋଇଥିବା ବାଇକ୍ ଉପରେ ଚଢ଼ିଯାଇଥିଲା । ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଥାନାରେ ଆତ୍ମସମର୍ପଣ କରିଛନ୍ତି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ଡ୍ରାଇଭର୍‌କୁ ଅଟକ ରଖିଛି ।

# ଦୁଇ ନାବାଳିକାଙ୍କ ସଲିଳ ସମାଧି

**ବାରିପଦା/ବଡ଼ସାହି, ୧୬ ।୪(ସମିସ):** ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ଅଧୀନ ପ୍ରତାପପୁର ଗ୍ରାମରେ ମଙ୍ଗଳବାର ପୂର୍ବାହ୍ନରେ ଗାଧୋଉଥିବା ବେଳେ ୨ ଜଣ ନାବାଳିକାଙ୍କ ସଲିଳ ସମାଧି ଘଟିଛି । ଏହି ଦୁଇଜଣ ନାବାଳିକା ଗ୍ରାମର ଜଣେ ବ୍ୟକ୍ତିଙ୍କ ମାଛ ପୋଖରୀରେ ଗାଧୋଉଥିବା ବେଳେ ବୁଡ଼ି ଯାଇଥିଲେ । ନିକଟରେ ଥିବା ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବାରିପଦା ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଥିଲେ; ହେଲେ ଡାକ୍ତର ସେଠାରେ ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ । ମୃତ ନାବାଳିକାଦ୍ୱୟ ହେଲେ, ରାଜକାପୁର ନାଏକଙ୍କ ଝିଅ ଝିଲ୍ଲି ଓରଫ ତପ୍ସିନୀ (୧୭) ଓ ସନ୍ତୋଷ ନାଏକଙ୍କ ଝିଅ ସୁରେଖା (୧୩) । ବଡ଼ସାହି ପୁଲିସ ପୃଥକ ଅପମୃତ୍ୟୁ ମାମଲା ରୁଜୁ ପୂର୍ବକ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି ।

# ତାତି ବଢ଼ିଲା, ଜଙ୍ଗଲ ନିଆଁ ମାଡ଼ିଲା

## ଓଡ଼ିଶାରେ ଦେଶର ସର୍ବାଧିକ ବନାଗ୍ନି
## ୫୩ଟି ସ୍ଥାନରେ ବଡ଼ ଧରଣର ନିଆଁ

**ଭୁବନେଶ୍ୱର, ୧୬ ।୪(ସମିସ):** ରାଜ୍ୟରେ ତାତି ହୁ' ହୁ' ହୋଇ ବଢ଼ିଚାଲିଛି । ତାତି ସାଙ୍ଗକୁ ଜଙ୍ଗଲ ନିଆଁ ମଧ୍ୟ ସମପରିମାଣରେ ମାଡ଼ି ଚାଲିଛି । ତାପମାତ୍ରା ବୃଦ୍ଧି ଜଙ୍ଗଲ ନିଆଁକୁ ଖୋରାକ ଯୋଗାଉଥିବାରୁ ଜଙ୍ଗଲରେ ଆଗକୁ ଆଗକୁ ବନାଗ୍ନି ବଢୁଛି । ଗତ ୩ ଦିନ ହେବ ରାଜ୍ୟରେ ଅସହ୍ୟ ତାତି ଅନୁଭୂତ ହେଉଥିବା ବେଳେ ଜଙ୍ଗଲ ନିଆଁ ମଧ୍ୟ ତାଳ ଦେଇ ବଢୁଛି । ବର୍ତ୍ତମାନ ଜଙ୍ଗଲ ନିଆଁରେ ଓଡ଼ିଶା ଦେଶରେ ଶୀର୍ଷରେ ରହିଥିବା ବେଳେ ରାଜ୍ୟର ୫୩ଟି ସ୍ଥାନରେ ବଡ଼ ଧରଣରେ ଜଙ୍ଗଲ ଜଳୁଛି । ସାରା ଦେଶରେ ବର୍ତ୍ତମାନ ୨୬୩ ଟି ସ୍ଥାନରେ ବଡ଼ଧରଣର ନିଆଁ ଜଳୁଥିବା ବେଳେ ଏକମାତ୍ର ରାଜ୍ୟ ଭାବେ ଓଡ଼ିଶାରେ ହିଁ ଏହି ସଂଖ୍ୟା ୫୦ ପାର୍ କରିଛି । ଓଡ଼ିଶା ତଳକୁ ଛତିଶଗଡ଼ରେ ୪୨, ଆନ୍ଧ୍ରପ୍ରଦେଶରେ ୩୯, ତେଲେଙ୍ଗାନା ୨୫, ଝାଡ଼ଖଣ୍ଡ ୧୭, ତ୍ରିପୁରା ୧୬ ମହାରାଷ୍ଟ୍ର ଏବଂ ମିଜୋରାମରେ ୧୧ ଟି ସ୍ଥାନରେ ବଡ଼ ଧରଣର ବନାଗ୍ନି ଚିହ୍ନଟ ହୋଇଛି । ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆର ଏହି ତଥ୍ୟକୁ ଆଧାର କରି ରାଜ୍ୟ ବନ ବିଭାଗ ନିଆଁ ଲିଭା କାର୍ଯ୍ୟ ଜାରି ରଖିଛି । ମାତ୍ର ନିଆଁ ବ୍ୟାପିବା ଜାରି ରହିଛି । ବଡ଼ ନିଆଁ ଲିଭାଇବା ବନ ବିଭାଗ ପାଇଁ ଆହ୍ୱାନ ସାଜିଥିବା ବେଳେ ରାଜ୍ୟର ଅନ୍ୟ ସ୍ଥାନରେ ଘଟୁଥିବା ଛୋଟ ଛୋଟ ନିଆଁ ବି ଚିନ୍ତା ବଢ଼ାଇଛି ।

ଗତ ୭ ଦିନ ମଧ୍ୟରେ ଦେଶରେ ବଡ଼ ଧରଣର ଜଙ୍ଗଲ ନିଆଁ ବ୍ୟାପିବାରେ ଓଡ଼ିଶା ୩ ନଂ ସ୍ଥାନରେ ରହିଛି । ଏହି ସମୟ ମଧ୍ୟରେ ରାଜ୍ୟରେ ୧୨୮ ଟି ସ୍ଥାନରେ ବଡ଼ ଧରଣର ନିଆଁ ଲାଗିଛି । ୨୫୪ ବନାଗ୍ନି ସହ ଆନ୍ଧ୍ର ପ୍ରଦେଶ ତାଲିକାର ଶୀର୍ଷରେ ରହିଥିବା ବେଳେ ୧୩୩ ସଂଖ୍ୟା ସହ ଛତିଶଗଡ଼ ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି । ତେବେ ବର୍ତ୍ତମାନ ଜଳୁଥିବା ନିଆଁ ମଧ୍ୟରେ ଜଙ୍ଗଲ ନିଆଁ କୋରାପୁଟ, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି, ନୟାଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ମାଲକାନଗିରି, ଗଜପତି, ଦେବଗଡ଼ ଆଦି ଜିଲ୍ଲାର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଥିବା ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ ପକ୍ଷରୁ ଅବଗତ କରାଯାଇଛି । ଗତ କିଛି ଦିନ ହେବ ରାଜ୍ୟରେ ପଶ୍ଚିମା ଝଡ଼ ଓ କାଳବୈଶାଖୀ ଜନିତ ବର୍ଷା ଯୋଗୁଁ ବନାଗ୍ନି ପ୍ରଶମିତ ହୋଇଥିଲା । ପ୍ରଥମ ପର୍ଯ୍ୟାୟ ଅର୍ଥାତ ଫେବୃଆରୀ ଶେଷରୁ ମାର୍ଚ୍ଚ ଆରମ୍ଭରେ ରାଜ୍ୟରେ ଜଙ୍ଗଲ ନିଆଁ ପ୍ରଶମିତ ହେବା ସହ ପୁଣି ଥରେ ଖରା ବଢ଼ିବା ଯୋଗୁଁ ଜଙ୍ଗଲ ନିଆଁ ବ୍ୟାପିବାରେ ଲାଗିଛି । ରାଜ୍ୟରେ ସାଧାରଣତଃ ଅଧିକାଂଶ ମନୁଷ୍ୟକୃତ ଜଙ୍ଗଲ ନିଆଁ ରହୁଛି । ନିଆଁ ଲଗାଉଥିବା ଲୋକ ଧରାପଡ଼ିଲେ, ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ପିସିସିଏଫ୍ ସୂଚନା ଦେବା ସହ ମାଲକାନଗିରିରେ ପୋଡୁ ଚାଷ ପାଇଁ କିଛି ଜାଗାରେ ନିଆଁ ଲଗାଇବା ଘଟଣା ନଜର ଆସୁଛି ବୋଲି ସେ କହିଛନ୍ତି । ଏହାସହ ମହୁଲ ଫୁଲ ସଂଗ୍ରହ ଓ ଜନ୍ତୁ ଶିକାର ପାଇଁ ମଧ୍ୟ କିଛି ଜାଗାରେ ନିଆଁ ଲାଗୁଛି । ଏମିତିକି କିଛି ଲୋକ ଦୁଷ୍ଟାମୀ କରିବା ପାଇଁ ଓ ମଜା ଦେଖିବା ପାଇଁ ମଧ୍ୟ ଜଙ୍ଗଲରେ ନିଆଁ ଲଗାଉଥିବା ଦେଖିବାକୁ ମିଳୁଛି । ତେବେ ଏହି ଘଟଣା ସାମନାକୁ ଆସିଲେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉଛି ବୋଲି ପିସିସିଏଫ ପୂର୍ବରୁ କହି ସାରିଛନ୍ତି । ଏହା ବ୍ୟତୀତ ରାଜ୍ୟରେ ନିଆଁ ଲିଭାଇବା ପାଇଁ ୩୬୭ ସ୍କ୍ୱାଡ୍ ନିୟୋଜିତ ହୋଇଛନ୍ତି । ୨ ହଜାର ୩୬୫ ସେଫଟି କିଟ୍ ସହ ୪ ହଜାର ୭୯୦ ଫାୟାର ବ୍ଲୋଭର ଦିଆଯାଇଛି । ଜଙ୍ଗଲ ନିଆଁ ଲିଭାଇବା ପାଇଁ ସ୍ୱତନ୍ତ୍ର ଭାବେ ୩୩୦ ଗାଡ଼ି ନିୟୋଜିତ କରାଯାଇଥିବା ଜଣାପଡ଼ିଛି ।

# ବନ୍ଧଘରୁ ୧୨ ଯୁବତୀ ଉଦ୍ଧାର; ଜଣେ ଅଟକ

## ଚାକିରି ଦେବା ଆଳରେ ରଖାଯାଇଥିଲା ଅଟକ; ପୁଲିସ ତଦନ୍ତ ଜାରି



**ବାରିପଦା, ୧୬ ।୪(ସମିସ):** ଚାକିରି ଦେବା ଆଳରେ ୧୨ଜଣ ଯୁବତୀଙ୍କୁ ଅଟକ ରଖାଯାଇଥିବା ବେଳେ ପୁଲିସ ଉଦ୍ଧାର କରିଛି । ବାରିପଦାର ଭଞ୍ଜପୁର ଥାନା ଅନ୍ତର୍ଗତ ବିଜୟରାମଚନ୍ଦ୍ରପୁର ଅଞ୍ଚଳର ଏକ ଭଡ଼ାଘରୁ ମଙ୍ଗଳବାର ଅଟକ ଥିବା ୧୨ଜଣ ଯୁବତୀଙ୍କୁ ଉଦ୍ଧାର କରାଯାଇଛି । ଏହି ଯୁବତୀମାନେ ଗଞ୍ଜାମ, ବ୍ରହ୍ମପୁର, ଗଜପତି ଏବଂ ଆନ୍ଧ୍ରପ୍ରଦେଶର ବୋଲି ଜଣାପଡ଼ିଛି । ସୂଚନା ଅନୁଯାୟୀ, ଏହି ସବୁ ଯୁବତୀଙ୍କୁ ମୋଟାଅଙ୍କର ବେତନ ସହ ଚାକିରି ଦେବାର ପ୍ରଲୋଭନ ଦେଖାଇ ବାରିପଦା ଆଣିଥିଲେ । ଚାକିରି ଦେବା ନିମନ୍ତେ ସମ୍ପୃକ୍ତ ଯୁବତୀଙ୍କଠାରୁ ୧୫ରୁ ୨୦ ହଜାର ପର୍ଯ୍ୟନ୍ତ ଟଙ୍କା ମଧ୍ୟ ଆଦାୟ କରାଯାଇଥିବା ଅଭିଯୋଗ ହୋଇଛି । ବିଜୟରାମଚନ୍ଦ୍ରପୁର ଅଞ୍ଚଳର ଏକ ବନ୍ଦଥିବା ଘରେ ଏହି ଯୁବତୀମାନେ ରହିଥିଲେ; ହେଲେ ସ୍ଥାନୀୟ ଲୋକଙ୍କ ଏନେଇ ସନ୍ଦେହ ସୃଷ୍ଟି ହୋଇଥିଲା । ପରେ ପୁଲିସକୁ ଖବର ଦେଇଥିଲେ । ପୁଲିସ ସହାୟତାରେ ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ଯୁବତୀଙ୍କୁ ଉଦ୍ଧାର କରାଯାଇଥିଲା ।

ଖବର ପାଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ଘଟଣାସ୍ଥଳରେ ପହଞ୍ଚି ଜିଲ୍ଲାପାଳ ଏବଂ ପୂର୍ବାଞ୍ଚଳ ଆଇଜିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ପରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ ଚଳାଇଛି । ଏଥିସହ ଉକ୍ତ ସ୍ଥାନରେ ଥିବା ଜୟ ଖଣ୍ଡାବତ ନାମକ ଜଣେ ଯୁବକକୁ ପୁଲିସ ଅଟକ ରଖି ପଚରାଉଚୁରା କରୁଛି । ତେବେ ଦୀର୍ଘ ୬ ମାସ ଧରି ଏହି ଯୁବତୀମାନଙ୍କୁ ବିଭିନ୍ନ ସ୍ଥାନକୁ ନିଆଯିବା ସହ ବାରିପଦାରେ ଆଣି ରଖାଯାଇଥିବା ସେମାନେ ପ୍ରକାଶ କରିଛନ୍ତି । ଏପରିକି ତାଙ୍କୁ ଦରମା ଦିଆଯାଉ ନ ଥିବା ବେଳେ ଘରକୁ ଯିବାକୁ ଚାହିଁଥିଲେ ମଧ୍ୟ ଛଡ଼ା ଯାଉନଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି । ତେବେ ମାର୍କେଟିଂ ପାଇଁ ଯୁବତୀଙ୍କୁ ତାଲିମ ଦିଆଯାଉଥିବା ନେଇ ଅଟକ ଯୁବକ କହିଛି । ତେବେ କେଉଁ ପରିସ୍ଥିତିରେ ଏହିସବୁ ଯୁବତୀଙ୍କୁ ଘରେ ଅଟକ ରଖାଯାଇଥିଲା, ସେ ନେଇ ପୁଲିସ ତଦନ୍ତ ଜାରି ରଖିଛି । ଉଦ୍ଧାର ଯୁବତୀଙ୍କୁ ସୁଧାର ଗୃହରେ ରଖାଯାଇଛି । ସେମାନଙ୍କ ମଧ୍ୟରେ କିଛି ନାବାଳିକା ମଧ୍ୟ ଥିବା ନେଇ ସନ୍ଦେହ କରାଯାଇଛି । ଘଟଣାସ୍ଥଳରେ ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ପୁଲିସ ଏସଡିପିଓ ସୁଜିତ କୁମାର ପ୍ରଧାନ, ଥାନା ଅଧିକାରୀ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି ।

## ନିଜ 'ଅପାରଗତା'କୁ ପ୍ରତାପଙ୍କ ସ୍ୱୀକାର

# ମୋଦୀ ସରକାରର ବିକାଶ ଗଣାଇଲେ, ନିଜ ବାବଦରେ ମୁହଁ ଖୋଲିଲେନି

**ବାଲେଶ୍ୱର, ୧୬ ।୪(ସମିସ):** କେନ୍ଦ୍ରମନ୍ତ୍ରୀ ଥିବା ବେଳେ ବାଲେଶ୍ୱରକୁ ନିରାଶ କରିଛନ୍ତି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ । ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଖୋଦ୍ ଶ୍ରୀ ଷଡ଼ଙ୍ଗୀ ପରୋକ୍ଷରେ ଏକଥା ସ୍ୱୀକାର କରିଛନ୍ତି । ସ୍ଥାନୀୟ ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଷଡ଼ଙ୍ଗୀ ମୋଦି ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ ହେଁ ନିଜର ଗତ ୫ବର୍ଷର କାର୍ଯ୍ୟ ଖସଡ଼ା ଉପରେ ନିରବ ରହିଥିଲେ । ୨୦୧୯ରୁ ୨୦୨୪ ମସିହା ଅର୍ଥାତ ୫ ବର୍ଷ ମଧ୍ୟରେ ସେ ବାଲେଶ୍ୱର ପାଇଁ କ'ଣ କରିଛନ୍ତି, ସେନେଇ ମୁହଁ ଖୋଲି ନଥିଲେ ।

ଉଲ୍ଲେଖଯୋଗ୍ୟ, ଶ୍ରୀ ଷଡ଼ଙ୍ଗୀ ୨୦୧୯ରେ ସାଂସଦ ଭାବେ ନିର୍ବାଚିତ ହେବା ପରେ କେନ୍ଦ୍ରମନ୍ତ୍ରୀ ହେବାର ସୌଭାଗ୍ୟ ପାଇଥିଲେ । କିନ୍ତୁ ଗତ ନିର୍ବାଚନ ସମୟରେ ଲୋକଙ୍କୁ ଦେଇଥିବା ପୁଳାପୁଳା ପ୍ରତିଶ୍ରୁତି ମଧ୍ୟରୁ କୌଣସି ଗୋଟିଏ ବି ପାଳନ କରିନାହାନ୍ତି ବୋଲି ସାଧାରଣରେ ଅଭିଯୋଗ ହୁଏ । ବାଲେଶ୍ୱର-ଭଦ୍ରକ ଜାତୀୟ ରାଜପଥ ଅସଂପୂର୍ଣ୍ଣ କଥା ହେଉ କିମ୍ବା ବାଲେଶ୍ୱରରେ ମାଛବନ୍ଦର ନିର୍ମାଣ ଅଥବା ବାଲେଶ୍ୱର ଜିଲ୍ଲାରେ ୱାର୍କିଂ-ଓମେନ୍ ହଷ୍ଟେଲ ନିର୍ମାଣ; ସେ ଦେଇଥିବା ପ୍ରତିଶ୍ରୁତି ମଧ୍ୟରୁ କୌଣସିଟି ପାଳନ କରିନାହାନ୍ତି । ପ୍ରତିଶ୍ରୁତି ପାଳନ ଦୂରର କଥା, କେନ୍ଦ୍ରରେ ମନ୍ତ୍ରୀ ଥିବା ବେଳେ ସେ ବାଲେଶ୍ୱରବାସୀଙ୍କଠାରୁ ଦୂରେଇ ଯାଇଥିଲେ ବୋଲି ବିରୋଧୀମହଲରେ ଅଭିଯୋଗ ହୋଇଛି । ଏପରିକି, ସାଂସଦ ହେବା ପରେ ତାଙ୍କ ଅଧୀନରେ ଆସୁଥିବା ସମସ୍ତ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀରୁ କାଁ ଭାଁ ଗୋଟିଏ ଦୁଇଟିକୁ ଛାଡ଼ିଦେଲେ ଅନ୍ୟ ନିର୍ବାଚନମଣ୍ଡଳୀ ଗସ୍ତ ମଧ୍ୟ କରିନାହାନ୍ତି ।

## ଅବଶିଷ୍ଟାଂଶ...

### ମାଓନେତା ଶଙ୍କର...

କିଛି ମାଓବାଦୀ ଆହତ ଅବସ୍ଥାରେ ଜଙ୍ଗଲ ମଧ୍ୟରେ ଆତ୍ମଗୋପନ କରିଥିବା ସନ୍ଦେହ କରାଯାଉଛି । ସେମାନଙ୍କୁ ଧରିବା ଲାଗି ଏବେ ବି ଅପରେସନ ଜାରି ରହିଥିବା ବିଏସ୍‌ଏଫ୍ ପକ୍ଷରୁ କୁହାଯାଇଛି ।

ଏନକାଉଣ୍ଟର ବେଳେ ଜଣେ ବିଏସଏଫ ଇନ୍ସପେକ୍ଟର ଏବଂ ଜଣେ ଡିଆରଜିର ଯବାନ ଆହତ ହୋଇଥିବା କାଙ୍କେର ଏସପି ଇନ୍ଦ୍ରକଲ୍ୟାଣ ଆଲସେଲା ସୂଚନା ଦେଇଛନ୍ତି । ମୃତ ନକ୍ସଲମାନଙ୍କ ଠାରୁ ଏକେ -୭ ସିରଜ୍‌ର ୭ଟି ରାଇଫଲ ସହ ୩ଟି ଲାଇଟ୍ ମେସିନ ଗନ୍ ଏବଂ ଆଉ କିଛି ବିସ୍ଫୋରକ ଦ୍ରବ୍ୟ ଜବତ କରାଯାଇଛି । ଛତିଶଗଡ଼ରେ ଆଉ ତିନି ଦିନ ପରେ ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ତା' ପୂର୍ବରୁ ମାଓଦମନ କ୍ଷେତ୍ରରେ ସୁରକ୍ଷାବଳକୁ ବଡ଼ ସଫଳତା ମିଳିଛି ବୋଲି କୁହାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଗତକାଲି ଦାନ୍ତେୱାଡ଼ା ଜିଲ୍ଲାରେ ଏକାଧିକ ମାଓବାଦୀ ଆତ୍ମସମର୍ପଣ କରିଥିଲେ ।

### ଓଡ଼ିଶା ସୀମାରେ...

କରିଥିବା ପୁଲିସ୍ ପକ୍ଷରୁ କୁହାଯାଇଛି । ଉଭୟ ପୁଲିସ ଗୁଇନ୍ଦା ଖବର ଆଧାରରେ 'ସର୍ଚ୍ଚ ଅପରେସନ୍'କୁ ଜୋରଦାର କରାଯାଇ ଓଡ଼ିଶା ଏବଂ ଛତିଶଗଡ଼ ସୀମାରେ ସୁରକ୍ଷାକର୍ମୀ ରାସ୍ତାକୁ ସିଲ୍ କରି ଯାନବାହନ ଯାଞ୍ଚ କରୁଛନ୍ତି । ରାତି ସମୟରେ ସୀମା ପାର୍ ହୋଇ ମାଓବାଦୀଙ୍କ ପ୍ରବେଶ ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ସ୍ପଷ୍ଟ ଚିତ୍ର ଉତ୍ତୋଳନ କରିପାରୁଥିବା ଡ୍ରୋନ ନିୟୋଜନ କରାଯାଇ ସେମାନଙ୍କ ଗତିବିଧି ଉପରେ ନଜର ରଖାଯାଉଛି ।

### ଦିନରେ ଅଗ୍ନିବର୍ଷା...

ସମ୍ଭାବନା ଥିବାରୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଖାସ୍ କରି ୧୮ ଓ ୧୯ ତାରିଖରେ ଖରା ସର୍ବାଧିକ ରହିବ । କିଛି ଜିଲ୍ଲାରେ ତାପମାତ୍ରା ୪୩ରୁ ୪୫ ଡିଗ୍ରୀ ରେକର୍ଡ କରାଯିବାର ସମ୍ଭାବନା ରହିଛି ବୋଲି ଶ୍ରୀ ଦାସ କହିଛନ୍ତି । ବିଭାଗର ପୂର୍ବାନୁମାନ ଅନୁଯାୟୀ, ୧୮ ତାରିଖରେ ଟିଟିଲାଗଡ଼, ବଲାଙ୍ଗିର, ବୌଦ୍ଧ ଓ ଝାରସୁଗୁଡ଼ାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀ ରହିପାରେ । ମାଲକାନଗିରି, ସୋନପୁର, ଭବାନୀପାଟଣା, ନୟାଗଡ଼ ଓ ବାରିପଦାରେ ତାପମାତ୍ରା ୪୪ ଡିଗ୍ରୀ ଏବଂ ପାରଳାଖେମୁଣ୍ଡି, ଭୁବନେଶ୍ୱର, ଅନୁଗୋଳ ଓ ନୂଆପଡ଼ାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ରହିପାରେ । ସେହିଭଳି ୧୯ ତାରିଖରେ ଟିଟିଲାଗଡ଼, ଭବାନୀପାଟଣା, ମାଲକାନଗିରି, ବଲାଙ୍ଗିର, ବୌଦ୍ଧ, ନୟାଗଡ଼, ଝାରସୁଗୁଡ଼ା ଓ ଅନୁଗୋଳରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀ ରହିପାରେ ବୋଲି କେନ୍ଦ୍ର ଆକଳନ କରିଛି ।

ଅନ୍ୟପଟେ ତାତି ଅଧିକ ରହୁଥିବାରୁ ଉପକୂଳବର୍ତ୍ତୀ ଜିଲ୍ଲାରେ କାଳବୈଶାଖୀ ଜନିତ ବର୍ଷା ଓ ବିଜୁଳି ଘଡ଼ଘଡ଼ିର ବିପଦ ବୃଦ୍ଧି ହୋଇଛି । ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲ୍ଲାରେ ବଜ୍ରପାତ ଯୋଗୁଁ ୪ ଜଣ ଲୋକଙ୍କ ଜୀବନ ଯାଇଛି । ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ପ୍ରବଳ ତାତି ଥିବାରୁ ସାମାନ୍ୟ ତମ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ପ୍ରବାହ ହେଲେ ବଜ୍ରପାତ ପରିସ୍ଥିତି ସୃଷ୍ଟି ହେବାକୁ ପାଗ ଅନୁକୂଳ ରହୁଛି । ପୂର୍ବରୁ ଏହାକୁ ଆକଳନ କରିବା ସମ୍ଭବ ହେଉ ନ ଥିବାରୁ ଖରା ପରେ ପାଗରେ ପରିବର୍ତ୍ତନ ଆସିଲେ ଲୋକେ ସତର୍କ ରହିବା ଉଚିତ ବୋଲି କୁହାଯାଇଛି ।

୨୦ ତାରିଖ ପରେ ରାଜ୍ୟର କିଛି କିଛି ସ୍ଥାନରେ ପାଗ ବଦଳିବା ସମ୍ଭାବନା ରହିଛି । ୨୦ରେ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ଅଛି । ଘୂର୍ଣ୍ଣିଚାପ ବଳୟ ପ୍ରଭାବରେ କିଛି ପରିମାଣରେ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ରାଜ୍ୟ ମଧ୍ୟକୁ ପ୍ରବେଶ କରିବ । ତେଣୁ କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି । ୨୧ ଓ ୨୨ରେ ଏକ ନିମ୍ନ ଚାପରେଖା ସୃଷ୍ଟି ହେବାର ସମ୍ଭାବନା ରହିଥିବାରୁ ଏହାର ପ୍ରଭାବରେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶା ଯଥା ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ହେବାର ସମ୍ଭାବନା ରହୁଛି ।

### ଆଦିତ୍ୟ ଟପ୍ପର୍...

ପରୀକ୍ଷାରେ ଓଡ଼ିଆ ଛାତ୍ରଛାତ୍ରୀମାନଙ୍କ ସଫଳତା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ ପ୍ରୋତ୍ସାହନ ଏ କ୍ଷେତ୍ରରେ ସହାୟକ ହୋଇଛି । ୟୁପିଏସ୍‌ସି ପରୀକ୍ଷାରେ କୃତୀ ପରୀକ୍ଷାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଏଥିସହ ଉତ୍ସର୍ଗୀକୃତ ଭାବେ ତୃଣମୂଳ ସ୍ତରରେ କଲ୍ୟାଣମୂଳକ ପଦକ୍ଷେପ ନେବେ ବୋଲି ଆଶାବ୍ୟକ୍ତ କରିଛନ୍ତି ।

ଅନିମେଶଙ୍କ ବ୍ୟତୀତ ବରଗଡ଼ ଜିଲ୍ଲାରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରତ ଥିବା ପ୍ରଜ୍ଞାନନ୍ଦନ ଗିରି ୨୪ ନମ୍ବର ର୍ୟାଙ୍କ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଭୁବନେଶ୍ୱରର ଆୟୁଷୀ ପ୍ରଧାନ ୩୬ତମ ର୍ୟାଙ୍କ୍ ହାସଲ କରିଥିବାବେଳେ ୫୨ତମ ର୍ୟାଙ୍କ୍‌ରେ ଜୟଶ୍ରୀ ପ୍ରଧାନ, ୬୦ ତମ ସ୍ଥାନରେ ଅଭିମନ୍ୟୁ ମଲ୍ଲିକ, ୧୧୦ ତମ ସ୍ଥାନରେ ଅମ୍ରିତାଂଶୁ ନାୟକ, ୧୧୫ ତମ ସ୍ଥାନରେ ଯଶୋବନ୍ତ ମଲ୍ଲିକ, ୧୪୯ ତମ ସ୍ଥାନରେ କ୍ରିତୀ ତ୍ରିପାଠୀ, ୧୭୬ ତମ ସ୍ଥାନରେ ପଦ୍ମନାଭ ମିଶ୍ର, ୨୦୪ତମ ସ୍ଥାନରେ ଶୁଭ୍ରା ପଣ୍ଡା, ୩୦୩ତମ ସ୍ଥାନରେ ତନିଶା ମିଶ୍ର, ୩୧୯ ତମ ସ୍ଥାନରେ ରଶ୍ମି ପ୍ରଧାନ, ୩୪୩ତମ ସ୍ଥାନରେ ବିଶ୍ୱଜିତ ପଣ୍ଡା ପ୍ରମୁଖ ରହିଛନ୍ତି ।

ଅନ୍ୟମାନଙ୍କ ମଧ୍ୟରେ ପ୍ରିୟଙ୍କା ପ୍ରିୟଦର୍ଶିନୀ, ସନ୍ତୋଷ କୁମାର ପାତ୍ର, ସୌରଭ ଦାସ, ରାକେଶ କୁମାର ସାହୁ, ନୟନ ରଞ୍ଜନ ଦାସ, ହେମନ୍ତ କୁମାର ସାହୁ, ବିଭାଂଶୁ ରାୟ, ସିଦ୍ଧାନ୍ତ ବେସ୍ରା, ରଶ୍ମି ପାଇକରାୟ, ସୌରଭ ଦାସ, ଅନୁପ ନାୟକ ପ୍ରମୁଖ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । କୃତୀ ପରୀକ୍ଷାର୍ଥୀମାନେ ଆଇଏଏସ୍ (ଭାରତୀୟ ପ୍ରଶାସନିକ ସେବା), ଆଇଏଫ୍‌ଏସ୍ (ଭାରତୀୟ ବୈଦେଶିକ ସେବା), ଆଇପିଏସ୍(ଭାରତୀୟ ପୁଲିସ ସେବା) ସହ ଗ୍ରୁପ୍ ଏ ଓ ବି ଶ୍ରେଣୀରେ ନିଯୁକ୍ତି ପାଇବେ । ସମୁଦାୟ ୧୧୪୩ ଟି ପଦ ପୂରଣ ପାଇଁ ପରୀକ୍ଷା ହୋଇଥିବାବେଳେ ୧୦୧୬ ଜଣ କୃତକାର୍ଯ୍ୟ ହୋଇଛନ୍ତି । ତନ୍ମଧ୍ୟରୁ ୩୪୭ ଜଣ ସାଧାରଣ ବର୍ଗର ହୋଇଥିବା ବେଳେ ଆର୍ଥିକ ଅନଗ୍ରସର ବର୍ଗ(ଇଡବ୍ଲୁଏସ୍)ର ୧୧୫ ଜଣ, ଓବିସି ବର୍ଗରୁ ୩୦୩ ଜଣ, ଅନୁସୂଚୀତ ଜାତି ବର୍ଗରୁ ୧୬୫ ଓ ଅନୁସୂଚୀତ ଜନଜାତି ବର୍ଗରୁ ୮୬ ଜଣ ରହିଛନ୍ତି ।

### ଦ୍ୱିତୀୟ ପର୍ଯ୍ୟାୟ...

ପ୍ରାର୍ଥୀ କରିଛି । ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ଦଳ ୧୧୨ଟି ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବା ବେଳେ ଆଜି ସେଥିରୁ ୨ ଜଣଙ୍କୁ ପରିବର୍ତ୍ତନ କରିଛି । ବିରୋଧ ପରେ ରଣପୁରରେ ତାପସ ରଞ୍ଜନ ମାର୍ଥାଙ୍କ ବଦଳରେ ବରିଷ୍ଠ ନେତ୍ରୀ ସୁରମା ପାଢ଼ୀଙ୍କୁ ପ୍ରାର୍ଥୀ କରାଯାଇଛି । ସେହିପରି ସେହିପରି ପଟ୍ଟାଙ୍ଗୀରେ ଚୈତନ୍ୟ ହନ୍ତାଳଙ୍କ ସ୍ଥାନରେ ଚୈତନ୍ୟ ନନ୍ଦବାଲିଙ୍କୁ ଦଳ ଟିକଟ ପ୍ରଦାନ କରିଛି । ଅନ୍ୟପକ୍ଷରେ ସାରସକଣା ବିଧାୟକ ଡ. ବୁଧାନ ମୁର୍ମୁଙ୍କୁ ଦଳ ଟିକଟ ଦେଇନାହିଁ ଓ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମଧ୍ୟ ବିଧାନସଭା ଟିକଟ ନ ପାଇ ନିରାଶ ହୋଇଛନ୍ତି । ତାଙ୍କୁ ମୟୂରଭଞ୍ଜରେ ସାଂସଦ ଟିକଟ ଦିଆଯାଇନଥିବା ବେଳେ ବିଧାନସଭା ଟିକଟ ଦିଆଯିବା ନେଇ ଆଶା କରାଯାଉଥିଲା । ମାତ୍ର ମୟୂରଭଞ୍ଜ ଲୋକସଭା କ୍ଷେତ୍ର ଅଧିନରେ ୭ ବିଧାନସଭା ଆସନ ପାଇଁ ବିଜେପି ପ୍ରାର୍ଥୀ ଘୋଷଣା କରି ସାରିଥିବା ବେଳେ ବିଶ୍ୱେଶ୍ୱରଙ୍କୁ ଟିକଟ ପ୍ରଦାନ କରିନାହିଁ । ଦୁଇଟି ପର୍ଯ୍ୟାୟରେ ବିଜେପି ମୋଟ ୧୩୧ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି ।

### ଏସ୍‌ସିବିରେ ଆହତଙ୍କୁ...

ଆହତ ଯାତ୍ରୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣାରେ ସର୍ବୋତ୍କୃଷ୍ଟ ଚିକିତ୍ସା ଯୋଗାଇ ଦିଆଯିବାକୁ ପ୍ରତିଶ୍ରୁତି ଦେବା ସହ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ବିଭିନ୍ନ ବିଭାଗର ଡ଼ାକ୍ତରଙ୍କ ସହ ଆଲୋଚନା କରିଛନ୍ତି । ପ୍ରତ୍ୟେକ ଆହତଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଏହି ଅବସରରେ ଶ୍ରୀ ପାଣ୍ଡିଆନ ଡ଼ାକ୍ତରମାନଙ୍କୁ ପରାମର୍ଶ ଦେଇଛନ୍ତି । ଅନ୍ୟପକ୍ଷରେ ଚିକିତ୍ସାଧୀନ ଆହତ ବ୍ୟକ୍ତିମାନେ ରାଜ୍ୟ ସରକାରଙ୍କ ତତ୍ପରତା, ପୁନରୁଦ୍ଧାର ଓ ଚିକିତ୍ସାକୁ ପ୍ରଶଂସା କରିବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହି ଅବସରରେ ପରିବହନ କମିଶନର ଅମିତାଭ ଠାକୁର, କଟକ ଜିଲ୍ଲାପାଳ ଅରବିନ୍ଦ ଡାକୁଆ, ଡିସିପି ପ୍ରକାଶ ଆର, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ଯାଜପୁର ଜିଲ୍ଲାପାଳ ନିଖିଳ ପଓନ କଲ୍ୟାଣ, ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଧାଂଶୁ ଶେଖର ମିଶ୍ର, ପ୍ରଶାସନିକ ଅଧିକାରୀ ଡଃ ଅବିନାଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

ସୋମବାର ରାତିରେ ୧୬ ନମ୍ବର ଜାତୀୟ ରାଜପଥର ବାରବାଟୀ ବଜାର ନିକଟରେ ଯାତ୍ରୀବାହୀ ବସ୍ 'କାଳିଆ ନନା' ପୋଲ ତଳକୁ ଖସି ପଡିବା ଯୋଗୁଁ ଘଟଣାସ୍ଥଳରେ ହିଁ ୫ଜଣଙ୍କ ମୃତ୍ୟୁ ଘଟିଥିଲା । ଏହି ଆକସ୍ମିକ ଦୁର୍ଘଟଣାର ଶିକାର ହୋଇଥିବା ଆହତଙ୍କୁ ପ୍ରଥମେ ବଡଚଣା, ଧର୍ମଶାଳା ଓ ଯାଜପୁର ହସ୍ପିଟାଲକୁ ନିଆଯାଇଥିଲା । ଡାକ୍ତରଙ୍କ ପରାମର୍ଶକ୍ରମେ ସେଠାରୁ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ସିବି କର୍ତ୍ତୃପକ୍ଷ ବ୍ୟାପକ ପ୍ରସ୍ତୁତି କରି ସାରିଥିଲେ । ଏକ ୪୦ଜଣିଆ ଡାକ୍ତରୀ ଦଳ ଗଠନ ହେବା ସହ ସାଧାରଣ ଓ ଆଇସିୟୁ ଶଯ୍ୟା ସଂରକ୍ଷିତ ରଖାଯାଇଥିଲା । ମୋଟ୍ ୪୬ଜଣ ଆହତ ଏସ୍‌ସିବିକୁ ଆସିଥିଲେ । ଏମାନଙ୍କ ମଧ୍ୟରୁ ମୋଟ୍ ୨୮ ଜଣ ଡିସଚାର୍ଜ ହୋଇ ସାରିଛନ୍ତି । ଆହତଙ୍କ ମଧ୍ୟରେ ପଶ୍ଚିମବଙ୍ଗର ଅନେକ ଲୋକ ଥିଲେ । ସାମାନ୍ୟ ଆହତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଡିସଚାର୍ଜ କରାଯାଇଥିଲା । ଅନ୍ୟ କିଛି ଜଣ ଲାମା (ଲିଭ୍ ଏଗନେଷ୍ଟ ମେଡିକାଲ ଆଡଭାଇସ୍) ନେଇ ଚାଲି ଯାଇଛନ୍ତି । ଏବେ ବଡ ମେଡିକାଲରେ ୧୮ ଜଣଙ୍କର ଚିକିତ୍ସା ଚାଲିଛି । ଏମାନଙ୍କ ଭିତରୁ ୫ଜଣଙ୍କୁ ଆଇସିୟୁରେ ରଖାଯାଇଛି । ଆଇସିୟୁରେ ଚିକିତ୍ସିତ ହେଉଥିବା ଜଣେ ବୃଦ୍ଧ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଅଛି ବୋଲି ମେଡିକାଲ କର୍ତ୍ତୃପକ୍ଷ ଜଣାଇଛନ୍ତି । ସେହିପରି ନ୍ୟୁରୋସର୍ଜରୀ ୱାର୍ଡରେ ୨ଜଣ, ସିଟିଭିଏସ୍ ୱାର୍ଡରେ ଜଣେ ଏବଂ ଅସ୍ଥିଶଲ୍ୟ ୱାର୍ଡରେ ୧୦ଜଣଙ୍କ ଚିକିତ୍ସା ଚାଲିଛି । ମଙ୍ଗଳବାର ପଶ୍ଚିମବଙ୍ଗର ମନ୍ତ୍ରୀ ସୁଜିତ ବୋଷ ମଧ୍ୟ ବଡ ମେଡିକାଲରେ ଆହତଙ୍କୁ ଭେଟିବା ସହ ଏସ୍‌ସିବି ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି ।

### ଦାୟ ଓ ଦାୟିତ୍ୱର...

ଜରିଆରେ ଅନ୍ୟ ରାଜନେତାମାନଙ୍କୁ ଅନୁପ୍ରେରିତ କରିଛନ୍ତି । ମୁଖ୍ୟମନ୍ତ୍ରୀ ଆଜି ବିଭିନ୍ନ ଜିଲ୍ଲାର ଲୋକଙ୍କୁ ଭିଡିଓ କଲ୍ କରି ମନ୍ଦିର, ସ୍କୁଲ, ଡାକ୍ତରଖାନାର ରୂପାନ୍ତରଣ କାମ କେମିତି ଚାଲିଛି ତାହା ସେମାନଙ୍କ ମୁହଁରୁ ଶୁଣିଛନ୍ତି । ସମ୍ବଲପୁରର ଆରତି ନାୟକଙ୍କୁ ମୁଖ୍ୟମନ୍ତ୍ରୀ ଭିଡିଓ କଲ କରି ମନ୍ଦିର କାମ କେମିତି ଚାଲିଛି ବୋଲି ପଚାରିଥିଲେ । ଶ୍ରୀମତୀ ନାୟକ କହିଥିଲେ ଯେ ମନ୍ଦିରର ପ୍ରଥମ ପର୍ଯ୍ୟାୟ ରୂପାନ୍ତରଣ କାର୍ଯ୍ୟ ଶେଷ ହେବା ପରେ ଦ୍ୱିତୀୟ ପର୍ଯ୍ୟାୟ କାମ ପାଇଁ ମିଳିଥିବା ୪ ଲକ୍ଷ ଟଙ୍କାରେ ଏବେ କାମ ଜାରି ରହିଛି । ସେହିପରି ମୁଖ୍ୟମନ୍ତ୍ରୀ କଥା ହେବା ବେଳେ ଖୋର୍ଦ୍ଧା ଅଞ୍ଚଳର ପ୍ରକାଶ ହାତୀ ତାଙ୍କ ଅଞ୍ଚଳରେ ମନ୍ଦିର କାମ ବହୁତ ଭଲରେ ଚାଲିଛି ବୋଲି କହିଥିଲେ । '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଆମେ ଅନୁରୋଧ କରିବା ପରେ ମନ୍ଦିର କାମ ପାଇଁ ମୁଖ୍ୟମନ୍ତ୍ରୀ ଅର୍ଥ ମଞ୍ଜୁର କରିଥିଲେ । ସେଥିପାଇଁ ଆପଣଙ୍କୁ ଏବଂ ଶ୍ରୀ ପାଣ୍ଡିଆନଙ୍କୁ ଆମ ଅଞ୍ଚଳବାସୀ ହୃଦୟରୁ କୃତଜ୍ଞତା ଜଣାଉଛନ୍ତି ବୋଲି ଶ୍ରୀ ହାତୀ କହିଥିଲେ । କଥା ହେବା ଅବସରରେ ପୁରୀର ବିଜୟଲକ୍ଷ୍ମୀ ବାଣୀଙ୍କୁ ମୁଖ୍ୟମନ୍ତ୍ରୀ ତାଙ୍କ ଅଞ୍ଚଳ ତଥା ପରିବାର ଲୋକଙ୍କ ଭଲମନ୍ଦ ସମ୍ପର୍କରେ ପଚାରିଥିଲେ । ପୁରୀର ସ୍ୱର୍ଣ୍ଣଲତା ବିଶୋଇ ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ ଯେ ଆପଣଙ୍କ ସହଯୋଗରେ ଆମ ୱାର୍ଡରେ ଥିବା ମନ୍ଦିର ଏବେ ଭବ୍ୟ ରୂପ ପାଇଛି । ଜନକଲ୍ୟାଣ ତଥା ରୂପାନ୍ତରଣ କାମ ପାଇଁ କେବଳ ଆମେ ନୁହେଁ ସମଗ୍ର ଓଡ଼ିଶାବାସୀ ଆପଣଙ୍କ ସହିତ ରହିଛନ୍ତି ଆଉ ଆଗକୁ ମଧ୍ୟ ରହିବେ ବୋଲି ପ୍ରକାଶ କରିଥିଲେ । ଏହା ପୂର୍ବରୁ ଗତ ସପ୍ତାହରେ ମଧ୍ୟ ମୁଖ୍ୟମନ୍ତ୍ରୀ ରାଜ୍ୟର ବିଭିନ୍ନ ଜନସାଧାରଣଙ୍କୁ ଫୋନ୍ କରି ସେମାନଙ୍କ ଅଞ୍ଚଳରେ ୫-ଟି ରୂପାନ୍ତରଣ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଥିଲେ ।

୨୦୧୯ ମସିହାରେ 'ମୋ ସରକାର' କାର୍ଯ୍ୟକ୍ରମର ଶୁଭାରମ୍ଭ କରି 'ମୁଁ ଆପଣଙ୍କୁ ଫୋନ୍ କରିବି' ବୋଲି ପ୍ରତିଶ୍ରୁତି ଦେଇଥିଲେ । ସେହି କ୍ରମରେ ମୁଖ୍ୟମନ୍ତ୍ରୀ ଜନତାଙ୍କ ସହ ଫୋନ୍‌ରେ ସିଧାସଳଖ ଆଲୋଚନା କରି ଆସୁଛନ୍ତି । କେବଳ ମୁଖ୍ୟମନ୍ତ୍ରୀ ନୁହନ୍ତି ତାଙ୍କ ମନ୍ତ୍ରୀମଣ୍ଡଳର ସଦସ୍ୟ, ବିଭାଗୀୟ ଅଧିକାରୀ ଲୋକଙ୍କୁ ଫୋନ୍ କରି ଭଲମନ୍ଦ ବୁଝୁଛନ୍ତି । ମୋ ସରକାର ଅଧୀନରେ ବିଭାଗ ସ୍ତରରେ ମଧ୍ୟ ସାଧାରଣ ଜନତାଙ୍କୁ ଫୋନ୍ କରି ସରକାରୀ ସେବାକୁ ନେଇ ସେମାନଙ୍କର ମତାମତ ସଂଗ୍ରହ କରାଯାଉଛି । ଓଡ଼ିଶାବାସୀ ହିଁ ଆମ ସରକାରର ମାଲିକ ବୋଲି ବାରମ୍ବାର କହୁଥିବା ମୁଖ୍ୟମନ୍ତ୍ରୀ ଲୋକଙ୍କ ମତାମତ ଆଧାରରେ ସରକାର ଚଳାଉଛନ୍ତି । ଲୋକେ ଯେଉଁ ପ୍ରସ୍ତାବ ଦେଉଛନ୍ତି ତାହା ସରକାରୀ କାର୍ଯ୍ୟକ୍ରମରେ ପ୍ରତିଫଳିତ ହେଉଛି ।

## ଅବାଧ, ନିରପେକ୍ଷ ନିର୍ବାଚନ ପାଇଁ ଧରପଗଡ଼ ଜୋର୍‌ଦାର୍

# ଦେଢ଼ ମାସରେ ୧୦୭.୧୩ କୋଟି ମୂଲ୍ୟର ଟଙ୍କା ଓ ସାମଗ୍ରୀ ଜବତ

**ଭୁବନେଶ୍ୱର, ୧୬ ।୪(ସମିସ):** ରାଜ୍ୟରେ ସାଧାରଣ ନିର୍ବାଚନ ହାତ ପାଆନ୍ତାରେ ରହିଛି । ତେଣୁ ଏହାକୁ ନଜରରେ ରଖି ନିଶା. ମାଫିଆ ଏବଂ ଅନ୍ୟମାନେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ବେଆଇନ କାରବାର କରିବେ । ତେଣୁ ସ୍ୱଚ୍ଛ, ନିରପେକ୍ଷ ଏବଂ ଅବାଧ ନିର୍ବାଚନ ପାଇଁ ଭାରତୀୟ ନିର୍ବାଚନ କମିସନ୍ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଏହି ଆଧାରରେ ଏନ୍‌ଫୋର୍ସମେଣ୍ଟ ଏଜେନ୍ସିମାନେ ବିଭିନ୍ନ ସ୍ଥାନରେ ଧରପଗଡ଼କୁ ଜୋର୍‌ଦାର୍ କରୁଛନ୍ତି । ଜାତୀୟ ନିର୍ବାଚନ କମିସନଙ୍କ ସୂଚନା ଆଧାରରେ, ଗତ ଦେଢ଼ମାସ ମଧ୍ୟରେ ମୋଟ ୧୦୭.୧୩ କୋଟି ମୂଲ୍ୟର ଟଙ୍କା ଓ ସାମଗ୍ରୀ ଜବତ ହୋଇଛି । ଏଥିରେ ନଗଦ ୧.୪୭ କୋଟି ଟଙ୍କା ସାମିଲ ରହିଛି । ନିର୍ବାଚନ କମିସନଙ୍କ ନିର୍ଦ୍ଦେଶ ଯୋଗୁଁ ଗତ ମାର୍ଚ୍ଚ ୧ରୁ ଏପ୍ରିଲ ୧୩ ତାରିଖ ମଧ୍ୟରେ କେବଳ ଓଡ଼ିଶାରେ ମୋଟ ୧୦୭.୧୩ କୋଟି ଟଙ୍କାର ସାମଗ୍ରୀ ଜବତ ହୋଇପାରିଛି । ଆହୁରି ମଧ୍ୟ ୧୬.୨୧ କୋଟି ଟଙ୍କାର ମଦ(ପ୍ରାୟ ୧୩.୨୪କୋଟି ଲିଟର) ୩୯.୦୧କୋଟି ଟଙ୍କାର ନିଶା ସାମଗ୍ରୀ, ୬.୪୬ କୋଟି ଟଙ୍କାର ମୂଲ୍ୟବାନ ଧାତୁ(ସୁନା ଓ ଅନ୍ୟାନ୍ୟ ଅଳଙ୍କାର) ଓ ୪୩.୯୬କୋଟି ଟଙ୍କାର ମାଗଣା ସାମଗ୍ରୀ ବଣ୍ଟନକୁ ଜବତ କରାଯାଇଛି । ଏହି ସମସ୍ତ ପରିମାଣର ମୂଲ୍ୟ ୧୦୭ କୋଟି ୧୩ଲକ୍ଷ ଟଙ୍କା ରହିଛି ।

**ଆବଶ୍ୟକ**

ହଷ୍ଟେଲ ନିମନ୍ତେ ଛାତ୍ର ଛାତ୍ରୀ ଆବଶ୍ୟକ ବୋରିଗୁମ୍ମା ବ୍ଲକ ଶଶାହାଣ୍ଡି ପଞ୍ଚାୟତ କଷାଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲରେ ରହି ପଢ଼ିବା ନିମନ୍ତେ ପ୍ରଥମ ରୁ ପଞ୍ଚମଶ୍ରେଣୀ ଆଦିବାସୀ ଛାତ୍ର, ଛାତ୍ରୀ ଆବଶ୍ୟକ ।

ଯୋଗାଯୋଗ କରନ୍ତୁ
୯୪୩୮୩୭୬୫୯୦
୮୩୨୮୯୧୦୦୭୩

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
**Ph.: 9437015112**

**AFFIDAVIT**

By virtue of an affidavit before the Executive Magistrate, Satyabadi. That, my correct name is Akhaya Kumar Sahoo, but in the academicals record of my daughter Subhashree Subhasmita Sahoo, my name has been wrongly mentioned as Akshya Kumar Sahoo. That both the names **Akhaya Kumar Sahoo & Akshya Kumar Sahoo** is one and same person and for all future purposes.

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**Corrigendum to Notice Inviting Tender (NIT)**

TPWODL/AK/O/SER/03 Date: 16-04-2024

**Rate contract for door-to-door revenue collection at TPWODL,Odisha**

The technical qualification is revised and time period is hereby extended for Submission of Tender Participation Fee and Authorization Letter through e-mail till **22nd April 2024**, after which link from e-Tender system shall be shared. A Corrigendum to the said notice has been uploaded in our website www.tpwesternodisha.com. Prospective bidders are requested to visit the website for detailed amendment and updated tender document.

Sd /- Chief-Contracts and Stores

ସକାଳ THE SAKALA

ଜୟପୁର

www.sakalaepaper.com

# ବଢୁଛି ବିଜେଡି ବଳ

## ମିଶିଲେ ଦୁଇଟି ବ୍ଲକର ବିଜେପି ଓ କଂଗ୍ରେସ କର୍ମୀ



**ମାଲକାନଗିରି, ୧୬।୪(ସମିସ):** ମାଲକାନଗିରି ଜିଲ୍ଲାରେ ଆହୁରି ସୁଦୃଢ଼ ହୋଇଛି ବିଜୁ ଜନତା ଦଳ। ମାଲକାନଗିରି ନିର୍ବାଚନମଣ୍ଡଳୀର କାଲିମେଲା ଓ ପଡ଼ିଆ ବ୍ଲକର ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ଦଳ ଛାଡି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ମଙ୍ଗଳବାର ଅନୁଷ୍ଠିତ ବିଜୁ ଜନତା ଦଳର ମିଶ୍ରଣ ପର୍ବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ନୀତି ଆଦର୍ଶ ତଥା 'ନବୀନ ଓଡ଼ିଶା' ଗଠନ ଦିଗରେ ଅନୁପ୍ରାଣିତ ହୋଇ ଏହି କର୍ମୀମାନେ ବିଜେଡିରେ ସାମିଲ ହୋଇଛନ୍ତି। ଜିଲ୍ଲା ବିଜୁ ଜନତା ଦଳ ସଭାପତି ତଥା ବିଜେଡି ବିଧାୟକ ପ୍ରାର୍ଥୀ ମାନସ ମାଡକାମୀଙ୍କ ଉପସ୍ଥିତିରେ କାଲିମେଲା ବ୍ଲକ ଭେଜାଙ୍ଗିୱାଡା ପଞ୍ଚାୟତ ଓ ମାଲାଭରମ୍ ପଞ୍ଚାୟତର ଶତାଧିକ କଂଗ୍ରେସ ଓ ବିଜେପିର କର୍ମୀ ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଜିଲ୍ଲା ବିଜୁ ଜନତା ଦଳର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୁର୍ଗାପ୍ରସାଦ ତ୍ରିପାଠୀ, ବିଜେଡି ବରିଷ୍ଠ ନେତା ତଥା ଜିଲ୍ଲା ଆଇନଜୀବୀ ସାମ୍ମୁଖ୍ୟ ସଭାପତି ଗୋପାଳକୃଷ୍ଣ ପଣ୍ଡା, ବିଜେଡି ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ରାଜ୍ୟ ଯୁବ ସମ୍ପାଦକ ରବି ରାଜେଶ, ପୌର ଅଧ୍ୟକ୍ଷ ମନୋଜ ବାରିକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, ବିଜୁ ମହିଳା ନେତ୍ରୀ ଦେବେ ମାଡି, ପୌର ପରିଷଦ ନଗର ସଭାପତି ପି. ସାଇଙ୍କ ସହ ବିଜୁ ଜନତା ଦଳର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଯୋଗଦେଲେ ବରିଷ୍ଠ ବିଜେପି ନେତା ଓ ପଞ୍ଚାୟତ ସଭାପତି



**କୋରାପୁଟ, ୧୬।୪(ସମିସ):** ଲମତାପୁଟ ବ୍ଲକର ବରିଷ୍ଠ ବିଜେପି ନେତା ତଥା ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେପିର ଜିଲ୍ଲା ପରିଷଦ ସଦସ୍ୟ ପ୍ରାର୍ଥୀ ହରିବନ୍ଧୁ ଖରା ଓ ଉମ୍ମେଲ ପଞ୍ଚାୟତ ସଭାପତି ଯୋଗେଶ୍ୱର ବିଶୋଇ ବିଜେପି ଦଳ ଛାଡ଼ି ବିଜେଡିରେ ଯୋଗ ଦେଇଛନ୍ତି। କୋରାପୁଟ ବିଧାୟକ ତଥା ଚଳିତ ନିର୍ବାଚନର ବିଧାୟକ ପ୍ରାର୍ଥୀ ରଘୁରାମ ପଡ଼ାଲ ମଙ୍ଗଳବାର ଉମ୍ମେଲ ଗସ୍ତ ସମୟରେ ଶ୍ରୀ ଖରାଙ୍କ ବାସଭବନରେ ସାକ୍ଷାତ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱକୁ ସମର୍ଥନ କରି ରାଜ୍ୟ ଓ କୋରାପୁଟ ଜିଲ୍ଲାର ବିକାଶ କ୍ଷେତ୍ରରେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ପରେ ଶ୍ରୀ ଖରା ଓ ଶ୍ରୀ ବିଶୋଇ ନିଜର ସମର୍ଥକଙ୍କ ସହ ବିଜୁ ଜନତା ଦଳରେ ଯୋଗ ଦେଇଥିବା ଘୋଷଣା କରିଛନ୍ତି। ଏହା ଫଳରେ ଲମତାପୁଟ ବ୍ଲକରେ ବିଜୁ ଜନତା ଦଳ ଅଧିକ ଶକ୍ତିଶାଳୀ ହେବ ବୋଲି ବିଧାୟକ ପଡ଼ାଲ ପ୍ରତିକ୍ରିୟା ଦେଇଛନ୍ତି।

## ପିତାରୀଗୁଡ଼ାରେ ମିଶ୍ରଣ ପର୍ବ

**ପାପଡ଼ାହାଣ୍ଡି/ମୈଦଲପୁର,୧୬।୪(ସମିସ):** ପାପଡ଼ାହାଣ୍ଡି ବ୍ଲକ ନୂଆକୋଟ ପଞ୍ଚାୟତର ପିତାରୀଗୁଡାରେ ମଙ୍ଗଳବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ବିଜେଡିରେ ସାମିଲ ହୋଇଛନ୍ତି କଂଗ୍ରେସର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ରାଜେଶ୍ୱରୀ ବିଶୋଇ, କଣ୍ଟମାଳ ପୂର୍ବତନ ସରପଞ୍ଚ ଲୋକନାଥ ମାଝୀ, ନୂଆକୋଟର ବରିଷ୍ଠ ନେତା ଧନୁର୍ଜୟ ମାଝୀ। ତାଙ୍କ ସହ ୨୦୦ରୁ ଅଧିକ କଂଗ୍ରେସ ଓ ବିଜେପି କର୍ମୀ ମଧ୍ୟ ବିଜେଡିରେ ମିଶିଛନ୍ତି। ନବରଙ୍ଗପୁର ଜିଲ୍ଲା ଡାବୁଗାଁ ନିର୍ବାଚନମଣ୍ଡଳୀରେ ଏବେ କଂଗ୍ରେସର ଗଡ଼ ଭୁଶୁଡୁଥିବା ବେଳେ ବିଜେପିର ଦୁର୍ଗ ମଧ୍ୟ ଦୁର୍ବଳ ହେଉଛି। ମଙ୍ଗଳବାର କଂଗ୍ରେସର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ରାଜେଶ୍ୱରୀ ବିଶୋଇ, କଣ୍ଟମାଳ ପୂର୍ବତନ ସରପଞ୍ଚ ଲକିନାଥ ମାଝୀ, ନୂଆକୋଟର ବରିଷ୍ଠ ନେତା ଧନୁର୍ଜୟ ମାଝୀ ଓ ତାଙ୍କ ଆନୁଗତ୍ୟମାନେ ବିଜେଡିରେ ସାମିଲ ହେବା ପରେ ଏବେ ଡାବୁଗାଁ ନିର୍ବାଚନମଣ୍ଡଳୀରେ କଂଗ୍ରେସ ଓ ବିଜେପି ସମ୍ପୂର୍ଣ୍ଣ ଦୁର୍ବଳ ହେଉଛି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କ ଉପସ୍ଥିତିରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ସମସ୍ତଙ୍କୁ ବିଧାୟକ ଓ ସାଂସଦ ପ୍ରାର୍ଥୀ ପୁଷ୍ପମାଲ୍ୟ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ସେମାନେ ସମସ୍ତେ ମୁଖ୍ୟମନ୍ତ୍ରୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଛନ୍ତି। କାର୍ଯ୍ୟକ୍ରମରେ ବିଧାୟକ ମନୋହର ରନ୍ଧାରୀ, ସାଂସଦ ପ୍ରାର୍ଥୀ ପ୍ରଦୀପ ମାଝୀ, ବ୍ଲକ ସଭାପତି, ଉପାଧ୍ୟକ୍ଷ, ଜିଲ୍ଲା ବିଜେଡି ଯୁବ ସଭାପତିଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ।



## ଲମତାପୁଟରେ ବିଜେଡିର ଯୁବ ସମାବେଶ

**କୋରାପୁଟ/ଲମତାପୁଟ, ୧୬।୪(ସମିସ):**




କୋରାପୁଟ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲମତାପୁଟ ବ୍ଲକ ସଦର ମହକୁମାରେ ଜିଲ୍ଲା ବିଜୁ ଯୁବ ଜନତା ଦଳ ପକ୍ଷରୁ ବିରାଟ ସମାବେଶ ଆୟୋଜିତ ହୋଇଥିବା ବେଳେ ୩ ହଜାରରୁ ଅଧିକ ଯୁବକ ବାଇକ ଶୋଭାଯାତ୍ରା କରି କୋରାପୁଟ ସାଂସଦ ପ୍ରାର୍ଥିନୀ କୌଶଲ୍ୟା ହିକକା ଓ ବିଧାୟକ ପ୍ରାର୍ଥୀ ରଘୁରାମ ପଡ଼ାଲଙ୍କୁ ସ୍ୱାଗତ କରିଥିଲେ। ୩ କିଲୋମିଟର ମୋଟର ସାଇକଲ ଶୋଭାଯାତ୍ରା କରି ସ୍ଥାନୀୟ ପଡ଼ିଆରେ ପହଞ୍ଚିବା ପରେ ଜିଲ୍ଲା ଯୁବ ବିଜେଡି ସଭାପତି ଲଲାଟ ରଞ୍ଜନ ସେଠୀଙ୍କ ଅଧ୍ୟକ୍ଷତାରେ ସମାବେଶ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ବିଜେଡି ସଭାପତି ଝିନ୍ନ ହିକକା, ସାଂସଦ ପ୍ରାର୍ଥିନୀ କୌଶଲ୍ୟା ହିକକା, ବିଧାୟକ ପ୍ରାର୍ଥୀ ରଘୁରାମ ପଡ଼ାଲ, ମହିଳା ବିଜେଡି ଜିଲ୍ଲା ସଭାନେତ୍ରୀ ପାର୍ବତୀ ମସ୍ତି, ବ୍ଲକ ସଭାପତି ସୁନାଧର ଆଡାରି, ବ୍ଲକ ଅଧ୍ୟକ୍ଷ ତାପସ ଚାଲାଣ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲମତାପୁଟ ପାଇଁ ମେଗା ପାନୀୟଜଳ ପ୍ରକଳ୍ପ, ବିଚ୍ଛିନ୍ନାଞ୍ଚଳ ଲୋକଙ୍କ ସୁବିଧା ପାଇଁ କୋଲାବ ଜଳଭଣ୍ଡାର ଶିନ୍ଧିପୁଟ ଘାଟରେ ପୋଲ ନିର୍ମାଣ ଭଳି ଯୋଜନା କାର୍ଯ୍ୟକ୍ଷମ କରିଥିବା ବିଧାୟକ ଶ୍ରୀ ପଡ଼ାଲ ବକ୍ତବ୍ୟ ରଖିଥିଲେ। ଗତ ୫ ବର୍ଷରେ ଓଡ଼ିଶାରେ ବିକାଶମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ଦେଶରେ ୧ ନମ୍ବର ଥିବା ବେଳେ ସରକାରୀ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ମାଇଲ ଖୁଣ୍ଟ ସୃଷ୍ଟି କରିଛି ବୋଲି ବିଧାୟକ ଶ୍ରୀ ପଡ଼ାଲ ବକ୍ତବ୍ୟ ରଖିଥିଲେ। ଆସନ୍ତା ମାସ ୧୩ ତାରିଖରେ ବିଜେଡି ପ୍ରାର୍ଥୀଙ୍କୁ ଜିତାଇବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶଧାରାକୁ ଆଗେଇ ନେବାକୁ ମହିଳା ସଭାନେତ୍ରୀ ପାର୍ବତୀ ମସ୍ତି ବକ୍ତବ୍ୟ ରଖିଥିଲେ। ୫ ହଜାରରୁ ଅଧିକ ବିଜୁ ଜନତା ଦଳର ବରିଷ୍ଠ କର୍ମୀ, ଯୁବ ଓ ମହିଳା ଶାଖା କର୍ମୀ ଦଳୀୟ ସାଂସଦ ଓ ବିଧାୟକ ପ୍ରାର୍ଥୀମାନଙ୍କ ସପକ୍ଷରେ ଏହି ସମାବେଶରେ ସାମିଲ ହୋଇଥିଲେ।

## ଉପରୁ ପଡ଼ିଲା ଯନ୍ତ୍ର; ଗାଁଲୋକେ ଆତଙ୍କିତ

**ବୈପାରୀଗୁଡ଼ା, ୧୬।୪(ସମିସ):** ମଙ୍ଗଳବାର ଅପରାହ୍ନରେ ବୈପାରୀଗୁଡା ବ୍ଲକ ବାଲିଗାଁ ପଞ୍ଚାୟତ ତଳିଆଗୁଡା ଗାଁ ପାଖରେ ଏକ ଛିଣ୍ଡା ବେଲୁନ ସହ ଏକ ରିମୋଟ ସଦୃଶ ଯନ୍ତ୍ର ଗାଁ ଦାଣ୍ଡରେ ପଡ଼ିଥିଲାଫ ଯାହାକୁ ଦେଖି ଗାଁ ଲୋକେ ଆତଙ୍କିତ ହୋଇଛନ୍ତି। ବେଲୁନ୍‌ଟି ଫାଟି ଯାଇଥିବା ବେଳେ ରିମୋଟ ସଦୃଶ ଯନ୍ତ୍ରରେ ଏକ ଲାଲ ରଙ୍ଗର ଲାଇଟ ଲାଗି ରହିଛି। ଯନ୍ତ୍ରଟିର ପଛ ଭାଗରେ ମେଡ ଇନ୍ କୋରିଆ ଲେଖା ରହିଛି। ସରପଞ୍ଚ ବୈପାରୀଗୁଡା ଥାନାକୁ ସୂଚନା ଦେବା ପରେ ଏହା ଏକ ପାଣିପାଗ ସୂଚନା ସଂଗ୍ରହ ଯନ୍ତ୍ର ବୋଲି ଜଣାପଡ଼ିଛି। ବୈପାରୀଗୁଡ଼ା ପୁଲିସ ଟିମ୍ ଯନ୍ତ୍ରଟିକୁ ସଂଗ୍ରହ କରିଥିବା ଜଣାପଡ଼ିଛି। ତେବେ, ଏହାର ସବିଶେଷ ତଥ୍ୟ ମିଳିପାରି ନାହିଁ।

## ଡିଇଓଙ୍କ ଜିମାରେ ୬୩୮ଟି ଜବତ ଟ୍ୟାବ୍ ମୋବାଇଲ

**ରାୟଗଡ଼ା, ୧୬।୪(ସମିସ):** ରାୟଗଡ଼ା ଥାନା ପୁଲିସ ଏବଂ ଫ୍ଲାଇଙ୍ଗ ସ୍କ୍ୱାଡ୍ ରେଲବାଇ ଷ୍ଟେସନ ନିକଟରୁ ୩ଟି ଇନୋଭା ଗାଡ଼ିରୁ ୭୧ଟି ପ୍ୟାକେଟରେ ଥିବା ଟ୍ୟାବ୍ ମୋବାଇଲ ଜବତ କରିବା ସହ ଏହାକୁ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରେ ଜିମା ଦେଇଛି। ନିର୍ବାଚନ ଆଚରଣ ବିଧି ଉଠିଲା ପରେ ପୁଣି ଥରେ ଟ୍ୟାବ ମୋବାଇଲ ଆଣିଥିବା ସଂସ୍ଥାକୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି। ରାୟଗଡ଼ା ଥାନାଧିକାରୀ କମଳକାନ୍ତ ବସନ୍ତ କହଁରଙ୍କଠାରୁ ମିଳିଥିବା ସୂଚନା ପ୍ରକାରେ, ମୋଟ



୬୩୮ଟି ଟ୍ୟାବ୍ ମୋବାଇଲ୍ ଭୁବନେଶ୍ୱରସ୍ଥିତ ଓକାକ୍ ନାମକ ଏକ ସଂସ୍ଥା ଦ୍ୱାରା ବିଭିନ୍ନ ବିଇଓମାନଙ୍କ କାର୍ଯ୍ୟାଳୟକୁ ପଠାଯିବା ବ୍ୟବସ୍ଥା ହୋଇଥିଲା। ଖବର ପାଇ ରାୟଗଡ଼ା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ପୁଲିସକୁ ଏନେଇ ଅବଗତ କରାଯାଇଥିଲା। ପରେ ଏହାକୁ ପୁଲିସ ଉପସ୍ଥିତିରେ ନିର୍ବାଚନୀ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଜବତ କରାଯାଇଛି। ସମ୍ପୃକ୍ତ ସଂସ୍ଥାର କର୍ମଚାରୀ ଲେଖରାଜ କୁମାର ଓ ତାଙ୍କ ସହକର୍ମୀଙ୍କୁ ପୁଲିସ ପଚରାଉଚରା କରିଛି।

### ରାମ ମାଣ୍ଡି ଓ ଭରତ ଖିଲ ପଳାତକ ଘୋଷିତ

## ଆତ୍ମସମର୍ପଣ ନ କଲେ ସମ୍ପତ୍ତି ଜବତ ପାଇଁ ନୋଟିସ୍

**ନନ୍ଦପୁର, ୧୬।୪(ସମିସ):** ବିଭିନ୍ନ ମାମଲାରେ ଜଡ଼ିତ ହୋଇ ଫେରାର ରହିଥିବା ୱାରେଣ୍ଟି ଲିଟିଗୁଡ଼ା ଗ୍ରାମର ରାମ ମାଣ୍ଡି ଓ ନନ୍ଦପୁର ସଦରମହକୁମାର ହରିଜନ ସାହିର ଭରତ ଖିଲଙ୍କୁ ପଳାତକ ଘୋଷଣା କରିଛି ନନ୍ଦପୁର ପୁଲିସ। ୩୦ ଦିନ ମଧ୍ୟରେ ନିଜକୁ ଆତ୍ମସମର୍ପଣ ନକଲେ ରାମ ମାଣ୍ଡି ଓ ଭରତ ଖିଲଙ୍କ ନାମରେ ଥିବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଜବତ କରିବାକୁ ନୋଟିସ୍ କରିଛି ନନ୍ଦପୁର ପୁଲିସ। ସୂଚିତ ଯେ, ବିଭିନ୍ନ ମାମଲାରେ ଏସଡିଜେଏମ୍‌ଙ୍କ ବାରମ୍ବାର ନୋଟିସ ସତ୍ତ୍ୱେ କୋର୍ଟରେ ହାଜର ହୋଇ ନଥିବା ବେଳେ ଶେଷରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ନନ୍ଦପୁର ପୁଲିସ ଘୋଷଣା କରିବା ସହ ଉଭୟଙ୍କ ଗ୍ରାମ ନନ୍ଦପୁର ଓ ଲିଟିଗୁଡ଼ା ଗ୍ରାମରେ ପହଞ୍ଚି ନୋଟିସ ଜାରୀ କରିଛି। ନନ୍ଦପୁର ଆଇଆଇସି ମମତା କୁମାରୀ ପଣ୍ଡା, ଏସ୍‌ଆଇ ବେଦବର ସାହୁ, ଏସ୍‌ଆଇ ଦୀପ୍ତିମୟୀ ଧାରୁଆ, ଏଏସ୍‌ଆଇ ଭକ୍ତ ବାବୁଙ୍କ ସମେତ ଅନ୍ୟାନ୍ୟ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।



■ ଚାଉଳ ହେରଫେର ଅଭିଯୋଗ

## କସ୍ତୁରବା ଗାନ୍ଧୀ ବାଳିକା ହଷ୍ଟେଲରେ ତଦନ୍ତ

**ନାରାୟଣପାଟଣା,୧୬।୪(ସମିସ):** ନାରାୟଣପାଟଣା ବ୍ଲକ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ହଷ୍ଟେଲ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ଚାଉଳ ହେରଫେର ହେଉଥିବା ଅଭିଯୋଗରେ ମଙ୍ଗଳବାର ତଦନ୍ତ କରିଛନ୍ତି ଗୋଷ୍ଠୀ ଶିକ୍ଷାଧିକାରୀ ରଘୁନାଥ ପାଙ୍ଗୀ ଓ ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ। ସୋମବାର ନାରାୟଣପାଟଣା ସଦରର ଜି. ଭାନୁ ପ୍ରକାଶଙ୍କ ଗାଡ଼ିରେ ଜୟପୁର ଡିପୋରୁ ୧୨୦ ବସ୍ତା ଚାଉଳ ଆସିଥିଲା। ରାତି ସାଢ଼େ ୯ଟା ସମୟରେ ମଧ୍ୟାହ୍ନ ଭୋଜନ ଚାଉଳ ୨୦ ବସ୍ତା ଅର୍ଥାତ୍ ଦଶ କୁଇଣ୍ଟାଲ ଓହ୍ଲାଇବା ବେଳେ ସ୍ଥାନୀୟ କିଛି ଗ୍ରାମବାସୀ ସନ୍ଦେହ କରି ପୁଲିସକୁ ସୂଚନା ଦେଇଥିଲେ। ବ୍ୟବସାୟୀ ଜଣକ ଭୟଭୀତ ହୋଇ ବଳକା ୨୦ ବସ୍ତା ଚାଉଳ ଗାଡି ସହ ନେଇ ହଷ୍ଟେଲ ସମ୍ମୁଖରେ ରଖିଦେଇଥିଲେ। ପରେ ପୁଲିସ ଉକ୍ତ ଚାଉଳ ଗାଡ଼ି ସହ ଥାନାକୁ ଆଣି ଅଟକ ରଖିଥିଲା। ମଙ୍ଗଳବାର ଗୋଷ୍ଠୀ ଶିକ୍ଷାଧିକାରୀ, ବ୍ଲକ ଅଧ୍ୟକ୍ଷଙ୍କ ସହ ଏବିଇଓ ଏହାର ତଦନ୍ତ କରିଛନ୍ତି। ତଦନ୍ତ ବେଳେ ସ୍କୁଲର ଅବ୍ୟବସ୍ଥା ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷ ଓ ଛାତ୍ରଛାତ୍ରୀ ବଖାଣିଥିଲେ। ଘଟଣାର ସତ୍ୟତା ଜାଣିବା ପାଇଁ ଲକ୍ଷ୍ମୀପୁର ଏସଡିପିଓ ନାରାୟଣପାଟଣା ଥାନାକୁ ଆସି ତଦନ୍ତ କରିଥିଲେ। ବିଇଓ, ଏବିଇଓ, ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ଜେନାଙ୍କୁ ଡାକି ତଦନ୍ତ କରିଥିଲେ। ସୋମବାର ଗାଡ଼ିରେ ଆସିଥିବା ଚାଉଳ ସ୍କୁଲରେ ସବୁ ନ ରଖି ବାହାରକୁ କାହିଁକି ଗଲା ବୋଲି ପଚାରିଥିଲେ। ତେବେ, ସ୍କୁଲରେ ପିଲାଙ୍କ ପାଇଁ ବ୍ୟବସାୟୀ ଓ ତିନୋଟି ସ୍କୁଲରୁ ଧାରରେ ଅଣାଯାଇଥିବା ଚାଉଳ ଫେରେଇବାକୁ ଗାଡ଼ି ରାତିରେ ଯାଉଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ସନ୍ଦେହ କରିଥିଲେ ବୋଲି ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ଜେନା କହିଛନ୍ତି। ଥାନାଧିକାରୀ ସୁଷମା କଅଁର କହିଛନ୍ତି ଯେ ଯାଞ୍ଚ ପରେ କୌଣସି ହେରଫେର ହୋଇ ନଥିବା ଜଣାପଡ଼ିଛି।

## ୬୦ କେଜି ଗଞ୍ଜେଇ ସହ ଗାଡ଼ି ଜବତ

**ଜୟପୁର, ୧୬।୪(ସମିସ):** କୋରାପୁଟ ସଦର ଥାନା ପୁଲିସ ପାଟ୍ରୋଲିଂ ଟିମ୍ ପକ୍ଷରୁ ମଙ୍ଗଳବାର ଭୋରରୁ ଏକ ଧଳାରଙ୍ଗର କାର୍ ଯୋଗେ ଗଞ୍ଜେଇ ଚାଲାଣ ବେଳେ ବିଭିନ୍ନ ପ୍ୟାକେଟରେ ୬୦ କିଲୋଗ୍ରାମ ଗଞ୍ଜେଇ ସହ ଉକ୍ତ କାର୍‌କୁ ଜବତ କରାଯାଇଛି। ଘଟଣାସ୍ଥଳରୁ ଜଣେ ଅଭିଯୁକ୍ତ ଚମ୍ପଟ ମାରିଥିବା ଥାନାଧିକାରୀ ଇଶ୍ୱର ତାଣ୍ଡୀ ସୂଚନା ଦେଇଛନ୍ତି। ଏସ୍ ଆଇ ଶିରିଷ ମହାପାତ୍ରଙ୍କ ନେତୃତ୍ୱରେ ପାଟ୍ରୋଲିଂ ଚାଲିଥିବା ବେଳେ ଉମରୀ ଗ୍ରାମ ୨୬ ନମ୍ବର ଜାତୀୟ ରାଜପଥ ନିକଟରେ ଅଟକା ଯାଇଥିଲା।




୪୨ତମ ଶ୍ରାଦ୍ଧବାର୍ଷିକୀ
ତା.୧୭.୦୪.୨୦୨୦ରିଖ



ପୂଣ୍ୟଶ୍ଳୋକ ସ୍ୱର୍ଣ୍ଣଲତା ପରିଡ଼ା

ବଡ଼ସଲାରୋ, ଚାନ୍ଦୋଳ, କେନ୍ଦ୍ରାପଡ଼ା
ଧରାବତରଣ: ପୌଷ ଶୁକ୍ଳ ୪ର୍ଥୀ ୧୯୩୩
ସର୍ଗାରୋହଣ: ଚୈତ୍ର ଶୁକ୍ଳ ୯ମୀ ୧୯୮୨

ମା' ୪୩ ବର୍ଷ ହେଲା ତମେ ନାହଁ, ବାପା ମଧ୍ୟ ୩୦ ବର୍ଷ ହେଲା ନାହାନ୍ତି। କେବେ ଆମକୁ ଲାଗିନାହିଁ ଯେ, ତୁମେ ଦୁହେଁ ଆମ ପାଖରେ ନାହଁ। ତୁମର ସାତ ନାତିନାତୁଣୀ, ଦୁଇ ନାତୁଣୀ, ନାତୁଣୀ ଜ୍ୱାଇଁ, ଦୁଇ ନାତୁଣୀ ବୋହୂ, ଜଣେ ଅଣନାତି, ଜଣେ ଅଣନାତୁଣୀ ତୁମ ଦୁହିଁଙ୍କୁ ସକାଳେ ସଂଜେ ପ୍ରଣତି ବାଢୁଛୁ।

ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ :
ପୁଅବୋହୂ : ପ୍ରଦୀପ୍ତ-ଶକୁନ୍ତଳା, ପ୍ରକାଶ-ସ୍ନେହଲତା, ଅଶୋକ-ରେଣୁବାଳା, ନାତି- ରାଜା, ସମ୍ରାଟ, ଟିକିନ, ସିତୁନ, ନାତୁଣୀ - ସ୍ନିଗ୍ଧା, ସ୍ୱାତୀ, ପ୍ରଜ୍ଞାରାଣୀ, ଅଣନାତି - ହନି, ଅଣନାତୁଣୀ- ଅନନ୍ୟା, ଓ ପୂର୍ଣ୍ଣବୀ ପରିବାର।


## ଟି. ୱାପଙ୍ଗ ଆଓଙ୍କ ବିରୋଧରେ ମାମଲା ରଦ୍ଦ

**କଟକ, ୧୬।୪(ସମିସ):** ମାଲକାନଗିରି ଜିଲ୍ଲାର ପୂର୍ବତନ ସବ୍‌ଡିଭିଜିନାଲ ମାଜିଷ୍ଟ୍ରେଟ (ଏସଡିଏମ) ଆଇଏଏସ୍ ଅଧିକାରୀ ତଥା ଟି. ୱାପଙ୍ଗ ଆଓଙ୍କ ବିରୋଧରେ ମାଲକାନଗିରି ଏସଡିଜେଏମ ଅଦାଲତରେ ବିଚାରାଧୀନ ମାମଲାକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ସମ୍ମାନ ହାନି ଓ ଧମକ ଅଭିଯୋଗ ନେଇ ଜଣେ ଆଇନଜୀବୀ ଦାଖଲ କରିଥିବା ଆବେଦନର ଶୁଣାଣି କରି ଏସଡିଜେଏମ ଅଦାଲତ ଟି.ୱାପଙ୍ଗଙ୍କ ବିରୋଧରେ ଆଇପିସିର ଦଫା ୫୦୦ ଓ ୫୦୬ରେ କଗନିଜାନ୍ସ ଗ୍ରହଣ କରିଥିଲେ। ଏହା ବିରୋଧରେ ହାଇକୋର୍ଟରେ ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ ସଞ୍ଜୀବ ପାଣିଗ୍ରାହୀ ନିମ୍ନ ଅଦାଲତଙ୍କ ଆଦେଶକୁ ରଦ୍ଦ ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରକାଶ ଯେ ମାଲକାନଗିରି ଉପଜିଲ୍ଲାପାଳ ତଥା ଏସଡିଏମ୍ ଥିବା ବେଳେ ୨୦୦୩, ଅଗଷ୍ଟ ୫ରେ ଜଣେ ଆଇନଜୀବୀଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା।

## ଆଜି ଶ୍ରୀରାମ ନବମୀ

**ଜୟପୁର, ୧୬।୪(ସମିସ):** ଜୟପୁର ସହରରେ ବୁଧବାର ଶ୍ରୀରାମ ଜୟନ୍ତୀ ଅବସରରେ ଏକ ବିରାଟ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଆୟୋଜକ କମିଟି ପକ୍ଷରୁ ପ୍ରଶାସନର ନିୟମ ଅନୁଯାୟୀ ଏହାକୁ ଆୟୋଜନରେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ସେହିପରି ପ୍ରଶାସନ ପକ୍ଷରୁ ଜୟପୁର ପୁଲିସ ଏବଂ ସଶସ୍ତ୍ର ସୀମା ସୁରକ୍ଷା ବାହିନୀ (ବିଏସ୍‌ଏଫ) ମିଳିତ ଭାବେ ଜୟପୁର ସହରରେ ଫ୍ଲାଗ ମାର୍ଚ୍ଚ କରିଥିଲେ। କୋରାପୁଟ ଏସ୍‌ପି ଅଭିନବ ସୋନକାରଙ୍କ ନେତୃତ୍ୱରେ ଏସଡିପିଓ ଅଙ୍କିତ ବର୍ମାଙ୍କ ନେତୃତ୍ୱରେ ଟାଉନ ଥାନାଧିକାରୀ ରମଣୀ ରଞ୍ଜନ ଦଳେଇ, ସଦର ଥାନାଧିକାରୀ ଇଶ୍ୱର ତାଣ୍ଡୀ, ଟାଉନଥାନା ଏସ୍‌ଆଇ ସଞ୍ଜୀବ ମହାନ୍ତି ଏବଂ ଅନ୍ୟାନ୍ୟ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ। ସଶସ୍ତ୍ର କେନ୍ଦ୍ରୀୟ ସୁରକ୍ଷାବଳ ବିଏସ୍‌ଏଫ୍‌ର ୨ ପ୍ଲାଟୁନ ଯବାନ ଯୋଗ ଦେଇଥିଲେ।



➤ ଜୟପୁରରେ ହେବ ବିଶାଳ ଶୋଭାଯାତ୍ରା

➤ ଏସ୍‌ପିଙ୍କ ନେତୃତ୍ୱରେ ସଶସ୍ତ୍ର ପୁଲିସର ଫ୍ଲାଗମାର୍ଚ୍ଚ

## ପିଏଚ୍.ଡି ଲାଭ



ପ୍ରଭାତ ଗୁରୁକୁଳ ଆଶ୍ରମ, ମେରଟ ର ପ୍ରତିଷ୍ଠାତା ସ୍ୱାମୀ ବିବେକାନନ୍ଦ ସରସ୍ୱତୀ ଙ୍କ ପ୍ରେରଣାରେ ବଲାଙ୍ଗିର ଜିଲ୍ଲାର ରାଜୀବ ନଗର ନିବାସୀ ଶ୍ରୀମତୀ ଆଭା ଆର୍ଯ୍ୟା , ମହର୍ଷି ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦାର୍ଶନିକ ଅଧ୍ୟୟନ ଉପରେ ଗବେଷଣା କରି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ଡକ୍ଟର ଅଫ ଫିଲୋସଫି ସମ୍ମାନ ଗ୍ରହଣ କରିଛନ୍ତି । ଶ୍ରୀମତୀ ଆର୍ଯ୍ୟା , ଡକ୍ଟର ରମାକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରୀ ପରିସରରେ ଏହି ଗବେଷଣା କାର୍ଯ୍ୟ ସମ୍ପନ୍ନ କରିଥିଲେ । କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ ରେ ଅନୁଷ୍ଠିତ ପ୍ରଥମ ଦୀକ୍ଷାନ୍ତ ସମାରୋହ ଉତ୍ସବରେ ଶ୍ରୀମତୀ ଆର୍ଯ୍ୟା ଏହି ସମ୍ମାନ ଗ୍ରହଣ କରିଛନ୍ତି । ଶ୍ରୀମତୀ ଆର୍ଯ୍ୟା ହେଉଛନ୍ତି ଦୟାନନ୍ଦ ଆଙ୍ଗଲୋ ବୈଦିକ ବିଦ୍ୟାଳୟର ପୂର୍ବତନ ନୈତିକ ଉପଦେଶକ ତଥା ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜର ଅଧ୍ୟକ୍ଷ ଆଚାର୍ଯ୍ୟ କୃଷ୍ଣଦେବ ଶାସ୍ତ୍ରୀ ଓ ସୁଲକ୍ଷଣୀ ଦାସଙ୍କର ଜ୍ୟେଷ୍ଠା କନ୍ୟା । ସେ ବାସୁଦେବ ପଣ୍ଡା ଓ ଜୟନ୍ତୀ ପଣ୍ଡାଙ୍କର ପୁତ୍ରବଧୂ ତଥା ଡାକବିଭାଗରେ କାର୍ଯ୍ୟରତ ଶ୍ରୀଯୁକ୍ତ ସ୍ୱାଧୀନ କୁମାର ପଣ୍ଡାଙ୍କର ଧର୍ମପତ୍ନୀ ଅଟନ୍ତି । ଗବେଷଣା କ୍ଷେତ୍ରରେ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଅନ୍ୟାନ୍ୟ କୃତିକୁ ଲୋକଲୋଚନକୁ ଆଣିବାରେ ଚେଷ୍ଟା ଜାରି ରଖିବେ ବୋଲି ଶ୍ରୀମତୀ ଆର୍ଯ୍ୟା କହିଛନ୍ତି । ଏହି ସଫଳତା ପାଇଁ ଡ. ଆର୍ଯ୍ୟା ତାଙ୍କ ବାପା, ମାଁ, ଶାଶୁ, ଶ୍ୱଶୁର, ସ୍ୱାମୀ , ନବପ୍ରଭାତ୍ ବୈଦିକ ବିଦ୍ୟାପୀଠ ର ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀ ଓ ଗବେଷଣା କାର୍ଯ୍ୟରେ ସାହାଯ୍ୟ କରିଥିବା ଲୋକେଶ କୁମାରଙ୍କୁ ତଥା ତାଙ୍କର ନିର୍ଦ୍ଦେଶକ ଡ. ରମାକାନ୍ତ ମିଶ୍ର ଓ ତାଙ୍କ ଧର୍ମପତ୍ନୀ ବବିତା ମିଶ୍ରଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି । ଏହା ସହ ସବୁ ବନ୍ଧୁବାନ୍ଧବ, ଶୁଭେଚ୍ଛୁମାନଙ୍କୁ ଓ ସର୍ବୋପରି ଈଶ୍ୱରଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି ।

# ରାୟଗଡ଼ା ବିଧାନସଭା ଆସନରେ ହେବ କଡ଼ା ଟକ୍କର

**ରାୟଗଡ଼ା, ୧୬।୪(ସମିସ):**

ଚଳିତ ସାଧାରଣ ନିର୍ବାଚନରେ ରାୟଗଡ଼ା ବିଧାନସଭା ଆସନରେ ତିନି ପ୍ରମୁଖ ଦଳ ବିଜେଡି, ବିଜେପି ଓ କଂଗ୍ରେସର ବିଧାୟକ ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ଟକ୍କର ହେବାର ସମ୍ଭାବନା ଦେଖାଦେଇଛି । ପୂର୍ବରୁ କଂଗ୍ରେସ ଏହି ଆସନ ପାଇଁ ପୁରୁଣା ମୁହଁ ବିଧାୟକ ପ୍ରାର୍ଥୀ କାଡ୍ରକା ଆପଲସ୍ୱାମୀଙ୍କ ନାମ ଘୋଷଣା କରିସାରିଥିବା ବେଳେ ବିଜୁ ଜନତା ଦଳ ପକ୍ଷରୁ ପ୍ରଥମକରି ଏହି ଆସନରେ ଅନସୂୟା ମାଝିଙ୍କୁ ଟିକେଟ ଦେଇ ଦଳ ମହିଳା କାର୍ଡ ଖେଳି ବିରୋଧୀ ଦଳଙ୍କ ଅଙ୍କକଷାକୁ ଅସଜଡା କରି ଦେଇଥିଲା । ଭାରତୀୟ ଜନତା ପାର୍ଟି ପକ୍ଷରୁ ଏହି ଆସନ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ପ୍ରାର୍ଥୀ ଘୋଷଣା କରାଯାଇ ପାରି ନଥିଲା; ଯାହାକୁ ନେଇ ବିଜେପି ଶିବିରରେ ନେତୃବୃନ୍ଦଙ୍କଠାରୁ ଆରମ୍ଭକରି କର୍ମୀ ଓ ସମର୍ଥକଙ୍କ ମଧ୍ୟରେ ନିରାଶା ଦେଖାଦେଇଥିଲା । ତେବେ ମଙ୍ଗଳବାର ଭାରତୀୟ ଜନତା ପାର୍ଟି ତରଫରୁ ଓଡ଼ିଶା ବିଧାନସଭା ଆସନର ବହୁ ଆସନର ଦ୍ୱିତୀୟ ପର୍ଯ୍ୟାୟରେ ବିଧାୟକ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଥିବା ବେଳେ ଏହି ତାଲିକାରେ ରାୟଗଡ଼ା ବିଧାନସଭା ଆସନରେ ପୁରୁଣା ମୁହଁ ବସନ୍ତ କୁମାର ଉଲାକାଙ୍କୁ ଦଳ ରିପିଟ୍ କରିଥିବା ବେଳେ ଜିଲ୍ଲାର ବିଷମକଟକ ବିଧାନସଭା ଆସନରେ ନୂଆ ମୁହଁ ଜଗନ୍ନାଥ ନୃଣ୍ଡୁକାଙ୍କୁ ଦଳ ଟିକେଟ ଦେଇ ନିର୍ବାଚନ ମଇଦାନରେ ଓହ୍ଲାଇଛି; ଯାହାକୁ ନେଇ ଉଭୟ ବିଧାନସଭା ଆସନରେ ତ୍ରିମୁଖୀ ଲଢେଇକୁ ନେଇ ରାୟଗଡ଼ା ଜିଲ୍ଲା ରାଜନୀତି ସରଗରମ ହୋଇଛି ।

ଗତ ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ କାଡ୍ରକା ଆପଲସ୍ୱାମୀ ୩୯୬୫୭ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିବା ବେଳେ ଉକ୍ତ ନିର୍ବାଚନରେ ୨୪୫୨୫ଖଣ୍ଡ ଭୋଟ ପାଇ ଚତୁର୍ଥ ସ୍ଥାନରେ ଥିଲେ ବିଜେପି ବିଧାୟକ ପ୍ରାର୍ଥୀ ବସନ୍ତ ଉଲାକା ବିଜେଡିର ବିଧାୟକ ପ୍ରାର୍ଥୀ ଲାଲବିହାରୀ ହିମିରିକା ଉକ୍ତ ନିର୍ବାଚନରେ ୪୭୯୭୪ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ତିନି ପ୍ରମୁଖ ଦଳର ଏହି ବିଧାୟକ ପ୍ରାର୍ଥୀମାନଙ୍କୁ ପଛରେ ପକାଇ ୫୨୮୪୪ଖଣ୍ଡ ଭୋଟ ପାଇ ସ୍ୱାଧୀନ ପ୍ରାର୍ଥୀ ମକରନ୍ଦ ମୁଦୁଲି ବିଜୟ ମୁକୁଟ ପିନ୍ଧିଥିଲେ । ରାୟଗଡ଼ା ବିଧାନସଭା ଆସନକୁ ନିଜ ଦଖଲକୁ ପୁଣି ଥରେ ନେବା ପାଇଁ ବିଜେଡି ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକ ଚଳିତ ସାଧାରଣ ନିର୍ବାଚନରେ ଅନୁସୟା ମାଝିଙ୍କୁ ଟିକେଟ ଦେଇ ମହିଳା କାର୍ଡ ଖେଳିଥିବା ବେଳେ ନବୀନଙ୍କ ସ୍ୱଚ୍ଛ ଶାସନ, ୫ଟି ଉପକ୍ରମରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ, ଲକ୍ଷ୍ମୀ ବସସେବା, ସ୍ୱୟଂ ଯୋଜନା, ମଧୁବାବୁ ପେନସନ୍ ବୃଦ୍ଧି, ଆମ ଓଡ଼ିଶା ନବୀନ ଓଡ଼ିଶା, ନୂଆ-ଓ, ଯୁବ ଓଡ଼ିଶା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆଦି ଅନେକ ଜନହିତକର ଯୋଜନାକୁ ବିକାଶର ପ୍ରସଙ୍ଗ କରି ଅନୁସୟା ଭୋଟରଙ୍କ ଠାରେ ପହଞ୍ଚିବାକୁ ଥିବା ବେଳେ କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲାକାଙ୍କ ନେତୃତ୍ୱରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଆପଲସ୍ୱାମୀ କାଡ୍ରକା ନୂଆ ରଣକୌଶଳ ନେଇ ପ୍ରଚାର ମଇଦାନରେ ବୁଲୁଥିବା ବେଳେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ନେଇ ଲୋକଙ୍କଠାରେ ପହଞ୍ଚି ଭୋଟଭିକ୍ଷା କରି ନିର୍ବାଚନ ମଇଦାନ ପାର ହେବାକୁ ବିଜେପି ବିଧାୟକ ପ୍ରାର୍ଥୀ ବସନ୍ତ ଉଲାକା ଦଳୀୟ ରଣନୀତି ପ୍ରକାରେ ନିଜ ପ୍ରଚାର ପୂର୍ବରୁ ଜାରି ରଖିଛନ୍ତି । ତେବେ ରାୟଗଡ଼ା ଜିଲ୍ଲା ବିଜୁ ଜନତା ଦଳର ସଭାପତି ତଥା ଟାଣୁଆ ନେତା ପୂର୍ବତନ ରାଜ୍ୟସଭା ସାଂସଦ ଏନ.ଭାସ୍କର ରାଓଙ୍କ ଲୋକପ୍ରିୟତା ଏବଂ ଗୋଟିଚାଳନା ଆଗରେ ଉଭୟ ବିରୋଧୀ କଂଗ୍ରେସ ଓ ବିଜେପି ଦଳର ରଣନୀତି କିଭଳି କାମ କରିବ ସେ ନେଇ ରାଜନୀତି ସମୀକ୍ଷକମାନେ ଆଲୋଚନା କରୁଥିବା ବେଳେ ଚଳିତ ସାଧାରଣ ନିର୍ବାଚନରେ ଏହି ଆସନରେ ତ୍ରିମୁଖୀ ଲଢେଇରେ କଡା ଟକ୍କର ହୋଇ ଅଳ୍ପ ଭୋଟ ବ୍ୟବଧାନରେ ହିଁ ଯେ କେହି ବି ପ୍ରାର୍ଥୀ ବିଜୟ ହାସଲ କରିବେ ବୋଲି ଚର୍ଚ୍ଚା ଜୋର ଧରିଛି ।

**➤ ବସନ୍ତ ଉଲାକାଙ୍କୁ ରିପିଟ୍ କଲା ବିଜେପି**
**➤ ବିଜେଡି ପ୍ରାର୍ଥିନୀ ଅନୁସୟା ଓ କଂଗ୍ରେସ ପ୍ରାର୍ଥୀ ଆପଲସ୍ୱାମି ମଇଦାନରେ**





# ବାବାସାହେବଙ୍କୁ 'ହାଲ୍' କର୍ମଚାରୀ ସଂଘର ଶ୍ରଦ୍ଧାଞ୍ଜଳି




**ସୁନାବେଡ଼ା, ୧୬।୪(ସମିସ):** ସୁନାବେଡ଼ା ହାଲ ଏସ୍‌ସି-ଏସ୍‌ଟି ଏମ୍ପ୍ଲୋଇଜ ଓ ଅଫିସର ଆସୋସିଏସନ୍ ପକ୍ଷରୁ ଭାରତ ରତ୍ନ ଡ. ବାବାସାହେବ ଆମ୍ବେଦକରଙ୍କ ୧୩୩ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଆସୋସିଏସନ୍ କର୍ମକର୍ତ୍ତା ଓ ସଦସ୍ୟ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ବାବା ସାହେବଙ୍କ ଜୟଗାନ କରି ସହର ପରିକ୍ରମା କରିଥିଲା । ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସ୍ଥାନୀୟ ଭଞ୍ଜମଣ୍ଡପଠାରେ ଆସୋସିଏସନ ସଭାପତି ଦମୟନ୍ତ ମିର୍ଦ୍ଧାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ହାଲ୍ ଇଞ୍ଜିନ ପ୍ରଭାଗର ମହାପ୍ରବନ୍ଧକ ଶିଶିର ପାତ୍ର ମୁଖ୍ୟଅତିଥି ଭାବେ ସେମ୍ବିଧାନ ପ୍ରଣେତା ଡ. ଆମ୍ବେଦକରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିବା ସହ ଆମ ସମ୍ବିଧାନର ବିଭିନ୍ନ ଧାରାକୁ କାର୍ଯ୍ୟକାରୀ କରି ଆମ ଦେଶ ଏକ ବିକଶିତ ରାଷ୍ଟ୍ର ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଉପମହାପ୍ରବନ୍ଧକ ମୁରଲୀ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ବାବା ସାହେବ ଆମ୍ବେଦକରଙ୍କ ସଂଘର୍ଷପୂର୍ଣ୍ଣ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ । ସାଧାରଣ ସମ୍ପାଦକ ସୁବାସ ସେଠୀ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିବା ସହ ବାବା ସାହେବଙ୍କ ମୂଳମନ୍ତ୍ର ଶିକ୍ଷିତ ହୁଅ, ସଂଗଠିତ ହୁଅ, ସଂଗ୍ରାମ କର ବାର୍ତ୍ତାକୁ ନେଇ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ସାଙ୍ଗଠନିକ ସମ୍ପାଦକ ଚନ୍ଦନ ସିଂ ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା । କୁନି କୁନି ପିଲାମାନେ ଓ ମହିଳାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ସହଯୋଗ କରିଥିଲେ ।

# ଗଞ୍ଜେଇ ଚାଲାଣ ବେଳେ ଯୁବକ ଗିରଫ

**କୋଷାଗୁମୁଡ଼ା, ୧୬।୪(ସମିସ):** କୋଷାଗୁମୁଡ଼ା ପୁଲିସର ଯାନବାହନ ଯାଞ୍ଚ ସମୟରେ ଜଣେ ଯୁବକକୁ ୭୩୦୦ କିଲୋ ଗଞ୍ଜେଇ ସହ ଗିରଫ କରାଯାଇଛି । ଉକ୍ତ ଯୁବକ କୋରାପୁଟ ଜିଲ୍ଲାର ବୈପାରୀଗୁଡା ଥାନା ଅନ୍ତର୍ଗତ ଆମଟିଗୁଡାର ରଘୁ ମୁଦୁଲି ବୋଲି ଜଣାପଡ଼ିଛି । ଏହି ଯାଞ୍ଚ ସମୟରେ ଏସ୍ ଆଇ ସୁଧାଂଶୁ ବାରିକ ଏବଂ ଏସ୍ ଆଇ- ନିଳିମା ପାଣିଗ୍ରାହୀଙ୍କ ଟିମ ରହିଥିଲେ । କୋଷାଗୁମୁଡ଼ା ଥାନାରେ ଏକ ମାମଲା ରୁଜୁ କରି ନବରଙ୍ଗପୁର କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ପକ୍ଷରୁ ସୂଚନା ମିଳିଛି । ଏପଟେ ଏହି ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଜିଲ୍ଲା ସମେତ କୋଷାଗୁମୁଡ଼ା ବ୍ଲକରେ ପୁଲିସର ଫ୍ଲାଗ ମାର୍ଚ୍ଚ ସହ ବ୍ଲକିଙ୍ଗ ଚେକିଂ ସମୟରେ ଏଭଳି ଅସାମାଜିକ କାର୍ଯ୍ୟକଳାପ ଉପରେ କାର୍ଯ୍ୟାଅନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ଏବଂ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି । କୋଷାଗୁମୁଡ଼ା ବ୍ଲକ ର ଦୁଇଟି ଥାନା ଏବଂ ଗୋଟିଏ ଫାଣ୍ଡି ଅନ୍ତର୍ଗତ ସମସ୍ତ ଛକ ନିକଟରେ ପୁଲିସ ପକ୍ଷରୁ ସିସି କ୍ୟାମେରା ସହ ଏକ ଅସ୍ଥାୟୀ ଶିବିରରେ ଦିନରାତି ପାଟ୍ରୋଲିଂ ଚାଲୁଛି ।

# ଭୋଟର ସଚେତନତା ପାଇଁ ଏଲ୍‌ଇଡି ଗାଡ଼ିର ଶୁଭାରମ୍ଭ



**କୋରାପୁଟ, ୧୬।୪(ସମିସ):** ଆସନ୍ତା ମାସ ୧୩ ତାରିଖ ଦିନ କୋରାପୁଟ ଜିଲ୍ଲାରେ ମତଦାନ କରାଯିବ । ଜିଲ୍ଲାରେ ମତଦାନ ହାର ବୃଦ୍ଧି କରିବା ଉଦ୍ଦେଶ୍ୟରେ ଭୋଟରଙ୍କୁ ସଚେତନ କରିବା ପାଇଁ ଦୁଇଟି ଏଲଇଡି ଗାଡ଼ିର ମଙ୍ଗଳବାର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ମୁଖ୍ୟଅତିଥି ଭାବେ ପତାକା ଦେଖାଇ ଦୁଇଟି ଗାଡ଼ିର ଶୁଭାରମ୍ଭ କରିଛନ୍ତି । ଯେଉଁ ମତଦାନ କେନ୍ଦ୍ରରେ ଭୋଟହାର କମ ରହିଥିଲା ତାହା ଚିହ୍ନଟ କରାଯାଇଛି । ଉକ୍ତ କେନ୍ଦ୍ରରେ ରହିଥିବା ଗ୍ରାମକୁ ଯାଇ ଭୋଟରଙ୍କୁ ସଚେତନ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଦୁଇଟି ଗାଡ଼ି ଭ୍ରମଣ କରି ଭୋଟରଙ୍କୁ ସଚେତନ କରିବ । ଦୁଇଟି ଗାଡ଼ି କୋରାପୁଟ ଓ ଜୟପୁର ଉପଖଣ୍ଡକୁ ଯିବ । ମତଦାନ କେନ୍ଦ୍ରକୁ ଆସି ମେ ମାସ ୧୩ ତାରିଖ ଦିନ ନିଜର ବହୁମୂଲ୍ୟ ମତଦାନକୁ ସାବ୍ୟସ୍ତ କରିବାକୁ ଭୋଟର ମାନଙ୍କୁ ବିଭିନ୍ନ ଉପାୟରେ ସଚେତନ କରାଯାଉଛି । ଜାତୀୟସ୍ତରରେ କୋରାପୁଟ ଜିଲ୍ଲାର ଭୋଟହାର ପ୍ରତିଶତ ନିଶ୍ଚିତ ଭାବେ ଭଲ ରହିବ ବୋଲି ଜିଲ୍ଲାପାଳ ଆଶା ରଖିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ, କୋରାପୁଟ ଉପଜିଲ୍ଲାପାଳ ବେଣୁଧର ଶବର, କୋରାପୁଟ ବିଡିଓ ଦେବାଶିଷ ଗୌଡ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ସୀସା, ଜିଲ୍ଲା ପରିଷଦ ଅଧିକାରୀ ହିମାଂଶୁ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ଗାଡିରେ ଲଗାଯାଇଥିବା ଦସ୍ତଖତ ବୋର୍ଡରେ ଜିଲ୍ଲାପାଳଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଦସ୍ତଖତ କରିଥିଲେ ।

# ରାମନାଗୁଡ଼ାରେ 'ଭାରତ ମସଲା' ପକ୍ଷରୁ ବନ୍ଧୁମିଳନ



**ରାମନାଗୁଡ଼ା, ୧୬।୪(ସମିସ):** ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ କଲ୍ୟାଣ ମଣ୍ଡପଠାରେ ଭାରତ ମସଲା ପକ୍ଷରୁ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭାରତ ମସଲାର ଆରଏସଏମ ଦିଲ୍ଲୀପ କୁମାର ଦାଶ, ସେଲସ ଅଫିସର ତ୍ରିଲୋଚନ ପରିଡ଼ା, ସ୍ଥାନୀୟ ନେତା ଗଗନ ଆଚାର୍ଯ୍ୟ, ରାମନାଗୁଡା ଭାରତ ମସଲା ବିତରକ ସୁଦର୍ଶନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଆଖପାଖ ଅଞ୍ଚଳର ସମସ୍ତ ବ୍ୟବସାୟୀ ଉପସ୍ଥିତ ଥିଲେ । ଆଗାମୀ ଦିନରେ ଭାରତ ମସଲାକୁ ଅଧିକରୁ ଅଧିକ ଲୋକଙ୍କ ଆସ୍ଥାଭାଜନ ହେବାନେଇ କମ୍ପାନୀ ପକ୍ଷରୁ ପରାମର୍ଶ ଦିଆଯାଇଥିଲା । ଏହାକୁ ରାମନାଗୁଡା ଭାରତ ମସଲା ବିତରକ ସୁଦର୍ଶନ ସାହୁ ପରିଚାଳନା କରିଥିବାବେଳେ ବେଳେ ଗୁଡ଼ାରୀ ସୁପର ବିତରକ ଓ ପଦ୍ମପୁର ବିତରକ ବାରତମ ତିରୁମାଲା ଗୁପ୍ତା ସହଯୋଗ କରିଥିଲେ ।

# ଦକ୍ଷିଣକାଳୀ ମନ୍ଦିରରେ ଚୈତ୍ର ଘଟଯାତ୍ରା ଶୁଭାରମ୍ଭ

**ଜୟପୁର, ୧୬।୪(ସମିସ):**



କୋରାପୁଟ ଜିଲ୍ଲା ଜୟପୁର ସହରର ମାଦଳା ସାହି (ବେହେରାସାହି)ସ୍ଥିତ ମା' ଦକ୍ଷିଣକାଳୀ ମନ୍ଦିରରେ ଚୈତ୍ର ଘୋଟପର୍ବ ଯାତ୍ରା ମଙ୍ଗଳବାର ଶୁଭାରମ୍ଭ ହୋଇଛି । ଚୈତ୍ର ଶୁକ୍ଳପକ୍ଷ ଅଷ୍ଟମୀ ତିଥି ଅପରାହ୍ନରେ ପୁରୁଣାଗଡ଼ ଦକ୍ଷିଣକାଳୀ ମୁଖ୍ୟ ମନ୍ଦିର ପୀଠରୁ ପୂଜାର୍ଚ୍ଚନା ପରେ ଆଜ୍ଞା ଫୁଲମାଳ ଅଣାଯାଇଥିଲା । ସେଠାରୁ କୁମ୍ଭାରଶାଳରୁ ନୂତନ ଘୋଟହାଣ୍ଡି ଲାଠୀ ପ୍ରଭୃତି ନେଇ ଏକ ଶୋଭାଯାତ୍ରାରେ ଦେବୀ ମାଦଳାସାହିର ମନ୍ଦିରକୁ ଅଣାଯାଇଥିଲା । ସାରା ରାସ୍ତାରେ ବାଜାବାଜଣା, ଶଙ୍ଖ, କାହାଳୀ ସହିତ ଦେବୀଙ୍କୁ ଶାରଦା ବିହାର, ବାଲିପଟ୍ଟା ସାହି, ମାଦଳା ସାହି ଏବଂ ବେହେରାସାହିରେ ରାସ୍ତାରେ ଶାଢୀ ଓ ଫୁଲ ଢଳା ଯାଇ ସ୍ୱାଗତ କରାଯାଇଥିଲା । ସେହିପରି ପ୍ରତ୍ୟେକ ସାହିବାସିନ୍ଦା ଗୃହ ସମ୍ମୁଖରେ ନଡିଆ, କଦଳୀ, ଦୀପ, ପଣା ଏବଂ ହଳଦୀପାଣି ରଖିବା ସହିତ ଦେବୀଙ୍କୁ ସ୍ୱାଗତ କରାଯାଇଥିଲା । ଶତାଧିକ ସାହିବାସିନ୍ଦା, ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ପରମ୍ପରା ଅନୁଯାୟୀ ଦେବୀଙ୍କ ଫୁଲଚାଙ୍ଗୁଡି, ଲାଠି ଏବଂ ହାଣ୍ଡି ଧାରୀମାନେ ଲୁହାକଣ୍ଟାର ଦୋଳିରେ ବସି ଝୁଲିଥିଲେ । ଆସନ୍ତା ୫ ଦିନ ପର୍ଯ୍ୟନ୍ତ ମନ୍ଦିର ଓ ସାହିରେ ଚଳଚଞ୍ଚଳ ସହ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଦେବୀଙ୍କ ଘୋଟକୁ ସହରର ବିଭିନ୍ନ ସାହି ଏବଂ ଅନ୍ୟାନ୍ୟ ଦେବୀଙ୍କ ପୀଠକୁ ଘୋଟ ଓ ଫୁଲ ଚାଙ୍ଗୁଡି ଯାତ୍ରା କରିବ ଏବଂ ସେଠାରେ ପୂଜାର୍ଚ୍ଚନା ପାଇବା ପରେ ବିଳମ୍ବିତ ରାତିରେ ମନ୍ଦିରକୁ ଫେରିବେ । ଶେଷ ଦିବସରେ ବିଳମ୍ବିତ ରାତିରେ ଦେବୀଙ୍କ ଘଟକୁ ସତୀ ନଦୀ ନିକଟସ୍ଥ ପଡ଼ିଆ ପାଖକୁ ଯାଇ ସେଠାରେ ପୂଜାର୍ଚ୍ଚନା ଓ ଶାନ୍ତିପଣା ପ୍ରଦାନ କରାଯାଇ ବିସର୍ଜନ କରାଯିବ ।

# ତ୍ରିବେଣୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ବାର୍ଷିକୋତ୍ସବ



**ପଦ୍ମପୁର, ୧୬।୪(ସମିସ)**

ତ୍ରିବେଣୀ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟରେ ବାର୍ଷିକଉତ୍ସବ ଖୁବ୍ ଧୁମ୍ ଧାମରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ବ୍ଲକ ଉନ୍ନୟନ ଅଧିକାରୀ ଶିବପ୍ରସାଦ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ସୁବାସଚନ୍ଦ୍ର ଶବର, ଅବସରପ୍ରାପ୍ତ ପ୍ରିନ୍ସିପାଲ୍ ଇନ୍ଦ୍ରାଣୀ ଅଧିକାରୀ, ଅଧ୍ୟାପିକା ଶର୍ମିଳା ସାମନ୍ତରାୟ, ରିଡର୍ କୃଷ୍ଣଚନ୍ଦ୍ର ଗନ୍ତାୟତ, ପ୍ରତିଷ୍ଠାତା ବିପିନ ବିହାରୀ ଜେନା, ସମ୍ପାଦକ ସାଗରକାନ୍ତ ଜେନା, ନିର୍ଦ୍ଦେଶକ ସ୍ୱାଗତ ଶେଖର ଜେନା ଯୋଗ ଦେଇଥିଲେ । ଉତ୍ସବର ମୁଖ୍ୟ ଆକର୍ଷଣ ଥିଲେ ଡ. ଚନ୍ଦନ ଗନ୍ତାୟତ, ଭେଷଜ ବିଜ୍ଞାନର ପ୍ରଫେସର ତଥା ରାୟଗଡ଼ାର ସ୍ୱର; ସେ ସମସ୍ତଙ୍କୁ ନିଜର ଲଳିତ ସ୍ୱରରେ ନଚେଇ ଝୁମେଇଥିଲେ । ନିର୍ଦ୍ଦେଶକ ସ୍ୱାଗତ ଶେଖର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟବକ୍ତା ଗୌରୀପ୍ରସାଦ ଦାଶ ବିଭିନ୍ନ ଇଂରାଜୀ କବିତା ମାଧ୍ୟମରେ ସମସ୍ତଙ୍କୁ ଅନୁପ୍ରାଣିତ କରିଥିଲେ । ପରେ ସନ୍ ସାଇନ୍ ଇଂରାଜୀ ମାଧ୍ୟମ ବିଦ୍ୟାଳୟର କୁନି କୁନି ଛୁଆମାନେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ । ତ୍ରିବେଣୀ ବିଜ୍ଞାନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ତହଲକା ମଚେଇ ଦେଇଥିଲେ । ତ୍ରିବେଣୀ କଳା ମହାବିଦ୍ୟାଳୟ ଛାତ୍ରଛାତ୍ରୀ ସମସ୍ତଙ୍କୁ ଝୁମେଇ ଦେଇଥିଲେ । ତ୍ରିବେଣୀର ପୁରାତନ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଦେଇ ସମ୍ମାନିତ କରାଯାଇଥିଲା । ବାଞ୍ଛାନିଧି ଗଣ୍ଡା, ସୁରେନ୍ଦ୍ର ଗମାଙ୍ଗ, ତ୍ରିପତି ଶବର, ଅସିତ୍ ଚମ୍ପାଫୁଲ, ଶୁଭ୍ରା ସାହୁ, ହୀରାଲାଲ ସାହୁ ଶାନ୍ତିଶୃଙ୍ଖଳା ଅନୁପାଳନରେ ସହଯୋଗ କରିଥିଲେ । ମଞ୍ଚ ପରିଚାଳନା କରିଥିଲେ ସୁବାସ ସାହୁ, ଆଶିଷ ସାହୁ, ତେଜସ୍ୱୀ ଦାସ, ସତ୍ୟ ମହାନ୍ତି, ବିଷ୍ଣୁ ଶୁକ୍ଳା, ଅନିତା ମିଶ୍ର, ଗୀତାଞ୍ଜଳି ସାହୁ, ଶ୍ୱେତା ସାହୁ । ସଙ୍ଗୀତ ପରିଚାଳନା କରିଥିଲେ ଦୀପକ ପର୍ବତ, ଶ୍ରୀକାନ୍ତ ସାହୁ, ଦେବବ୍ରତ ପରିଛା, ରଞ୍ଜନ ସାହୁ, ଲକ୍ଷ୍ମୀକାନ୍ତ ଶବର । ସମସ୍ତ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ପାଇଁ ଖାଦ୍ୟ ପରିବେଷଣ ବ୍ୟବସ୍ଥା କରାଯାଇଥିଲା । ରାଜେଶ ଦାସ ଓ ମାଖନଲାଲ ସେନାପତି ସହଯୋଗ କରିଥିଲେ । ସରୋଜ ପଟ୍ଟନୁରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସମସ୍ୟାରେ ଛନ୍ଦି ହୋଇ ପଡ଼ିଛନ୍ତି କାଙ୍ଗଶିରି ଗ୍ରାମବାସୀ




**କଲ୍ୟାଣସିଂହପୁର,୧୬।୪(ସମିସ)**

ରାୟଗଡ଼ା ଜିଲ୍ଲାର ଦୁର୍ଗମ ପାହାଡ଼ିଆ ସିଙ୍ଗାରି ପଞ୍ଚାୟତର କାଙ୍ଗଶିରି ଗ୍ରାମରେ ପାହାଡ଼ ଭଳି ସମସ୍ୟା ଭର୍ତ୍ତି ହୋଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ଦେଶ ସ୍ୱାଧୀନତା ହୋଇ ୭ ଦଶନ୍ଧିରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଆଜିଯାଏ ମୌଳିକ ସୁବିଧାସୁଯୋଗରୁ ବଞ୍ଚିତ ଗ୍ରାମବାସୀ । ସମସ୍ୟାର ସମାଧାନ ନ ହେଲେ ଆସନ୍ତା ନିର୍ବାଚନରେ ଭୋଟ୍ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି ।

ଏହି ଗ୍ରାମରେ ପ୍ରାୟ ୩୬ ଘର ପରିବାରର ୨୦୦ରୁ ଉର୍ଦ୍ଧ୍ୱ ଜନସଂଖ୍ୟା ରହୁଥିବାବେଳେ ଏମାନେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ୧ କି.ମି. ଦୂରରେ ଥିବା ପଞ୍ଚାୟତ କାର୍ଯ୍ୟାଳୟକୁ ପ୍ରାୟ ୨୦ କି.ମି. ବୁଲିକି ଯିବାକୁ ପଡ଼ିଥାଏ । ଏହି ଗ୍ରାମବାସୀଙ୍କ ପାଇଁ ବାଧକ ସାଜିଛି ନଗାବଳୀ ନଦୀ । ନାଗାବଳୀ ନଦୀରେ ପୋଲଟିଏ ନ ଥିବାରୁ ବର୍ଷକ ୯ ମାସ ନଦୀ ପାର୍ ହୋଇ ବିଲବାଡ଼ ଦେଇ ଯିବାକୁ ପଡ଼ିଥାଏ । ପିଲାମାନେ ପାଠ ପଢ଼ିବା ପାଇଁ, ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ, ଭତ୍ତା, ଚାଉଳ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ଏହି ନଦୀ ବାଧକ ସାଜିଛି କହିଲେ ଭୁଲ୍ ହେବ ନାହିଁ । ଏହି ନଦୀରେ ପୋଲ ନିର୍ମାଣ ପାଇଁ ଦୀର୍ଘ ୨୦ ବର୍ଷ ଧରି ଦାବି ହୋଇ ଆସୁଛି । ଆରଡି ବିଭାଗ ପକ୍ଷରୁ ସର୍ଭେ ମଧ୍ୟ କରାଯାଇଥିଲା । କିନ୍ତୁ ସର୍ଭେ ରିପୋର୍ଟ କ'ଣ ହେଲା କେହି ଜାଣିପାରି ନାହାନ୍ତି । ଗ୍ରାମବାସୀ ନିଜ ଉଦ୍ୟମରେ ଏକ କାଠ ପୋଲ ପ୍ରତିବର୍ଷ ବର୍ଷା ଋତୁ ଶେଷ ହେବା ପରେ ନିର୍ମାଣ କରି କେବଳ ଗ୍ରୀଷ୍ମ କାଳରେ ଯାତାୟାତ କରୁଥାନ୍ତି । ଆଉ ଅବଶିଷ୍ଟ ଦିନ ଭରା ନଦୀରେ ଜୀବନକୁ ବାଜି ଲଗାଇ ଯିବାକୁ ପଡୁଥିବା ପ୍ରକାଶ କରିଛନ୍ତି । ଗ୍ରାମରେ ତିନିଟି ନଳକୂଅ ରହିଥିଲେ ମଧ୍ୟ ଗ୍ରୀଷ୍ମ ଋତୁରେ ଭଲ କରି ପାଣି ବାହାରୁ ନ ଥିବାରୁ ପାଣି ପିଇବାକୁ ମିଳୁ ନ ଥିବା ଯୋଗୁଁ ନିକଟସ୍ଥ ନାଗାବଳୀ ନଦୀରୁ ପାଣି ପିଇବାକୁ ପଡୁଛି । 'ବସୁଧା' ଯୋଜନାରେ ଘର ଘର ପାଣି ଯୋଗାଇବା ପାଇଁ ଆରମ୍ଭ ହୋଇଥିଲେ ମଧ୍ୟ ପାହାଡ଼ ଉପରେ ଗ୍ରାମ ରହି ଥିବାରୁ ପାଇପ୍ ଲାଇନ୍ ଯିବ ନାହିଁ ବୋଲି ବିଭାଗୀୟ ଅଧିକାରୀ କହିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ଗତ ଦୁଇ ବର୍ଷ ପୂର୍ବେ ଗ୍ରାମକୁ ଆଲୋକୀକରଣ କରିବା ପାଇଁ ସୋଲାର ଲାଇଟ ବ୍ୟବସ୍ଥା କରାଯାଇଛି; କିନ୍ତୁ ଦୁଇ ମାସ ଜଳିବା ପରେ ଆଉ ଜଳୁ ନ ଥିବାରୁ ଲୋକମାନେ ଅନ୍ଧାରରେ ଜଙ୍ଗଲି ଜନ୍ତୁ ଭୟରେ ରହିବାକୁ ପଡୁଛି ବୋଲି କହିଛନ୍ତି । ଉକ୍ତ ମୌଳିକ ସମସ୍ୟାଗୁଡ଼ାକ ପ୍ରାଥମିକତାରେ ପୂରଣ ନ କଲେ ଚଳିତ ନିର୍ବାଚନରେ ଗ୍ରାମବାସୀ ଭୋଟ୍ ବର୍ଜନ କରିବାକୁ ବାଧ୍ୟ ହେବେ ବୋଲି ପ୍ରକାଶ କରିଛନ୍ତି । ଏଣୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପାଣି, ଆଲୋକୀକରଣ, ନଦୀରେ ପୋଲ ନିର୍ମାଣ କରିବାକୁ ଗୌର କୌଶଲ୍ୟା, ମନୁ ସିକକା, ଫୁଲ ହୁଇକା, ସାଇବୁ କୁନକାଙ୍କ ସହ ସମସ୍ତ ଗ୍ରାମବାସୀ ଦାବି କରିଛନ୍ତି ।

**ସମାଧାନ ନ କଲେ ଭୋଟ୍ ବର୍ଜନ ଚେତାବନୀ**

**● ବଦଳିଲେ ପଟାଙ୍ଗି ବିଜେପି ବିଧାୟକ ପ୍ରାର୍ଥୀ**

# ଚୈତନ୍ୟ ହନ୍ତାଳଙ୍କ ସ୍ଥାନରେ ଚୈତନ୍ୟ ନନ୍ଦିବାଲିଙ୍କୁ ଟିକଟ



**ସେମିଳିଗୁଡ଼ା/ପଟାଙ୍ଗୀ ୧୬।୪(ସମିସ)**

ବିଜେପି କୋରାପୁଟ ଜିଲ୍ଲା ପଟାଙ୍ଗି ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀଙ୍କୁ ପରିବର୍ତ୍ତନ କରିଛି। ପୂର୍ବରୁ ଘୋଷଣା କରିଥିବା ପଟାଙ୍ଗି ବିଜେପି ପ୍ରାର୍ଥୀ ଚୈତନ୍ୟ ହନ୍ତାଳଙ୍କ ସ୍ଥାନରେ ଚୈତନ୍ୟ ନନ୍ଦୀବାଲିକୁ ମଙ୍ଗଳବାର ପଟାଙ୍ଗି ବିଧାୟକ ପ୍ରାର୍ଥୀ ଭାବେ ନାମ ଘୋଷଣା କରିଛି। ପୂର୍ବରୁ ଘୋଷିତ ପ୍ରାର୍ଥୀ ଚୈତନ୍ୟ ହନ୍ତଲଙ୍କ ଜାତି ପ୍ରମାଣପତ୍ରକୁ ନେଇ ବିବାଦ ଥିବାରୁ ତାଙ୍କର ଟିକେଟ୍ ବାତିଲ କରାଯାଉ ବୋଲି ଅନେକ ଲୋକ ଦାବି କରିଥିଲେ। ଅଭିଯୋଗ ଓ ଦାବି ଅନୁଯାୟୀ, ପଟ୍ଟାଙ୍ଗି ବିଧାୟକ ଟିକେଟକୁ ନନ୍ଦିବାଲିକୁ ପ୍ରଦାନ କରିଥିବା ସୂଚନା ମିଳିଛି।

ପ୍ରକାଶ ଥାଉ କି, ନନ୍ଦିବାଲି ୨୦୧୯ ନିର୍ବାଚନରେ ପଟାଙ୍ଗି ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। କିଛି ଦିନ ତଳେ ନନ୍ଦିବାଲି ବିଜେପିରେ ଯୋଗ ଦେବା ସହ ଟିକେଟ ପାଇଁ ଲବିରେ ଥିଲେ। ଚୈତନ୍ୟ ହନ୍ତାଳ ବିବାଦରେ ଥିବାରୁ ସେ ତାଙ୍କ ଟିକେଟ ହରାଇଥିବା ବେଳେ ନନ୍ଦିବାଲିଙ୍କୁ ଏବେ ପଟ୍ଟାଙ୍ଗି ବିଧାୟକ ପ୍ରାର୍ଥୀ ଭାବେ ବିଜେପି ଦଳ ପକ୍ଷରୁ ଲଢ଼ିବାର ସୁଯୋଗ ମିଳିଛି।

# ପୌରାଞ୍ଚଳ ସମସ୍ୟା ବୁଝିଲେ ବିଧାୟିକା ପ୍ରାର୍ଥିନୀ କୌଶଲ୍ୟା

**ନବରଙ୍ଗପୁର, ୧୬।୪(ସମିସ):**

ନବରଙ୍ଗପୁର ବିଜେଡି ବିଧାୟକ ପ୍ରାର୍ଥୀ କୌଶଲ୍ୟା ପ୍ରଧାନୀଙ୍କ ପ୍ରଚାର ରୂପରେଖ ନିଆରା ଢଙ୍ଗରେ ପ୍ରସ୍ତୁତ ହୋଇଥିବା ଦେଖିବାକୁ ମିଳିଛି। କୌଶଲ୍ୟା ପୌରାଞ୍ଚଳର ସଂଖ୍ୟାଲଘୁ ଅଞ୍ଚଳରୁ ପ୍ରଚାର ଆରମ୍ଭ କରି ବିଭିନ୍ନ ୱାର୍ଡ ଗସ୍ତ କରୁଛନ୍ତି। ଏହିକ୍ରମରେ ପୌରାଞ୍ଚଳର ସର୍ବ ବୃହତ୍ତ ଓ ସର୍ବାଧିକ ମତଦାତା ରହୁଥିବା ୱାର୍ଡ ନମ୍ବର ୧୬ ଗାନ୍ଧୀ ନଗରକୁ ଗସ୍ତ କରିଥିଲେ। ୱାର୍ଡ ସଭାପତି ଦୁର୍ଗାପ୍ରସାଦ ପାଢ଼ୀଙ୍କ ଆବାହକତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାର୍ଥିନୀ କୌଶଲ୍ୟା ପ୍ରଧାନୀ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନଗର ସଭାପତି ପ୍ରମୋଦ ରଥ, ଜିଲ୍ଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, କାଉନସିଲର ନଗେନ୍ଦ୍ର ପଟ୍ଟନାୟକ, ବରିଷ୍ଠ ବିଜେଡି ନେତା ସୁଷର ସାମଲ ଯୋଗ ଦେଇଥିଲେ। ୱାର୍ଡ ସଭାପତି ଦୁର୍ଗାପ୍ରସାଦ ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ।



ଉପସ୍ଥିତ ମହିଳା ଓ ପୁରୁଷମାନେ କୌଶଲ୍ୟା ପ୍ରଧାନୀଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। କୌଶଲ୍ୟା ପ୍ରଧାନୀ ୱାର୍ଡବାସୀଙ୍କ ସହ ଆଲୋଚନା ଅବସରରେ କନ୍ଧସାହି ଓ ସୀତାରାମ ସାହିର ଜମିକୁ ପଟ୍ଟା ପ୍ରଦାନ, ୱାର୍ଡର ସଫେଇ ଓ ପରିମଳ ବ୍ୟବସ୍ଥା, ରାସ୍ତାଘାଟର ସୁଧାର ଆଣିବା ପ୍ରମୁଖ ସମସ୍ୟା ସମ୍ପର୍କରେ କୌଶଲ୍ୟା ପ୍ରଧାନୀଙ୍କୁ ଅବଗତ କରାଇଥିଲେ। କୌଶଲ୍ୟା ପ୍ରଧାନୀ ତାଙ୍କ ସପକ୍ଷରେ ଭୋଟ ମାଗିବା ସହ ତାଙ୍କ ସ୍ୱାମୀ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଯେଉଁ କାର୍ଯ୍ୟ ଅଧୁରା ଛାଡ଼ିଛନ୍ତି, ତାହାକୁ ନିଶ୍ଚୟ ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ୱାର୍ଡର ବିଭିନ୍ନ ସାହିର ମହିଳା ପୁରୁଷମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

# ଯୁବସମାଜ ଓ ବଜାର କମିଟି ପକ୍ଷରୁ ପଣା ବଣ୍ଟନ



**ମାଥିଲି, ୧୬।୪ (ସମିସ):**
ପବିତ୍ର ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ଉପଲକ୍ଷେ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ମହକୁମା ଗାନ୍ଧୀ ଛକଠାରେ ବଜାର କମିଟି ସଭାପତି ଶ୍ରୀକାନ୍ତ ଚୌଧୁରୀଙ୍କ ନେତୃତ୍ୱରେ ମାଥିଲି ଯୁବସମାଜର ସଭାପତି ମଣି କୁମାରଙ୍କ ପକ୍ଷରୁ ପଣା ବଣ୍ଟନ କରାଯାଇଛି। ମାଥିଲି ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ସମେତ ୩୨୬ ନମ୍ବର ଜାତୀୟ ରାଜପଥରେ ଯାତାୟାତ କରୁଥିବା ଯାତ୍ରୀ ଓ ଯାନବାହନରେ ଯାତାୟାତ କରୁଥିବା ସମସ୍ତ ଯାତ୍ରୀଙ୍କୁ ପବିତ୍ର ଦିବସରେ ଥଣ୍ଡା ପାନୀୟଜଳ ସହ ପଣା ବଣ୍ଟନ କରାଯାଇଛି। ବରିଷ୍ଠ ସମାଜସେବୀ କୁନାଲ ମିଶ୍ର, ବିଶିଷ୍ଟ ବ୍ୟବସାୟୀ ନୌକା ରାଜୁ, ସାମ୍ବାଦିକ ବାସୁଦେବ ଜେନା ଓ ଶ୍ୟାମ ପ୍ରସାଦ ପଟ୍ଟନାୟକଙ୍କ ସମେତ ଭୁବନ ବେହେରା, ପବିତ୍ର ପାଣ୍ଡେ, ଆଦିତ୍ୟ ଭୀମସିଙ୍ଘ, ନାଗଭୂଷଣ ପଟ୍ଟନାୟକ, ଜିତୁ ଚୌଧୁରୀ, ଏ.ନବୀନ କୁମାର, ନାଗରାଜୁ, ଶିବା ମହାନ୍ତି, ହୃଷୀକେଶ ଚୌଧୁରୀ, ଦିନେଶ ପରିଛା, ବିକ୍ରମ ଚୌଧୁରୀ ସମେତ ସମସ୍ତ ଯୁବ ଗୋଷ୍ଠୀ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ଦୁଇଦିନ ହୋଇଥିଲା।

# ପ୍ରାଚୀନ କଳା ଓ ସଂସ୍କୃତି ପରିଷଦର ୪ ବିଦ୍ୟାର୍ଥୀ ପୁରସ୍କୃତ






**ସୁନାବେଡ଼ା,୧୬।୪(ସମିସ):**
ସୁନାବେଡ଼ା ହାଲ ଏସ୍‌ସି-ଏସ୍‌ଟି ଏମ୍ପ୍ଲୋଇଜ ଓ ଅଫିସର ଆସୋସିଏସନ୍ ପକ୍ଷରୁ ଭାରତରତ୍ନ ଡ. ବାବାସାହେବ ଆମ୍ବେଦକରଙ୍କ ୧୩୩ତମ ଜୟନ୍ତୀ ପାଳନ ଅବସରରେ ଚିତ୍ରାଙ୍କନ ଏବଂ ବିତର୍କ ପ୍ରତିଯୋଗିତା ଅୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତା ୩ଟି ବର୍ଗରେ ହୋଇଥିଲା। ୫୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ 'ପ୍ରାଚୀନ କଳା ଓ ସଂସ୍କୃତି ପରିଷଦ'ର ୫ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଚିତ୍ରାଙ୍କନର 'କ' ବର୍ଗରେ ଶୁଭ୍ରାଂଶୁ ବେହେରା ଦ୍ୱିତୀୟ ସ୍ଥାନ, ଆରିଫା ମାସି ଖରା ତୃତୀୟ ସ୍ଥାନ, ଖ' ବର୍ଗରେ ଭୁବନାନନ୍ଦ ମାଝୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ବିତର୍କ ପ୍ରତିଯୋଗିତାର ଗ' ବର୍ଗରେ ଭାଗ୍ୟଶ୍ରୀ ଶୁଭକଲ୍ୟାଣୀ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ସଫଳତା ପାଇଁ 'ପ୍ରାଚୀନ କଳା ଓ ସଂସ୍କୃତି ପରିଷଦ'ର ସଭାପତି ଶେଖ ଇବ୍ରାହିମ, ସମ୍ପାଦକ ମନୋଜ କୁମାର ମୁଦୁଲି, ଉପଦେଷ୍ଟା ଅମ୍ବିକା ପ୍ରସାଦ ପଟ୍ଟନାୟକ, ଯୁଗ୍ମ ସଚିବ ଅନୁରାଗ ପାତ୍ର, ପରିଚାଳନା ସଚିବ ତାପସ ମଲ୍ଲିକ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି।

# ଜିଲ୍ଲା ଆଇନସେବା ପ୍ରାଧିକରଣର ସଚେତନତା କାର୍ଯ୍ୟକ୍ରମ

**ରାୟଗଡ଼ା, ୧୬।୪(ସମିସ):**
ମଙ୍ଗଳବାର ରାୟଗଡ଼ା ସହରସ୍ଥିତ ସହଯୋଗ ଜି.ଏନ୍. ଏମ୍ ଟ୍ରେନିଙ୍ଗ କଲେଜ ପରିସରରେ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫୌଜଦାରୀ ଆଇନ ବ୍ୟବସ୍ଥା ସମ୍ପର୍କିତ, ଏଫ୍. ଆଇ.ଆର, ବେଲ୍, ସମନସ, ୱାରେଣ୍ଟ, ଅପିଲ, ପ୍ଲିବାରଗେନିଙ୍ଗ ଇତ୍ୟାଦି ଓ କର୍ମକ୍ଷେତ୍ରରେ ହେଉଥିବା ମହିଳାମାନଙ୍କର ଯୌନ ନିର୍ଯାତନା ସୁରକ୍ଷା ଆଇନ ଉପରେ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ପୁଲିସ ଥାନାର ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତି, ରାୟଗଡ଼ା ବାର ଆସୋସିଏସନର ଓକିଲ ପ୍ରଣତୀ ପାତ୍ର, ଶୁଭ୍ରା ପଣ୍ଡା, ସୀତାରାମ ପଣ୍ଡା, ଫ୍ରଣ୍ଟଅଫିସ ରିଟେନର କିଶୋର ସାହୁ, ସହାୟଯୋଗ ଜି.ଏନ୍.ଏମ୍ ଟ୍ରେନିଙ୍ଗ କଲେଜର ଡାଇରେକ୍ଟର ରଞ୍ଜିତାରାଣୀ ସାବତ, କଲେଜର ପ୍ରିନ୍ସିପାଲ ଶିବାନୀ ମହାନ୍ତି ଓ ଅନ୍ୟାନ୍ୟ କର୍ମଚାରୀ, ଛାତ୍ରଛାତ୍ରୀ ଏହି ସଭାରେ ଉପସ୍ଥିତ ଥିଲେ। ସହାୟଯୋଗ ଜି.ଏନ୍.ଏମ୍ ଟ୍ରେନିଙ୍ଗ କଲେଜର ଡାଇରେକ୍ଟର, ପ୍ରିନ୍ସିପାଲ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥିତି ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ନିବେଦିତା ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ଶେଷ ହୋଇଛି।



# ଛାତ୍ରଛାତ୍ରୀଙ୍କ ଦ୍ୱାରା ଭୋଟର୍ ସଚେତନତା ରାଲି




**ବାଲିମେଳା, ୧୬।୪ (ସମିସ):**
ମାଲକାନଗିରି ଜିଲ୍ଲା ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଭୋଟର ସଚେତନତା ରାଲି ହୋଇଯାଇଛି। ବାଲିମେଳା ଏନଏସି ନିର୍ବାହୀ ଅଧିକାରୀ ରାଜେଶ ମହାପାତ୍ରଙ୍କ ନେତୃତ୍ୱରେ ସ୍କୁଲ ଛାତ୍ରଛାତ୍ରୀଙ୍କୁ ନେଇ ଭୋଟର ସଚେତନତା ରାଲି ଏନଏସି କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିବା ସହ ସମସ୍ତ ଭୋଟରମାନେ କିପରି ସୁରୁଖୁରୁରେ ନିଜ ନିଜର ମତଦାନ କରିବେ ସେନେଇ ବିଭିନ୍ନ ସ୍ଲୋଗାନ ଓ ପ୍ଲା-କାର୍ଡ ଧରି ସଚେତନତା ସୃଷ୍ଟି କରାଯାଇଥିଲା। ଭିନ୍ନକ୍ଷମ, ବାର୍ଦ୍ଧକ୍ୟ ବ୍ୟକ୍ତିଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ଏହି କାର୍ଯ୍ୟକ୍ରମକୁ ଏନଏସି ସମସ୍ତ କର୍ମଚାରୀମାନେ ପରିଚାଳନା କରିଥିଲେ।

## ଲକ୍ଷ୍ମୀପୁରରେ କୈଳାସ କୁଲେସିକା ବିଜେପି ପ୍ରାର୍ଥୀ

**ଲକ୍ଷ୍ମୀପୁର, ୧୬।୪(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଭାବେ ବିଜେପି ମଙ୍ଗଳବାର ଅପରାହ୍ନରେ କୈଳାସ କୁଲେସିକାଙ୍କ ନାମ ଘୋଷଣା କରିଛି। କୈଳାସଙ୍କୁ ପ୍ରାର୍ଥୀ ଘୋଷଣା ପରେ ଅଞ୍ଚଳରେ ରାଜନୈତିକ ପାଣିପାଗ ସରଗରମ ହେବାରେ ଲାଗିଛି। କୈଳାସ କୁଲେସିକା ବିଜେଡିରେ ଟିକଟ ଆଶାୟୀ ରହିଥିଲେ। ଟିକଟ ନ ମିଳିବାରୁ ବାଧ ହୋଇ ବିଜେପି ମୁହାଁ ହୋଇଥିଲେ। ବିଜେପି ତାଙ୍କୁ ଆଦରି ନେଇ ବିଧାୟକ ଟିକଟ ଲକ୍ଷ୍ମୀପୁର ପାଇଁ ପ୍ରଦାନ କରିଛି। ଚଳିତ ସାଧାରଣ ନିର୍ବାଚନରେ ତ୍ରିମୁଖି ଲଢ଼େଇ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ସୀମାନ୍ତରେ ୭ ମାଓବାଦୀ ଗିରଫ



**ମାଲକାନଗିରି, ୧୬।୪ (ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକୁମାରେ ସୁରକ୍ଷାବଳଙ୍କୁ ବଡ଼ ସଫଳତା ମିଳିଛି। ତଲାସୀ ଅଭିଯାନରେ ଯବାନମାନେ ବିଭିନ୍ନ ଜଙ୍ଗଲରୁ ୧ ଲକ୍ଷ ଇନାମୀ ମାଓବାଦୀ ସମେତ ମୋଟ ୭ ଜଣ ମାଓବାଦୀଙ୍କୁ ଗିରଫ କରିଛନ୍ତି। ଏହାସହ ବିସ୍ଫୋରକ ଏବଂ ମାଓ ସାମଗ୍ରୀ ଜବତ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଛତିଶଗଡ଼ର ସୁକୁମା ଜିଲ୍ଲାରେ ଚାଲିଥିବା ନକ୍ସଲ ବିଲୋପ ଅଭିଯାନ ଅଧୀନରେ କୋବ୍ରା ୨୦୮ ବାହିନୀ ଏବଂ ଡିଆରଜି ଯବାନମାନେ ମିଳିତ ରୂପେ ମେଟାଗୁଡା, ପାଲାଚାଲମା ଏବଂ ଏହାର ଆଖପାଖ ଅଞ୍ଚଳକୁ ଯାଇ ତଲାସୀ ଅଭିଯାନ ଆରମ୍ଭ କରିଥିଲେ। ଏହି ଅପରେସନ୍ ସମୟରେ ମେଟାଗୁଡା ଗ୍ରାମ ନିକଟ ଜଙ୍ଗଲରେ ଲୁଚି ରହିଥିବା ଦୁଇ ଜଣ ମାଓବାଦୀ ଏବଂ ଡୋରାମୁଙ୍ଗା ଜଙ୍ଗଲରେ ଲୁଚି ରହିଥିବା ପାଞ୍ଚ ଜଣ ମାଓବାଦୀଙ୍କୁ ଗିରଫ କରିଥିଲେ ଯବାନମାନେ। ଏମାନଙ୍କ ନିକଟରୁ ଯବାନମାନେ ଏକ ବନ୍ଧୁକ, ବାରୁଦ, ତିନି କିଲୋଗ୍ରାମ ଓଜନର ଆଇଡି ବୋମା, ଆଠ କିଲୋଗ୍ରାମ ଓଜନର ପ୍ରେସର କୁକର ବୋମା ଆଦି ଜବତ କରିଥିଲେ। ଗିରଫ ମାଓବାଦୀଙ୍କ ମଧ୍ୟରେ ଜଣେ ଏକ ଲକ୍ଷ ଇନାମୀ ମାଓବାଦୀ କୱାସୀ ଭୀମା ରହିଥିବା ବେଳେ ସେ ଟେଟେମଡାଗୁ ମାଓ ସଙ୍ଗଠନର ଡି.କେ. ଏମ୍.ଏସ୍ ଅଧକ୍ଷଭାବେ କାର୍ଯ୍ୟ କରୁଥିଲା। ଅନ୍ୟ ୬ ଜଣ ମାଓବାଦୀ ମାଓ ସଙ୍ଗଠନରେ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ଗିରଫ ମାଓବାଦୀଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଛି।

# ବେଙ୍ଗଲୀ ନବବର୍ଷ ଉତ୍ସବ ପାଳନ

**ମାଲକାନଗିରି, ୧୬।୪ (ସମିସ):** ମାଲକାନଗିରି ବେଙ୍ଗଲୀ ସମାଜ ସଦର ୟୁନିଟ ଆନୁକୂଲ୍ୟରେ ସଂସ୍କୃତି ଭବନଠାରେ ମହାସମାରୋହରେ ବେଙ୍ଗଲୀ ନବବର୍ଷ ୧୪୩୧ ଗତକାଲି ସନ୍ଧ୍ୟାରେ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ମାଲକାନଗିରି ବସଷ୍ଟାଣ୍ଡ ପାଖରେ ଥିବା ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ରଙ୍କ ଆଶ୍ରମରୁ କଳସ ଶୋଭାଯାତ୍ରା ସହ ଆରମ୍ଭ ହେଇଥିଲା। ଶହ ଶହ ମହିଳା ଓ ପୁରୁଷ ବ୍ୟାଣ୍ଡ ବାଜା ଓ ଆତସବାଜି ସହକାରେ, ପଦଯାତ୍ରା ମାଧ୍ୟମରେ ପବିତ୍ର କଳସଗୁଡ଼ିକୁ, ସ୍ଥାନୀୟ ସାଂସ୍କୃତିକ ଭବନ ପର୍ଯ୍ୟନ୍ତ ଆଣିଥିଲେ। ମଙ୍ଗଳ କଳସଗୁଡ଼ିକୁ ଶ୍ରୀ ଗଣେଶଙ୍କ ମୂର୍ତ୍ତି ପାଦଦେଶରେ ସ୍ଥାପନ କରି, ପ୍ରଦୀପ ପ୍ରଜ୍ୱଳନ ଏବଂ ପୂଜାର୍ଚ୍ଚନା ସହ ମୁଖ୍ୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ମଞ୍ଚରେ ପ୍ରଥମେ ସମାଜ ପାଇଁ ବିଭିନ୍ନ ଅବଦାନ ରଖିଥିବା ବିଶିଷ୍ଟ ବ୍ୟକ୍ତିଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ପରେ ମାଲକାନଗିରି ଜିଲ୍ଲା ବଙ୍ଗ ସମାଜର ସମସ୍ତ କର୍ମକର୍ତ୍ତାମାନେ ମାଲକାନଗିରି ଜିଲ୍ଲାର ଉନ୍ନତି ପାଇଁ ବଙ୍ଗ ସମାଜର ଅବଦାନ ବିଷୟରେ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ସମସ୍ତ କର୍ମକର୍ତ୍ତା ଓ ଅନ୍ୟାନ୍ୟ ସଦସ୍ୟମାନେ ମାଲକାନଗିରି ଜିଲ୍ଲାର ବିଭିନ୍ନ ଜନଜାତି ଏବଂ ଜାତି, ବର୍ଣ୍ଣ, ଧର୍ମ, ଭାଷା ନିର୍ବିଶେଷରେ ମିଳିମିଶି ଭାଇଚାରାର ବାର୍ତ୍ତା ନେଇ ଏହି ଜିଲ୍ଲାକୁ ଉନ୍ନତିର ଚରମ ସୀମାରେ ପହଞ୍ଚାଇବା ପାଇଁ ଉଦ୍ୟମ ଜାରି ରଖିବେ ବୋଲି ଶପଥ ନେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। କୁନି କୁନି ପିଲାଙ୍କ ସହ ଅନ୍ୟାନ୍ୟ ବର୍ଗର ସ୍କୁଲ ଛାତ୍ରଛାତ୍ରୀମ ନୃତ୍ୟଗୀତ ପରିବେଷଣ କରିଥିଲେ। ବେଙ୍ଗଲୀ ସମାଜର ବିଭିନ୍ନ ସଭାପତି ଗୌରାଙ୍ଗ କର୍ମକାର, ସମ୍ପାଦକ ନୀହାର ରାୟ, ଉପଦେଷ୍ଟା ତପନ ସାନା, ସଂଗଠକ ସ୍ୱପନ କୀର୍ତ୍ତନିୟା, କୋର କମିଟି ସଭାପତି ଦିଲୀପ ଦାସ, ସମ୍ପାଦକ ଡ. ଗୋପାଳ ଚନ୍ଦ୍ର ବିଶ୍ୱାସ, କିଶୋର ସିକଦାର, ପ୍ରହ୍ଲାଦ ବାସୁ, ଶଙ୍କର ପାଲ, ସଞ୍ଜୟ ସରକାର, ସାମ୍ବାଦିକ ତଥା ଶିକ୍ଷାବିତ୍ ଶିବପ୍ରସାଦ କୀର୍ତ୍ତନିୟା, ଗୋବିନ୍ଦ ମଣ୍ଡଳ ପ୍ରମୁଖଙ୍କ ସହ ଅନେକ ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।



# ତାଳ ଫଳ ଯୋଗାଇଛି ରୋଜଗାର

**ଉମରକୋଟ, ୧୬।୪(ସମିସ)**

ଖରାଦିନେ ଥଣ୍ଡା ପାନୀୟର ରହିଛି ଅନେକ ଚାହିଦା। ପ୍ରଚଣ୍ଡ ଗ୍ରୀଷ୍ମତାପରୁ ଟିକେ ଆଶ୍ୱସ୍ତି ପାଇବା ଲାଗି ଲୋକେ ପଇଡ଼, ବିଭିନ୍ନ କମ୍ପାନୀର ଥଣ୍ଡା ପାନୀୟକୁ ଆଦରି ନେଇଥାନ୍ତି। ଖରାଦିନେ ମିଳୁଥିବା ତାଳସଜ ଗ୍ରୀଷ୍ମତାପରୁ ଶରୀରକୁ ଆଶ୍ୱସ୍ତି ଦେଇ କିଛି ସମୟ ପାଇଁ ସତେଜ କରିଦିଏ। ବର୍ତ୍ତମାନ ଖରା ଦିନେ ତାଳ ୧୫ରୁ ୨୦ ଟଙ୍କାରେ ବିକ୍ରି କରି ବ୍ୟବସାୟୀ ମାନେ ରୋଜଗାରକ୍ଷମ ହୋଇପାରୁଛନ୍ତି। ବିଭିନ୍ନ ସ୍ଥାନରୁ ତାଳ ତୋଳି ବ୍ୟବସାୟୀମାନେ ବିଭିନ୍ନ ହାଟବଜାର ଓ ଅନ୍ୟ ଜିଲ୍ଲାକୁ ଆଣି ବିକ୍ରୟ କରୁଛନ୍ତି। ତାଳ କ୍ରୟ ପାଇଁ ସେମାନଙ୍କ ନିକଟରେ ଲୋକଙ୍କ ଭିଡ ଜମୁଥିବା ପରିଲକ୍ଷିତ ହେଉଛି। ଖରାଦିନେ ଥଣ୍ଡା ପାନୀୟର ରହିଛି ଅନେକ ଚାହିଦା। ପ୍ରଚଣ୍ଡ ଗ୍ରୀଷ୍ମତାପରୁ ଟିକେ ଆଶ୍ୱସ୍ତ ପାଇବା ଲାଗି ଲୋକେ ପଇଡ, ବିଭିନ୍ନ କମ୍ପାନୀର ଥଣ୍ଡା ପାନୀୟକୁ ଆଦରି ନେଇଥାନ୍ତି। ମାତ୍ର ଖରାଦିନେ ମିଳୁଥିବା ତାଳ ଗ୍ରୀଷ୍ମତାପରୁ ଶରୀରକୁ ଆଶ୍ୱସ୍ତି ଦେଇ କିଛି ସମୟ ପାଇଁ ସତେଜ କରିଦିଏ। ତାଳଗଛକୁ ଯାଇ ବ୍ୟବସାୟୀ ଭିନ୍ନ ଭିନ୍ନ ଉପାୟରେ ଗଛ ଚଢି ତାଳସଜକୁ ହାଣି ତଳକୁ ଆଣିଥାନ୍ତି। ପରେ ତାଳ ଫଳକୁ ହାଟ ବା ବଜାରକୁ ନେଇ ବିକ୍ରି କରିଥାନ୍ତି। ପିଲାଠୁ ବୁଢ଼ା ସମସ୍ତଙ୍କ ପାଇଁ ଖରାଦିନେ ତାଳସଜ ଖାଇବାର ମଜା ନିଆରା ହୋଇଥିବାବେଳେ ଲାଗେ ସତେ ଯେମିତି ନୂଆ ଫଳ। ବର୍ତ୍ତମାନ ଆମ ରାଜ୍ୟର ବିଭିନ୍ନ ଜିଲ୍ଲାର ରାସ୍ତା ଏବଂ ଛକରେ ମଧ୍ୟ ତାଳବିକ୍ରିର ଆସର ଦେଖିବାକୁ ମିଳୁଛି। ବିଭିନ୍ନ ଗାଁ ଗଣ୍ଡାରେ ତାଳଗଛ ବହୁଳ ମାତ୍ରାରେ ଥିବାରୁ ଖରାଦିନେ ଲୋକେ ତାଳସଜ ଖାଇବାର ମଜା ଉଠାଇଥାନ୍ତି। କେହି କେହି ଏହି ତାଳସଜକୁ ଆଣି ରାସ୍ତା କଡରେ ବିକ୍ରି କରି ବେଶ ଦୁଇପଇସା ମଧ ରୋଜଗାର କରିଥାନ୍ତି। ଆଉ ଉଦୁଉଦିଆ ଖରାବେଳଟାରେ ରାସ୍ତାରେ ଯାଉଥିବା ଯାତ୍ରୀଙ୍କ ଗହଳି ଲାଗେ ତାଳସଜର ଅସ୍ଥାୟୀ ଦୋକାନ ଠାରେ। କେମିକାଲ ଯୁକ୍ତ କୋଲଡ୍ରିଙ୍କ୍ସ ନ ପିଇ ଲୋକେ ତାଳ ଖାଇ ପେଟକୁ ଥଣ୍ଡା ରଖିଥାନ୍ତି। ଖରା ଯେତିକି ବଢୁଛି ସେ ଅନୁପାତରେ ତାଳସଜର ଚାହିଦା ବଢ଼ିଚାଲିଥିବାବେଳେ ଖରାଦିନେ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ବାଟୋଇଙ୍କ ପାଇଁ ତାଳ ସାଜିଛି ଉତ୍ତମ ଖାଦ୍ୟ।



# ଆମ ଆଦମୀ ପାର୍ଟିର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

**ମାଥିଲି, ୧୬।୪(ସମିସ):**

ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକର ବାମନଗୁଡାଠାରେ ଆମ ଅଦାମୀ ପାର୍ଟି ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଗତ ୧୩ ତାରିଖରେ ରାଜ୍ୟ ଆମ ଆଦମୀ ପାର୍ଟି ମିଶ୍ରଣ ପର୍ବରେ ମିଶି ଥିବା ବରିଷ୍ଠ ନେତା ଶରତଚନ୍ଦ୍ର ବୁରୁଦା ଓ ଅନେକ ସମର୍ଥକ ଓ କଂଗ୍ରେସ କର୍ମୀ ଆମ ଆଦିମି ପାର୍ଟିରେ ସାମିଲ ହୋଇଥିବାରୁ ଆଜି ଜିଲ୍ଲା ଆମ ଆଦମୀ ପାର୍ଟି ତରଫରୁ ଜିଲ୍ଲା ସଭାପତି କେ.ଦେଶୀ ରାଜୁ ଆଚାରି ଫୁଲତୋଡା ଓ ମାଥିଲି ବ୍ଲକ ସଭାପତି ସନ୍ତୁ କୁମାର ବିଶ୍ୱାସ ପୁଷ୍ପ ଗୁଚ୍ଛ ସହ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। କଂଗ୍ରେସ କିଷାନ ସେଲ ସଭାପତି ମହେଶ୍ୱର ପଟ୍ଟନାୟକ, ମାଥିଲି ବ୍ଲକ ଜିଲ୍ଲା ପରିଷଦ ଜୋନ ୨ର କଂଗ୍ରେସ ସଭାପତି ଖଗେଶ୍ୱର ନାୟକ, ଜିଲ୍ଲା ସଂଯୋଜକ ଏବଂ ଓଡ଼ିଶା ଜନମାର୍ଚ୍ଚା ସଭାପତି ଲକ୍ଷ୍ମୀ କାନ୍ତ ପଣ୍ଡା, ଏସଟି ସେଲ ସଭାପତି ଦିଲୀପ ନାୟକ, କଂଗ୍ରେସର ସକ୍ରିୟ କର୍ମୀ ଉମାଶଙ୍କର ମହାନ୍ତି, ରାମଚନ୍ଦ୍ର ଦୋରା, ୟୁ.?ାଲାରାଜୁ, କଂଗ୍ରେସ ଏସସି ସେଲ୍‌ଫର ସଭାପତି ବୈଦ୍ୟ ପାଙ୍ଗି, ଗୋପୀନାଥ ଭୂମିଆଙ୍କ ସମେତ ଅନେକ କଂଗ୍ରେସ ନେତୃମଣ୍ଡଳୀ ଓ କର୍ମୀ ଆମ ଆଦମୀ ପାର୍ଟିରେ ସାମିଲ ହୋଇଥିଲେ। ପାର୍ଟିର ଜିଲ୍ଲା ସଭାପତି କେ.ଦେଶୀରାଜୁ ଅଚାରୀ ଓ ମାଥିଲି ବ୍ଲକ ସଭାପତି ସନ୍ତୁ କୁମାର ବିଶ୍ୱାସ ସମସ୍ତଙ୍କୁ ଟୋପି ଓ ଉତ୍ତୋରୀୟ ଦେଇ ପାର୍ଟିରେ ସାମିଲ କରିଥିଲେ।



**ଭାଙ୍ଗୁଛି କଂଗ୍ରେସ ଗଡ଼**

# ମା' ଭଣ୍ଡାରଘରଣୀ ଓ ମା' ବୁଢ଼ୀ ଠାକୁରାଣୀଙ୍କ ଘଟଯାତ୍ରା ଆରମ୍ଭ

**ନବରଙ୍ଗପୁର, ୧୬।୪(ସମିସ)**



ନବରଙ୍ଗପୁରଠାରେ ସୋମବାରଠାରୁ ଆରମ୍ଭ ହୋଇଛି ନବରଙ୍ଗପୁର ଅଧିଷ୍ଠାତ୍ରୀ ଦେବୀ ମା' ଭଣ୍ଡାରଘରଣୀ ଏବଂ ମା' ବୁଢ଼ୀ ଠାକୁରାଣୀଙ୍କ ପ୍ରସିଦ୍ଧ ନବଦିନାତ୍ମକ ଘଟଯାତ୍ରା ବା ଘଟପର୍ବ। ଚୈତ୍ର ପ୍ରତିପଦା ତିଥି ଅର୍ଥାତ ମା'ଙ୍କ ଚୈତ୍ର ବାସନ୍ତିକ ନବରାତ୍ରି ଯେଉଁ ଦିନ ଆରମ୍ଭ ହୋଇଥାଏ ତାର ପରବର୍ତ୍ତୀ ସମୟରେ ଯେଉଁ ପ୍ରଥମ ସୋମବାର ପଡ଼ିଥାଏ ସେହିଦିନଠାରୁ ମା'ଙ୍କ ଏହି ଘଟଯାତ୍ରା ପର୍ବ ଆରମ୍ଭ ହେବାର ନବରଙ୍ଗପୁରଠାରେ ବହୁ ପୁରାତନ କାଳରୁ ପରମ୍ପରା ରହିଆସିଛି। ପୂର୍ବ ପରମ୍ପରା ଅନୁସାରେ, ସୋମବାର ରାତ୍ରଠାରୁ ମା'ଙ୍କ ଘଟଯାତ୍ରା ପର୍ବ ଆରମ୍ଭ ହୋଇଛି। ଏହି ଯାତ୍ରାରେ ନଅ ଦିନ ଧରି ୪ଟି ଘଟ ସାମିଲ ହୋଇଥାନ୍ତି। ପ୍ରଥମ ଘଟହାଣ୍ଡି ମା' ବୁଢ଼ୀ ଠାକୁରାଣୀଙ୍କ ହୋଇଥିବା ବେଳେ ଦ୍ୱିତୀୟ ଘଟହାଣ୍ଡି ମା' ଭଣ୍ଡାର ଘରଣୀ, ତୃତୀୟ ଘଟହାଣ୍ଡି ମାଉଲି ମା' ଏବଂ ଚତୁର୍ଥ ଘଟହାଣ୍ଡି ମା' ପରଦେଶୀ କନକ ଦୁର୍ଗା ଏହି ଯାତ୍ରାରେ ସାମିଲ ହୋଇଥାନ୍ତି। ଏହା ବ୍ୟତୀତ ଏହି ଯାତ୍ରାରେ ମା'ଙ୍କ ଦୁଇଟି ଲାଠି, ଗୋଟିଏ ଛତ୍ର, ଗୋଟିଏ ହଳଦୀ କଳସ ଏବଂ ଗୋଟିଏ ଫୁଲ ଟାଙ୍ଗୁଡ଼ି ଭଳି ମୋଟ ୯ ଜଣ ଦେବୀ ସାମିଲ ହୋଇ ସହର ପରିକ୍ରମା କରିଥାନ୍ତି। ଏହି ଯାତ୍ରା ସୋମବାରଠାରୁ ଆରମ୍ଭ ହୋଇ ଏପ୍ରିଲ ୨୩ ତାରିଖ ପର୍ଯ୍ୟନ୍ତ ୯ଦିନ ଧରି ଚାଲିବ। ଏହି ଯାତ୍ରାର ପ୍ରଥମ ଦିବସର ସନ୍ଧ୍ୟାରେ ମା' ବୁଢ଼ୀ ଠାକୁରାଣୀ ଭଣ୍ଡାରଘରଣୀ ମନ୍ଦିର ପହଞ୍ଚି ଶୃଙ୍ଗାର ନୀତି ସରିବା ପରେ ମନ୍ଦିରକୁ ପୁଣି ଫେରି ସେଠାରୁ ପୁନର୍ବାର ପାରମ୍ପରିକ ବାଜା ବାଜଣା ଘଣ୍ଟ ମହୁରି ଓ ଚାରି ଆଡେ ଝୁଣାମୟ ପରିବେଶରେ ଭକ୍ତଙ୍କ ଗହଣରେ ୯ ଜଣ ଦେବୀ ସହର ପରିକ୍ରମା କରିଥାନ୍ତି। ମା'ଙ୍କ ଏହି ସହର ପରିକ୍ରମା ଆରମ୍ଭରେ ପ୍ରଥମେ ରାଜା ଘରକୁ ଯାଇ ପ୍ରଥମ ଭୋଗ ଖାଇବା ପରେ ମା'ଙ୍କ ସହର ପରିକ୍ରମା ଆରମ୍ଭ ହୋଇଥାଏ। ଶେଷ ଦିବସ ପୂର୍ବଦିନ ମା'ଙ୍କ ନିଜ ମା' ଘର ଦଣ୍ଡାସୀ ସାହି ପରିକ୍ରମା ପରେ ଫେରିବା ବାଟରେ ମା'ଙ୍କ ହାଟଜୁରା ନୀତି ଅନୁଷ୍ଠିତ ହୋଇଥାଏ। ଏହାପରେ ୨୩ ତାରିଖ ଦିନ ବଡି ଭୋର ହୋଇଯାଏ ମନ୍ଦିର ଫେରିବା ବେଳକୁ। ମନ୍ଦିରକୁ ଫେରି ବିଶ୍ରାମ ନେବା ପରେ ସନ୍ଧ୍ୟା ୬ଟା ସମୟରେ ମା' ରାଜୁସାହି ଦେଇ ପରିକ୍ରମରେ ଯାଇ ସନ୍ଧି ଭଙ୍ଗାରେ ପହଞ୍ଚିବା ପରେ ସେଠାରେ ସମସ୍ତ ପୂଜା ନୀତି କାନ୍ତି ସାରିବା ପରେ ଘଟ ବିସର୍ଜନ କରାଯାଇଥାଏ। ଏହି ମା'ଙ୍କ ନବ ଦିନାତ୍ମକ ଘଟ ଯାତ୍ରାର ସମସ୍ତ ନୀତି କାନ୍ତି ନବରଙ୍ଗପୁର ରାଜ ପୁରୋହିତ ନରସିଂହ ନାଥ ତ୍ରିପାଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ହେଉଥିବା ବେଳେ ମା' ଭଣ୍ଡାର ଘରଣୀ ଏବଂ ମା' ବୁଢ଼ୀ ଠାକୁରାଣୀ ମନ୍ଦିର ମୁଖ୍ୟପୂଜକ ବାବୁନୁ ରଥ, ରାଜୀବ ଲୋଚନ ପୂଜାରୀ ଏବଂ କୃଷ୍ଣ ପୂଜାରୀ ପୂଜାର ସମସ୍ତ ନୀତିକାନ୍ତି ହୋଇଥାଏ ଏବଂ ମନ୍ଦିର କମିଟିର ସମସ୍ତ ସଦସ୍ୟ ଓ ନବରଙ୍ଗପୁର ପୁଲିସ ପ୍ରଶାସନ ସମସ୍ତ ପ୍ରକାର ସହଯୋଗ କରିଥାନ୍ତି।

# ସିଆର୍‌ପିଏଫ୍ ବାଟାଲିୟନ ପକ୍ଷରୁ ଶହୀଦ ସ୍ମୃତି ଦିବସ ପାଳିତ



**ନବରଙ୍ଗପୁର, ୧୬।୪(ସମିସ):** ସିଆରପିଏଫ ବାଟାଲିୟନ ପକ୍ଷରୁ ମଙ୍ଗଳବାର ଶହୀଦ ବିଜୟ କୁମାର ହରିଜନଙ୍କ ଉଦ୍ଦେଶ୍ୟରେ ଶହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛି। ସିଆରପିଏଫରେ କାର୍ଯ୍ୟରତ ସମୟରେ ନକ୍ସଲ ଆକ୍ରମଣରେ ପ୍ରାଣ ହରାଇ ଶହୀଦ ହୋଇଥିବା ନବରଙ୍ଗପୁର ଜିଲ୍ଲାର ପାପଡ଼ାହାଣ୍ଡି ବ୍ଲକ ମହୁଲୀ ଗ୍ରାମର ବିଜୟ ହରିଜନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି।

ବିଜୟ ହରିଜନ ଗତ ୨୦୦୯ ଆଜିର ଦିନରେ ଛତିଶଗଡ଼ର ଦନ୍ତେୱାଡାଠାରେ ନିର୍ବାଚନ କାର୍ଯ୍ୟରେ କାର୍ଯ୍ୟରତ ଥିବା ସମୟରେ ନକ୍ସଲ ଆକ୍ରମଣର ଶିକାର ହୋଇ ବୀରଗତି ପ୍ରାପ୍ତ କରିଥିଲେ। ମଙ୍ଗଳବାର ଏହି କାର୍ଯ୍ୟକ୍ରମ ବିଜୟ କୁମାର ହରିଜନଙ୍କ ଜନ୍ମିତ ଗ୍ରାମ ମହୁଲୀ ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ଶହୀଦ ବିଜୟ ହରିଜନଙ୍କ ପରିବାର ବର୍ଗ ଯଥା ତାଙ୍କ ମା' ଓ ବାପାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜୟଙ୍କ ପରିବାରର ଯାହା ଯାହା ସମସ୍ୟା ଅଛି ତାକୁ ପଚାରି ବୁଝିବା ସହ ରହିଥିବା ସମସ୍ୟାର ତୁରନ୍ତ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସିଆରପିଏଫ୍‌ର କମାଣ୍ଡାଣ୍ଟ ଏନ୍ କେ କେ ପ୍ରସାଦଙ୍କ ସମେତ ବହୁ ସିଆରପିଏଫ୍‌ର ବରିଷ୍ଠ ଅଧିକାରୀ, କର୍ମଚାରୀ, ଯବାନ ଏବଂ ବିଦ୍ୟାଳୟ ଛାତ୍ରଛାତ୍ରୀ, ମହୁଲୀ ଗ୍ରାମର ବହୁ ପରିମାଣରେ ଗ୍ରାମବାସୀମାନେ ଉପସ୍ଥିତ ଥିଲେ।

# ମା' ଦକ୍ଷିଣ କାଳୀ ଯାତ୍ରା ଉଦ୍‌ଯାପିତ



**ସୁନାବେଡ଼ା, ୧୬।୪(ସମିସ):** କୋରାପୁଟ ଜିଲ୍ଲା ସୁନାବେଡ଼ାସ୍ଥିତ ଡିପି କ୍ୟାମ୍ପଠାରେ ଚଳିତବର୍ଷ ଚୈତ୍ର ମାସ ପ୍ରଥମ ମଙ୍ଗଳବାର ମା' ଦକ୍ଷିଣ କାଳୀ ତଥା ବୁଢ଼ୀ ମା'ଙ୍କ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଏହି ଯାତ୍ରା ପାଞ୍ଚ ଦିନ ଧରି ଚାଲିଥିଲା। ମା'ଙ୍କ ଘଟ ଶନିବାର ଦିନଠାରୁ ସୋମବାର ଦିନ ଯାଏଁ ପୁରୁଣା ସୁନାବେଡ଼ା, ରାଜୀବ କଲୋନୀ, ହାଉସିଂ ବୋର୍ଡ, ଏଇଏଫ୍ ବଜାର, ପୁଲିସ କ୍ୟାମ୍ପ, ଡିପି କ୍ୟାମ୍ପ, ଗଞ୍ଜାମ କଲୋନୀ, ପୌର ପରିଷଦ କଲୋନୀ ଆଦିକୁ ପୂଜା ପାଇବାକୁ ଯାଇଥିଲେ। ମା'ଙ୍କ ଘଟ, ନିଆଁ ହାଣ୍ଡି, କାର୍ତ୍ତିକଙ୍କ ବାହୁଙ୍ଗ ଆଦି ମା'ଙ୍କ ଶୋଭାଯାତ୍ରାରେ ବାହାରିଥାନ୍ତି। ୧୯୮୩ରୁ ଏହି ଯାତ୍ରା ଆରମ୍ଭ ହୋଇ ୪୧ ବର୍ଷ ହେଲା ପାଳିତ ହୋଇଆସୁଛି। ପ୍ରଥମ ପୂଜାରୀ ଭାବରେ ସତ୍ୟନାରାୟଣ ନାୟକ ଏହି ପୂଜା ଆରମ୍ଭ କରିଥିଲେ। ଚଳିତବର୍ଷ ତାଙ୍କର ଦେହାନ୍ତ ହୋଇଯାଇଛି। ବର୍ତ୍ତମାନ ବିଜୟ କୁମାର ସାହୁ ଓ ତାଙ୍କ ଧର୍ମପତ୍ନୀ ଉଷାରାଣୀ ସାହୁଙ୍କ ତତ୍ତ୍ୱାବଧାନରେ ଏହି ପୂଜା ଆୟୋଜିତ ହୋଇଛି। ଅର୍ଚ୍ଚନା ପଟ୍ଟନାୟକ, ରାମହରି ପଲେଇ, ଚନ୍ଦ୍ରକଳା ରାଉତରାୟ, ଉମାଚରଣ ତ୍ରିପାଠୀ ଏବଂ ଅନ୍ୟମାନେ ସହଯୋଗ କରିଥିଲେ। ମଙ୍ଗଳବାର ସନ୍ଧ୍ୟା ୭ଟା ସମୟରେ ଝାମୁଯାତ୍ରା ପାଳିତ ହୋଇଥିଲା। ଏଥିରେ ଶତାଧିକ ଭକ୍ତମାନଙ୍କ ସମାଗମ ଦେଖିବାକୁ ମିଳିଥିଲା।

# ତେନ୍ତୁଳି ଗଛରୁ ପଡ଼ି ଜଣେ ମୃତ

**ପାପଡ଼ାହାଣ୍ଡି,୧୬।୪(ସମିସ):** ପାପଡ଼ାହାଣ୍ଡି ବ୍ଲକ ଶିରିଶି ପଞ୍ଚାୟତ ଅନ୍ତର୍ଗତ ବାନୁଆଗୁଡ଼ା ଗ୍ରାମରେ ତେନ୍ତୁଳି ଗଛରୁ ପଡ଼ି ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ସୁନା ଭତରା। ଅପରାହ୍ନରେ ସେ ଗଛରୁ ତେନ୍ତୁଳି ତୋଳିବା ସମୟରେ ଅସାବଧାନତା କାରଣରୁ ତଳେ ପଡ଼ି ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଶବକୁ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଶବଗୃହରେ ରଖାଯାଇଛି।

# ଆମପାଣି ଘାଟି ରାସ୍ତାର ପଡ଼ିଲା ଗଛ



**ପାପଡ଼ାହାଣ୍ଡି,୧୬।୪(ସମିସ):** ନବରଙ୍ଗପୁରଠାରୁ କଳାହାଣ୍ଡି ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ଆମପାଣି ଘାଟିରେ ରାସ୍ତା ଉପରେ ମଙ୍ଗଳବାର ଏକ ଶୁଖିଲା ଗଛ ଭାଙ୍ଗି ପଡ଼ିଯାଇଥିବା ବେଳେ ଏଥିରୁ ପଥଚାରୀମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ରାସ୍ତା ଉପରେ ଗଛଟି ପଡ଼ି ରହିଥିବାରୁ ଯାନବାହନ ଚଳାଚଳ ଆଂଶିକ ପ୍ରଭାବିତ ହେବା ଦେଖାଦେଇଛି। ଅଞ୍ଚଳଟି କୋକେସରା ବନାଞ୍ଚଳ ହୋଇଥିବାରୁ ଅଗ୍ନିଶମ ବିଭାଗ ପହଞ୍ଚିଲେ ହିଁ ଗଛ କଟାଯିବ ବୋଲି ସୂଚନା ମିଳିଛି।

# ମା'ବୁଢ଼ୀ ଠାକୁରାଣୀଙ୍କ କଳସ ଯାତ୍ରା



**ବୋରିଗୁମ୍ମା, ୧୬।୪(ସମିସ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ସଦର ମହକୁମାରେ ଚୈତ୍ରମାସ ତୃତୀୟ ମଙ୍ଗଳବାରଠାରୁ ମା'ବୁଢ଼ୀ ଠାକୁରାଣୀଙ୍କ ଘଟଯାତ୍ରା ଆରମ୍ଭ ହୋଇଛି। ଏହି ଯାତ୍ରା ଗ୍ରାମରେ ୭ ଦିନ ଧରି ଚାଲିଥିଲା। ଗ୍ରାମର ପୂଜାରୀଙ୍କ ଦ୍ୱାରା ମା'ଠାକୁରାଣୀଙ୍କ ଘଟକୁ ଗ୍ରାମର ପ୍ରତ୍ୟେକ ଘରକୁ ଯାଇ ପୂଜା ପାଇଥିବା ଦେଖିବାକୁ ମିଳିଛି। ଶେଷ ମଙ୍ଗଳବାର ମା' ବୁଢ଼ୀ ଠାକୁରାଣୀ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ଅବସରରେ ମଙ୍ଗଳବାର ସକାଳୁ ଗ୍ରାମର ଶତାଧିକ ମହିଳାଙ୍କୁ ନେଇ ଏକ କଳସ ଶୋଭାଯାତ୍ରା ବାହାରି ନଗର ପରିକ୍ରମା ସହ ମା'ଙ୍କ ମନ୍ଦିର ପ୍ରତ୍ୟାବର୍ତ୍ତନ ପର୍ବ ଶେଷ ହୋଇଥିଲା। ମା'ଠାକୁରାଣୀଙ୍କ କଳସ ଯାତ୍ରା ଅବସରରେ ବୋରିଗୁମ୍ମା ସହର ଉତ୍ସବ ମୁଖର ହେବା ସହ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ମନ୍ଦିର କମିଟି ଏଥିପାଇଁ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଦାନ ଶିବିର



**ଉମରକୋଟ, ୧୬।୪(ସମିସ):** ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ଶରତଚନ୍ଦ୍ର ସେଠୀ, ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ସୁମନ୍ତ ରାଉଳ, ଶିଶୁରୋଗ ବିଶେଷଜ୍ଞ ଡା. ସନ୍ତୋଷ ପଣ୍ଡା, ଡା. ସବ୍ୟସାଚୀ ଦାସ, ଅପଥାଲମିକ ଆସିଷ୍ଟାଣ୍ଟ ରାମ ବାବୁ ଉପସ୍ଥିତ ଥିଲେ। ଶିବିରରେ ଯୁବକଯୁବତୀମାନେ ରକ୍ତଦାନ କରିଥିଲେ। ମୋଟ ୩୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତ ସଂଗ୍ରହକାରୀ ଟେକ୍ନିସିଆନ ଆସି ରକ୍ତ ସଂଗ୍ରହ କରିଥିଲେ।

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସ୍ୱତନ୍ତ୍ର ବକ୍ତୃତା

# ଆମ୍ବେଦକରଙ୍କ ଜୀବନୀ ଓ ଅବଦାନ ଶୀର୍ଷକରେ ଆଲୋଚନା

**କୋରାପୁଟ, ୧୬।୪ (ସମିସ):**



ଭାରତରତ୍ନ ବାବାସାହେବ ଡ. ବି.ଆର୍ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୁନାବେଡ଼ା ପରିସରରେ ଆମ୍ବେଦକରଙ୍କ ଜୀବନ ଓ ଅବଦାନ ଶୀର୍ଷକ ଏକ ସ୍ୱତନ୍ତ୍ର ବକ୍ତୃତା ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ୍ ତଥା ଔରଙ୍ଗାବାଦସ୍ଥିତ ଡ. ବାବାସାହେବ ଆମ୍ବେଦକର ମରାଠୱାଡା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବାଲୁ ଆନନ୍ଦ ଚୋପାଡେ ଓ ବିଶ୍ୱଭାରତୀର ଯୁଗ୍ମ ରେଜିଷ୍ଟ୍ରାର ଡ. ପ୍ରଶାନ୍ତ ମେଶ୍ରାମ ପ୍ରମୁଖ ସାରଗର୍ଭକ ବକ୍ତୃତା ପ୍ରଦାନ କରିଥିଲେ। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ସଭାପତିତ୍ୱ ଭାଷଣ ଦେଇଥିଲେ। ରେଜିଷ୍ଟ୍ରାର ଓ ଫାଇନାନ୍ସ ଅଫିସର ପ୍ରଫେସର ଏନ୍ସି ପଣ୍ଡା, ଏକାଡେମିକ୍ ଆଣ୍ଡ ଆଡ୍‌ମିନିଷ୍ଟ୍ରେସନ୍ ଉପଦେଷ୍ଟା ପ୍ରଫେସର ଭିସି ଝା ପ୍ରମୁଖ ଉପସ୍ଥିତ ଥିଲେ। ରାଜଭାଷା ସେଲ୍ ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରଫେସର ହେମରାଜ ମୀନା ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଫେସର ତ୍ରିପାଠୀ ଡ. ଆମ୍ବେଦକରଙ୍କୁ ଜଣେ ଦୂରଦର୍ଶୀ ବିଶ୍ୱ ଆଇକନ୍ ଏବଂ ରାଷ୍ଟ୍ରର ପ୍ରକୃତ ସ୍ଥାପକ ଭାବରେ କୃତଜ୍ଞତା ଜଣାଇଥିଲେ। ପ୍ରଫେସର ଚୋପାଡେ କଲମ୍ବିଆ ବିଶ୍ୱବିଦ୍ୟାଳୟରେ ଆମ୍ବେଦକରଙ୍କ ଉଲ୍ଲେଖନୀୟ ଶୈକ୍ଷିକ ଯାତ୍ରାକୁ ଉଲ୍ଲେଖ କରିଥିଲେ। ଡ. ମେଶ୍ରାମ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ବିଶ୍ୱବ୍ୟାପୀ ପାଳନ କରାଯାଉଥିବା ବିଶ୍ୱସ୍ତରୀୟ ସ୍ୱୀକୃତି ଉପରେ ଆଲୋକପାତ କରିଥିଲେ। ପ୍ରଫେସର ଝା ତାଙ୍କ ଆଇନଗତ ଦକ୍ଷତା ଏବଂ ନୀତିଗତ ହସ୍ତକ୍ଷେପ ମାଧ୍ୟମରେ ଆଧୁନିକ ଭାରତ ଗଠନରେ ଡ. ଆମ୍ବେଦକରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଫେସର ପଣ୍ଡା ଡ. ଆମ୍ବେଦକରଙ୍କୁ ଭାରତର ଜଣେ ସମ୍ମାନଜନକ ଋଷିଙ୍କ ସହ ତୁଳନା କରି ସାମାଜିକ ଉନ୍ନତି ଓ ପ୍ରଗତି ପ୍ରତି ତାଙ୍କର ଅତୁଟ ସମର୍ପଣ ଉପରେ ଆଲୋକପାତ କରି ପ୍ରାଚୀନ ଶାସ୍ତ୍ରର ଶିକ୍ଷା ସହିତ ସମାନତା ଆଙ୍କିଥିଲେ। କାର୍ଯ୍ୟକ୍ରମକୁ ପ୍ରଫେସର ମୀନା ସଂଯୋଜନା କରିଥିଲେ। ଅଧ୍ୟାପକ, ଅଧିକାରୀ, ଛାତ୍ରଛାତ୍ରୀ ଏବଂ ଗବେଷକମାନେ କାର୍ଯ୍ୟକ୍ରମରେ ସାମିଲ ହୋଇ ଡ. ବିଆର୍ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ବୋଲି ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଜଣାଇଛନ୍ତି।

■ **ନନ୍ଦପୁର ସିଡିପିଓ, ସୁପରଭାଇଜରଙ୍କୁ ଧମକ**

# ଅଙ୍ଗନବାଡ଼ି କର୍ମୀଙ୍କ ପିତାଙ୍କ ନାମରେ ମାମଲା



**ନନ୍ଦପୁର, ୧୬।୪(ସମିସ):** କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ସିଡିପିଓ ମିନତିବାଳା ପଟ୍ଟନାୟକଙ୍କୁ ଧମକ ଦେବା ସହ ତିନି ସୁପରଭାଇଜରଙ୍କୁ ମଧ୍ୟ ଜୀବନରେ ମାରିବାକୁ ଧମକ ମିଳିଥିବା ଅଭିଯୋଗ ହୋଇଛି। ଏନେଇ ନନ୍ଦପୁର ଥାନାରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ପ୍ରକାଶ ଥାଉକି, ଗତ ଏକ ବର୍ଷରୁ ଅଧିକ ହେବ ନନ୍ଦକା ପଞ୍ଚାୟତରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ରେଶ୍ମା ଖିଲ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟରେ ଅବହେଳା କରିଥିବା ଅଭିଯୋଗକୁ ନେଇ କୈଫିୟତ ମଗାଯିବା ସହ ମାସିକ ଦରମା ବନ୍ଦ କରାଯାଇଛି। ତାହାର ପ୍ରତିବାଦ କରି ମଙ୍ଗଳବାର ରେଶ୍ମାଙ୍କ ପିତା ବିଜୟ ଖିଲ ନିଜ ପରିବାର ସଦସ୍ୟଙ୍କ ସହ ନନ୍ଦପୁର ସିଡିପିଓ କାର୍ଯ୍ୟାଳୟରେ ପହଞ୍ଚି ଧମକ ଦେଇଥିଲେ। ଏନେଇ ସମ୍ପୃକ୍ତ ସିଡିପିଓ ପଟ୍ଟନାୟକ ଓ ଅନ୍ୟ ତିନି ସୁପରଭାଇଜର ନନ୍ଦପୁର ଥାନାରେ ଏସଡିପିଓ ସମ୍ବିତ ମାଝୀଙ୍କ ଉପସ୍ଥିତିରେ ଥାନାଧିକାରୀ ମମତା ପଣ୍ଡାଙ୍କୁ ଏତଲା ପ୍ରଦାନ କରିଛନ୍ତି। ଏହି ବିଷୟରେ ଖୁବଶୀଘ୍ର ଘଟଣା ଅନୁଧ୍ୟାନ କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି ଏସଡିପିଓ ଶ୍ରୀ ମାଝି।

# ନନ୍ଦପୁର ପୁଲିସର ରାମନବମୀ ଉତ୍ସବ ପ୍ରସ୍ତୁତି




**ନନ୍ଦପୁର, ୧୬।୪(ସମିସ):** ନନ୍ଦପୁର ପୁଲିସ ତରଫରୁ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ଜନସମ୍ପର୍କ ବଢ଼ାଇବାକୁ ମଙ୍ଗଳବାର ଥାନା ପରିସରରେ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ବୁଧବାର ପାଳନ ହେବାକୁ ରାମ ନବମୀ ଉତ୍ସବରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଆଲୋଚନା ହୋଇଥିଲା। ବୈଠକରେ ନନ୍ଦପୁର ଉପଖଣ୍ଡ ପୁଲିସ ଅଧିକାରୀ ସମ୍ବିତ କୁମାର ମାଝୀ, ତହସିଲଦାର ଅନାଦି ଚରଣ ସାହୁ, ଥାନାଧିକାରୀ ମମତା ପଣ୍ଡା, ଏସଆଇ ବେଦୋବର ସାହୁ, ଦୀପ୍ତିମୟୀ ଧାରୁଆ, ଏଏସଆଇ ଆରଏନ୍ ଭକ୍ତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋପାଳ କୃଷ୍ଣ ବେବର୍ତ୍ତା, ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି, ଲୋକନାଥ ଚୌଧୁରୀ, ରାମଲୀଳା କମିଟି ସଭାପତି ବିଶ୍ୱଜିତ୍ ପାଣ୍ଡିଆ, ତୁଷାରକାନ୍ତ ମହାନ୍ତି, ତ୍ରିନାଥ ଖରା ପ୍ରମୁଖଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

● **ଶାନ୍ତିଶୃଙ୍ଖଳାକୁ ପ୍ରାଥମିକତା**

ଶାନ୍ତିଶୃଙ୍ଖଳାର ସହ ରାମଲୀଳା ଉତ୍ସବ ଶୋଭାଯାତ୍ରା ପାଇଁ ଉପସ୍ଥିତ ମାଜିଷ୍ଟ୍ରେଟ ତହସିଲଦାର ଓ ଏସଡିପିଓ ସରକାରୀ କଟକଣା ଓ ମାର୍ଗଦର୍ଶିକା ସମ୍ପର୍କରେ ସୂଚନା ଦେଇଥିଲେ। ରାମଲୀଳା କମିଟି ତରଫରୁ ସମସ୍ତ ନିୟମ ମାନି ନିତିକାନ୍ତି ବିଧି ସମ୍ପନ୍ନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ଉପସ୍ଥିତ ବୁଦ୍ଧିଜୀବୀ ନନ୍ଦପୁର ସାପ୍ତାହିକ ହାଟ ନିକଟରେ ବଢୁଥିବା ଟ୍ରାଫିକ ସମସ୍ୟା, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ରୋଡ ରୋମିଓଙ୍କ ଉପଦ୍ରବ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏଥିପ୍ରତି ପୁଲିସ ସଚେତନ ଥିବା ଓ ଅମାନିଆ ଗାଡ଼ି ଚାଳକଙ୍କ ପ୍ରତି କଡ଼ା ନଜର ରଖିଥିବା ଶ୍ରୀ ମାଝୀ ଓ ଶ୍ରୀମତୀ ପଣ୍ଡା ସୂଚନା ଦେଇଛନ୍ତି। ରାମଲୀଳା କମିଟି ଓ ନନ୍ଦପୁର ଜନସାଧାରଣଙ୍କୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ଅଧିକାରୀ ପରାମର୍ଶ ଦେଇଥିଲେ।

# ଜିଲ୍ଲାସ୍ତରୀୟ ନିର୍ବାଚନ ଖର୍ଚ୍ଚ କମିଟି ବୈଠକ




**ନବରଙ୍ଗପୁର, ୧୬।୪ (ସମିସ):** ଚଳିତ ୨୦୨୪ ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ ସ୍ୱଚ୍ଛ ଭାବରେ ପରିଚାଳନା କରିବା ପାଇଁ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ତରଫରୁ ଆବଶ୍ୟକ ସମସ୍ତ ବ୍ୟବସ୍ଥା ଓ ପ୍ରସ୍ତୁତି କାର୍ଯ୍ୟ ତତ୍ପରତା ସହ ଆଗେଇ ଚାଲିଛି। ଏହି ଅବସରରେ ନିର୍ବାଚନ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ଖର୍ଚ୍ଚ କମିଟି ବୈଠକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଡ. କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଆଚରଣ ବିଧିକୁ କଡାକଡି ଭାବେ ପାଳନ କରିବା ସହ ସାଧାରଣ ନିର୍ବାଚନକୁ ପରିଚାଳନା କରିବା ପାଇଁ ଜିଲ୍ଲାସ୍ତରୀୟ, ଜିଲ୍ଲାର ଚାରିଟି ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତରରେ ଗଠନ କରାଯାଇଥିବା ଭିଏସ୍ଟି, ଏସ୍‌ଏସ୍ଟି, ଏଫ୍ ଏସ୍ ଟି, ଭି ଭି ଟି, ଜୋନାଲ ମାଜିଷ୍ଟ୍ରେଟଙ୍କୁ ନେଇ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ଡ. ମିଶ୍ର ସମସ୍ତ ଟିମ୍ର ଅଧିକାରୀ ନିଜ ନିଜର ଦାୟିତ୍ୱ ସଠିକ ଭାବେ ତୁଲାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ନିର୍ବାଚନ ସମ୍ବନ୍ଧୀୟ ଖର୍ଚ୍ଚ ଉପରେ ନଜର ରଖିବା ପାଇଁ ଗଠନ କରାଯାଇଥିବା ଏସବୁ ଟିମ୍ ତୀକ୍ଷ୍ଣ ନଜର ରଖିବା ପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଡ. ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଥାଉକି, ପ୍ରାର୍ଥୀ ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ୯୫ ଲକ୍ଷ ଓ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୪୦ ଲକ୍ଷ ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ ବୋଲି ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ରହିଛି। ପ୍ରାର୍ଥୀମାନେ ଏସବୁ ଖର୍ଚ୍ଚର ଟିକିନିଖି ହିସାବ ନିଜ ଖର୍ଚ୍ଚ ରେଜିଷ୍ଟରରେ ଲିପିବଦ୍ଧ କରିବେ। ମାଷ୍ଟର ଟ୍ରେନର ପିଏ ଆଇଟିଡିଏ ରାଜୀବ କୁମାର ସାହୁ ପ୍ରୋଜେକ୍ଟର ମାଧ୍ୟମରେ ବିଭିନ୍ନ ଟିମ୍ର ଦାୟିତ୍ୱ ଓ କାର୍ଯ୍ୟ ସମ୍ପର୍କରେ ତାଲିମ୍ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ମହେଶ୍ୱର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନବୀନଚନ୍ଦ୍ର ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଯଦୁମଣି ନାୟକ, ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ସେକ୍ଟର ମାଜିଷ୍ଟ୍ରେଟଙ୍କ ସହ ଖର୍ଚ୍ଚ ପର୍ଯ୍ୟବେକ୍ଷକ ପ୍ରମୁଖ ଯୋଗଦେଇଥିଲେ।

# ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ



ବିଶ୍ୱାସ ଏବଂ ଧାର୍ମିକ ଦୃଷ୍ଟିକୋଣରୁ ହିନ୍ଦୁଧର୍ମରେ ରାମନବମୀର ରହିଛି ବିଶେଷ ମହତ୍ତ୍ୱ । ଚୈତ୍ର ଶୁକ୍ଳ ନବମୀକୁ ରାମନବମୀ ଭାବରେ ପାଳନ କରାଯାଏ । ଏହା ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ରାମଚନ୍ଦ୍ରଙ୍କ ଜନ୍ମୋତ୍ସବ । ଏହିଦିନ ପୁନର୍ବସୁ ନକ୍ଷତ୍ର ଏବଂ କର୍କଟ ଲଗ୍ନରେ ଭଗବାନ ଶ୍ରୀରାମଙ୍କର ଜନ୍ମ ହୋଇଥିଲା । ପ୍ରଭୁ ଶ୍ରୀରାମଚନ୍ଦ୍ର ଜଣେ ପିତୃଭକ୍ତ, ଭ୍ରାତୃବତ୍ସଳ, ପରାକ୍ରମୀ, ଦିବ୍ୟରୂପକାନ୍ତି ସମ୍ପନ୍ନ ପୁରୁଷ । ହିନ୍ଦୁ ଧର୍ମଶାସ୍ତ୍ର ଅନୁଯାୟୀ, ତ୍ରେତୟା ଯୁଗରେ ଅଯୋଧ୍ୟାର ରାଜା ଥିଲେ ଦଶରଥ । ତାଙ୍କର ତିନିରାଣୀ କୌଶଲ୍ୟା, କୈକେୟୀ ଓ ସୁମିତ୍ରା । ରାଜାଙ୍କର ବଡ଼ଦୁଃଖ ଥିଲା ଯେ, ତାଙ୍କର କୌଣସି ସନ୍ତାନ ନ ଥିଲେ । କୁଳଗୁରୁ ବଶିଷ୍ଠ ବାଞ୍ଛିତ ସନ୍ତାନ ପ୍ରାପ୍ତି ନିମନ୍ତେ ଋଷ୍ୟଶୃଙ୍ଗଙ୍କ ଦ୍ୱାରା ପୁତ୍ରେଷ୍ଟି ଯଜ୍ଞ କରିବାକୁ ଦଶରଥଙ୍କୁ ଉପଦେଶ ଦେଲେ । ରାଜା କୁଳଗୁରୁଙ୍କ ଉପଦେଶ ଅନୁସାରେ ମହାନ୍ ଋଷି ଋଷ୍ୟଶୃଙ୍ଗଙ୍କୁ ଅଯୋଧ୍ୟାରେ ଯଜ୍ଞ କରିବାକୁ ତାଙ୍କ ଆଶ୍ରମକୁ ଯାଇ ପ୍ରାର୍ଥନା କଲେ । ବଶିଷ୍ଠ ଓ ଋଷ୍ୟଶୃଙ୍ଗ ଦ୍ୱାରା ପୁତ୍ରେଷ୍ଟି ଯଜ୍ଞ ସମାପନ ପରେ ଯଜ୍ଞେଶ୍ୱର ଯଜ୍ଞକୁଣ୍ଡରୁ ଆବିର୍ଭୂତ ହୋଇ ଦଶରଥଙ୍କୁ ଏକ ଚରୁ ପାତ୍ର ପ୍ରଦାନ କରି ରାଣୀମାନଙ୍କୁ ସେବନ କରିବାକୁ କହିଲେ । ଦଶରଥ ଅଧା ଚରୁଅନ୍ନ କୌଶଲ୍ୟାଙ୍କୁ ଓ ଅନ୍ୟ ଅଧା ଭାଗକୁ କୈକେୟୀଙ୍କୁ ପ୍ରଦାନ କଲେ । କୌଶଲ୍ୟା ଓ କୈକେୟୀ ନିଜ ନିଜର ଚରୁଅନ୍ନର ଅଧାଭାଗରୁ କନିଷ୍ଠା ରାଣୀ ସୁମିତ୍ରାଙ୍କୁ ସେବନ କରିବାକୁ ଦେଲେ । ଏହାର କିଛିଦିନ ପରେ ତିନିରାଣୀ ଅନ୍ତଃସତ୍ତ୍ୱା ହେଲେ । ପବିତ୍ର ଚୈତ୍ର ନବମୀ ଦିନ ଦ୍ୱିପ୍ରହରରେ କୌଶଲ୍ୟା ପ୍ରଭୁ ରାମଚନ୍ଦ୍ରଙ୍କୁ, କୈକେୟୀ ଭରତଙ୍କୁ ଓ ସୁମିତ୍ରା ଯମଜ ସନ୍ତାନ ଲକ୍ଷ୍ମଣ ଓ ଶତ୍ରୁଘ୍ନଙ୍କୁ ଜନ୍ମ ଦେଲେ । ଭଗବାନ ବିଷ୍ଣୁଙ୍କ ସପ୍ତମ ଅବତାର ପ୍ରଭୁ ରାମଚନ୍ଦ୍ର ସ୍ୱଇଚ୍ଛାରେ ଅଧର୍ମର ବିଲୋପ ଓ ରାବଣ ଆଦି ରାକ୍ଷସମାନଙ୍କୁ ସଂହାର କରିବାକୁ ପୃଥିବୀପୃଷ୍ଠରେ ଅବତରଣ କରିଥିଲେ । ବୟଃପ୍ରାପ୍ତ ହେବାପରେ ପ୍ରଭୁ ରାମଚନ୍ଦ୍ର ରାଜା ଜନକଙ୍କ କନ୍ୟା ଦେବୀ ସୀତାଙ୍କୁ ବିବାହ କରିଥିଲେ । ଘଟଣାକ୍ରମରେ ରାମଚନ୍ଦ୍ରଙ୍କ ରାଜ୍ୟ ଅଭିଷେକର ଗୋଟିଏ ଦିନ ପୂର୍ବରୁ ଦାସୀ ମନ୍ଥରାର ପ୍ରରୋଚନାରେ ପଡ଼ି କୈକେୟୀ ଦଶରଥଙ୍କୁ ପୂର୍ବରୁ ଥିବା ଦୁଇଟି ବର ମାଗିଥିଲେ । ପ୍ରଥମଟି ଥିଲା ରାମଚନ୍ଦ୍ରଙ୍କର ଚଉଦବର୍ଷ ବନବାସ ଓ ଦ୍ୱିତୀୟଟି ଭରତଙ୍କୁ ଅଯୋଦ୍ଧାର ରାଜସିଂହାସନରେ ବସାଇବା । ପିତୃସତ୍ୟ ପାଳନ କରିବା ପାଇଁ ପ୍ରଭୁ ରାମଚନ୍ଦ୍ର ଦେବୀସୀତା ଓ ଅନୁଜ ଲକ୍ଷ୍ମଣଙ୍କୁ ସାଙ୍ଗରେ ଧରି ଚଉଦବର୍ଷ ବନବାସ ଯାଇଥିଲେ । ଦଣ୍ଡକାରଣ୍ୟରେ ଅବସ୍ଥାନ କାଳରେ ଶ୍ରୀରାମ ଓ ଅନୁଜ ଲକ୍ଷ୍ମଣଙ୍କ ଅନୁପସ୍ଥିତିରେ ଦୁରାଚାରୀ ରାବଣ ମାତା ସୀତାଙ୍କୁ ଏକାକିନୀ ଦେଖି ଅପହରଣ କରିନେଲା । ଏହାପରେ ପ୍ରଭୁ ଶ୍ରୀରାମ ଲଙ୍କାପତି ରାବଣକୁ ବଧ କରି ସୀତାଙ୍କୁ ଉଦ୍ଧାର କରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରି ଅଯୋଦ୍ଧା ରାଜସିଂହାସନରେ ବସି ସୁଶାସନ କରିଥିଲେ । ଶ୍ରୀରାମ ତାଙ୍କ ଅବତାରରେ ସଂପୂର୍ଣ୍ଣ ମାନବ ଜୀବନଯାପନ କରିଥିଲେ । ଧର୍ମ ପ୍ରତିଷ୍ଠା କରିବା ପାଇଁ ଭଗବାନ ଶ୍ରୀରାମ ତାଙ୍କ ଜୀବନସାରା ବହୁ କଷ୍ଟ ସହିଥିଲେ ଏବଂ ନିଜକୁ ଜଣେ ଆଦର୍ଶ ପୁରୁଷ ଭାବେ ପ୍ରତିଷ୍ଠିତ କରିଥିଲେ । ସବୁଠାରୁ କଠିନ ପରିସ୍ଥିତିରେ, ଶ୍ରୀରାମ ରାଜଧର୍ମ ତ୍ୟାଗ କରି ନ ଥିଲେ । ଏହି ସମସ୍ତ ଗୁଣ ହେତୁ ସେ ଶ୍ରେଷ୍ଠ ବ୍ୟକ୍ତିଙ୍କ ନାମ ପାଇଲେ ଏବଂ ତାଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ କୁହାଗଲା । ରାମନବମୀ ଉପଲକ୍ଷେ ନଅଦିନ ବ୍ୟାପୀ ଭଜନ କୀର୍ତ୍ତନ, ଅଖଣ୍ଡ ପାଠ ଚାଲିଥାଏ । ବିଶେଷ ଭାବରେ ରାମଚରିତ ମାନସ ପାଠ କରାଯାଏ । ଶ୍ରୀରାମଙ୍କ ଜନ୍ମଭୂମି ଅଯୋଦ୍ଧା ସମେତ ସାରା ଦେଶରେ ବଡ଼ ଧୁମ୍‌ଧାମ୍ ଜାକଜମକରେ ପାଳିତ ହୋଇଥାଏ ରାମନବମୀ । ଏହି ଅବସରରେ ପୁରୀ ଶ୍ରୀମନ୍ଦିରରେ ଶ୍ରୀରାମଙ୍କ ଜନ୍ମନୀତି ଅନୁଷ୍ଠିତ ହୋଇଥାଏ । ରାମ ନବମୀଠାରୁ ପୁରୀର ପାରମ୍ପରିକ ସାହିଯାତ ଆରମ୍ଭ ହୋଇଥାଏ । ଏହି ଯାତରେ ରାମଙ୍କ ଜନ୍ମଠାରୁ ରାମାଭିଷେକ ପର୍ଯ୍ୟନ୍ତ ବିଭିନ୍ନ ଲୀଳାକୁ ପାରମ୍ପରିକ ଢଙ୍ଗରେ ପରିବେଷଣ କରାଯାଏ । କଳାକାରମାନେ ବିଭିନ୍ନ ସାହି ବୁଲିଥାନ୍ତି । ସେହିପରି ରାମନବମୀ ଦିନ ବ୍ରତଧାରୀମାନେ ଉପବାସ କରନ୍ତି । ସୂର୍ଯ୍ୟାସ୍ତ ପରେ ବ୍ରତ ସମାପନ କରିଥାଆନ୍ତି । ଏହି ଦିନ ପ୍ରସାଦ ରୂପେ ଭଗବାନଙ୍କ ନିକଟରେ ପଞ୍ଚାମୃତ, ଶ୍ରୀଖଣ୍ଡ, ଖିରି ଓ ହାଲୁଆ ଭୋଗ ଅର୍ପଣ କରାଯାଇଥାଏ ।

## ଆଜି ବାହୁଡ଼ିଥିଲେ

# କବିବର ରାଧାନାଥ ରାୟ



ଊନବିଂଶ ଶତାବ୍ଦୀର ଅନନ୍ୟ ଅସାଧାରଣ ସାରସ୍ୱତ ପ୍ରତିଭାର ଅଧିକାରୀ ହେଉଛନ୍ତି କବିବର ରାଧାନାଥ ରାୟ । ଓଡ଼ିଆ କବିତାର ଭାବ ଓ ଗଢ଼ଣରେ ଅନେକ ମୌଳିକ ପରିବର୍ତ୍ତନ ଆଣିବାର ଶ୍ରେୟ ରାଧାନାଥଙ୍କୁ ହିଁ ଯାଇଥାଏ । ପ୍ରାଚ୍ୟ ଓ ପାଶ୍ଚାତ୍ୟ ଉଭୟ ସାହିତ୍ୟରେ ତାଙ୍କର ଗଭୀର ପାଣ୍ଡିତ୍ୟ ଓ ଧୀଷଣା ଥିଲା । ଊନବିଂଶ ଶତାବ୍ଦୀରେ ରାଧାନାଥ ହିଁ ପ୍ରଥମେ ପ୍ରାଚୀନତାକୁ ଛାଡ଼ି କାବ୍ୟ-ସାହିତ୍ୟର ରଚନାରେ ନୂତନ ଧାରା ପ୍ରବେଶ କରାଇଥିଲେ । କାବ୍ୟ ସାଧନାର ପ୍ରଥମ ପର୍ଯ୍ୟାୟରେ ରାଧାନାଥ ବଙ୍ଗଳାରେ କବିତା ରଚନା କରିଥିଲେ ମଧ୍ୟ ପରବର୍ତ୍ତୀ ଅବସ୍ଥାରେ ସେ ନିଜର ସାଧନାକୁ ଓଡ଼ିଆ ଭାଷାରେ ପ୍ରତିଷ୍ଠିତ କରାଇ ପାରିଥିଲେ । ତାଙ୍କୁ ଆଧୁନିକ ଓଡ଼ିଆ କାବ୍ୟଧାରାର ଜନକ କହିଲେ ଅତ୍ୟୁକ୍ତି ହେବ ନାହିଁ । ଇଂରାଜୀ, ସଂସ୍କୃତ, ବଙ୍ଗଳା ଏବଂ ଓଡ଼ିଆ ଭାଷାରେ ତାଙ୍କର ଅସାଧାରଣ ପାଣ୍ଡିତ୍ୟ ଥିଲା । ରାଧାନାଥ ହେଉଛନ୍ତି ପ୍ରାଚ୍ୟ ଜଗତର ୱାର୍ଡସ୍‌ ୱର୍ଥ । ସେ ୱାର୍ଡସ୍‌ ୱର୍ଥଙ୍କ ପରି ପ୍ରକୃତି ପ୍ରେମୀ ଓ ସୌନ୍ଦର୍ଯ୍ୟ ସଚେତନ ।

ବାଲେଶ୍ୱର ଜିଲ୍ଲା ସୋର ଅନ୍ତର୍ଗତ କେଦାରପୁର ଗ୍ରାମରେ ୧୮୪୮ ମସିହା ସେପ୍ଟେମ୍ବର ମାସ ୨୮ ତାରିଖରେ ରାଧାନାଥ ଜନ୍ମଗ୍ରହଣ କରିଥିଲେ । ସୁନ୍ଦରନାରାୟଣ ରାୟ ଓ ତାରିଣୀ ଦାସୀଙ୍କର ସେ ଜ୍ୟେଷ୍ଠ ସନ୍ତାନ ଥିଲେ । ଅତି ଶୈଶବରୁ ତାଙ୍କର ମାତୃବିୟୋଗ ଘଟିଥିଲା । ପିଲାଦିନରୁ ସେ ରୁଗ୍‌ଣ ଥିଲେ । ତେବେ ଶାରୀରିକ ଅସୁସ୍ଥତା ତାଙ୍କ ପାଠପଢ଼ା ଇଚ୍ଛାକୁ କେବେ ଅଟକାଇ ପାରି ନ ଥିଲା । ସେ ବାଲେଶ୍ୱର ଜିଲ୍ଲା ସ୍କୁଲରୁ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ, ସେସମୟରେ କଟକରେ ଉଚ୍ଚତର ଶିକ୍ଷା ନିମନ୍ତେ କଲେଜ ନଥିବାରୁ, କଲିକତାକୁ ଏଫ୍. ଏ ପଢ଼ିବାକୁ ଗଲେ । ସେଠାରେ ତାଙ୍କ ସ୍ୱାସ୍ଥ୍ୟର ଅବନତି ଘଟିବାରୁ ପଳାଇ ଆସିଥିଲେ । ସେ ଘରେ ପାଠ ପଢ଼ି ଏଫ୍.ଏ ପାସ୍ କରିଥିଲେ ଓ ନିଜସ୍ୱ ଉଦ୍ୟମରେ ବି.ଏ ପଢ଼ିଥିଲେ । ବାଲେଶ୍ୱର ଜିଲ୍ଲା ସ୍କୁଲରେ ରାଧାନାଥ ୫ବର୍ଷ କାଳ ଚାକିରି କରିଥିଲେ ଏହି ସମୟରେ ସେ ପରଶମଣିଙ୍କୁ ବିବାହ କରିଥିଲେ । ଏହାପରେ ସେ ପୁରୀ ଜିଲ୍ଲାକୁ ଶିକ୍ଷକ ଭାବରେ ବଦଳିହେଲେ । ୧୮୭୬ରେ ସ୍କୁଲ ବିଭାଗୀୟ ଡେପୁଟି ଇନ୍‌ସ୍‌ପେକ୍ଟର ଭାବେ ବାଲେଶ୍ୱର ଜିଲ୍ଲାକୁ ଫେରି ଆସିଲେ । ୧୮୯୬ ମସିହାରେ ବ୍ରିଟିଶ ଗଭର୍ଣ୍ଣମେଣ୍ଟ ତାଙ୍କୁ 'ରାୟ ବାହାଦୁର' ଉପାଧିରେ ଭୂଷିତ କରିଥିଲେ । ଜ୍ୱରରେ ଆକ୍ରାନ୍ତ ହୋଇ ୧୯୦୮ ମସିହା ଆଜିର ଦିନରେ ଏହି ମହାନ୍ ସାରସ୍ୱତ ସାଧକଙ୍କର ଦେହାନ୍ତ ହୋଇଥିଲା ।

'ବିବେକୀ' ଥିଲା ରାଧାନାଥଙ୍କର କାଳଜୟୀ ରଚନା । 'ବିବେକୀ'କୁ ଓଡ଼ିଆ ସାହିତ୍ୟର ପ୍ରଥମ ପ୍ରବନ୍ଧ ବୋଲି କୁହାଯାଏ । କବିବର ରାଧାନାଥ ସାବଲୀଳ ଭାଷାରେ ଏବଂ ନୂତନ ଶୈଳୀରେ କବିତା ରଚନା କରୁଥିଲେ । ତାଙ୍କ ରଚିତ ମହାକାବ୍ୟ 'ମହାଯାତ୍ରା' ସହିତ 'ଚିଲିକା', 'ଦରବାର', 'ଉର୍ବଶୀ', 'ନନ୍ଦିକେଶ୍ୱରୀ', 'କେଦାରଗୌରୀ', 'ଯଯାତି କେଶରୀ' ଏକାଧିକ କାବ୍ୟାବଳୀରେ ଓଡ଼ିଆ ସାହିତ୍ୟ ଭଣ୍ଡାର ସମୃଦ୍ଧ ହୋଇଥିଲା । ଓଡ଼ିଆ ଭାଷା ସାହିତ୍ୟର ଅଭିବୃଦ୍ଧି ଓ ପ୍ରସାର କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ସମଗ୍ର ଓଡ଼ିଆ ଜାତି ତାଙ୍କ ନିକଟରେ କୃତଜ୍ଞ ରହିଥିବ ।

# ବ୍ୟବସାୟ ବୃଦ୍ଧି ପାଇଁ 'ପାଇନାପଲ୍' ହେୟାର୍ ଷ୍ଟାଇଲ୍



ସମ୍ପ୍ରତି ବ୍ୟବସାୟୀମାନେ ଗ୍ରାହକଙ୍କୁ ଆକୃଷ୍ଟ କରିବା ତଥା ବ୍ୟବସାୟ ବୃଦ୍ଧି ପାଇଁ ଭିନ୍ନ ଭିନ୍ନ ଉପାୟ ଆପଣାଉଛନ୍ତି । ଏହି ପରିପ୍ରେକ୍ଷୀରେ ଜଣେ ସପୁରି ବ୍ୟବସାୟୀ ନିଜ ବ୍ୟବସାୟ ବୃଦ୍ଧି ପାଇଁ ଯାହା କରିଛନ୍ତି, ତାହା ଚର୍ଚ୍ଚାର ପ୍ରସଙ୍ଗ ହୋଇଛି । ସେ ନିଜ କେଶକୁ ସପୁରି ଭଳି କାଟିଛନ୍ତି । ଅବଶ୍ୟ ଏହାକୁ କେଶ କାଟିବା ନୁହେଁ, ବରଂ ନୂଆ ଏକ ହେୟାର୍ ଷ୍ଟାଇଲ୍ ବୋଲି କୁହାଯିବ । ସେହିପରି ତାଙ୍କର ଏହି କେଶ ଡିଜାଇନ୍‌କୁ ଦେଖି ତାହାକୁ 'ପାଇନାପଲ୍ ହେୟାର୍ ଷ୍ଟାଇଲ୍' ବୋଲି କୁହାଯାଇଛି । ସେ କେବଳ କେଶକୁ ସପୁରି ଷ୍ଟାଇଲ୍‌ରେ କାଟିଛନ୍ତି ତାହା ନୁହେଁ, ଅବିକଳ ସପୁରି ଭଳି ଦିଶିବା ପାଇଁ ତାହାକୁ ସେ ହଳଦିଆ ଓ ସବୁଜ ରଙ୍ଗ ମଧ୍ୟ କରିଛନ୍ତି । ତାଙ୍କର ଏକ ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି । ଏଥିରୁ ଦେଖିବାକୁ ମିଳିଛି, ସମ୍ପୃକ୍ତ ବ୍ୟବସାୟୀ ଜଣକ ନିଜ ଦୋକାନର ଚୌକିରେ ଗୋଡ଼ ଲମ୍ବାଇ ବେଶ୍ ଆରାମରେ ବସିଛନ୍ତି । ତାଙ୍କୁ ଦେଖିଲେ ଲୋକଙ୍କ ନଜର ସପୁରି ଉପରେ ପଡ଼ିବା ପରିବର୍ତ୍ତେ ତାଙ୍କ କେଶ ଉପରେ ପଡୁଛି । ଅନ୍ୟପଟେ ତାଙ୍କର ଏଭଳି ବ୍ୟବସାୟ ବୃଦ୍ଧି ଷ୍ଟ୍ରାଟେଜିକୁ ଦେଖି ଲୋକେ କୌତୁହଳ ପ୍ରକାଶ କରିବା ସହ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି ।

# ବିଶ୍ୱ ହେମୋଫିଲିଆ ଦିବସ



ପ୍ରତିବର୍ଷ ଏପ୍ରିଲ ୧୭ ତାରିଖକୁ 'ବିଶ୍ୱ ହେମୋଫିଲିଆ ଦିବସ' ଭାବେ ପାଳନ କରାଯାଏ । ଏହି ରୋଗ ବାବଦରେ ଜନସଚେତନତା ସୃଷ୍ଟି କରିବା ହେଉଛି ଉକ୍ତ ଦିବସର ଉଦ୍ଦେଶ୍ୟ । ୧୯୮୯ରେ ୱାର୍ଲ୍ଡ ଫେଡରେସନ ଅଫ୍ ହେମୋଫିଲିଆ ଉକ୍ତ ରୋଗ ବାବଦରେ ଲୋକଙ୍କୁ ସତର୍କ ତଥା ସଚେତନ କରାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ ଆରମ୍ଭ କରିଥିଲା । ସେହିପରି ୱାର୍ଲ୍ଡ ଫେଡରେସନ ଅଫ୍ ହେମୋଫିଲିଆର ସଂସ୍ଥାପକ ଫ୍ରାଙ୍କ ସ୍ନାବେଲ୍ ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ସ୍ମୃତିରେ ଏପ୍ରିଲ ୧୭ରେ ଏହି ଦିବସ ପାଳନ କରାଯାଏ । ପୁରୁଷମାନେ ଏହି ରୋଗ ଅଧିକ ଭୋଗିଥାନ୍ତି । ଏହି ରୋଗ ହେଲେ ରକ୍ତ ସହଜରେ ଜମାଟ ବାନ୍ଧି ନ ଥାଏ । ସାଧାରଣତଃ ହେମୋଫିଲିଆକୁ ତିନି ଭାଗରେ ବିଭକ୍ତ କରାଯାଇଛି । ଯଥା ହେମୋଫିଲିଆ-ଏ,ବି ଓ ସି । ବର୍ତ୍ତମାନ ଦେଖାଯାଉଥିବା ହେମୋଫିଲିଆ ରୋଗୀଙ୍କ ମଧ୍ୟରେ ପ୍ରାୟ ୭୦ ଭାଗ ଟାଇପ୍-ଏ ବର୍ଗର । ରକ୍ତରେ "ଥ୍ରୋମ୍ବୋପ୍ଲାଷ୍ଟିନ୍" ନାମକ ଉପାଦନ କମ୍ ହେଲେ ହେମୋଫିଲିଆ ରୋଗ ହୋଇଥାଏ । ଏହା ଏକ ଆନୁବଂଶିକ ରୋଗ । ଏହି ରୋଗର ଶିକାର ହେଉଥିବା ରୋଗୀ ଶରୀରର ବାହ୍ୟ ଅଂଶରେ ରକ୍ତ ବାହାରିଲେ ତାହା ସହଜରେ ଜମାଟ ବାନ୍ଧି ନଥାଏ । ଏହାଦ୍ୱାରା ରୋଗୀ ରକ୍ତ ହରାଇ ଦୁର୍ବଳ ହୋଇ ପଡ଼ିଥାଏ । ଶରୀରରେ ନୀଳ ଦାଗ ଦେଖାଦେବା, ନାକ ଓ ଆଖିରୁ ରକ୍ତ ବାହାରିବା ଏହି ରୋଗର ଲକ୍ଷଣ । ଏପ୍ରକାର ରୋଗୀ ସନ୍ତୁଳିତ ଖାଦ୍ୟ ଖାଇବା ଦରକାର । ଖାଦ୍ୟରେ ମୁଖ୍ୟତଃ ଲୌହ ଓ ଫଲିକ୍ ଏସିଡ୍ ଯୁକ୍ତ ଖାଦ୍ୟ, ଭିଟାମିନ୍ କେ, ମିନେରାଲ୍ ଆଦି ଅଧିକ ମାତ୍ରାରେ ରହିବା ଉଚିତ । ଏଥିରେ ପୀଡ଼ିତ ରୋଗୀଙ୍କୁ ନିୟମିତ ଯୋଗ ଓ ବ୍ୟାୟାମ କରିବା ଦରକାର । ସେହିପରି ଶରୀରରେ ଯେଉଁଳି କ୍ଷତି ସୃଷ୍ଟି ନ ହେବ, ସେ ଦିଗରେ ସତର୍କତା ଅବଲମ୍ବନ କରିବା ଉଚିତ । ତେବେ ଗମ୍ଭୀର ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରିବା ଜରୁରି ।

## ଆଜିର ଐତିହ୍ୟ

- ୧୯୪୬- ସିରିଆ ଫ୍ରାନ୍ସଠାରୁ ସ୍ୱାଧୀନ ହେଲା ।
- ୧୯୭୫- ଭାରତର ଦ୍ୱିତୀୟ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କର ଦେହାନ୍ତ ।
- ୧୯୮୩- ଭାରତ 'ଏସ୍‌ଏଲ୍‌ଭି-୩' ରକେଟ୍‌ର ପ୍ରକ୍ଷେପଣ କଲା ।
- ୧୯୯୩- ମହାକାଶଯାନ 'ଏସ୍‌ଟିଏସ୍-୫୬' ପୃଥିବୀ ପୃଷ୍ଠକୁ ଫେରିଲା ।
- ୨୦୦୮ - ବ୍ରାଜିଲ ଓ ଭାରତ ମଧ୍ୟରେ ଚାରୋଟି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହେଲା ।

# ଘୁଞ୍ଚିଲା 'ସିଂଘମ୍ ଏଗେନ୍'ର ରିଲିଜ୍ ଡେଟ୍





ରୋହିତ୍ ସେଟ୍ଟୀଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ସିଂଘମ୍ ଏଗେନ୍'ର ରିଲିଜ୍ ଡେଟ୍‌କୁ ଘୁଞ୍ଚାଇ ଦିଆଯାଇଛି । ଏଥିରେ ଲିଡ୍ ରୋଲରେ ଅଜୟ ଦେବଗନ୍, କରିନା କପୁର ଖାନ୍, ଅକ୍ଷୟ କୁମାର, ଦୀପିକା ପାଦୁ୍ୟକୋନ୍ ଓ ରଣବୀର ସିଂହ ନଜର ଆସିବେ । ଫିଲ୍ମଟି ଚଳିତବର୍ଷ ୧୫ ଅଗଷ୍ଟରେ ରିଲିଜ୍ ହେବାର ଥିଲା । କିନ୍ତୁ ଏଯାବତ୍ ଫିଲ୍ମର ସୁଟିଂ ସରି ନ ଥିବାରୁ ଏହାର ରିଲିଜ୍ ଡେଟ୍‌କୁ ଘୁଞ୍ଚାଇ ଦିଆଯାଇଛି । ଏବେ ଏହା ଦୀପାବଳି ଅବସରରେ ରିଲିଜ୍ ହେବ । ତେବେ ଅଗଷ୍ଟ ୧୫ରେ ଅଲ୍ଲୁ ଅର୍ଜୁନ୍‌ଙ୍କ 'ପୁଷ୍ପା-୨: ଦ ରୁଲ୍' ରିଲିଜ୍ ହେଉଥିବାରୁ ରୋହିତ୍ ଏହାକୁ ଜାଣିଶୁଣି ଘୁଞ୍ଚାଇ ଦେଉଥିବା ଚର୍ଚ୍ଚା ହେଉଛି । ତେବେ ନିର୍ଦ୍ଧାରିତ ତାରିଖରେ ଫିଲ୍ମକୁ ରିଲିଜ୍ କରିବା ପାଇଁ ରୋହିତ୍ ଓ ଅଜୟ ବିନା ବ୍ରେକ୍‌ରେ ସୁଟିଂ କରୁଥିଲେ । ଏବେ କିନ୍ତୁ ରୋହିତ୍ ଓ ଅଜୟ ଫିଲ୍ମକୁ ପୂର୍ବ ନିର୍ଦ୍ଧାରିତ ତାରିଖରେ ରିଲିଜ୍ କରିବା ପାଇଁ ତରବରିଆ ଭାବେ ସୁଟିଂ କରିବା ନିଷ୍ପତ୍ତିରୁ ଓହରିଛନ୍ତି । ଯଦି ଏହା ଦୀପାବଳି ଅବସରରେ ରିଲିଜ୍ ହେଉଛି ତେବେ ଏହା 'ଭୁଲଭୁଲୈୟା-୩'କୁ କଡ଼ା ଟକ୍କର ଦେବ । 'ଭୁଲଭୁଲୈୟା-୩'ରେ କାର୍ତ୍ତିକ୍ ଆର୍ଯ୍ୟନ୍‌ଙ୍କ ସହ ତ୍ରିପ୍ତି ଦିମ୍ରି, ବିଦ୍ୟା ବାଲାନ୍ ଲିଡ୍ ରୋଲରେ ନଜର ଆସିବେ ।

# ପୂଜାଘରେ ରଖନ୍ତୁନି ଏହି ସବୁ ଜିନିଷ

**ପ୍ରତ୍ୟେକ ହିନ୍ଦୁ ଘରେ ପୂଜାପାଠ ପାଇଁ ଠାକୁର ଘରଟିଏ ଥାଏ । ବାସ୍ତୁଶାସ୍ତ୍ରରେ ପୂଜାଘର ପାଇଁ କିଛି ନିୟମ ରହିଛି । ଏହାକୁ ପାଳନ କରିବା ଦ୍ୱାରା ପରିବାରରେ ସୁଖ, ଶାନ୍ତି ଓ ସମୃଦ୍ଧି ବୃଦ୍ଧି ହୋଇଥାଏ । ପୂଜାପାଠ ଜୀବନରେ ସକାରାତ୍ମକ ପ୍ରଭାବ ପକାଇଥାଏ, ଫଳରେ ବ୍ୟକ୍ତିର ସମସ୍ତ ସମସ୍ୟା ଦୂର ହେବା ସହ ପ୍ରତି କ୍ଷେତ୍ରରେ ସଫଳତା ପ୍ରାପ୍ତ ହୋଇଥାଏ । ଏହି ନିୟମର ଉଲଙ୍ଘନ କରିବା ଜୀବନରେ ଅନେକ ସମସ୍ୟାର କାରଣ ପାଲଟି ଥାଏ । ଏହି ପରିପ୍ରେକ୍ଷୀରେ ପୂଜା ଘରେ ଏପରି ଜିନିଷ ରଖନ୍ତୁ ନାହିଁ; ଯାହା ପରିବାରରେ କଳହର କାରଣ ହୋଇପାରେ ।**

- ସନାତନ ଧର୍ମ ଅନୁସାରେ ପୂଜା ଘରେ ଖଣ୍ଡିତ ମୂର୍ତ୍ତି ରଖିବା ଅନୁଚିତ । ସେହିଭଳି ଦେବୀ ଦେବତାଙ୍କ ରୌଦ୍ର ଅବତାରର ଫଟୋ କିମ୍ବା ମୂର୍ତ୍ତି ନ ରଖି ଶାନ୍ତ ପ୍ରସନ୍ନ ମୁଦ୍ରାର ଫଟୋ ରଖିବା ଆବଶ୍ୟକ । ଯଦି ମୂର୍ତ୍ତି ଭାଙ୍ଗି ଯାଇଛି ତାକୁ ନଦୀ କିମ୍ବା ପୋଖରୀରେ ବିସର୍ଜନ କରିଦେବା ଉଚିତ୍ ।
- ଦେବଦେବୀଙ୍କ ପୂଜା ସ୍ଥାନରେ ପୂର୍ବପୁରୁଷଙ୍କ ଫଟୋ ରଖନ୍ତୁ ନାହିଁ । ଏଥିଯୋଗୁ ଘରେ ଅଯଥା କଳିଝଗଡ଼ା ସୃଷ୍ଟି ହୋଇଥାଏ ବୋଲି କୁହାଯାଏ ।
- କଇଁଚି କିମ୍ବା କୌଣସି ଧାରୁଆ ଜିନିଷ ପୂଜା ଘରେ ରଖନ୍ତୁ ନାହିଁ । ଏହାଦ୍ୱାରା ନକାରାତ୍ମକ ଶକ୍ତି ପ୍ରବେଶ କରିଥାଏ ।
- ସେହିଭଳି ପୂଜାଘରେ ଦିଆସିଲି ରଖିବା ଅନୁଚିତ । ଏହାଦ୍ୱାରା ଘରର ଶାନ୍ତି ଭଙ୍ଗ ହୋଇଥାଏ ବୋଲି କୁହାଯାଏ ।
- ପୂଜାସ୍ଥଳରେ ଶଙ୍ଖ ରଖିବା ଅତ୍ୟନ୍ତ ଶୁଭଦାୟକ ହୋଇଥାଏ । ପୂଜା ଘରେ ଗୋଟିଏରୁ ଅଧିକ ଶଙ୍ଖ ରଖିବା ବର୍ଜିତ । ଏପରି କରିବା ଦ୍ୱାରା ଧନହାନି ହେବାର ଆଶଙ୍କା ଥାଏ ।
- ଭଗବାନଙ୍କୁ ଅର୍ପଣ କରାଯାଇଥିବା ଫୁଲ ଶୁଖିଗଲେ ପୂଜା ଘରେ ରଖନ୍ତୁ ନାହିଁ ।
- ସବୁବେଳେ ପୂଜା ଘରର ସ୍ୱଚ୍ଛତା ବଜାୟ ରଖନ୍ତୁ । ପୂଜା ଘର ଅପରିଷ୍କାର ରହିଲେ ଘରର ସୁଖଶାନ୍ତି ନଷ୍ଟ ହୋଇଥାଏ ।




## ଆଜିର ରାଶିଫଳ

**ମେଷ:** ଚିନ୍ତାରେ ରହିବେ ଏବଂ ପେଟ ଜନିତ ସମସ୍ୟା ଦେଖା ଦେବ । ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ । ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ । ଭାଇଭଉଣୀଙ୍କ ସହଯୋଗ ମିଳିବ । ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ । ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ । ପରିବାର ପାଇଁ ସମୟ ବାହାର କରିବେ । ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ । ନିବେଶରୁ ଲାଭ ପାଇବେ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି ।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି । ମନ ପ୍ରସନ୍ନ ରହିବ । ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ । ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ । ଅର୍ଥ ନିବେଶରୁ ଦୂରେଇ ରହିବେ । ନୂଆ କାମ ପାଇଁ ଉପଯୁକ୍ତ ସମୟ । କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ ।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ । କର୍ମ ଚଞ୍ଚଳ ରହିବେ । ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ । ଜୀବନସାଥୀଙ୍କଠାରୁ ଉପହାର ପାଇବେ ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । ଚକ୍ଷୁ ସମସ୍ୟା ଦେଖା ଦେବ ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ । ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ । ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ । ନୂଆ ଗାଡ଼ି କିଣିବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଭଗବାନ ଶିବଙ୍କୁ ପୂଜା କରିବେ । ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ । ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । ପଡ଼ୋଶୀଙ୍କ ସହ ମତାନ୍ତର ହେବ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ । ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ଗୀତ, ନାଚରେ ସମୟ ଅତିବାହିତ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ । ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ । ସମସ୍ତ ଇଚ୍ଛା ପୂରଣ ହେବ ।

# ଯୁନାନ୍‌ରେ ପ୍ରଜ୍ୱଳିତ ହେଲା ମଶାଲ

**ପ୍ୟାରିସ୍ ଅଲିମ୍ପିକ୍ସ**







ନୂଆଦିଲ୍ଲୀ,୧୬।୪(ଏଜେନ୍ସି)

ଆଗାମୀ ପ୍ୟାରିସ ଅଲିମ୍ପିକ୍ସର ମଶାଲଙ୍କୁ ମଙ୍ଗଳବାର ପ୍ରଜ୍ୱଳିତ କରାଯାଇଛି। ଗ୍ରୀସ୍‌ର ୟୁନାନ୍ ଅର୍ଥାତ ପ୍ରାଚୀନ ଅଲିମ୍ପିକ୍ସର ଜନ୍ମସ୍ଥାନରେ ଏକ ସ୍ୱତନ୍ତ୍ର ପାରମ୍ପରିକ ଉତ୍ସବରେ ଏହି ମଶାଲଙ୍କୁ ପ୍ରଜ୍ୱଳିତ କରାଯାଇଛି। ଏଥିସହ ଅଲିମ୍ପିକ୍ସ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏଥର ଅଲିମ୍ପିକ୍ସର ଏହି ୩୩ତମ ସଂସ୍କରଣ ପ୍ୟାରିସ୍‌ରେ ଜୁଲାଇ ୨୬ରୁ ଆରମ୍ଭ ହୋଇ ଅଗଷ୍ଟ ୧୧ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଅଲିମ୍ପିକ୍ସ ଆରମ୍ଭ ହେବାକୁ ଆଉ ୧୦୦ ଦିନ ବାକି ରହିଛି।

ଐତିହାସିକ ସହର ଅଲିମ୍ପିଆରେ ଗ୍ରୀସ୍ ଅଭିନେତ୍ରୀ ମେରୀ ମିନା ଜଣେ ଉଚ୍ଚସ୍ତରର ପୂଜାରିଣୀ ଭୂମିକାରେ ଅବତୀର୍ଣ୍ଣ ହେବା ଏହି ଉତ୍ସବରେ ମଶାଲ ପ୍ରଜ୍ୱଳନ କରିଥିଲେ। ମେଘୁଆ ପାଗ ଯୋଗୁ ସେ ଅଣୁବୃତ ଆକାରର ଦର୍ପଣ ବଦଳରେ ଏକ ବ୍ୟାକ୍‌ଅପ୍ ଜ୍ୟୋତି ବ୍ୟବହାର କରିଥିଲେ। ଏଥିସହ ଅଲିମ୍ପିକ୍ସ ମଶାଲ ଯାତ୍ରାର ଶୁଭାରମ୍ଭ ହୋଇଛି। ପାରମ୍ପରିକ ଭାବେ ରୂପାର ଏହି ମଶାଲ ପ୍ରଜ୍ୱଳନ କରିବାକୁ ସୂର୍ଯ୍ୟଙ୍କ କିରଣର ବ୍ୟବହାର କରାଯାଇଥାଏ। କିନ୍ତୁ ଏଥର ଏକ ବ୍ୟାକ୍‌ଅପ୍ ଜ୍ୟୋତିର ବ୍ୟବହାର କରାଯାଇଥିଲା। କିନ୍ତୁ ଏହା କିଛି ମିନିଟ ପରେ ହିଁ ସୂର୍ଯ୍ୟଙ୍କ ଚମକ ଦେଖିବାକୁ ମିଳିଥିଲା। ଏହି ଅବସରରେ ଆଇଓସି ଅଧ୍ୟକ୍ଷ ଥୋମାସ ବାକ୍, ଗ୍ରୀସ ରାଷ୍ଟ୍ରପତି କାଟେରିନା ଏନ୍ ସକେଲାରୋପେଲୁଙ୍କ ସମେତ କେତେଜଣ ମାନ୍ୟଗଣ୍ୟ ବ୍ୟକ୍ତି ଓ ଅତିଥି ଉପସ୍ଥିତ ଥିଲେ। ଏଥେନ୍ସସ୍ଥିତ ପାନାଥୋଇକ୍ ଷ୍ଟାଡିୟମରେ ଏହି ଜ୍ୟୋତି ପ୍ୟାରିସ ଅଲିମ୍ପିକ୍ସ ଆୟୋଜକଙ୍କୁ ପ୍ରଦାନ କରାଯିବ। ୧୮୯୬ ଏପ୍ରିଲ ୨୬ରେ ଏହି ଷ୍ଟାଡିୟମରେ ଆଧୁନିକ ଅଲିମ୍ପିକ୍ସ ଉଦ୍‌ଘାଟନ ହୋଇଥିଲା। ମେ ୮ରେ ଏହି ଜ୍ୟୋତି ଫ୍ରାନ୍ସର ମାର୍ସେଇଲ୍‌ରେ ପହଞ୍ଚିବ। ସହରର ପୁରୁଣା ବନ୍ଦରରେ ଦେଢ଼ ଲକ୍ଷ ଦର୍ଶକଙ୍କ ଉପସ୍ଥିତିରେ ଏହି ଉତ୍ସବରେ ଯୋଗ ଦେଇ ଏହି ଜ୍ୟୋତିକୁ ସ୍ୱାଗତ କରିବେ। ଏହାପରେ ୬୮ ଦିନ ଧରି ଅଲିମ୍ପିକ ମାଶାଲ ରାଲି ଚାଲିବ। ଶେଷରେ ଜୁଲାଇ ୨୬ରେ ଅଲିମ୍ପିକ୍ସ ଜ୍ୟୋତି ପ୍ରଜ୍ୱଳନ କରାଯିବ।

ବିଶ୍ୱ ଏବେ ଘଡିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି। ଏବେ ଯୁଦ୍ଧ ଓ ସଂଘର୍ଷର ବାତାବରଣ ସୃଷ୍ଟି ହୋଇଛି। ଲୋକ ଘୃଣା, ନକାରାତ୍ମକ ଓ ଆକ୍ରମଣର ଦୁଃଖଦ ଖବରରେ ବ୍ୟଥିତ ହେଲେଣି। ଏହି ସଙ୍କଟର ମୁହୂର୍ତ୍ତରେ ଅଲିମ୍ପିକ୍ସ ଶାନ୍ତି ଓ ସୌହାର୍ଦ୍ଦର ନୂଆ ଆଶା ସୃଷ୍ଟି କରିଛି ବୋଲି ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଅଧ୍ୟକ୍ଷ ଥୋମାସ ବାକ୍ ତାଙ୍କ ବ୍ୟକ୍ତବରେ କହିଛନ୍ତି।

## ସ୍ଥାନାନ୍ତର ହୋଇପାରେ ଉଦ୍‌ଘାଟନୀ ଉତ୍ସବ

ପ୍ୟାରିସ ଅଲିମ୍ପିକ୍ସର ଉଦ୍‌ଘାଟନୀ ଉତ୍ସବ ସିନ୍ ନଦୀରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର ହୋଇପାରେ ବୋଲି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏ ମାକ୍ରୋ କହିଛନ୍ତି। ନିରାପତ୍ତା ତଥା ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇପାରେ ବୋଲି ସେ ସୂଚନା ଦେଇଛନ୍ତି। ଏହା ଫ୍ରାନ୍ସର ଷ୍ଟେଡ ଡି ଫ୍ରାନ୍ସ ଅର୍ଥା ନ୍ୟାସନାଲ ଷ୍ଟାଡୟମକୁ ସ୍ଥାନାନ୍ତର ହେବାର ଯଥେଷ୍ଟ ସମ୍ଭାବନା ରହିଛି। ପ୍ରଥମଥର ପାଇଁ ଅଲିମ୍ପିକ୍ସ ଉଦ୍‌ଘାଟନୀ ଉତ୍ସବ କୌଣସି ଷ୍ଟାଡିୟମ ବାହାରେ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ସିନ୍ ନଦୀରେ ୧୦,୦୦୦ରୁ ଊର୍ଦ୍ଧ୍ୱ ଆଥଲେଟ୍ ୧୬୦ଟି ବଡ଼ ନୌକାରେ ୬ କିଲୋମିଟର ଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି। ସିନ ନଦୀ କୂଳରେ ଏହି ଐତିହାସିକ ଉଦ୍‌ଘାଟନୀ ଉତ୍ସବ ଦେଖିବାକୁ ପାଖାପାଖି ୬ ଲକ୍ଷ ଦର୍ଶକଙ୍କ ପାଇଁ ବ୍ୟବସ୍ଥା କରିଥିଲେ। ତେବେ ବିଭିନ୍ନ ଦିଗକୁ ବିଚାର କରି ଦର୍ଶକଙ୍କ ସଂଖ୍ୟାକୁ ୩ ଲକ୍ଷକୁ କମାଇବାକୁ ଆୟୋଜକମାନେ ନିଷ୍ପତ୍ତି ନେଇଛନ୍ତି।

### ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍

## ଝାରସୁଗୁଡ଼ା ୨୦୦ ରନ୍‌ରେ ବିଜୟୀ

**କଟକ,୧୬।୪(ସମିସ):** ୧୯ ବର୍ଷରୁ କମ୍ ପୁରୁଷ ଆନ୍ତଃ ଜିଲ୍ଲା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଏଠାରେ ଜାରି ରହିଛି। ମଙ୍ଗଳବାର ୩ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଭୁବନେଶ୍ୱର-ଏ, ଅନୁଗୋଳ ଏବଂ ଝାରସୁଗୁଡା ବିଜୟ ଲାଭ କରିଥିଲେ। ରେଭେନ୍ସା ଗ୍ରାଉଣ୍ଡ-୨ରେ ଝାରସୁଗୁଡ଼ାକୁ ବୃହତ୍ ବିଜୟ ମିଳିଥିଲା। ସୋନପୁର ବିପକ୍ଷରେ ଖେଳାଯାଇଥିବା ଏହି ମ୍ୟାଚ୍‌କୁ ଝାରସୁଗୁଡା ୨୦୦ରନରେ ଜିତିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଝାରସୁଗୁଡା ୩୦୭ ରନରେ ଅଲଆଉଟ ହୋଇଥିଲା। ପି.ଏ କୁମାର ସର୍ବାଧିକ ୫୮ ରନ କରିଥିଲେ। ସୋନପୁରର ଅମ୍ଳାନ ପଟ୍ଟନାୟକଙ୍କୁ ୩ଟି ୱିକେଟ ମିଳିଥିଲା। ୩୦୮ ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ସୋନପୁର ମାତ୍ର ୧୦୭ ରନ କରିବାକୁ ସକ୍ଷମ ହୋଇଥିଲା। ଝାରସୁଗୁଡାର ବିଶାଲ ପ୍ରସାଦ ୨୧ରନ ବ୍ୟୟରେ ୫ଟି ୱିକେଟ ଦଖଲ କରିଥିଲେ। ଅଡଶପୁର ଗ୍ରାଉଣ୍ଡରେ ଭୁବନେଶ୍ୱର-ଏ ୮ ୱିକେଟରେ କୋରାପୁଟକୁ ପରାସ୍ତ କରିଥିଲା। କୋରାପୁଟ ପକ୍ଷରୁ ଧାର୍ଯ୍ୟ ୯୪ରନର ବିଜୟ ଲକ୍ଷ୍ୟକୁ ୧୨ ଓଭରରେ ହାସଲ କରିଥିଲା ଭୁବନେଶ୍ୱର-ଏ। ସେହିପରି ସନସାଇନ ଗ୍ରାଉଣ୍ଡରେ ଅନୁଗୋଳ ୮ ୱିକେଟରେ ଜଗତସିଂହପୁରକୁ ପରାସ୍ତ କରିଛି। ଜଗତସିଂହପୁର ୭୭ରନରେ ଅଲଆଉଟ ହୋଇଥିଲା। ଦୁଇ ୱିକେଟ ହରାଇ ୧୭ ଓଭରରେ ଅନୁଗୋଳ ବିଜୟୀ ହୋଇଥିଲା।

## କଟକରେ ଆନ୍ତର୍ଜାତିକ ପ୍ରଶିକ୍ଷକଙ୍କ ଦ୍ୱାରା ଟେବୁଲ ଟେନିସ୍ ଶିବିର



**କଟକ, ୧୬।୪ (ନିପ୍ର):** ସିଡିଏ ସେକ୍ଟର-୭ର କଟକ ଟିଟି ଏକାଡେମୀରେ ଏପ୍ରିଲ ୯ରୁ ଆରମ୍ଭ ହୋଇଛି ଉଚ୍ଚସ୍ତରୀୟ ଟେବୁଲ ଟେନିସ୍ ପ୍ରଶିକ୍ଷଣ ଶିବିର। ଏହା ୨୯ ପର୍ଯ୍ୟନ୍ତ ଚାଲିବ। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସହାୟତାରେ ଶିବିରର ଆୟୋଜନ କରିଛି ଓଡ଼ିଶା ରାଜ୍ୟ ଟେବୁଲ ଟେନିସ୍ ସଂଘ। ଏକାଧିକ ଆନ୍ତର୍ଜାତିକ ଓ ଜାତୀୟ ପଦକ ବିଜେତା ତଥା ଦେଶର ସୁନାମଧନ୍ୟ ଖେଳାଳି ଓ ପ୍ରଶିକ୍ଷକ ଆର୍. ରାଜେଶ ଶିବିର ପରିଚାଳନା କରୁଛନ୍ତି। ଏକାଧିକ ଥର ରାଜେଶ ଭାରତୀୟ ଜୁନିୟର ଟିଟି ଦଳର ପ୍ରଶିକ୍ଷକ ଥିଲେ। ତାଙ୍କ ସହ ଭାରତୀୟ ଦଳର ପୂର୍ବତନ ପ୍ରଶିକ୍ଷକ ଓଡ଼ିଶାର ରାଜ୍ ସୁବ୍ରମଣ୍ୟମ୍ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ତାଙ୍କ ପାଖରେ ପ୍ରଶିକ୍ଷଣ ନେଉଥିବା ଏକାଧିକ ଆନ୍ତର୍ଜାତିକ ଓ ଜାତୀୟ ପଦକ ବିଜେତା ୧୦ ଜଣ ଟିଟି ଖେଳାଳି ରାଜେଶଙ୍କ ସହ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ମହାରାଷ୍ଟ୍ରର ଜେନିଫର ଭର୍ଗିଜ୍ ଏବେ ୧୫ ବର୍ଷରୁ କମ୍ ବାଳିକା ବିଶ୍ୱ ମାନ୍ୟତାରେ ୪ର୍ଥ ସ୍ଥାନରେ ଅଛନ୍ତି। କର୍ଣ୍ଣାଟକର ଶଶାଙ୍କ ରାଓ ୧୩ ବର୍ଷରୁ କମ୍ ବର୍ଗରେ ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟରେ କାଂସ୍ୟ ପଦକ ଜିତିଛନ୍ତି। ପଶ୍ଚିମବଙ୍ଗର ପୁନିତ ବିଶ୍ୱାସ ଜଣେ ଜାତୀୟ ମାନ୍ୟତାପ୍ରାପ୍ତ ଖେଳାଳି ଏବଂ ଏକ ଡଜନ୍‌ରୁ ଅଧିକ ଜାତୀୟ ପଦକ ଜିତିଛନ୍ତି। ଅନ୍ୟ ୭ ଖେଳାଳି ମଧ୍ୟ ଦେଶର ମାନ୍ୟତାପ୍ରାପ୍ତ ଖେଳାଳି। ସେମାନଙ୍କ ସହ ଓଡ଼ିଶାରୁ ରାଜ୍ୟ ମାନ୍ୟତାପ୍ରାପ୍ତ ୨୦ ଜଣ ଖେଳାଳି ଶିବିରରେ ଯୋଗ ଦେଇଛନ୍ତି। ପ୍ରତ୍ୟହ ଦୁଇ ଓଳି ଶିବିର ଚାଲିଛି। ଗତବର୍ଷ ଓଡ଼ିଶାର ଜୁନିୟର ବାଳକ ଦଳ ପ୍ରଥମଥର ଜାତୀୟ ଟିଟି ଚାମ୍ପିଅନ୍‌ସିପରେ ପଦକ ଜିତି ଇତିହାସ ରଚିଥିଲା। ଏପରି ଶିବିର ଓଡ଼ିଶାର ପ୍ରତିଭାବାନ ଖେଳାଳିଙ୍କ ଦକ୍ଷତାକୁ ଆହୁରି ମାର୍ଜିତ କରିବ। ୨୯ରେ ଶିବିର ସମାପ୍ତ ପରେ ମଧ୍ୟ ଏକାଡେମୀର ଦୁଇ ପ୍ରଶିକ୍ଷକ ରାଜ୍ ସୁବ୍ରମଣ୍ୟମ୍ ଓ ସମ୍ବିତ ଦାସଙ୍କ ତତ୍ତ୍ୱାବଧାନରେ କଟକ ଏକାଡେମୀରେ ସାରାବର୍ଷ ପ୍ରଶିକ୍ଷଣ ଜାରିରହିବ। ଏହି ଶିବିରର ଆୟୋଜନ ପାଇଁ ସମସ୍ତ ସହାୟତା ଯୋଗାଇ ଦେଇଥିବାରୁ ରାଜ୍ୟ କ୍ରୀଡ଼ା ବିଭାଗକୁ ଓଡ଼ିଶା ଟେବୁଲ ଟେନିସ୍ ସଂଘର ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା କୃତଜ୍ଞତା ଜଣାଇଛନ୍ତି।

**କେଟି ଗ୍ଲୋବାଲ ଫିଡେ ରେଟିଂ ଚେସ୍**

## ଟାଇଟଲ ଜିତିଲେ ତପନ ବଡ଼ମୁଣ୍ଡି



ଭୁବନେଶ୍ୱର, ୧୬।୪ (ସମିସ)

ଗଜପତିର ତପନ ବଡ଼ମୁଣ୍ଡିଙ୍କ ଚେସ୍ କ୍ୟାରିୟରରେ ଏକ ବଡ଼ ସଫଳତା ମିଳିଛି। ଖୋର୍ଦ୍ଧାରେ ସୋମବାର ଶେଷ ହୋଇଥିବା ଦ୍ୱାଦଶ କେଟି ଗ୍ଲୋବାଲ ଅଲ୍ ଓଡ଼ିଶା ଓପନ ଫିଡେ ରେଟେଡ ଚେସ୍ ଟୁର୍ଣ୍ଣାମେଣ୍ଟରେ ତପନ ଚାମ୍ପିଅନ ହୋଇଛନ୍ତି। ଖେଳ ଶେଷରେ ଉଭୟ ତପନ ଓ କଟକର ଯୁବ ଖେଳାଳି ହର୍ଷିତରଞ୍ଜନ ସାହୁ ସମାନ ୮.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ବୁକୋଲଜ୍‌ରେ ପ୍ରଥମସ୍ଥାନରେ ରହି ତପନ ଚାମ୍ପିଅନ ଓ ହର୍ଷିତ ରନର୍ସ ଅପ୍ ହୋଇଥିଲେ। ପୁରସ୍କାର ବାବଦରେ ଚାମ୍ପିଅନ ଖେଳାଳିଙ୍କୁ ଟ୍ରଫି ସହ ୨୦,୦୦୦ ଟଙ୍କା ଓ ରନସଅପ୍‌ଙ୍କୁ ଟ୍ରଫି ସହ ୧୫,୦୦୦ ଟଙ୍କା ପ୍ରଦାନ କରାଯାଇଛି। ଏମାନଙ୍କ ପଛକୁ ୪ଜଣ ଖେଳାଳି ୭.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ସେମାନେ ହେଲେ ବ୍ରହ୍ମପୁରର ଶ୍ରୀହନ ସାବତ, ଜଟଣୀର ସ୍ଥିତପ୍ରଜ୍ଞ ସାହୁ, ଗଜପତିର ମନିନ୍ଦ୍ର କାର୍ଜି ଓ ଭୁବନେଶ୍ୱରର ପ୍ରତ୍ୟୁଷ ମହାପାତ୍ର। ଏମାନେ ଯଥାକ୍ରମେ ତୃତୀୟରୁ ଷଷ୍ଠ ସ୍ଥାନ ଅଧିକାର କରିଛନ୍ତି। ପୁରସ୍କାର ବାବଦରେ ଟ୍ରଫି ସହ ଯଥାକ୍ରମେ ୧୦, ୭ ୫ ଓ ୩ ହଜାର ଲେଖାଏଁ ଟଙ୍କା ପୁରସ୍କାର ପାଇଛନ୍ତି। ଏଥିରେ ପ୍ରଥମ ୧୫ଟି ସ୍ଥାନ ଅଧିକାର କରିଥିବା ୧୫ଜଣ ଖେଳାଳିଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା ଓ ପ୍ରଥମ ୧୦ ଜଣଙ୍କୁ ଟ୍ରଫି ଦିଆଯାଇଥିଲା। ଚଳିତମାସ ୧୧ରୁ ୧୫ ତାରିଖ ଯାଏ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଖେଳାଯାଇଥିବା ଏହି ପ୍ରତିଯୋଗିତାରେ ରାଜ୍ୟର ୨୧ ଜିଲ୍ଲାରୁ ୧୯୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ଦୁଇ ଅନ୍ତର୍ଜାତୀୟ ଆର୍ବିଟର ଜ୍ୟୋତିଶଙ୍କର ନନ୍ଦ ଓ ତାପସକୁମାର ମହାନ୍ତି ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

ଖେଳଶେଷରେ ଆୟୋଜିତ ଉତ୍ସବରେ ରୋଟାରିଆନ ଯଜ୍ଞାଶିଷ ମହାପାତ୍ର ଓ କେଟି ଗ୍ଲୋବାଲ ସ୍କୁଲ ଓ ଆଇଆଇଜି ଗ୍ରୁପ୍ ଚେୟାରମ୍ୟାନ୍ ସୋମଦତ୍ତ ବେହୁରା ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ନାୟକ, କୈଳାସ ଚନ୍ଦ୍ର ବେହେରା, ଅଲଓଡ଼ିଶା ଚେସ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ, ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀର କ୍ରୀଡ଼ା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପୁହାଣ ଓ କେଟି ଗ୍ଲୋବାଲ ସ୍କୁଲର ଅଧ୍ୟକ୍ଷ ତଥା ନିର୍ଦ୍ଦେଶକ ଦୀପ ଖାରେ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।

## ଜର୍ମାନୀ କିମ୍ବଦନ୍ତୀ ଫୁଟବଲର ବର୍ଣ୍ଡଙ୍କ ପରଲୋକ



**ବର୍ଲିନ୍,୧୬।୪(ଏଜେନ୍ସି):** ପଶ୍ଚିମ ଜର୍ମାନୀ କିମ୍ବଦନ୍ତୀ ଫୁଟବଲର ବର୍ଣ୍ଡ ହୋଲଜେନବିନ୍ ୭୮ ବର୍ଷ ବୟସରେ ପରଲୋକଗମନ କରିଛନ୍ତି। ୧୯୭୪ ବିଶ୍ୱକପ୍‌ରେ ପଶ୍ଚିମ ଜର୍ମାନୀକୁ ଚାମ୍ପିଅନ କରାଇବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଜର୍ମାନୀ ପାଇଁ ମୋଟ୍ ଉପରେ ୪୦ଟି ମ୍ୟାଚ୍ ଖେଳି ସେ ୫ଟି ଗୋଲ ସ୍କୋର କରିଥିଲେ। ୧୯୭୩ରୁ ୧୯୭୮ ମଧ୍ୟରେ ସେ ଉଭୟ ଷ୍ଟ୍ରାଇକର ଓ ୱିଙ୍ଗର ଭାବେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ତାଙ୍କ ସମୟରେ ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲେ। ମ୍ୟୁନିକ୍‌ରେ ୧୯୭୪ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍ ଖେଳାଯାଇଥିଲେ। ଏଥରେ ପଶ୍ଚିମ ଜର୍ମାନୀ ନେଦରଲାଣ୍ଡସକୁ ୨-୧ ଗୋଲରେ ପରାସ୍ତ କରି ଦ୍ୱିତୀୟଥର ପାଇଁ ଟାଇଟଲ ଜିତିଥିଲା। ୧୯୮୦ରେ ଫ୍ରାଙ୍କଫର୍ଟ କ୍ଲବ ତରଫରୁ ପ୍ରତିନିଧିତ୍ୱ କରି ସେ ୟୁଇଏଫ୍ଏ କପ୍ ଜିତିଥିଲେ। ସେ ମଧ୍ୟ ୧୯୭୪, ୧୯୭୫ ଓ ୧୯୮୧ରେ ୩ଥର ଜର୍ମାନ କପ୍ ଜିତିଥିଲେ।

# ଜାତୀୟ ଫୁଟବଲରେ ବେଙ୍ଗଲକୁ ଶ୍ରେଷ୍ଠ ସଫଳତା

ନୂଆଦିଲ୍ଲୀ, ୧୬।୪(ଏଜେନ୍ସି)

ଦିନଥିଲା ଭାରତୀୟ ଫୁଟବଲ କହିଲେ ପଶ୍ଚିମବଙ୍ଗକୁ ବୁଝାଉଥିଲା। କ୍ରମବର୍ଦ୍ଧିଷ୍ଣୁ ପ୍ରତିଯୋଗିତା, ଅତ୍ୟାଧୁନିକ ସୁବିଧାସୁଯୋଗ କେବଳ ଏହି ରାଜ୍ୟରେ ମିଳୁଥିଲା। ଯାହା ଫଳରେ ସର୍ବାଧିକ ଫୁଟବଲ ଖେଳ ଏହି ରାଜ୍ୟରେ ହେଉଥିଲା ଏବଂ ସର୍ବାଧିକ ଖେଳାଳି ମଧ୍ୟ ଏହି ରାଜ୍ୟରୁ ଆସୁଥିଲେ। କିନ୍ତୁ ଗତ ଦୁଇ ଦଶନ୍ଧିରେ ଏହି ଚିତ୍ର ବଦଳିଯାଇଛି। ଦେଶର ଅନ୍ୟ ଭାବେ ଅତ୍ୟାଧୁନିକ ସୁବିଧାସୁଯୋଗ ମିଳିବା ଫଳରେ ଅନ୍ୟ ଖେଳାଳିମାନେ ମଧ୍ୟ ଭଲ ପ୍ରଦର୍ଶନ କରୁଛନ୍ତି। ଏହା ସତ୍ତ୍ୱେପଶ୍ଚିମବଙ୍ଗକୁ ଏବେ ମଧ୍ୟ ଦେଶର ଫୁଟବଲ ରାଜଧାନୀ ଭାବେ ବିବେଚନା କରାଯାଉଛି। ଏହି ରାଜ୍ୟରେ ବା କୋଲକାତାରେ ୩ଟି ସର୍ବପୁରାତନ ଫୁଟବଲ କ୍ଲବ୍ ପ୍ରାଧାନ୍ୟ ବିସ୍ତାର କରିଥିଲା। ଇଣ୍ଡିଆନ ସୁପର ଲିଗ୍ ପରି ଉଚ୍ଚକୋଟୀର ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବା ଫଳରେ ଅଧିକ ବିଦେଶୀ ଖେଳାଳି ଭାରତୀୟ ଫୁଟବଲରେ ପ୍ରବେଶ ହୋଇଥିଲା। ଏହା ଫଳରେ ପଶ୍ଚିମବଙ୍ଗର ପୁରାତନ କ୍ଲବ୍ ଗୁଡିକ ଏହି ବ୍ୟବସାୟ ସହ ଲଢ଼େଇ କରିପାରିଲେ ନାହିଁ। ଯାହା ଫଳରେ ଗତ ଏକ ଦଶନ୍ଧିରେ ବେଙ୍ଗଲ କ୍ଲବ୍ ଓ ଖେଳାଳିଙ୍କ ପ୍ରାଧାନ୍ୟ ହ୍ରାସ ପାଇଥିଲା।

ଏବେ କିନ୍ତୁ ସ୍ଥିତି ବଦଳିଯାଇଛି। କ୍ଲବ୍ ଗୁଡିକର ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଓ ଅଧିକ ସଂଗଠିତ ହେବା ଫଳରେ ଦଳର ସଫଳତା ହାର ବୃଦ୍ଧି ପାଇଛି। ଚଳିତବର୍ଷ ଏହି ସଫଳତା ଶୀର୍ଷରେ ପହଞ୍ଚିଛି। ସୋମବାର ମୁମ୍ବାଇରେ ଅନୁଷ୍ଠିତ ଆଇଏସ୍‌ଏଲ୍‌ର ଶେଷ ଲିଗ୍ ମ୍ୟାଚ୍‌ରେ ମୋହନବାଗାନ ୨-୧ ଗୋଲରେ ମୁମ୍ବାଇ ସିଟିକୁ ପରାସ୍ତ କରିଥିଲା। ଫଳରେ କୋଲକାତାର ଏହି ଚାମ୍ପିଅନ ଦଳ ଲିଗ୍ ପର୍ଯ୍ୟାୟରେ ଚାମ୍ପିଅନ ହେବାର ଏକ ବିରଳ ସୌଭାଗ୍ୟ ଅର୍ଜନ କରିଥିଲା। ଆଇଏସ୍‌ଏଲ୍‌ରେ ଏହା ଗତ ଦୁଇଟି ସିଜନରେ ବେଶ ପ୍ରଭାବ ପକାଇଛି। କୋଲକାତାର ଅନ୍ୟ ଦୁଇ ଦଳ ମଧ୍ୟ ସଫଳତା ପାଇବାରେ ସମର୍ଥ ହୋଇଛନ୍ତି। ଚଳିତ ବର୍ଷ ଡୁରାଣ୍ଡ କପ୍‌ରେ ମୋହନ ବାଗାନ ଚାମ୍ପିଅନ ହୋଇଥିଲା। ଏହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଇଷ୍ଟ ବେଙ୍ଗଲକୁ ଚଳିତବର୍ଷର ସୁପର କପ୍ ଟାଇଟଲ ମିଳିଥିଲା। ତୃତୀୟ ଦଳ ମହମ୍ମଡ଼ାନ ସ୍ପୋର୍ଟିଂ ମଧ୍ୟ ପଛରେ ପଡ଼ି ନଥିଲା। ଏହି ଦଳ ଆଇ-ଲିଗ୍ ଚାମ୍ପିଅନ ହୋଇ ତାହାର ଉପସ୍ଥିତି ଜାହିର କରିଥିଲା। ଏବେ ଆଇଏସ୍‌ଏଲ୍‌ରେ ପ୍ରଭାବ ଅର୍ଥ ଭାରତୀୟ ଫୁଟବଲକୁ ନିୟନ୍ତ୍ରଣ କରିବା। ଉଭୟ ମୋହନ ବାଗାନ ଓ ମୁମ୍ବାଇ ସିଟି ଲିଗ୍ ପର୍ଯ୍ୟାୟରେ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବାରୁ ସିଧାସଳଖ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ତୃତୀୟରୁ ଷଷ୍ଠ ଦଳ ଅନ୍ୟ ଦୁଇଟି ସେମିଫାଇନାଲ ସ୍ଥାନ ଲାଗି ମୁକାବିଲା କରିବେ। ଏହି କ୍ରମରେ ଓଡ଼ିଶା ଏଫ୍‌ସି ଓ କେରଳା ବ୍ଲାଷ୍ଟର୍ସ ମଧ୍ୟରେ ପ୍ରଥକ ନକ୍‌ଆଉଟ ବା ତୃତୀୟ କ୍ୱାର୍ଟର ଫାଇନାଲ ମୁକାବିଲା ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଏପ୍ରିଲ ୧୯ରେ ଖେଳାଯିବ। ସେହିପରି ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ପଣଜୀର ଜବାହାରଲାଲ ନେହରୁ ଷ୍ଟାଡିୟମ୍‌ରେ ଏପ୍ରିଲ ୨୦ ତାରିଖ ଦିନ ଏଫସି ଗୋଆ ଏବଂ ଚେନ୍ନାଇନ୍ ଏଫ୍‌ସି ମଧ୍ୟରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହା ପରେ ସେମିଫାଇନାଲ ମୁକାବିଲା ଅନୁଷ୍ଠିତ ହେବ।



**ନାରିନ୍‌ଙ୍କ ଜୀବନର ପ୍ରଥମ ଶତକ ଫିକା; ରାଜସ୍ଥାନର ନାଟକୀୟ ବିଜୟ**

# କୋଲକାତାଠୁ ମ୍ୟାଚ ଛଡ଼ାଇନେଲେ ବଟଲର



**କୋଲକାତା, ୧୬।୪(ଏଜେନ୍ସି)**

କୋଲକାତା ନାଇଟ୍ ରାଇଡର୍ସର ୱେଷ୍ଟଇଣ୍ଡିଆନ୍ ଅଲରାଉଣ୍ଡର ସୁନୀଲ ନାରିନ ଇଂଲଣ୍ଡ ଅଧିନାୟକ ଜୋସ୍ ବଟଲର (୬୦ ବଲ୍‌ରେ ଅପରାଜିତ ୧୦୭ରନ୍‌ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ କୋଲକାତା ନାଇଟ୍ ରାଇଡର୍ସ ନିକଟରୁ ବିଜୟ ଛଡ଼ାଇ ନେଇଛି ରାଜସ୍ଥାନ ରୟାଲ୍ସ। ଚଳିତ ଟୁର୍ଣ୍ଣାମେଣ୍ଟର ଏହି ପ୍ରତିଦ୍ୱନ୍ଦ୍ୱିତାମୂଳକ ମୁକାବିଲାରେ ବଟଲର ଏକାକୀ ରାଜସ୍ଥାନକୁ ୨ୱିକେଟ ବ୍ୟବଧାନରେ ମ୍ୟାଚ୍ ଜିତାଇବାରେ ସମର୍ଥ ହୋଇଛନ୍ତି। ଏହି ମ୍ୟାଚ୍ ପରେ ରାଜସ୍ଥାନ ୭ମ ମୁକାବିଲାରୁ ଷଷ୍ଠ ବିଜୟ ସହ ପଏଣ୍ଟ ସାରଣୀର ପ୍ରଥମ ସ୍ଥାନ ବଜାୟ ରଖିଛି। ଅନ୍ୟ ପକ୍ଷରେ କୋଲକାତା ଷଷ୍ଠ ମ୍ୟାଚ୍‌ରୁ ଦ୍ୱିତୀୟ ପରାଜୟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ରାଜସ୍ଥାନ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବଟଲରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଆନ ଅଲ୍‌ରାଉଣ୍ଡର ସୁନୀଲ ନାରିନ୍ ୫୬ ବଲ୍‌ରୁ ୧୦୯ ରନ୍ କରିବା ଫଳରେ ଘରୋଇ ମାଟିରେ ପ୍ରଥମେ ବ୍ୟାଟିଂ କରି କୋଲକାତା ୬ ୱିକେଟରେ ୨୨୩ ରନ୍‌ର ବିଶାଳ ସ୍କୋର କରିଥିଲା। ଜବାବରେ ରାଜସ୍ଥାନ ଭଲ ଆରମ୍ଭ କରିଥିଲା। ବିଶେଷ କରି ଯଶସ୍ୱୀ ଜୟସ୍ୱାଲ ୯ବଲ୍‌ରେ ୧୯ ଓ ରିଆନ ପରାଗ ୧୪ ବଲ୍‌ରେ ୩୪ ରନ୍ କରି ଦଳକୁ ବିଜୟ ଆଶା ଦେଇଥିଲେ। ୮ମ ଓଭରରେ ଦଳ ୯୩ ରନ୍ କରିଥିଲାବେଳେ ପରାଗ ତୃତୀୟ ଖେଳାଳି ଭାବେ ଆଉଟ ହୋଇଥିଲେ। ଗୋଟିଏ ପଟେ ବଟଲର ଚୁପ୍‌ଚାପ ଦୃଢ଼ତାର ସହ ଖେଳୁଥିଲାବେଳେ ଅନ୍ୟପଟେ ଦଳର ଜଣଙ୍କ ପରେ ଜଣେ ବ୍ୟାଟର ଆଉଟ ହୋଇଯାଇଥିଲେ। ଏଭଳି ସ୍ଥିତିରେ ୧୨.୩ ଓଭରରେ ବ୍ୟାଟିଂ କରିବାକୁ ଆସି ରୋଭ୍‌ମ୍ୟାନ୍ ପାୱେଲ ୧୩ ବଲ୍‌ରୁ ୨୬ ରନ୍ ଉଠାଇ ପୁଣିଥରେ ରାଜସ୍ଥାନ ଶିବିରରେ ଆନନ୍ଦ ଫେରାଇଆଣିଥିଲେ। ସେ ୧୭ତମ ଓଭରର ୫ମ ବଲ୍‌ରେ ଆଉଟ ହେବା ପରେ ରାଜସ୍ଥାନ ଆଶଙ୍କା ମଧ୍ୟକୁ ଚାଲିଯାଇଥିଲା। ରାଜସ୍ଥାନକୁ ଶେଷ ୩ ଓଭର ବା ୧୮ଟି ବଲ୍‌ରେ ବିଜୟ ଲାଗି ୪୬ ରନ୍ ଆବଶ୍ୟକ ହେଉଥିଲା। ବଟଲର ଏକାକୀ ଏହି ୧୮ଟିଯାକ ବଲ ଖେଳି ୪୦ ରନ୍ ସଂଗ୍ରହ କରିଥିଲେ। ଅବଶିଷ୍ଟ ୬ ରନ୍ ୱାଇଡ୍‌ରୁ ମିଳିଥିଲା। ବଟଲର ବିଜୟସୂଚକ ରନ୍ ସଂଗ୍ରହ କରିବା ସହ ୬୦ ବଲ୍‌ରୁ ୯ ଚୌକା ଓ ୬ ଛକା ସହ ୧୦୭ ରନ୍‌ରେ ଅପରାଜିତ ରହିଥିଲେ। ଏହା ଫଳରେ ମ୍ୟାଚ୍‌ର ଶେଷ ବଲ୍‌ରେ ରାଜସ୍ଥାନ ୮ ୱିକେଟ ହରାଇ ବିଜୟୀ ହୋଇଥିଲା। ଚଳିତ ଟୁର୍ଣ୍ଣାମେଣ୍ଟରେ ବଟଲରଙ୍କ ଏହା ଥିଲା ଦ୍ୱିତୀୟ ଶତକ ଓ ସେ ଦୁଇଥରଯାକ ଦଳକୁ ମ୍ୟାଚ୍ ଜିତାଇବାରେ ସମର୍ଥ ହୋଇଛନ୍ତି। ପ୍ରଥରେ କୋହଲି ୧୧୩ ରନ୍ କରିଥିବା ମ୍ୟାଚ୍‌ରେ ବଟଲର ୫୮ ବଲ୍‌ରେ ଅପରାଜିତ ୧୦୦ ରନ୍ କରି ବେଙ୍ଗାଲୁରୁକୁ ହରାଇଥିଲେ। କୋଲକାତା ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ, ସୁନୀଲ ନାରିନ୍ ଓ ହର୍ଷିତ ରାଣା ୨ଟି ଲେଖାଏଁ ୱିକେଟ ନେଇଥିଲେ ମଧ୍ୟ ତାହା କାମରେ ଆସି ନ ଥିଲା।

### ନାରିନଙ୍କ ବିସ୍ଫୋରକ ବ୍ୟାଟିଂ

ପୂର୍ବରୁ କୋଲକାତା ପ୍ରଥମେ ବ୍ୟାଟିଂ ସୁଯୋଗ ପାଇ ନାରିନ୍‌ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ୬ ୱିକେଟ୍‌ରେ ୨୨୩ ରନ୍ କରିଥିଲା। ୨୯ ବଲ୍‌ରେ ଅର୍ଦ୍ଧଶତକ ଓ ୪୯ ବଲ୍‌ରେ ଶତକ ହାସଲ କରିଥିବା ନାରିନ୍ ୫୬ଟି ବଲ୍ ଖେଳି ୧୦୯ ରନ୍ କରିଥିଲେ। ଏହାମଧ୍ୟରେ ୧୩ଟି ଚୌକା ଓ ୬ଟି ଛକା ରହିଥିଲା। ଏହାଫଳରେ ନାରିନ୍ ତାଙ୍କ କ୍ରିକେଟ୍ ଜୀବନରେ ପ୍ରଥମ ଶତକ ହାସଲ କରି କୋଲକାତାକୁ ଏକ ଭଲ ସ୍କୋର ଦେଇଥିଲେ।

**ନାରିନ୍‌ଙ୍କ ଜୀବନରେ ପ୍ରଥମ ଶତକ**

କୋଲକାତାର ସୁନୀଲ ନାରିନ୍ ଏଠାରେ କ୍ରିକେଟ ଜୀବନର ପ୍ରଥମ ଶତକ ହାସଲ କରିଛନ୍ତି। ଏଥିଲାଗି ସେ ୪୯ଟି ବଲ୍‌ର ସହାୟତା ନେଇ ଟି-୨୦ କ୍ୟାରିୟରରେ ସର୍ବାଧିକ ସ୍କୋର କରିଥିଲେ। ପୂର୍ବରୁ ତାଙ୍କର ସର୍ବାଧିକ ସ୍କୋର ଥିଲା ୮୫ ରନ୍। ସେହିପରି ଆଇପିଏଲ୍‌ରେ ଏହା ନାରିନ୍‌ଙ୍କ ପ୍ରଥମ ଏବଂ ଜଣେ କୋଲକାତା ଖେଳାଳି ଭାବେ ତୃତୀୟ ଶତକ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ବ୍ରେଣ୍ଡନ ମ୍ୟାକ୍‌କୁଲମ ଓ ଭେଙ୍କଟେଶ ଆୟର ଶତକ ହାସଲ କରିଥିଲେ।

**ଆଇପିଏଲ୍-୧୭**

**ଆଜିର ମ୍ୟାଚ୍**

**ଗୁଜରାଟ-ଦିଲ୍ଲୀ**

ସ୍ଥାନ- ଅହମ୍ମଦାବାଦ, ସମୟ- ରାତି ୭.୩୦

- ପ୍ରସାରଣ -

ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

### ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| ରାଜସ୍ଥାନ | ୭ | ୬ | ୧ | ୧୨ | +୦.୬୭୭ |
| କୋଲକାତା | ୬ | ୪ | ୨ | ୮ | +୧.୩୯୯ |
| ଚେନ୍ନାଇ | ୬ | ୪ | ୨ | ୮ | +୦.୭୨୬ |
| ହାଇଦ୍ରାବାଦ | ୬ | ୪ | ୨ | ୮ | +୦.୫୦୨ |
| ଲକ୍ଷ୍ନୌ | ୬ | ୩ | ୩ | ୬ | +୦.୦୩୮ |
| ଗୁଜରାଟ | ୬ | ୩ | ୩ | ୬ | -୦.୬୩୭ |
| ପଞ୍ଜାବ | ୬ | ୨ | ୪ | ୪ | -୦.୨୧୮ |
| ମୁମ୍ବାଇ | ୬ | ୨ | ୪ | ୪ | -୦.୨୩୪ |
| ଦିଲ୍ଲୀ | ୬ | ୨ | ୪ | ୪ | -୦.୯୭୫ |
| ବେଙ୍ଗାଲୁରୁ | ୭ | ୧ | ୬ | ୨ | -୧.୧୮୫ |

# ଆଇପିଏଲ୍‌ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଓହରିଲେ ମ୍ୟାକ୍ସୱେଲ



**ବେଙ୍ଗାଲୁରୁ,୧୬।୪(ଏଜେନ୍ସି):** ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଅଭିଜ୍ଞ ଅଲରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲ ଚଳିତ ଆଇପିଏଲରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଶ୍ରାମ ନେଇଛନ୍ତି ଅର୍ଥାତ ଓହରିଯାଇଛନ୍ତି। ସୋମବାର ସନରାଜର୍ସ ହାଇଦ୍ରାବାଦ୍‌ଠାରୁ ଆରସିବିର ପରାଜୟ ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ସେ ଏ ନେଇ ସମସ୍ତଙ୍କୁ ଅବଗତ କରାଇଛନ୍ତି। ବ୍ୟାଟିଂରେ ଖରାପ୍ ଫର୍ମ ଦେଇ ସେ ଗତି କରୁଛନ୍ତି। ସେ ମଧ୍ୟ ଏହି ହାଇସ୍କୋରିଂ ମ୍ୟାଚ୍‌ରେ ଅନ୍ତିମ ଏକାଦଶରେ ସାମିଲ ହୋଇ ନଥିଲେ। ସେ ଏହି ମ୍ୟାଚ୍‌ରେ ନ ଖେଳିବାକୁ ଟିମ୍ ମ୍ୟାନେଜମେଣ୍ଟକୁ ଅନୁରୋଧ କରିଥିଲେ। ତାଙ୍କ ସ୍ଥାନରେ ୱିଲ୍ ଜ୍ୟାକ୍ସଙ୍କୁ ଖେଳାଯାଇଥିଲା। ବର୍ତ୍ତମାନ ମାନସିକ ଓ ଶାରୀରିକ ଭାବେ ଭଲ ସ୍ଥିତିରେ ନାହିଁ। ଫଳରେ ବିଶ୍ରାମ ନେବାକୁ ନିଷ୍ପତ୍ତି ନେଇଛି ବୋଲି ସେ କହିଛନ୍ତି। ତେବେ ସେ କେତେଦିନ ବିଶ୍ରାମ ନେବେ ସେ ନେଇ କିଛି କହିନାହାନ୍ତି। ଆରସିବି ଏପର୍ଯ୍ୟନ୍ତ ୭ଟି ମ୍ୟାଚ୍ ଖେଳିଛି ଓ ୬ଟିରେ ପରାଜୟ ବରଣ କରି ଅଙ୍କ ସାରଣୀର ସର୍ବନିମ୍ନ ତଥା ୧୦ମ ସ୍ଥାନରେ ରହିଛି। ମ୍ୟାକ୍ସୱେଲ ଆଇପିଏଲ୍‌ରେ ଏପର୍ଯ୍ୟନ୍ତ ୬ଟି ମ୍ୟାଚ୍ ଖେଳି ମାତ୍ର ୩୨ ରନ ସଂଗ୍ରହ କରିଛନ୍ତି ଓ ୩ଥର ଖାତା ଖୋଲିପାରି ନାହାନ୍ତି। ତେବେ ଆଇପିଏଲ ଖେଳିବା ପୂର୍ବରୁ ସେ ଜବରଦସ୍ତ ଫର୍ମରେ ରହିଥିଲେ। ଗତବର୍ଷ ନଭେମ୍ବରରୁ ଆଇପିଏଲ ଆରମ୍ଭ ହେବା ପର୍ଯ୍ୟନ୍ତ ସେ ୧୭ଟି ଟି-୨୦ ମ୍ୟାଚ୍ ଖେଳି ୪୨. ୪୬ ହାରରେ ଓ ୧୮୫.୮୫ ଷ୍ଟ୍ରାଇକରେଟ୍‌ରେ ୫୫୨ ରନ ସଂଗ୍ରହ କରିଥିଲେ ଏବଂ ଏଥିରେ ଦୁଇଟି ଶତକ ମଧ୍ୟ ସାମିଲ ରହିଥିଲା। ପ୍ରଥମଥର ପାଇଁ ଦୁର୍ବଳ ମାନସିକ ଅବସ୍ଥା ପାଇଁ ମ୍ୟାକ୍ସୱେଲ କୌଣସି ଟୁର୍ଣ୍ଣାମେଣ୍ଟରୁ ବିଶ୍ରାମ ନେଇଛନ୍ତି। ପୂର୍ବରୁ ଆଇପିଏଲରେ ଦୁର୍ବଳ ପ୍ରଦର୍ଶନ ପାଇଁ ଭାରତୀୟ ବ୍ୟାଟିଂ କିମ୍ବଦନ୍ତୀ ସୁନୀଲ ଗାଭାସ୍କର ମ୍ୟାକ୍ସୱେଲଙ୍କୁ ସମାଲୋଚନା କରିଥିଲେ। ସେ ଦ୍ରୁତ ବୋଲିଂ ଖେଳିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଗାଭାସ୍କର କହିଥିଲେ।

**ଟି-୨୦ ବିଶ୍ୱକପ୍ ଲାଗି ଭାରତୀୟ ଦଳ**

# ବୋଲିଂ ନ କଲେ ପାଣ୍ଡ୍ୟାଙ୍କ ସ୍ଥାନ ନାହିଁ

**ନୂଆଦିଲ୍ଲୀ, ୧୬।୪(ଏଜେନ୍ସି):** ନିକଟରେ ଭାଷ୍ୟକାର ସାଇମନ ଡୁଲ୍ ଆଶଙ୍କା ପ୍ରକାଶ କରି କହିଥିଲେ, ହାର୍ଦ୍ଦିକ ପାଣ୍ଡ୍ୟା କିଛି ଆହତ ସମସ୍ୟାରେ ପଡ଼ିଛନ୍ତି ଓ ସେ ତାହାକୁ ଲୁଚାଉଛନ୍ତି। ଯାହା ଫଳରେ ସେ ଠିକ୍‌ରେ ବୋଲିଂ କରିପାରୁ ନାହାନ୍ତି କିମ୍ବା ବ୍ୟାଟିଂ ବେଳେ ବଡ଼ ସଟ୍ ମାରିବା ପୂର୍ବରୁ ଆଉଟ ହୋଇଯାଉଛନ୍ତି। ଡୁଲଙ୍କ ଏହି ଆଶଙ୍କାକୁ ଖୋରାକ ଯୋଗାଇଛି ପାଣ୍ଡ୍ୟାଙ୍କ ଫର୍ମ। ଚଳିତ ଆଇପିଏଲ୍‌ରେ ସେ ମୁମ୍ବାଇ ଇଣ୍ଡିଆନ୍ସ ଖେଳିଥିବା ସମସ୍ତ ୬ଟି ଯାକ ମ୍ୟାଚ୍‌ରେ ଦଳର ନେତୃତ୍ୱ ନେଇଛନ୍ତି। ଏଥିରେ ସେ ମାତ୍ର ୧୩୧ ରନ୍ କରିଥିଲାବେଳେ ୬ ଓଭର ବୋଲିଂ କରି ୩ଟି ୱିକେଟ ନେଇଛନ୍ତି। ସେ ୪ଟି ମ୍ୟାଚ୍‌ରେ ସମସ୍ତ ପୋଜିସନରେ ବୋଲିଂ କରିଛନ୍ତି। ଓଭର ପ୍ରତି ୧୨ ରନ୍ ଲେଖାଏଁ ବ୍ୟୟ କରିଛନ୍ତି। ଏଣୁ ତାଙ୍କ ପ୍ରଦର୍ଶନକୁ ନେଇ ଚୟନକର୍ତ୍ତା ସନ୍ତୁଷ୍ଟ ନାହାନ୍ତି। ଗତ ସପ୍ତାହରେ ଭାରତୀୟ ଦଳର କୋଚ୍ ରାହୁଲ ଦ୍ରାବିଡ଼, ଅଧିନାୟକ ରୋହିତ ଶର୍ମା ଓ ମୁଖ୍ୟଚୟନକର୍ତ୍ତା ଅଜିତ ଅଗରକରଙ୍କ ମଧ୍ୟରେ ଏକ ବୈଠକ ହୋଇଥିଲା। ଏହି ବୈଠକ ସମ୍ପର୍କରେ ତ ବିଧିବଦ୍ଧ ସୂଚନା ମିଳି ନାହିଁ। କିନ୍ତୁ ଭାରତୀୟ ଦଳକୁ ଫେରିବାକୁ ହେଲେ ପାଣ୍ଡ୍ୟାଙ୍କୁ ଭଲ ବୋଲିଂ କରିବାକୁ ହେବ, ଯେଉଁଥିରେ ସେ ଏଯାଏ ବିଫଳ ହୋଇଛନ୍ତି। ଟି-୨୦ ବିଶ୍ୱକପ୍ ଲାଗି ମନୋନୀତ ହେବାକୁ ଥିବା ଭାରତୀୟ ଦଳର ବୋଲିଂ ଭଲ ନାହିଁ। ଏଣୁ ପାଣ୍ଡ୍ୟାଙ୍କୁ ଦଳରେ ନେବାର ମୁଖ୍ୟ କାରଣ ହେବ ତାଙ୍କ ବୋଲିଂ। ପାଣ୍ଡ୍ୟାଙ୍କ ସ୍ଥାନରେ ଆଉ ଜଣେ ପେସ୍ ବୋଲିଂ ଅଲରାଉଣ୍ଡର ଚେନ୍ନାଇର ଶିବମ ଦୁବେଙ୍କ ଉପରେ ଚୟନକର୍ତ୍ତାଙ୍କ ନଜରରେ ରହିଛନ୍ତି। ଦୁବେ ଜବରଦସ୍ତ ଫର୍ମରେ ଅଛନ୍ତି ଓ ଭଲ ରନ୍ ସ୍କୋର କରୁଛନ୍ତି। ଚେନ୍ନାଇ କିନ୍ତୁ ତାଙ୍କୁ ଜଣେ ଇମ୍ପାକ୍ଟ ଖେଳାଳି ଭାବେ ବ୍ୟବହାର କରିଛି। ଯାହା ଫଳରେ ତାଙ୍କ ବୋଲିଂ ଦକ୍ଷତାର ପ୍ରମାଣ ମିଳିପାରୁ ନାହିଁ। ଯଦିଓ ତାଙ୍କୁ ବିଶ୍ୱକପ୍ ଦଳରେ ସାମିଲ କରାଯାଏ, ତେବେ ସେ କେବଳ ବୋଲିଂ କରିବେ। ତାଙ୍କ ବ୍ୟାଟିଂ ଭାରତ ଲାଗି ଆବଶ୍ୟକ ହୋଇ ନ ପାରେ। ଏବେ ସୁଦ୍ଧା ଏହି ଦଳଗୁଡ଼ିକ ଅଧା ମ୍ୟାଚ୍ ଖେଳିସାରିଲେଣି। ବାକି ଅଧା ଖେଳରେ କିଏ ବେଶି ପ୍ରଭାବ ପକାଉଛନ୍ତି ତାହା ଉପରେ ଦଳରେ ସାମିଲ ହେବାର ସମ୍ଭାବନା ସୃଷ୍ଟି ହେବ।

## ଝୁଲଣଙ୍କୁ ଭେଟିଲେ ଶାହରୁଖ



**କୋଲକାତା,୧୬।୪(ଏଜେନ୍ସି):** ସ୍ଥାନୀୟ ଇଡେନ ଗାର୍ଡେନ୍ସରେ ମଙ୍ଗଳବାର କୋଲକାତା ନାଇଟ ରାଇଡର୍ସ (କେକେଆର) ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଅନୁଷ୍ଠିତ ମୁକାବିଲାରେ ଏକ ମଜାଦାର ଘଟଣା ଦେଖିବାକୁ ମିଳିଥିଲା। କେକେଆର ମାଲିକ ତଥା ବଲିଉଡ୍ ତାରକା ଶାହରୁଖ ଖାନ୍ ଏହି ମ୍ୟାଚ୍ ଅବସରରେ ଭାରତୀୟ ପୂର୍ବତନ ମହିଳା କ୍ରିକେଟର ଝୁଲଣ ଗୋସ୍ୱାମୀଙ୍କୁ ଭେଟିଥିଲେ। ଦୁହେଁ କିଛି ସମୟ କଥା ହେବା ସହ ପରସ୍ପରକୁ ଆଲିଙ୍ଗନ କରିଥିଲେ। ଦୁଇ ମହାତାରକାଙ୍କୁ ଏକାଠି ଦର୍ଶକଙ୍କ ମନରେ କୌତୁହଳ ସୃଷ୍ଟି ହୋଇଥିଲା। ଦୁଇ କିମ୍ବଦନ୍ତୀ ବ୍ୟକ୍ତିତ୍ୱଙ୍କ ସାକ୍ଷାତର ଫଟୋକୁ ବେଶ୍ ପ୍ରଶଂସକମାନେ ପସନ୍ଦ କରିଛନ୍ତି ଓ ଏହା ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଦୀର୍ଘ ଦୁଇ ଦଶନ୍ଧିର ଉଜ୍ଜ୍ୱଳମୟ କ୍ୟାରିୟରରେ ଝୁଲଣ ୧୨ଟି ଟେଷ୍ଟ, ୨୦୪ ଦିନିକିଆ, ୬୮ ଟି-୨୦ ଓ ୩୪୦ଟି ଲିଷ୍ଟ ଏ ମ୍ୟାଚ୍ ଖେଳି ବିଶ୍ୱସ୍ତରୀୟ ସଫଳତା ଅର୍ଜନ କରିଛନ୍ତି।

**କ୍ୟାଣ୍ଡିଡେଟ୍ସ ଚେସ୍; ପ୍ରଜ୍ଞାନନ୍ଦା-ଗୁଜରାଟୀ ମ୍ୟାଚ୍ ଡ୍ର**

# ଶୀର୍ଷସ୍ଥାନ ବଜାୟ ରଖିଲେ ଗୁକେଶ

**ଟରଣ୍ଟୋ, ୧୫।୪(ଏଜେନ୍ସି)**



ଏଠାରେ ଚାଲିଥିବା କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ଣ୍ଣାମେଣ୍ଟର ୧୦ମ ରାଉଣ୍ଡ ଶେଷରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଡି ଗୁକେଶ ପଏଣ୍ଟ ସାରଣୀର ଶୀର୍ଷସ୍ଥାନ ବଜାୟ ରଖିଛନ୍ତି। ସୋମବାର ଗୁକେଶ ଓ ଦୁଇଥର ଚାମ୍ପିଅନ ଇଆନ ନେପୋମନିଆଚଚିଙ୍କ ସହ ଅନୁଷ୍ଠିତ ମୁକାବିଲା ୪୦ଟି ଚାଲ ପରେ ଡ୍ର ରହିଥିଲା। ଯାହା ଫଳରେ ଉଭୟ ପଏଣ୍ଟ ଭାଗ କରିଥିଲେ। ଏହି ପ୍ରତିଯୋଗିତାରେ ଆଉ ୪ ରାଉଣ୍ଡ ଖେଳ ବାକିଥିଲାବେଳେ ଉପରୋକ୍ତ ଦୁଇ ଖେଳାଳି ସାମନ ୬ ପଏଣ୍ଟେ ଲେଖାଏଁ ସଂଗ୍ରହ କରିଛନ୍ତି। କିନ୍ତୁ ବୁକୋଲଜ୍‌ରେ ଗୁକେଶ ପ୍ରଥମ ଓ ଇଆନ ନେପୋମନିଆଚଚି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏଥିରେ ଭାଗ ନେଇଥିବା ଅନ୍ୟ ଦୁଇ ଭାରତୀୟ ଖେଳାଳି ଆର ପ୍ରଜ୍ଞାନନ୍ଦା ଓ ବିଦିଥ ସନ୍ତୋଷ ଗୁଜରାଟୀଙ୍କ ମଧ୍ୟରେ ଖେଳାଯାଇଥିବା ମୁକାବିଲା ହାରଜିତ ବିନା ଫଇସଲାରେ ଶେଷ ହୋଇଛି। କିନ୍ତୁ ଅନ୍ୟ ଦୁଇ ରାଉଣ୍ଡର ଫଳାଫଳ ବାହାରିଛି। ଏଥିରେ ନିଜାତ ଆବାସୋଭ୍‌ଙ୍କୁ ହିକାରୁ ନାକାମୁରା ଓ ଅଲୀରେଜା ଫିରୋଉଜାଙ୍କୁ ଫାବିଆନୋ କାରୁଆନୋଙ୍କୁ ପରାସ୍ତ କରିଥିଲେ। ଏହା ଫଳରେ ପ୍ରଜ୍ଞାନନ୍ଦା, ନାକାମୁରା ଓ କାରୁଆନୋ ସମାନ ୫.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ଗୁଜରାଟୀ ୫ ପଏଣ୍ଟ ପାଇଛନ୍ତି।

ମହିଳା ବିଭାଗରେ ଆର୍ ବୈଶାଳୀ ଅପ୍ରତ୍ୟାଶିତଭାବେ ୧୦ମ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ସେ ନୁର୍ଗ୍ୟଲ ସାଲିମୋଭାଙ୍କୁ ପରାସ୍ତ କରି ପୂରା ପଏଣ୍ଟ ପାଇଛନ୍ତି। ଅନ୍ୟତମ ଭାରତୀୟ ଖେଳାଳି କୋନେରୁ ହମ୍ପି ଓ ତାନ ଝୋଙ୍ଗୟିଙ୍କ ମଧ୍ୟରେ ମୁକାବିଲା ଅମିମାଂସିତ ରହିଛି। ଲେଇ ଟିଙ୍ଗଜୀଙ୍କଠାରୁ ଆଲେକଜାଣ୍ଡ୍ରା ଗୋର୍‌ୟାଚକିନାଙ୍କୁ ପରାସ୍ତ କରିଛି। ୧୦ମ ରାଉଣ୍ଡ ଶେଷଷର ଚୀନର ଦୁଇ ଖେଳାଳି ତାନ୍ ଓ ଲେଇ ୬.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଆଲେକଜାଣ୍ଡ୍ରା ଓ କାଟେରିନା ଲାଗ୍ନୋ ୫.୫ ପଏଣ୍ଟ ସଂଗ୍ରହ କରିଛନ୍ତି। ଦୁଇ ଭାରତୀୟ ଖେଳାଳିଙ୍କ ମଧ୍ୟରୁ ୪.୫ ପଏଣ୍ଟ ପାଇ ହମ୍ପି ୫ମ ଓ ୩.୫ ପଏଣ୍ଟ ପାଇ ବୈଶାଳୀ ୮ମ ତଥା ଶେଷ ସ୍ଥାନରେ ରହିଛନ୍ତି।ସ୍କୁଲର ଅଧକ୍ଷ ତଥା ନିର୍ଦ୍ଦେଶକ ଦୀପ ଖାରେ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।

**ମହିଳା ଟି-୨୦ ସିରିଜ୍**

## ବାଂଲା ଦଳରେ ୧୫ ବର୍ଷୀୟା ପିଙ୍କି

**ଢ଼ାକା,୧୬।୪(ଏଜେନ୍ସି):** ଆଗାମୀ ଭାରତ ବିପକ୍ଷ ଘରୋଇ ଟି-୨୦ ସିରିଜ ଲାଗି ମଙ୍ଗଳବାର ବାଂଲାଦେଶ ତା'ର ଦଳ ଘୋଷଣା କରିଛି। ଏହି ଦଳରେ ୧୫ ବର୍ଷୀୟା ଦ୍ରୁତ ବୋଲର ହବିବା ଇସ୍‌ଲାମ ପିଙ୍କିଙ୍କୁ ସାମିଲ କରାଯାଇଛି। ଏପ୍ରିଲ ୨୮ରୁ ଆରମ୍ଭ ହେବାକୁ ଥିବା ଏହି ସିରିଜରେ ୫ଟି ମ୍ୟାଚ୍ ଖେଳାଯିବ। ପିଙ୍କି ବାଂଲାଦେଶ ପାଇଁ ୧୯ ବର୍ଷରୁ କମ୍ ଦଳ ତରଫରୁ ପ୍ରତିନିଧିତ୍ୱ କରିଛନ୍ତି। ନିଗାର ସୁଲତାନ ବାଂଲାଦେଶର ନେତୃତ୍ୱ ନେବେ। ସେହିପରି ହରମନପ୍ରୀତ କୌର ଭାରତୀୟ ଦଳରେ ନେତୃତ୍ୱ ନେବେ। ସିରିଜର ସବୁ ମ୍ୟାଚ୍ ସିଲହେଟରେ ଖେଳାଯିବ। ଭାରତୀୟ ଦଳରେ ନବାଗତା ସ୍ପିନର ଆଶା ଶୋଭନା ଓ ହାର୍ଡ ହିଟିଂ ବ୍ୟାଟର ସଜନା ସଞ୍ଜୀବନଙ୍କୁ ସାମିଲ କରାଯାଇଛି। କିଛିଦିନ ତଳେ ଅନୁଷ୍ଠିତ ମହିଳା ପ୍ରିମିୟର ଲିଗ (ଡବ୍ଲ୍ୟୁପିଏଲ୍)ରେ ଏହି ଦୁଇ ଖେଳାଳି ଦମ୍‌ଦାର ପ୍ରଦର୍ଶନ କରିଥିଲେ।

# ୬୮୦ ଦିନପରେ ବିଜୟସହ ନାଦାଲଙ୍କ ପ୍ରତ୍ୟାବର୍ତ୍ତନ

**ବାର୍ସିଲୋନା ଓପନ୍**



**ବାର୍ସିଲୋନା,୧୬।୪(ଏଜେନ୍ସି):** ସ୍ପେନ୍ ଟେନିସ ସୁପରଷ୍ଟାର ରାଫେଲ ନାଦାଲ ଦୀର୍ଘ ୬୮୦ ଦିନ ପରେ ଟେନିସ କୋର୍ଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏଠାରେ ସୋମବାରଠାରୁ ଆରମ୍ଭ ହୋଇଥିବା ବାର୍ସିଲୋନା ଓପନ୍ ଏଟିପି ଟୁର ୫୦୦ ଟେନିସ ଟୁର୍ଣ୍ଣାମେଣ୍ଟରେ ସେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ମଙ୍ଗଳବାର ପ୍ରଥମ ରାଉଣ୍ଡ ମୁକାବିଲାରେ ସେ ଇଟାଲୀର ଫ୍ଲାଭିଓ କୋବୋଲିଙ୍କୁ ୬-୨, ୬-୩ ସିଧାସଳଖ ସେଟ୍‌ରେ ପରାସ୍ତ କରି ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୨୨ଟି ଗ୍ରାଣ୍ଡସ୍ଲାମ ଜିତିଥିବା ୩୭ ବର୍ଷୀୟ ନାଦାଲ ଗତ ବ୍ରିସବେନ ଇଣ୍ଟରନ୍ୟାସନାଲ ଟୁର୍ଣ୍ଣାମେଣ୍ଟରେ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ଆଘାତ ସମସ୍ୟା କାରଣରୁ ସେ ଓହରିଯାଇଥିଲେ। ସେ ମଧ୍ୟ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍ ଖେଳିପାରି ନଥିଲେ। ୨୦୨୨ ଫ୍ରେଞ୍ଚ୍ ଓପନ ଟାଇଟଲ ଜିତିବା ପରେ ସେ ପେସାଦାର ଟେନିସ୍‌କୁ ଫେରିଛନ୍ତି। ସେ ମଧ୍ୟ ଏହି କ୍ଲେ କୋର୍ଟ ଟୁର୍ଣ୍ଣାମେଣ୍ଟ ବାର୍ସିଲୋନା ଓପନ୍‌ରେ ପୂର୍ବରୁ ୧୨ଥର ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛନ୍ତି। ଟେନିସରୁ ଦୀର୍ଘଦିନ ଦୂରେଇ ରହିବା ଫଳରେ ନାଦାଲ ଏବେ ଏଟିପି ମାନ୍ୟତାର ୬୪୪ତମ ସ୍ଥାନରେ ରହିଛନ୍ତି। ସେ ମଧ୍ୟ ଚଳିତ ମାସରେ ଅନୁଷ୍ଠିତ ମଣ୍ଟେକାର୍ଲୋ ମାଷ୍ଟର୍ସରୁ ଫିଟ୍‌ନେସ କାରଣରୁ ଓହରିଯାଇଥିଲେ। ମେ'ରେ ଆରମ୍ଭ ହେବାକୁ ଥିବା ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ୍ ଓପନ୍ ଖେଳିବାକୁ ସେ ସିଧାସଳଖ ଏଣ୍ଟ୍ରି ହାସଲ କରିଛନ୍ତି।

**କଳାହାଣ୍ଡି କପ୍‌ରେ କ୍ଷମାସାଗରଙ୍କ ୧୨୦ ରନ୍ ଓ ୫ ୱିକେଟ**

# ଅନୁଗୋଳକୁ ୧୮୬ ରନ୍‌ରେ ହରାଇଲା ଭଦ୍ରକ

**କଟକ,୧୬।୪(ସମିସ)**



ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ ଗୋଲ୍ଡ ଗ୍ରୁପ-ଏ'ର ୩ଟି ମ୍ୟାଚ୍ ମଙ୍ଗଳବାର ଖେଳାଯାଇଥିଲା। ଏଥିରେ ଭଦ୍ରକ, ବରଗଡ଼ ଏବଂ ବୌଦ୍ଧ ବିଜୟୀ ହୋଇଛନ୍ତି। ବାରବାଟୀ ଷ୍ଟାଡିୟମରେ ଭଦ୍ରକ ୧୮୬ରନ୍‌ରେ ଅନୁଗୋଳକୁ ପରାସ୍ତ କରିଥିଲା। ଅନୁଗୋଳ ଟସ୍ ଜିତି ଭଦ୍ରକକୁ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲା। କ୍ଷମାସାଗର ବଳଙ୍କ ୧୨୦ରନ ଏବଂ ଆକାଶ ମହାପାତ୍ରଙ୍କ ୮୧ ରନ ସହାୟତାରେ ଭଦ୍ରକ ୯ ୱିକେଟ ହରାଇ ୩୦୬ରନ କରିଥିଲା। ଅନୁଗୋଳର ମିଳନ ସାମଲ ୩ଟି ଏବଂ ଆୟୁଷ ବାରିକ ୨ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଅନୁଗୋଳ ମାତ୍ର ୧୨୦ରନରେ ଅଲଆଉଟ ହୋଇଥିଲା। ଶ୍ରେୟାଂଶ ଭରଦ୍ୱାଜ ୪୪ରନ କରିଥିଲେ। ଭଦ୍ରକ ପକ୍ଷରୁ ଶତକୀୟ ଇନିଂସ ଖେଳିଥିବା କ୍ଷମାସାଗର ବୋଲିଂରେ ମଧ୍ୟ ଚମତ୍କାର ପ୍ରଦର୍ଶନ କରିଥିଲେ। ୨୩ରନ ବିନିମୟରେ ସେ ୫ଟି ୱିକେଟ ଅକ୍ତିଆର କରିବା ସହ ଅଲରାଉଣ୍ଡ ପ୍ରଦର୍ଶନ ନିମନ୍ତେ ଏହି ମ୍ୟାଚ୍‌ରେ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି।

ରେଭେନ୍ସା ଗ୍ରାଉଣ୍ଡ-୧ରେ ବରଗଡ଼ ଏବଂ କିଟ୍ ମୁହାଁମୁହିଁ ହୋଇଥିଲେ। ଏହି ମ୍ୟାଚ୍‌ରେ କିଟ୍‌କୁ ୭୫ରନରେ ବରଗଡ଼ ପରାସ୍ତ କରିଥିଲା। ବରଗଡର ଇନିଂସ୍ ୨୩୨ରନରେ ସୀମିତ ରହିଥିଲା। ୱିକେଟ କିପର ପ୍ରବୀଣ ଲୁହା ୯୭ରନର ଅପରାଜିତ ପାଳି ଖେଳିଥିଲେ। କିଟ୍ ପକ୍ଷରୁ ପାର୍ଥ ସାରଥୀ ନାୟକଙ୍କୁ ୫ଟି ୱିକେଟ ମିଳିଥିଲା। ତେବେ ଦୁର୍ବଳ ବ୍ୟାଟିଂ କରିଥିବା କିଟ୍ ୧୫୭ରନରେ ଅଲଆଉଟ ହୋଇଥିଲା। ଏକମାତ୍ର ବ୍ୟାଟର ଭାବେ ମରୋଜୁ ପ୍ରଶାନ୍ତ ୫୭ରନର ଆଖିଦୃଶିଆ ଇନିଂସ ଖେଳିଥିଲେ। ବରଗଡର ହିମାଂଶୁ ବିସ୍ତଙ୍କୁ ୩ଟି ୱିକେଟ ମିଳିଥିଲା। ସେହିପରି ଡ୍ରିମସ ଷ୍ଟାଡିୟମରେ ବୌଦ୍ଧ ୬ ୱିକେଟରେ ପାରାଦ୍ୱୀପକୁ ହରାଇଥିଲା। ପାରାଦ୍ୱୀପ ୧୧୨ରନରେ ଅଲଆଉଟ ହୋଇଥିଲା। ବୌଦ୍ଧର ତାପସ ପଣ୍ଡା ଏବଂ ଶୋଭନଦେବ ବେହେରା ଯଥାକ୍ରମେ ୪ଟି ଏବଂ ୩ଟି ୱିକେଟ ଦଖଲ କରିଥିଲେ। ୨୩ତମ ଓଭରରେ ୪ ୱିକେଟ ହରାଇ ବୌଦ୍ଧ ବିଜୟ ଲକ୍ଷ୍ୟ ହାସଲ କରିଥିଲା।





PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA